# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ (୨୦ ପୃଷ୍ଠା) | Bhubaneswar, Friday, March 15/2024 | Page 20 | ₹ 7.00

୫୦ଶ ଭାଗ ୧୧୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 50 ISSUE 112 | ମୂଲ୍ୟ ₹୭/-



DSPL-852

ଆମ ଓଡ଼ିଶା ନବୀନ ଓଡ଼ିଶା

ଓଡ଼ିଶା ସରକାର









'ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ'
ଭକ୍ତମାନଙ୍କୁ ଦେଉଛି ଦିବ୍ୟ ଅନୁଭୂତି

ଜଗତ ଦେଖୁଛି ମହାପ୍ରଭୁଙ୍କ ଭବ୍ୟ ରୂପ

- ମନ୍ଦିରର ସୁରକ୍ଷା ଓ ଶାନ୍ତିପୂର୍ଣ୍ଣ ପରିକ୍ରମା ସମ୍ଭବ
- ମନ୍ଦିର ଚାରିପଟେ ୭୫ ମିଟର ଐତିହ୍ୟ କରିଡର ନିର୍ମାଣ
- ୧୦ ମିଟର ଅନ୍ତଃ ପ୍ରଦକ୍ଷଣ ଓ ୮ ମିଟର ବାହ୍ୟ ପ୍ରଦକ୍ଷଣ ମାର୍ଗ ନିର୍ମାଣ



ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0819/2324


Education Empowerment
Paving the Way for All, Delivering Excellence
GOVERNMENT OF UTTAR PRADESH
बेसिक विद्यालय निगोहाँ वि.क्षे.मोहनलालगंज जनपद लखनऊ
NIPUN BHARAT
More than 1.92 Crore Students Enrolled in the School Chalo Campaign
▪ Enhancing infrastructure facilities in more than 1.40 lakh primary/upper primary schools under Operation Kayakalp
▪ Establishment of state universities in Azamgarh, Aligarh and Saharanpur
▪ Construction of the Uttar Pradesh State Institute of Forensic Science in Lucknow
▪ Establishment of 15 incubation centers under Startup Policy
▪ Construction in full swing of Rajendra Prasad Law University in Prayagraj
▪ Construction of Major Dhyanchand Sports University is underway in Meerut
▪ Laid the Foundation Stone of Mahatma Buddha University of Agriculture and Technology in Kushinagar
▪ Decision to establish state universities in Vindhyachal, Devipatan and Moradabad divisions
▪ Construction of 280 New Government Inter Colleges/High Schools and 65 girls' hostels
▪ Construction of 41 New Inter Colleges, 215 Government High Schools and 77 girls' hostels
▪ Expansion of government ITIs from 260 to 305 with seats increased from 1.25 lakh to 1.72 lakh
▪ 75 Government Polytechnic under construction
Education for All
Double Engine Ki Sarkar
Information and Public Relations Department, U.P.

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ | Bhubaneswar, Friday, March 15/2024

# ମେଣ୍ଟ: ତଥାପି ଚିତ୍ର ଅସ୍ପଷ୍ଟ

ଭୁବନେଶ୍ୱର,୧୪।୩(ସୁନିତ୍ ମିଶ୍ର)

■ ନବୀନ ନିବାସରେ ମେଣ୍ଟ ଉପରେ ହେଲାନି ଆଲୋଚନା
■ ଜିଲାୱାରି ସାଙ୍ଗଠନିକ ତଥ୍ୟ ନେଲେ ମୁଖ୍ୟମନ୍ତ୍ରୀ
■ ଏକାକୀ ଲଢ଼ିବୁ କହି ପରେ ମତ ବଦଳାଇଲେ ମନମୋହନ

ଦୀର୍ଘଦିନ ପରେ ନବୀନ ନିବାସରେ ବିଜେଡିର ପ୍ରମୁଖ ନେତାଙ୍କୁ ନେଇ ଗୁରୁବାର ବୈଠକ ବସିଛି। ଉକ୍ତ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣ ଜଣ କରି ସବୁ ନେତାଙ୍କ ସହିତ ଆଲୋଚନା କରି ସମସ୍ତଙ୍କ କଥା ଗମ୍ଭୀରତା ସହ ଶୁଣିଛନ୍ତି। ମେଣ୍ଟକୁ ନେଇ କୌଣସି ବିଜେଡି ନେତା ଏ ଯାଏ ଆନୁଷ୍ଠାନିକ ଭାବେ ମୁହଁ ଖୋଲିନାହାନ୍ତି। ଗଣମାଧ୍ୟମ ଆଗରେ ମେଣ୍ଟ ସମ୍ପର୍କରେ ବୟାନ ରଖୁଥିବାରୁ ପାରାଦୀପ ବିଧାୟକ ସମ୍ବିତ ରାଉତରାୟଙ୍କୁ ବୈଠକରେ ତାଗିଦ କରାଯାଇଥିବା ଜଣାପଡ଼ିଛି।

ବିଜେଡି–ଭାଜପା ସମ୍ଭାବ୍ୟ ମେଣ୍ଟ ଉପରେ ସମସ୍ତଙ୍କ ନଜର ରହିଥିବାବେଳେ ଏନେଇ ଅଦ୍ୟାବଧି କିଛି ଚୂଡ଼ାନ୍ତ ହୋଇପାରି ନାହିଁ। ୪ ଦିନ ହେଲା ଦିଲ୍ଲୀରେ ଡେରା ପକାଇଥିବା ଭାଜପା ରାଜ୍ୟ ନେତୃବୃନ୍ଦ ଗୁରୁବାର ଓଡ଼ିଶା ଫେରିବା ପରେ ଚିତ୍ର ସ୍ପଷ୍ଟ ହୋଇପାରେ ବୋଲି ସମସ୍ତଙ୍କ ଧାରଣା ଥିଲା। ହେଲେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଦିଲ୍ଲୀରୁ ଫେରି ଗଣମାଧ୍ୟମ ଆଗରେ ରଖିଥିବା ମତ ମେଣ୍ଟ ଚିତ୍ରକୁ ଆହୁରି ଅସ୍ପଷ୍ଟ କରିଦେଇଛି। ତେବେ ମେଣ୍ଟ ନ ହେବା କଥା ସେ ଦୃଢ଼ତାର ସହ କହୁନାହାନ୍ତି। ସମାନଭାବେ ଗୁରୁବାର ଅପରାହ୍ଣରେ ନବୀନ ନିବାସରେ ବିଜେଡିର ବରିଷ୍ଠ ନେତାମାନଙ୍କୁ ନେଇ ଅନୁଷ୍ଠିତ ବୈଠକ ପରେ ମଧ୍ୟ ମେଣ୍ଟ ବିଷୟରେ କିଛି ସ୍ପଷ୍ଟ ହେବ ବୋଲି ଅନେକ ଭାବୁଥିଲେ। କିନ୍ତୁ ଏହି ପ୍ରସଙ୍ଗରେ ବୈଠକରେ କିଛି ଆଲୋଚନା ହୋଇ ନ ଥିବା କୁହାଯାଉଛି। ଅନ୍ୟପକ୍ଷେ ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ବରିଷ୍ଠ ନେତା ଓ ଜିଲା ପର୍ଯ୍ୟବେକ୍ଷକମାନେ ଜିଲାୱାରି ସାଙ୍ଗଠନିକ କାର୍ଯ୍ୟକ୍ରମ ଏବଂ ନିର୍ବାଚନ ରଣକୌଶଳ ଆଦି ଉପରେ ସବିଶେଷ ରିପୋର୍ଟ ଦେଇଥିବା ବିଷୟ ଉପସଭାପତି ଦେବୀ ପ୍ରସାଦ ମିଶ୍ର ସୂଚନା ଦେଇଛନ୍ତି। ମେଣ୍ଟ ପ୍ରସଙ୍ଗରେ ପ୍ରଶ୍ନ ପଚାରିବାରୁ ସେ ଏହାକୁ ଏଡ଼ାଇଯାଇଛନ୍ତି। କିନ୍ତୁ ବୈଠକରୁ ଫେରିଥିବା କେତେଜଣ ବିଜେଡି ନେତା ମେଣ୍ଟ ହେବା ନିଶ୍ଚିତ ବୋଲି ମତ ରଖିଛନ୍ତି। ଏଭଳି ସ୍ଥିତିରେ ଉଭୟ ଦଳର ନେତା ଓ କର୍ମୀ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି।

ଗତ ୬ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର କେତେଜଣ ବରିଷ୍ଠ ନେତାଙ୍କୁ ନବୀନ ନିବାସକୁ ଡକାଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବା ସହ ମେଣ୍ଟ ସମ୍ପର୍କିତ ସୂଚନା ପ୍ରଦାନ କରିଥିଲେ। ଏହା ପରଠାରୁ ମେଣ୍ଟ ନେଇ ଦଳୀୟ ନେତାମାନେ ☞ପୃଷ୍ଠା–୯

# ବଣ୍ଡ ତଥ୍ୟ ସାର୍ବଜନୀନ ହେଲା

ନୂଆଦିଲ୍ଲୀ,୧୪।୩ (ପି.ଟି.)

**ସର୍ବାଧିକ ୧,୩୬୮ କୋଟିର ବଣ୍ଡ କିଣିଛି ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍**

ନିର୍ବାଚନ କମିଶନ (ଇସି) ଗୁରୁବାର ଇଲେକ୍ଟୋରାଲ ବଣ୍ଡ ତଥ୍ୟ ସାର୍ବଜନୀନ କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଏସ୍‌ବିଆଇ) ଗତ ୧୨ ତାରିଖରେ ଇଲେକ୍ଟୋରାଲ ବଣ୍ଡ ସମ୍ପର୍କିତ ସବିଶେଷ ତଥ୍ୟ ଇସିଙ୍କ ନିକଟରେ ଦାଖଲ କରିଥିଲେ। ମାର୍ଚ୍ଚ ୧୫ ଅପରାହ୍ଣ ୫ଟା ସୁଦ୍ଧା ଉକ୍ତ ତଥ୍ୟକୁ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରିବା ପାଇଁ ଶୀର୍ଷ ଅଦାଲତ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଏସ୍‌ବିଆଇ ଦାଖଲ କରିଥିବା ସବିଶେଷ ବିବରଣୀକୁ ଇସି ଦୁଇ ଭାଗରେ ପ୍ରକାଶ କରିଛନ୍ତି।

ଅପ୍‌ଲୋଡ୍ ହୋଇଥିବା ତଥ୍ୟ ଅନୁଯାୟୀ ଇଲେକ୍ଟୋରାଲ ବଣ୍ଡ କ୍ରେତାଙ୍କ ମଧ୍ୟରେ ଗ୍ରାସିମ୍ ଇଣ୍ଡଷ୍ଟ୍ରିଜ୍, ମେଘା ଇଞ୍ଜିନିୟରିଂ, ପିରାମାଲ ଏଣ୍ଟରପ୍ରାଇଜେସ୍, ଟରେଣ୍ଟ ପାୱାର, ଭାରତୀ ଏୟାରଟେଲ୍, ଡିଏଲ୍‌ଏଫ୍ କମର୍ସିଆଲ ଡେଭେଲପର୍ସ, ବେଦାନ୍ତ ଲିଃ, ଆପୋଲୋ ଟାୟାର, ଲକ୍ଷ୍ମୀ ମିତ୍ତଲ, ଏଡେଲୱେଇସ୍, ପିଭିଆର୍, କେଭେଣ୍ଟର, ସୁଲା ୱାଇନ୍, ୱେଲ୍‌ସ୍ପନ୍, ସନ୍ ଫାର୍ମା ପ୍ରମୁଖ ରହିଛନ୍ତି। କିନ୍ତୁ ଦେଶର ଦୁଇ ବୃହତ୍ ଶିଳ୍ପଗୋଷ୍ଠୀ ଆଦାନୀ ଗ୍ରୁପ୍ କିମ୍ବା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ନାଁ ତାଲିକାରେ ନାହିଁ। ଇଲେକ୍ଟୋରାଲ ବଣ୍ଡ ଜରିଆରେ ସର୍ବାଧିକ ଚାନ୍ଦା ଦେଇଥିବା କମ୍ପାନୀ ମଧ୍ୟରେ ଫ୍ୟୁଚର ଗେମିଂ ଆଣ୍ଡ ହୋଟେଲ ସର୍ଭିସେସ୍ ପିଆର୍ ଏବଂ ମେଘା ଇଞ୍ଜିନିୟରିଂ ଆଣ୍ଡ ଇନ୍‌ଫ୍ରାଷ୍ଟ୍ରକ୍ଚର୍ସ ଲିଃ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେମାନେ ଯଥାକ୍ରମେ ୧,୩୬୮ କୋଟି ଏବଂ ୯୬୬ କୋଟି ଟଙ୍କାର ବଣ୍ଡ କିଣିଛନ୍ତି। ଏହା ବ୍ୟତୀତ ସର୍ବାଧିକ ଚାନ୍ଦା ପ୍ରଦାନକାରୀ ୧୦ କମ୍ପାନୀ ମଧ୍ୟରେ କ୍ୱିକ୍ ସପ୍ଲାଏ ଚେନ୍ ପ୍ରାଇଭେଟ୍ ଲିମିଟେଡ୍ ୪୧୦ କୋଟି ଟଙ୍କାର ବଣ୍ଡ କିଣି ତୃତୀୟ ସ୍ଥାନରେ ଥିବାବେଳେ ବେଦାନ୍ତ ଲିମିଟେଡ୍ ୪୦୦ କୋଟି, ହଲଦିଆ ଏନର୍ଜି ଲିମିଟେଡ୍ ୩୭୭ କୋଟି, ଭାରତୀ ଗ୍ରୁପ୍ ୨୪୭ କୋଟି, ଏସେଲ୍ ମାଇନିଂ ଆଣ୍ଡ ଇଣ୍ଡସ ଲିମିଟେଡ୍ ୨୨୪ କୋଟି ଟଙ୍କାର ବଣ୍ଡ କିଣିଥିବା ତଥ୍ୟରୁ ଜଣାପଡ଼ିଛି। ସେହିପରି ୱେଷ୍ଟର୍ନ ୟୁପି ପାୱାର ଟ୍ରାନ୍ସମିଶନ ☞ପୃଷ୍ଠା–୯

**ଆଜିର ସମ୍ପାଦକୀୟ**

**ଆମେରିକାର ଆଧିପତ୍ୟ ପ୍ରତି ବିପଦ**

# ୨ଟଙ୍କା କମିଲା ପେଟ୍ରୋଲ, ଡିଜେଲ ଦର




ନୂଆଦିଲ୍ଲୀ,୧୪।୩

ଲୋକ ସଭା ନିର୍ବାଚନକୁ କିଛି ସପ୍ତାହ ବାକି ଥିବାବେଳେ ଗୁରୁବାର କେନ୍ଦ୍ର ସରକାର ତୈଳ ଦର କମାଇଛନ୍ତି। ଏପରିକି ଉଭୟ ପେଟ୍ରୋଲ ଏବଂ ଡିଜେଲ ଦର ଉପରେ ୨ଟଙ୍କା ଲେଖାଏ ହ୍ରାସ କରାଯାଇଛି। ଏହା ଫଳରେ ଖାଉଟି କିଛି ☞ପୃଷ୍ଠା–୯









**ଆଜିର ମନ୍ତବ୍ୟ**

ସିଏଏକୁ କେବେ ହେଲେ ପ୍ରତ୍ୟାହାର କରାଯିବ ନାହିଁ। ଏହି ଆଇନକୁ ଲାଗୁ କରି ମୋଦି ସରକାର ନିଜ ଘୋଷଣାପତ୍ରରେ ଦେଇଥିବା ପ୍ରତିଶ୍ରୁତିକୁ ପୂରଣ କରିଛନ୍ତି। ସଂଖ୍ୟାଲଘୁ ଭୋଟ ପାଇଁ ବିରୋଧୀ ଏହାକୁ ନେଇ ତୁଷ୍ଟୀକରଣ ରାଜନୀତି କରୁଛନ୍ତି। **–ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରାଜ୍ୟସ୍ତରୀୟ ଆଲୋଚନାଚକ୍ର 'ଇମ୍ପାକ୍ଟ ଅଫ୍ ଡିଜିଟାଲ ଇନୋଭେଶନ ଇନ୍ କମର୍ସ ଆଣ୍ଡ ମ୍ୟାନେଜମେଣ୍ଟ', ସ୍ଥାନ: ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଆଡମିନ୍ଷ୍ଟ୍ରେଟିଭ ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ସଫେଇ କର୍ମଚାରୀ ସିଏଲ୍ଆର୍/ଡିଏଲ୍ଆର୍ଙ୍କ ସ୍ଥାୟୀ ନିଯୁକ୍ତି ଓ ସମାନ କାମକୁ ସମାନ ବେତନ ଦାବିରେ ବିକ୍ଷୋଭ, ସ୍ଥାନ: ଲୋୟର ପିଏମ୍ଜି, ସମୟ: ପୂର୍ବାହ୍ନ ୧୧ଟା।
- ଓଡ଼ିଶା କୃଷକ ସାଥି ସଂଘ ପକ୍ଷରୁ ବିଭିନ୍ନ ଦାବିରେ ବିକ୍ଷୋଭ ପ୍ରଦର୍ଶନ ସହ ଶୋଭାଯାତ୍ରା, ସ୍ଥାନ: କଂଗ୍ରେସ ଭବନ ନିକଟ, ସମୟ: ପୂର୍ବାହ୍ନ ୧୧ଟା ୪୦।
- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଭଦ୍ରକ ସମ୍ମିଳନୀ ମିଳିତ ଆନୁକୂଲ୍ୟରେ ପ୍ରଫେସର ଜଗନ୍ନାଥ ପଟ୍ଟନାୟକଙ୍କ ୯୧ତମ ଜନ୍ମଜୟନ୍ତୀ ପାଳନ ଏବଂ ଆଲୋଚନାଚକ୍ର, ସ୍ଥାନ: ରେଡକ୍ରସ ଭବନ ପ୍ରେକ୍ଷାଳୟ, ସମୟ: ସନ୍ଧ୍ୟା ୬ଟା ୩୦।
- ଓଡ଼ିଆ ସାହିତ୍ୟ ସମାରୋହ, ସ୍ଥାନ: ସୂଚନା ଭବନ, ସମୟ: ସନ୍ଧ୍ୟା ୬ଟା ୩୦।
- ଶତାବ୍ଦୀର କଳାକାର ପକ୍ଷରୁ ୨୬ତମ କଳିଙ୍ଗ ନାଟ୍ୟ ମହୋତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।
- ବାଗ୍‌ଦେବୀ ଥିଏଟର ଫେଷ୍ଟ–୨୦୨୪, ସ୍ଥାନ: ଭଞ୍ଜକଳା ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୪୫।

## କଟକ

- କଟକ ସଦର ବ୍ଲକ ଅଞ୍ଚଳର ୨ ପୋଲ ପାଇଁ ଶିଳାନ୍ୟାସ, ସ୍ଥାନ: ଦଧିବାମନପୁର ପଞ୍ଚାୟତର ଆଇତଲଙ୍ଗ ଖେଳପଡ଼ିଆ, ସମୟ: ଅପରାହ୍ନ ୩ଟା।
- ହାଇକୋର୍ଟ ବାର୍ ଆସୋସିଏଶନ୍ ପକ୍ଷରୁ ବନ୍ଧୁତ୍ୱପୂର୍ଣ୍ଣ ଟି–୨୦ କ୍ରିକେଟ୍ ମ୍ୟାଚ୍, ସ୍ଥାନ: କଟକ ବାରବାଟୀ ଷ୍ଟାଡିୟମ, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ଅଷ୍ଟପ୍ରହର ନାମଯଜ୍ଞ ଉତ୍ସବ ଓ ହରିହାଟ, ସ୍ଥାନ: ମା'ଜାଗେଶ୍ୱରୀଙ୍କ ପୀଠ, ବଡ଼ସିରିବିଲା, ନିମାପଡ଼ା, ସମୟ: ପ୍ରାତଃ ୫ଟା।
- ନିମାପଡ଼ା ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନ ବିଭିନ୍ନ ୱାର୍ଡରେ ୨୪ ପ୍ରକଳ୍ପର ଉଦ୍‌ଘାଟନ ଏବଂ ଭିତ୍ତିପ୍ରସ୍ତର ସ୍ଥାପନ, ସ୍ଥାନ: ନିମାପଡ଼ା, ସମୟ: ସକାଳ ୯ଟା।
- ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଏମ୍‌ବିଏ ଏବଂ ବିବିଏ ବିଭାଗ ପକ୍ଷରୁ ଅଭିନନ୍ଦନ–୨୦୨୪ କାର୍ଯ୍ୟକ୍ରମ, ସ୍ଥାନ: ପୁରୀ ଟାଉନ୍ ହଲ୍, ସମୟ: ପୂର୍ବାହ୍ନ ୧୧ଟା।
- ମାସିକ ସାହିତ୍ୟ ଆସର ଓ ଆଲୋଚନା ଚକ୍ର, ସ୍ଥାନ: ପୁରୀ ସର୍ବମଙ୍ଗଳା ପାଠାଗାର, ସମୟ: ସନ୍ଧ୍ୟା ୬ଟା।
- ଭକ୍ତକବି ବନମାଳୀ ଦାସଙ୍କ ଜୟନ୍ତୀ ଉତ୍ସବ, ସ୍ଥାନ: ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ପୁରୀ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ଖବରଦାତାଙ୍କ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ: ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ଅହମ୍ମଦୀୟା ଫୁଟ୍‌ବଲ ଟୁର୍ନାମେଣ୍ଟ, ସ୍ଥାନ: କେରଙ୍ଗ ଫୁଟ୍‌ବଲ ପଡ଼ିଆ, ଖୋର୍ଦ୍ଧା ଉପକଣ୍ଠ, ସମୟ: ଅପରାହ୍ନ ୩ଟା।
- ଶ୍ରୀରାମ ଚରିତ ମାନସ ଓ ପାରାୟଣ, ସ୍ଥାନ: ଧବଳେଶ୍ୱର ପୀଠ ଗୁରୁଜଙ୍ଗ, ଖୋର୍ଦ୍ଧା, ସମୟ: ସନ୍ଧ୍ୟା ୬ଟା।
- କର୍ମମନ୍ଦିର ଜଟଣୀ ପକ୍ଷରୁ ଯୁବ ଉତ୍ସବ–୨୦୨୪, ସ୍ଥାନ: ଟ୍ରାଫିକ କଲୋନୀସ୍ଥିତ ରେଲୱେ ଇନଷ୍ଟିଚ୍ୟୁଟ ପରିସର, ଜଟଣୀ, ସମୟ: ଅପରାହ୍ନ ୩ଟା ୩୦।
- ମା'ଦକ୍ଷିଣକାଳୀଙ୍କ ୧୬ତମ ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ନିରଞ୍ଜନପୁର ଗ୍ରାମସ୍ଥିତ ପୀଠ ପରିସର, ଜଟଣୀ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଅନ୍ତର୍ଜାତୀୟ ମିଡ଼ିଆ କନକ୍ଲେଭ–୨୦୨୪, ସ୍ଥାନ: ପିଜିସି ସମ୍ମିଳନୀ କକ୍ଷ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦।
- ଓୟୁଜେ ପକ୍ଷରୁ ପ୍ରତିବାଦ ଦିବସ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ବଳାଙ୍ଗୀ ମହୋତ୍ସବ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଜ୍ୟୋତି ରଥର ଶୁଭାରମ୍ଭ, ସ୍ଥାନ:ଜଗନ୍ନାଥ ମନ୍ଦିର ବାରିପଦା,ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ଘଟଓ୍ୱାଳନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ଚଣାବାଡ଼ିଆ, ସମୟ: ସକାଳ ୯ଟା।
- ଦିବ୍ୟାଙ୍ଗମାନଙ୍କୁ ସହାୟତା, ସ୍ଥାନ: ବାରିପଦା ପିଆର୍‌ଏମ୍ ମେଡିକାଲ ସନ୍ନିକଟ ଜିଲା ଭିନ୍ନକ୍ଷମ ସହାୟତା କେନ୍ଦ୍ର, ସମୟ: ପୂର୍ବାହ୍ନ ୧୦ଟା।
- କମ୍ପ୍ୟୁଟେସନାଲ ଇଣ୍ଟେଲିଜେନ୍ସ ଇନ୍ ପ୍ୟାଟେର୍ଣ୍ଣ ରିକୋଗନିସନ ଶୀର୍ଷକ ୨ ଦିନିଆ ଅନ୍ତର୍ଜାତୀୟ ସମ୍ମିଳନୀ, ସ୍ଥାନ: ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ବାରିପଦା, ସମୟ: ପୂର୍ବାହ୍ନ ୧୧ଟା।
- ଦୃଷ୍ଟି ବାଧିତ ଛାତ୍ରଙ୍କୁ ଲାପ୍‌ଟପ୍ ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ବାରିପଦାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ମଧ୍ୟାହ୍ନ ୧୨ଟା।
- ପୁରାଣ ଭବନର ଉଦ୍‌ଘାଟନ, ସ୍ଥାନ: ବାରିପଦା ୱାର୍ଡ ନଂ.୨୨, ସମୟ: ଅପରାହ୍ନ ୧ଟା।
- ଅଷ୍ଟପ୍ରହର ନାମଯଜ୍ଞ ଓ ପ୍ରସାଦ ସେବନ, ସ୍ଥାନ: ଶାମାଖୁଣ୍ଟା ବ୍ଲକ ବାହାଦୂରପୁର ଭାବବୃନ୍ଦାବନ, ସମୟ: ଅପରାହ୍ନ ୧ଟା।
- ଭେଣ୍ଡିଂ ଜୋନର ଶିଳାନ୍ୟାସ, ସ୍ଥାନ: ବାରିପଦା ୱାର୍ଡ ନଂ. ୧୨, ସମୟ: ଅପରାହ୍ନ ୩ଟା।
- ମା' ବାସନ୍ତୀ ଦୁର୍ଗାପୂଜା ପ୍ରସ୍ତୁତି ବୈଠକ, ସ୍ଥାନ: ଉଦଳା ସ୍ନେହା ତୁଳସୀ କଲ୍ୟାଣ ମଣ୍ଡପ, ସମୟ: ଅପରାହ୍ନ ୪ଟା।
- ହୋଲି ଉପଲକ୍ଷେ ମା' ତାରିଣୀ ପୀଠରେ ଅନ୍ନଛତ୍ର ବଣ୍ଟନ ନେଇ ବୈଠକ, ସ୍ଥାନ: ମୋରଡ଼ା ବ୍ଲକ ଅଧୀନ ଚିତ୍ରଡ଼ା ମାର୍କେଟସାହି,ସମୟ:ସନ୍ଧ୍ୟା ୬ଟା।

## ଭଦ୍ରକ

- ବରପଦା ବିକାଶ ମଞ୍ଚ ପକ୍ଷରୁ ବନ୍ଦ ପାଳନ, ସ୍ଥାନ: ଭଦ୍ରକ, ସମୟ: ସକାଳ ୬ଟା।
- ବ୍ଲକସ୍ତରୀୟ ନିର୍ବାଚନୀ ପ୍ରଶିକ୍ଷଣ, ସ୍ଥାନ: ବ୍ଲକ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ପରିଚାଳନା ତାଲିମ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ପୋଲିଂ ଅଧିକାରୀଙ୍କ ନିର୍ବାଚନ ପ୍ରଶିକ୍ଷଣ, ସ୍ଥାନ: ବାଳିକା ଉଚ୍ଚ ବିଦ୍ୟାଳୟ, ମତୋ ହାଇସ୍କୁଲ ଓ ସାରଳା ହାଇସ୍କୁଲ, ବଡ଼ଓସ୍ତିଆ, ଚାନ୍ଦବାଲି, ସମୟ: ପୂର୍ବାହ୍ନ ୧୦ଟା।
- ମୁନି ସମାଜର ସତ୍‌ସଙ୍ଗ ଓ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ପୁରୁଷଣ୍ଡ, ବନ୍ତ, ସମୟ: ପୂର୍ବାହ୍ନ ୧୧ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: କରଞ୍ଜଆଡ଼ିଆ, ବାସୁଦେବପୁର, ସମୟ: ସନ୍ଧ୍ୟା ୬ଟା।

## କେନ୍ଦୁଝର

- ଆନ୍ତଃ ସୀମା ସମନ୍ୱୟ ବୈଠକ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, କେନ୍ଦୁଝର,ସମୟ: ପୂର୍ବାହ୍ନ ୧୧ ଟା।
- ଶାସ୍ତ୍ରୀ ନଗର ୟୁଥ୍ କ୍ଲବ୍ ପକ୍ଷରୁ ଦିବାରାତ୍ର କ୍ରିକେଟ୍ ଟୁର୍ନାମେଣ୍ଟ, ସ୍ଥାନ: ପୌରପାଳିକା ସ୍ପୋର୍ଟସ କମ୍ପ୍ଲେକ୍ସ, ଯୋଡ଼ା, ସମୟ: ଅପରାହ୍ନ ୫ ଟା।

## ବ୍ରହ୍ମପୁର

- ଏସ୍‌ୟୁସିଆଇର ବିକ୍ଷୋଭ, ସ୍ଥାନ: ଆର୍‌ଡିସି କାର୍ଯ୍ୟାଳୟ, ସମୟ: ମଧ୍ୟାହ୍ନ ୧୨ଟା।

## ଗଞ୍ଜାମ

- କ୍ରିକେଟ ମ୍ୟାଚ୍, ସ୍ଥାନ: ଭଞ୍ଜନଗର ବ୍ଲକ ଜିଲୁଣ୍ଡି, ସମୟ: ସକାଳ ୯ଟା।
- ନୂଆ ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ସ୍ଥାନ: ଭଞ୍ଜନଗର ଆରଏମ୍‌ସି ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ କର୍ମଚାରୀ ସଂଘର ବୈଠକ, ସ୍ଥାନ: ଭେଜିପୁଟ କାଳଞ୍ଜି କୁଳଭବନ , ସମୟ: ପୂର୍ବାହ୍ନ ୧୦ଟା।
- ନିର୍ବାଚନ ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ଭଞ୍ଜନଗର ଶ୍ରୀବତ୍ସ ହାଇସ୍କୁଲ, ଉପେନ୍ଦ୍ର ଭଞ୍ଜ ହାଇସ୍କୁଲ, ଦୀନବନ୍ଧୁ ବେହେରା ବାଳିକା ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ସଚେତନତା, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ ଜିରାବାଡି, ସମୟ: ପୂର୍ବାହ୍ନ ୧୧ଟା।
- ଭତ୍ତା ବଣ୍ଟନ, ସ୍ଥାନ: ଜଗନ୍ନାଥପ୍ରସାଦ ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ବିଶ୍ରାମ ଭବନ ଉଦ୍‌ଘାଟନ, ସ୍ଥାନ: ଭଞ୍ଜନଗର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସର, ସମୟ: ଅପରାହ୍ନ ୨ଟା
- ବିଭିନ୍ନ ଜାତିର କର୍ମକର୍ତ୍ତାଙ୍କ ସହ ଅର୍ଥମନ୍ତ୍ରୀଙ୍କ ଆଲୋଚନା, ସ୍ଥାନ: ଭଞ୍ଜନଗର ବନବିଭାଗ ଡାକ ବଙ୍ଗଳା, ସମୟ: ଅପରାହ୍ନ ୫ଟା
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଯୋଗିମାରୀ, ସମୟ: ସନ୍ଧ୍ୟା ୭ଟା।
- ଶ୍ରୀମଦ୍ ଭାଗବତ କଥା, ସ୍ଥାନ: ଭଞ୍ଜନଗର ବ୍ଲକ ଲଣ୍ଡେଇସାହି ରଘୁନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

## କନ୍ଧମାଳ

- କୃଷକ ପ୍ରଶିକ୍ଷଣ ଶିବିର, ସ୍ଥାନ: ଖଜୁରିପଡ଼ା ବ୍ଲକ ଆଡ଼ାସିପଡା ରାଜୀବ ଗାନ୍ଧୀ ସେବାକେନ୍ଦ୍ର, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଜିଲାସ୍ତରୀୟ ନିଶାମୁକ୍ତ ଭାରତ ଅଭିଯାନ କମିଟି ବୈଠକ, ସ୍ଥାନ: ରାୟଗଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟ ଚିନ୍ତନ କକ୍ଷ, ସମୟ: ଅପରାହ୍ନ ୩ଟା।

## କୋରାପୁଟ

- ଦୂରସଞ୍ଚାର ଉପଭୋକ୍ତା ସଚେତନତା କର୍ମଶାଳା, ସ୍ଥାନ: ସଦ୍‌ଭାବନା ସଭାଗୃହ,ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ପ୍ରିଜାଇଡିଂ ଓ ପୋଲିଂ ଅଫିସରଙ୍କ ତାଲିମ କାର୍ଯ୍ୟକ୍ରମର ଶେଷ ଦିବସ, ସ୍ଥାନ: ନବରଙ୍ଗପୁର, ସମୟ: ସକାଳ୯ଟାରୁ ଅପରାହ୍ନ ୫ଟା।

## ମାଲକାନଗିରି

- ବନାଗ୍ନି ନିୟନ୍ତ୍ରଣ ସଚେତନତା କର୍ମଶାଳା, ସ୍ଥାନ: କାଲିମେଲା ବନାଞ୍ଚଳ,ସମୟ: ପୂର୍ବାହ୍ନ ୧୧ଟା।

## ସମ୍ବଲପୁର

- ଜିଲା ପ୍ରଶାସନ ପକ୍ଷରୁ ସାଧାରଣ ନିର୍ବାଚନ ସକାଶେ ପ୍ରଶିକ୍ଷଣ ଶିବିର, ସ୍ଥାନ: ବିଏଡ୍ କଲେଜ, ସମୟ: ସକାଳ ୯ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ପକ୍ଷରୁ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ: ସନ୍ଧ୍ୟା ୬ଟା ୩୦।

## ବଲାଙ୍ଗୀର

- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମରକ୍ଷା ତାଲିମ ଶିବିରର ତୃତୀୟ ଦିନ, ସ୍ଥାନ: କଲେଜ ଲେକଚରାର ହଲ, ସମୟ: ସକାଳ ୯ଟା୩୦।
- ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଏଆଇସିସି ସଦସ୍ୟ ସମରେନ୍ଦ୍ର ମିଶ୍ରଙ୍କ ବାର୍ତ୍ତାଳାପ, ସ୍ଥାନ: ସାମ୍ବାଦିକ ଭବନ ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୧ଟା୪୫।

## ସୁବର୍ଣ୍ଣପୁର

- ବିଶ୍ୱଶାନ୍ତି ଛପନ ପ୍ରହର ନାମଯଜ୍ଞର ତୃତୀୟ ଦିବସ, ସ୍ଥାନ: ବୀରମହାରାଜପୁର ବ୍ଲକ କେନ୍ଦୁପାଲି ଗ୍ରାମ, ସମୟ : ସକାଳ ୬ଟା।
- ଯୁବ ବିଜେଡି ପକ୍ଷରୁ ବୀରମହାରାଜପୁରରୁ ବିନିକା ବାଇକ୍ ରାଲି, ସ୍ଥାନ: ବୀରମହାରାଜପୁର ମିନି ଷ୍ଟାଡିୟମ, ସମୟ: ସକାଳ ୮ଟା ୩୦।
- ବିନିକାକୁ ଉପଖଣ୍ଡ ମାନ୍ୟତା ଦାବିରେ ୧୦ମ ଦିନରେ ଗଣଧାରଣା, ସ୍ଥାନ: ବିନିକା ତହସିଲ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ବରଗଡ଼

- ରାମାୟଣ ପାରାୟଣ, ସ୍ଥାନ: ଜଗନ୍ନାଥ ମନ୍ଦିର ପରିସର, ସମୟ: ସକାଳ ୯ଟା।
- ଜାବ୍ ପକ୍ଷରୁ ଧାରଣା, ସ୍ଥାନ: ଗାନ୍ଧୀ ଛକ ଗାନ୍ଧୀମୂର୍ତ୍ତି ପରିସର, ସମୟ: ସକାଳ ୯ଟା।
- ମାଉସୀ ମାଁ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ଭଟଲି, ସମୟ: ସକାଳ ୯ଟା।
- ଶ୍ରୀ ଶ୍ରୀ ହନୁମାନ ମନ୍ଦିର ପ୍ରତିଷ୍ଠା ସମାରୋହ, ସ୍ଥାନ: ନାଇକେନପାଲି, ଅତାବିରା, ସମୟ: ସକାଳ ୯ଟା ୩୦।
- ସଂଯୁକ୍ତ କୃଷକ ସଙ୍ଗଠନର ଧାରଣା, ସ୍ଥାନ: ମୁଖ୍ୟ ଜିଲା କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।
- ଟିନିକଲ କର୍ମଚାରୀଙ୍କ ଧାରଣା, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ, ସମୟ: ପୂର୍ବାହ୍ନ ୧୦ଟା।

## ରାଉରକେଲା

- ମିନତୀ ଚୌଧୁରୀଙ୍କ ପୁଣ୍ୟତିଥି ପାଳନ, ସ୍ଥାନ: ଜଗଦା, ସମୟ: ପୂର୍ବାହ୍ନ ୧୦ଟା।
- ମାନବିକତା ପରିବାରର ଭୂମିଷ୍ଠ ପ୍ରଣାମ କାର୍ଯ୍ୟକ୍ରମ, ସ୍ଥାନ: ଭଞ୍ଜଭବନ ପ୍ରେକ୍ଷାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବସ୍ତି ସମସ୍ୟା ନେଇ ଫେରାଦ, ସ୍ଥାନ: ଉଦିତନଗର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ସ୍ୱରରାଗିଣୀ ପକ୍ଷରୁ ମହିଳା ଦିବସ, ସ୍ଥାନ: ସେକ୍ଟର–୨୦, ସମୟ: ଅପରାହ୍ନ ୩ଟା।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ, ସ୍ଥାନ: ଉଦିତନଗର, ସମୟ: ଅପରାହ୍ନ ୩ଟା।

## ଦେବଗଡ଼

- ନିର୍ବାଚନ ପରିଚାଳନାରେ ପୋଲିସର ଭୂମିକା ସମ୍ପର୍କିତ ତାଲିମ ଶିବିର, ସ୍ଥାନ: ପୋଲିସ ରିଜର୍ଭ, ସମୟ: ସକାଳ ୭ଟା୩୦।
- ବିଶ୍ୱ ଉପଭୋକ୍ତା ଅଧିକାର ଦିବସ,ସ୍ଥାନ: ଜିଲା ପରିଷଦ ସମ୍ମିଳନୀ ହଲ୍ ,ସମୟ: ପୂର୍ବାହ୍ନ ୧୦ଟା।
- ବୈଜ୍ଞାନିକ ପଦ୍ଧତିରେ ମହୁମାଛି ପାଳନ ଶିବିର, ସ୍ଥାନ: ଦେବଗଡ଼ କୃଷି ବିଜ୍ଞାନ କେନ୍ଦ୍ର,ସମୟ: ପୂର୍ବାହ୍ନ ୧୧ଟା।
- କଂଗ୍ରେସ ପକ୍ଷରୁ ବୈଠକ, ସ୍ଥାନ: ବାରକୋଟ ବ୍ଲକ ସରୁଆଲି,ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଭାରତୀୟ ମୁକ୍ତି ମୋର୍ଚ୍ଚାର ସମାବେଶ, ସ୍ଥାନ: ଭବାନୀପାଟଣା ଟାଉନ ହଲ, ସମୟ: ପୂର୍ବାହ ୧୦ଟା।
- ଓୟୁଜେ ସଂଘ ପକ୍ଷରୁ ସାମାଜିକ ସୁରକ୍ଷା, ପେନସନ ଦାବିରେ କଳାବ୍ୟାଜ୍ ପିନ୍ଧି ବିକ୍ଷୋଭ, ସ୍ଥାନ: ଭବାନୀପାଟଣା ଜିଲାପାଳଙ୍କ ଅଫିସ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ପଞ୍ଚମ ଜୁନାଗଡ଼ ଟ୍ରଫି ଉଦ୍‌ଘାଟିତ, ସ୍ଥାନ: ଜୁନାଗଡ଼ ବିଜୁ ପଟ୍ଟନାୟକ ଷ୍ଟାଡିୟମ, ସମୟ: ଅପରାହ୍ନ ୪ଟା।

## ନୂଆପଡ଼ା

- ଉଦନ୍ତୀ ମହୋତ୍ସବ ଉଦ୍‌ଘାଟନୀ, ସ୍ଥାନ: ସିନାପାଲି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା।

## ବୌଦ୍ଧ

- କଣ୍ଟାମାଳ ବ୍ଲକ ଘଣ୍ଟାପଡା ପଞ୍ଚାୟତର ବଘିଆ ଗ୍ରାମରେ ଷୋହଳ ପ୍ରହର ନାମଯଜ୍ଞ, ସ୍ଥାନ: ବଘିଆ ଗ୍ରାମମଣ୍ଡପ କୁଞ୍ଜଘର,ସମୟ: ସକାଳ ୯ଟା।
- ବୌଦ୍ଧରେ ବିଶ୍ୱ ଖାଉଟି ଅଧିକାର ଦିବସ, ସ୍ଥାନ: ମିଶନ ଶକ୍ତି ଗୃହ ମୁରୁସୁଣ୍ଡି, ସମୟ: ପୂର୍ବାହ୍ନ ୧୧ଟା।
- କଣ୍ଟାମାଳ ବ୍ଲକ ଘଣ୍ଟାପଡାରେ ଦୋଳ ପୂର୍ଣ୍ଣିମା ଅବସରରେ ହରିହର ଭେଟ ଉତ୍ସବ ନେଇ ପ୍ରସ୍ତୁତି ବୈଠକ, ସ୍ଥାନ: ଘଣ୍ଟାପଡା ଶ୍ରୀରାମ ଲୀଳାମଣ୍ଡପ, ସମୟ : ସନ୍ଧ୍ୟା ୭ଟା।

## ଅନୁଗୋଳ

- ସାଧାରଣ ନିର୍ବାଚନ ପାଇଁ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ: ସକାଳ ୯ ଟା।
- ନିର୍ବାଚନ ପରିଚାଳନା ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ପିଟିସି ହାଇସ୍କୁଲ ଓ ଅନୁଗୋଳ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।
- ତାଳଚେର ବିଧାୟକଙ୍କ ଦ୍ୱାରା ଫ୍ରିଜର ପ୍ରଦାନ, ସ୍ଥାନ: ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଉତ୍କଳ ସାମ୍ବାଦିକ ସଂଘର ୬ ଦଫା ଦାବି ସମ୍ବଳିତ ପତ୍ର ପ୍ରଦାନ, ସ୍ଥାନ: କଣିହାଁ ବ୍ଲକ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସଡ଼କ ସୁରକ୍ଷା କମିଟି ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସେକ୍ଟର ଅଧିକାରୀଙ୍କ ପ୍ରଶିକ୍ଷଣ, ସ୍ଥାନ: ଜିଲା କାର୍ଯ୍ୟାଳୟ, ଅନୁଗୋଳ, ସମୟ:ମଧ୍ୟାହ୍ନ ୧୨ଟା।
- ରାଜ୍ୟସ୍ତରୀୟ ନିମନ୍ତ୍ରଣ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଘାଟନ, ସ୍ଥାନ: ଅନୁଗୋଳ ଷ୍ଟାଡିୟମ, ସମୟ: ଅପରାହ୍ନ ୩ଟା।

## ଜଗତ୍‌ସିଂହପୁର

- ଏନ୍‌ଏସି ମାନ୍ୟତା ଦାବିରେ ବାଲିକୁଦା ଜନ ସଚେତନ ମହାମଞ୍ଚ ତରଫରୁ ୧୨ ଘଣ୍ଟିଆ ଶାନ୍ତିପୂର୍ଣ୍ଣ ବନ୍ଦ ପାଳନ, ସ୍ଥାନ: ବାଲିକୁଦା ବଜାର ସମେତ ବିଭିନ୍ନ ସ୍ଥାନ, ସମୟ : ସକାଳ ୬ଟାରୁ ସନ୍ଧ୍ୟା ୬ଟା।
- ୩ ଦିନ ବ୍ୟାପି ନବନିର୍ମିତ ଶନି ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରଘୁନାଥପୁର ବ୍ଲକ ତାରପୁର ବାନାମ୍ବର ମହାଦେବ ଘାଟ, ସମୟ: ସକାଳ ୭ଟା।
- ସ୍ୱାଧୀନତା ସଂଗ୍ରାମୀ ମାଳତୀ ଚୌଧୁରୀଙ୍କ ଶ୍ରାଦ୍ଧ ବାର୍ଷିକୀ ପାଳନ, ସ୍ଥାନ: ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଖାଉଟି ସୁରକ୍ଷା ଅଭିଯାନ ତରଫରୁ, ଖାଉଟି ସୁରକ୍ଷା କର୍ମଶାଳା, ସ୍ଥାନ: ଆନନ୍ଦ ମଣ୍ଡପ ପରିସର, ତିର୍ତ୍ତୋଲ, ସମୟ: ଅପରାହ୍ନ ୩ଟା।
- ୩ ଦିନ ବ୍ୟାପି ଅଷ୍ଟପ୍ରହର ନାମଯଜ୍ଞ ଓ ନଗର କୀର୍ତ୍ତନ, ସ୍ଥାନ: ରଘୁନାଥପୁର ବ୍ଲକ ଗୋକୁଳପୁର ମଲ୍ଲିକେଶ୍ୱରୀ ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୬ଟା।

## ନୟାଗଡ଼

- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ: ନୟାଗଡ଼ ରତନପୁର, ସମୟ: ସକାଳ ୭ଟା ।
- ରତନପୁର ଡ୍ରେନର ଶିଳାନ୍ୟାସ, ସ୍ଥାନ:ନୟାଗଡ଼ ସହରର ମନୁଆ ମିଶ୍ର କଲୋନୀ, ସମୟ: ସକାଳ ୯ଟା ।
- କଲ୍ୟାଣ ମଣ୍ଡପ ଉଦ୍‌ଘାଟନ, ସ୍ଥାନ:ନୟାଗଡ଼ ବ୍ଲକ୍ ନଡିଆଲି ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱ ଗ୍ରାହକ ଅଧିକାର ଦିବସ, ସ୍ଥାନ: ଜିଲାପାଳଙ୍କ ସଦ୍‌ଭାବନା ସଭାକକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଭାରତ ବିକାଶ ପରିଷଦ ପକ୍ଷରୁ ବିଡ଼ି ଶ୍ରମିକଙ୍କ ଆନ୍ଦୋଳନ, ସ୍ଥାନ:ଖଣ୍ଡପଡ଼ା ବ୍ଲକ ସମ୍ମୁଖ, ସମୟ: ପୂର୍ବାହ୍ନ ୧୧ଟା।
- ନାଟ୍ୟ ନିର୍ଦ୍ଦେଶକ ସଂଘ ଗୃହ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ବ୍ଲକର ଲଡୁକେଶ୍ୱରପୁର, ସମୟ: ମଧ୍ୟାହ୍ନ ୧୨ଟା।
- ବଚପନ ପ୍ଲେ ସ୍କୁଲର ବାର୍ଷିକ ଉତ୍ସବର ଉଦ୍‌ଘାଟନ ଦିବସ, ସ୍ଥାନ: ପଠାଣୀ ସାମନ୍ତ ଜିଲା ସଂସ୍କୃତି ଭବନ,ନୟାଗଡ, ସମୟ: ଅପରାହ୍ନ ୫ଟା।
- ଅଡିଟୋରିୟମ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଅଡିଟୋରିୟମ, ସମୟ: ସନ୍ଧ୍ୟା ୭ଟା।
- ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ଫାଟକ ଉଦ୍‌ଘାଟନ, ସ୍ଥାନ: ନୟାଗଡ଼ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ, ସମୟ: ସନ୍ଧ୍ୟା ୭ଟା ୧୫।

## କେନ୍ଦ୍ରାପଡ଼ା

- ନିର୍ବାଚନ ପରିଚାଳନା ପ୍ରଶିକ୍ଷଣ ଶିବିର, ସ୍ଥାନ: ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ, ରାଜନଗର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡି ପକ୍ଷରୁ ମହିଳା ସମାବେଶ, ସ୍ଥାନ: ନିଆଳ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ରୁଦ୍ର ମହାଯଜ୍ଞ ଓ ବାର୍ଷିକୋତ୍ସବ, ସ୍ଥାନ: ମାଳପାଟଣା, ଆଳି, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଅଷ୍ଟପ୍ରହର ନାମଯଜ୍ଞ, ସ୍ଥାନ: ଧର୍ମଶାଳା ବ୍ଲକ କଣିପାଟିଆ ଗ୍ରାମ ଅଷ୍ଟପ୍ରହରୀ ମଣ୍ଡପ, ସମୟ: ସକାଳ ୬ଟା।
- ନୀଳାଚଳ ବାସଚ୍ୟୁତ କମିଟି ପକ୍ଷରୁ ଧାରଣା, ସ୍ଥାନ:ନୀଳାଚଳ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା।
- ଭୀମ ଆର୍ମି ପକ୍ଷରୁ ବାସଚ୍ୟୁତଙ୍କ ଧାରଣାର ୪ର୍ଥ ଦିନ, ସ୍ଥାନ:କଳିଙ୍ଗନଗର ଟାଟା ଷ୍ଟିଲ କାରଖାନା ସମ୍ମୁଖ, ସମୟ:ସକାଳ ୭ଟା।
- ଜିଲା ପ୍ରଶାସନ ପକ୍ଷରୁ ମହାବାରୁଣୀ ମେଳା ଆୟୋଜନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଜିଲା ସମ୍ମିଳନୀ କକ୍ଷ, ଯାଜପୁର, ସମୟ : ଅପରାହ୍ନ ୪ଟା।
- ବ୍ୟାସନଗର ପ୍ରିମିୟର ଲିଗ୍, ସ୍ଥାନ:ଯାଜପୁର ରୋଡ ଏନ୍‌ସି ହାଇସ୍କୁଲ ପଡ଼ିଆ, ମ୍ୟାଚ୍: ମା' ହିଙ୍ଗୁଳା ଏମ୍‌ଏସ୍‌ସି ବନାମ ଯାଜପୁର ରୋଡ ମା' ଦୁର୍ଗା ୱାରିୟର୍ସ, ସମୟ: ଅପରାହ୍ନ ୩ଟା୩୦, ମ୍ୟାଚ୍: ତୁତୁରୀ ଫାଇଟର ବନାମ ଉମାପଦା ରାଇଜିଂ ଇଲେଭେନ, ସମୟ: ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଦକ୍ଷତା ଓ ସଙ୍କୋଚତା ହେତୁ କର୍ମକ୍ଷେତ୍ରରେ ପ୍ରାଧାନ୍ୟତା ଅକ୍ଷୁଣ୍ଣ ରହିବ। ଇଚ୍ଛା ନ ଥିଲେ ମଧ୍ୟ ପରିସ୍ଥିତିରେ ପଡ଼ି କେତେକ କାମ କରିବାକୁ ବାଧ୍ୟ ହେବେ। ଅଶ୍ୱିନୀ ନକ୍ଷତ୍ର ଅନ୍ୟଦ୍ୱାରା ପ୍ରେରିତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ଆନୁଷ୍ଠାନିକ କାମରେ ଆଦର ଅଭ୍ୟର୍ଥନା ମିଳିବ ଏବଂ ସବୁରି ସ୍ନେହ ଶ୍ରଦ୍ଧା ଅବଶ୍ୟ ପାଇବେ।

**ବୃଷ** ଆଜିର ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତା, ସ୍ତ୍ରୀ ସମ୍ପର୍କରେ ଉନ୍ନତ ଫଳ ଆଶା କରିପାରନ୍ତି। କୃତ୍ତିକା ନକ୍ଷତ୍ରର ଭୁଲ୍ ବୁଝାମଣା କାରଣରୁ ପାରିବାରିକ ପରିସ୍ଥିତି ଗୋଳମାଳିଆ ରହିବ। ବେପରୁଆ କାର୍ଯ୍ୟକଳାପ ନିମନ୍ତେ ଉଚ୍ଚବର୍ଗଙ୍କଠାରୁ ସମାଲୋଚିତ ହୋଇପାରନ୍ତି। ଅନ୍ୟର ଭଲ ସକାଶେ ନିଜକୁ ଉତ୍ତରଦାୟୀ କରିପାରନ୍ତି।

**ମିଥୁନ** ମୃଗଶିରା ନକ୍ଷତ୍ର ସକାଶେ ଆଜିର ସମୟଟି ବୃଥା ଭ୍ରମଣ ଓ ଅଯଥା ଖର୍ଚ୍ଚାନ୍ତ ମଧ୍ୟରେ ଅତିବାହିତ ହେବ। ଅଭାବ ଅସୁବିଧା ଲାଗିରହିଥିଲେ ମଧ୍ୟ କୌଣସି କାମ ଅଟକିବ ନାହିଁ। ପ୍ରତ୍ୟୁଷ ଯାତ୍ରାରେ ସଫଳତା ପାଇବେ କିନ୍ତୁ ନୀଚ ଜାତିର ବ୍ୟକ୍ତିଙ୍କ ସହ କଳହ ଲାଗିପାରେ। ପରୋକ୍ଷ ଶତ୍ରୁତା ଓ ଈର୍ଷାପରାୟଣ ବ୍ୟକ୍ତିଙ୍କ ଦ୍ୱାରା ତିରସ୍କୃତ ହୋଇପାରନ୍ତି।

**କର୍କଟ** ଏକାଦଶସ୍ଥ ଚନ୍ଦ୍ର ହେତୁ ମନୋବଳ ବୃଦ୍ଧି ପାଇବ। ଆଶା ପୂରଣ ହେବା ନେଇ ନିଶ୍ଚିନ୍ତ ରହିବେ। ଅଶ୍ଳେଷା ନକ୍ଷତ୍ର ପାଇଁ କିଛି ସୁବିଧା ସାଙ୍ଗକୁ କିଛି ଅସୁବିଧା ରହିଥିବାରୁ ଦ୍ୱନ୍ଦ୍ୱ ଭିତର ଦେଇ ଗତିକରିବେ। ପାରିବାରିକ କ୍ଷେତ୍ରରେ ଉତ୍ତମ ବୁଝାମଣାଜନିତ ଜୀବନଯାତ୍ରା ମଧୁମୟ ହେବ। କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ ଓ ଫାଇଲ୍ କାମରେ ନିମଗ୍ନ ରହିବେ।

**ସିଂହ** ନିଜ ଲୋକଙ୍କ ଭୁଲ୍ ଯୋଗୁ ମୁଣ୍ଡ ନୁଆଁଇବାକୁ ପଡ଼ିପାରେ। ଭିତରେ ରାଗରେ ଜଳୁଥିଲେ ମଧ୍ୟ ଉପରେ କିଛି କହିବାକୁ ସାହସ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ନିଜ ଦକ୍ଷତାରୁ ଉଚ୍ଚ ସମ୍ମାନ ପାଇବେ ଏବଂ ବୁଦ୍ଧିଜୀବୀଙ୍କ ସାନ୍ନିଧ୍ୟରେ ଆସିବେ। ପୂର୍ବା ଫାଲ୍‌ଗୁନୀ ନକ୍ଷତ୍ର ଛୋଟ ଛୋଟ କାମ ହାତକୁ ନେଲେ ଦ୍ୱନ୍ଦ୍ୱରେ ପଡ଼ିପାରନ୍ତି।

**କନ୍ୟା** ଆଜି ହସ୍ତା ନକ୍ଷତ୍ର ସକାଶେ ଦିନଟି ସାମଗ୍ରିକ ଦୃଷ୍ଟିକୋଣରୁ ବହୁତ ଭଲ ରହିବ। କୌଣସି ବନ୍ଧୁ ଆର୍ଥିକ ସମସ୍ୟାକୁ ସୁଧାରିନେବେ। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଚିନ୍ତା କରିଥିବା କାମଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ନ ହୋଇପାରେ। ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ଅସୁବିଧା ଥିବାର ଅନୁଭବ କରିବେ।

**ତୁଳା** ବନ୍ଧୁଗହଣରେ ଖୁସି ଗପ ଓ ମଉଜ ମଜଲିସ୍ ପାଇଁ ମନ ବଳିବ। କଚେରି ମାମଲାର ଶୁଣାଣି ବିଳମ୍ବରେ ଘଟିବା କାରଣକୁ ନେଇ ବ୍ୟସ୍ତତା ବୃଦ୍ଧି ପାଇପାରେ। କାର୍ଯ୍ୟବ୍ୟସ୍ତତା ଯୋଗୁ ଅବସର ପାଇବେ ନାହିଁ କିମ୍ବା ଖାଦ୍ୟପେୟରେ ମଧ୍ୟ ଠିକ୍ ରହିବ ନାହିଁ। ସ୍ୱାତୀ ନକ୍ଷତ୍ର ପାଇଁ ପାରିବାରିକ ସମସ୍ୟା ଦୁଶ୍ଚିନ୍ତାର କାରଣ ହେବ।

**ବିଛା** ଝିନ୍‌ଝଟ୍ ମଧ୍ୟରେ ସମୟ ଚାଲୁଥିବାରୁ ମାନସିକ ଶାନ୍ତି ଦୁରୂହ ହୋଇପାରେ। ସବୁ ଥାଇ ମଧ୍ୟ କିଛି ନ ଥିଲା ଭଳି ପରିସ୍ଥିତି ଭିତରେ ଗତିକରିବେ। ମିଥ୍ୟାପବାଦରେ ନିନ୍ଦିତ ହୋଇପାରନ୍ତି। ସମସ୍ତଙ୍କୁ ସରଳ ଭାବେ ଗ୍ରହଣ କରିବା ଅସୁବିଧାର କାରଣ ହେବ। ତଥାପି ଅନୁରାଧା ସକାଶେ ସମ୍ପର୍କୀୟ ଜଣେ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି।

**ଧନୁ** ସମସ୍ୟାବହୁଳ କର୍ମକ୍ଷେତ୍ର ଓ ପାରିବାରିକ ପରିସ୍ଥିତି ମନକୁ ଅସ୍ଥିର କରିପାରେ। ପ୍ରତ୍ୟେକ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବା ପୂର୍ବରୁ ପରିବାର ସହ ଆଲୋଚନା କଲେ ଭଲ। ଆଜିର ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତି ଜଣକ ସକାଶେ ବ୍ୟସ୍ତତା ବଢ଼ିବ। ଉତ୍ତରାଷାଢ଼ା ନକ୍ଷତ୍ର ସକାଶେ ସାମାଜିକ କାମରେ ପ୍ରଶଂସା ମିଳିବ।

**ମକର** ବିବାଦୀୟ ପରିସ୍ଥିତି ଲାଗି ରହିଲେ ମଧ୍ୟ କାମ ହାସଲରେ ଅସୁବିଧା ହେବନାହିଁ। ଶ୍ରବଣା ନକ୍ଷତ୍ର କାମ ପୂର୍ଣ୍ଣାଙ୍ଗ କରିବା କଷ୍ଟକର ହୋଇପାରେ। ଆବଶ୍ୟକତା ପୂରଣ ଲାଗି କରଜ କରିବାକୁ ବାଧ୍ୟହେବେ। ପ୍ରତ୍ୟେକ କ୍ଷେତ୍ରରେ ନିଜର ସୀମା ଭିତରେ ଜଗିରଖି ଚଳିବା ଭଲହେବ, ନଚେତ୍ କଳହ ଭିତରକୁ ଟାଣି ହୋଇପାରନ୍ତି।

**କୁମ୍ଭ** ସ୍ୱାସ୍ଥ୍ୟ ସମସ୍ୟା ସୁଧୁରିଯିବାରୁ ଆଶ୍ୱସ୍ତି ମିଳିପାରେ। ଶତଭିଷା ନକ୍ଷତ୍ର ସକାଶେ କର୍ମକ୍ଷେତ୍ରରେ ସୁଯୋଗ ଆପଣାଛାଏଁ ଆସିବ ଏବଂ ଯାହା ଓ ଯେତିକି ପାଇବା କଥା ପାଇବେ। ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ସାମାଜିକ ସ୍ତରରେ ଅଯଥା ମୂଲ୍ୟହୀନ କଥାକୁ ଗୁରୁତ୍ୱ ଦେଇ ଶୋକାକୁଳ ରହିପାରନ୍ତି।

**ମୀନ** ସମସ୍ୟା ମଧ୍ୟରେ କାଳାତିପାତ କରିବା ହେତୁ ମାନସିକସ୍ତରରେ ସମ୍ପୂର୍ଣ୍ଣ ସୁସ୍ଥତା ରହିବ ନାହିଁ। ମିତ୍ରଙ୍କ ସାହାଯ୍ୟରୁ ଅଟକି ରହିଥିବା କାମ ସମ୍ପୂର୍ଣ୍ଣ ହୋଇଯିବ ମାତ୍ର କଠିନ ପରିଶ୍ରମ କରିବାକୁ ପଡ଼ିପାରେ। ବାସ୍ତବବାଦୀ ଚିନ୍ତାଧାରା ହେତୁ ଅନ୍ୟମାନଙ୍କ ସହ କମ୍ ସମ୍ପର୍କଜନିତ ସମାଲୋଚିତ ହୋଇପାରନ୍ତି। ଆନୁଷ୍ଠାନିକ କାମରେ ପ୍ରଶଂସିତ ହେବେ।

ଆଜି ମାର୍ଚ୍ଚ ୧୫ ତାରିଖ, ବିଶ୍ୱ ଖାଉଟି ଅଧିକାର ଦିବସ, ଫାଲ୍‌ଗୁନ ଶୁକ୍ଳ ଷଷ୍ଠୀ ଶୁକ୍ରବାର, ରାଶି ନକ୍ଷତ୍ର–କୃତ୍ତିକା/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୫୮ମି. ଗତେ ଘ.୦୬।୪୬ମି. ମଧ୍ୟେ, ଘ.୦୭।୩୩ମି. ଗତେ ଘ.୦୮।୫୭ମି. ମଧ୍ୟେ ଶୁଭ ଶୁଭବେଳା। ଦିବା ଘ.୧୦।୨୬ମି. ଗତେ ଘ.୧୧।୫୫ମି. ମଧ୍ୟେ ରାହୁକାଳ।

# ବାଳ ଶ୍ରମିକଙ୍କୁ ଚେଙ୍କ

**ଚାନ୍ଦବାଲି, ୧୪।୩(କିଷାନ ପାତ୍ର)**

ଭଦ୍ରକ ଜିଲା ଚାନ୍ଦବାଲି ସହରର ଏକ ଫାଷ୍ଟଫୁଡ୍ ଦୋକାନରେ କାର୍ଯ୍ୟରତ ଜଣେ ବାଳ ଶ୍ରମିକଙ୍କୁ ମାଲିକ ମାଡ଼ ମାରିବା ସହ ଚେଙ୍କ ଦେଇଛନ୍ତି। ବୁଧବାର ରାତିରେ ଏହି ଘଟଣା ଘଟିଛି। ଗୁରୁବାର ନାବାଳକଜଣକ ଚାନ୍ଦବାଲି–ରାଜକନିକା ମୁଖ୍ୟ ରାସ୍ତାରେ କାନ୍ଦି କାନ୍ଦି ନିଜ ଗାଁକୁ ଯାଉଥିବା ବେଳେ କେତେଜଣ ଯୁବକ ତାଙ୍କୁ ଉଦ୍ଧାର କରି ପ୍ରଥମେ ଚିକିତ୍ସା କରାଇବା ସହ ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗ ଆଧାରରେ ପୋଲିସ ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ମାହାଙ୍ଗା ଥାନା ଅଧୀନ ଗୋପାଳପୁର ଗାଁର ୧୪ ବର୍ଷୀୟ ନାବାଳକଙ୍କୁ ଫାଷ୍ଟଫୁଡ୍ ଦୋକାନରେ କାମ କରିବା ପାଇଁ ମାଲିକ ରଖିଥିଲେ। କିଛିଦିନ ତଳେ କାମ ଠିକ୍‌ରେ କରୁ ନ ଥିବା କହି ଦୋକାନୀ ତାଙ୍କୁ ମାଡ଼ ମାରିବା ସହ ଏକ ଲୁହାରଡ୍‌କୁ ଗରମ କରି ଚେଙ୍କ ଦେଇଥିଲେ। ଅସୁସ୍ଥ ହେବାରୁ ତାଙ୍କୁ ଚାନ୍ଦବାଲି ମେଡିକାଲରେ ଭର୍ତ୍ତି କରି ଚିକିତ୍ସା କରାଇଥିଲେ। କାମ କରିଥିବା ୨୫ ଦିନର ପାଉଣା ବୁଧବାର ମାଗିବାରୁ ଦୋକାନୀ ପୁନର୍ବାର ତାଙ୍କୁ ମାଡ଼ ମାରିବା ସହ ଚେଙ୍କ ଦେଇଥିବା ନାବାଳକ ଜଣକ କହିଛନ୍ତି।

# ଏମ୍ସକୁ ଏସିଆ ସେଫ୍ ସର୍ଜିକାଲ ଇମ୍‌ପ୍ଲାଣ୍ଟ କନ୍‌ସୋର୍ଟିୟମ ପୁରସ୍କାର

**ଭୁବନେଶ୍ୱର, ୧୪।୩ (ଶର୍ମିଷ୍ଠା ପାଣିଗ୍ରାହୀ)**

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚଓ) ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ମର୍ଯ୍ୟାଦାଜନକ ଏସିଆ ସେଫ୍ ସର୍ଜିକାଲ ଇମ୍‌ପ୍ଲାଣ୍ଟ କନ୍‌ସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର ୨୦୨୩ ମିଳିଛି। ହସ୍ପିଟାଲରେ ବ୍ୟବହୃତ ବିଭିନ୍ନ ଯାନ୍ତ୍ରିକ ଉପକରଣର ଗୁଣବତ୍ତା ଏବଂ ପ୍ରତିରୋପଣ ପ୍ରକ୍ରିୟାକରଣକୁ ନେଇ ହେଉଥିବା ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ପ୍ରତିବର୍ଷ ଏହି ପୁରସ୍କାର ଦିଆଯାଉଛି। ହସ୍ପିଟାଲର ସେଣ୍ଟ୍ରାଲ ଷ୍ଟେରାଇଲ ସେବା ବିଭାଗ (ସିଏସ୍‌ଏସ୍‌ଡି)ରେ ବିଭିନ୍ନ ଯନ୍ତ୍ର ଏବଂ ପ୍ରତିରୋପଣର ପୁନଃ ପ୍ରକ୍ରିୟାକରଣ ପାଇଁ ସର୍ବୋଚ୍ଚ ମାନ ନିର୍ଦ୍ଧାରଣ ଏବଂ ତଦାରଖ କରିବାର ପ୍ରକ୍ରିୟା ସ୍ୱରୂପ ଏମ୍ସକୁ ଏଥିପାଇଁ ଚୟନ କରାଯାଇଛି। ଏହି ପ୍ରକ୍ରିୟାରେ ଏସିଆ ମହାଦେଶରୁ ୨୮ ସୁପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଅଂଶଗ୍ରହଣ କରିଥିଲେ। ମାତ୍ର ଏମ୍ସ ଭୁବନେଶ୍ୱର ସର୍ବୋତ୍ତମ ଡାକ୍ତରଖାନା ଭାବେ ପ୍ରଥମ ସ୍ଥାନ ଅଧିକାର କରିଛି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ, ଓଟି କମିଟି



### ଏସିଆର ୨୮ ପ୍ରତିଷ୍ଠିତ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ମଧ୍ୟରେ ପ୍ରଥମ ସ୍ଥାନରେ ଭୁବନେଶ୍ୱର ଏମ୍ସ

ଅଧ୍ୟକ୍ଷ, ଡିନ୍ ଅଧ୍ୟାପକ, ଅଧ୍ୟାପିକା, ସିଏସଏସ୍‌ଡିର କର୍ମଚାରୀ, ବିଭିନ୍ନ ଓଟିର ନର୍ସିଂ ଇନ୍ ଚାର୍ଜ ଏବଂ ସଂକ୍ରମଣ ନିୟନ୍ତ୍ରଣ କମିଟିର ସଦସ୍ୟମାନେ ପୁରସ୍କାର ଗ୍ରହଣ କରିଥିଲେ। ଭର୍ଚୁଆଲରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପ୍ରଫେସର ସେଟୋ ୱିଙ୍ଗ ହଙ୍ଗ, ପାଟ୍ରିସିଆ ସିଙ୍ଗଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

ଧରିତ୍ରୀ
DHARITRI
ଧରିତ୍ରୀ 50 Years
ଭୁବନେଶ୍ୱର, ଶୁକ୍ରବାର, ମାର୍ଚ୍ଚ ୧୫/୨୦୨୪ | Bhubaneswar, Friday, March 15/2024





# ବଢ଼ିଲା ଶ୍ରମିକଙ୍କ ସର୍ବନିମ୍ନ ମଜୁରି

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ରାଜ୍ୟ ସରକାର ଶ୍ରମିକମାନଙ୍କର ସର୍ବନିମ୍ନ ମଜୁରିରେ ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ନିଷ୍ପତ୍ତି ଦ୍ୱାରା ଅଣକୁଶଳୀ, ଅର୍ଦ୍ଧକୁଶଳୀ, କୁଶଳୀ ଓ ଅତ୍ୟନ୍ତ କୁଶଳୀ ଶ୍ରମିକ ଉପକୃତ ହେବେ। ଘୋଷଣା ଅନୁଯାୟୀ, ଅଣକୁଶଳୀ ଶ୍ରମିକଙ୍କ ମଜୁରି ୩୫୨ ଟଙ୍କାରୁ ୪୫୦ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ମଜୁରି ୩୯୨ ଟଙ୍କାରୁ ୫୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କୁଶଳୀ ଶ୍ରମିକମାନଙ୍କ ମଜୁରି ୪୪୨ ଟଙ୍କାରୁ ୫୫୦ ଟଙ୍କା ଏବଂ ଅତ୍ୟନ୍ତ କୁଶଳୀ ଶ୍ରମିକଙ୍କ କ୍ଷେତ୍ରରେ ସର୍ବନିମ୍ନ ମଜୁରି ୫୦୨ ଟଙ୍କାରୁ ୬୦୦ ଟଙ୍କାକୁ ବୃଦ୍ଧି କରାଯାଇଛି।

# ମଦ ପିଉଥିବାରୁ ସ୍ତ୍ରୀଙ୍କୁ ହତ୍ୟା

## ୨ ରାତି ଘରେ ଲୁଚାଇ ରଖିଥିଲେ ମୃତଦେହ

**ଭୁବନେଶ୍ୱର,୧୪।୩ (ସୂର୍ଯ୍ୟକାନ୍ତ ବେହେରା)**

ସ୍ତ୍ରୀ ମଦ ପିଉଥିଲେ। ଘରର ରୋଜଗାରକୁ ନିଶାପାଣିରେ ଉଡାଉଥିଲେ। ଘରେ ବାହାରେ ପାଟିତୁଣ୍ଡ କରି ସମ୍ମାନ ହାନି କରୁଥିଲେ। ଏଥିରେ ଅତିଷ୍ଠ ହୋଇ ଶେଷରେ ସ୍ତ୍ରୀଙ୍କୁ କାଠ ଫାଳିଆରେ ପିଟି ହତ୍ୟା କଲେ ସ୍ୱାମୀ। ଏପରିକି ମୃତଦେହକୁ ଘର ଭିତରେ ୨ରାତି ଧରି ତାଲା ପକାଇ ରଖିଥିଲେ। ଭୁବନେଶ୍ୱରର ମୈତ୍ରୀବିହାର ଥାନା ଅନ୍ତର୍ଗତ ସାଲିଆସାହି ତାରିଣୀନଗର ବସ୍ତିରେ ମଙ୍ଗଳବାର ସନ୍ଧ୍ୟାରେ ହତ୍ୟାକାଣ୍ଡ ଘଟିଛି। ଗୁରୁବାର ଏହା ଜଣାପଡିବା ପରେ ଚାଞ୍ଚଲ୍ୟ ଖେଳିଯାଇଛି। ମୃତା ମହିଳା ହେଲେ ଗଞ୍ଜାମ ପୋଲସରାର ସ୍ୱପ୍ନା ଜେନା ଓରଫ ରୀନା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ମୃତଦେହ ଜବତ କରି ତଦନ୍ତ ଚଳାଇଛି। ଏଥିସହ ଅଭିଯୁକ୍ତ ସ୍ୱାମୀ ଗୋଲଖ ବିହାରୀ ଜେନାଙ୍କୁ ଗିରଫ କରି ପଚରାଉଚରା କରୁଛି। ସ୍ତ୍ରୀଙ୍କୁ ହତ୍ୟା କରିଥିବା ଗୋଲଖ ସ୍ୱୀକାର କରିଛନ୍ତି ବୋଲି ଥାନାଧିକାରୀ ମୃତ୍ୟୁଞ୍ଜୟ ସ୍ୱାଇଁ କହିଛନ୍ତି। ଅନ୍ୟପକ୍ଷରେ କ୍ୟାପିଟାଲ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ସ୍ୱପ୍ନାଙ୍କ ମୃତଦେହକୁ ପୁଅ ଜୀବନଙ୍କୁ ହସ୍ତାନ୍ତର କରାଯାଇଛି। ଅପରାଧରେ ବ୍ୟବହୃତ କାଠଫାଳିଆକୁ ଜବତ କରାଯାଇଥିବା ସେ ସୂଚନା ଦେଇଛନ୍ତି।

ପୋଲିସ ଓ ସ୍ଥାନୀୟ ଲୋକଙ୍କ

### ଅଭିଯୁକ୍ତ ସ୍ୱାମୀ ଗିରଫ

ସୂଚନାନୁସାରେ, ଗୋଲଖ ଓ ତାଙ୍କ ସ୍ତ୍ରୀ ସ୍ୱପ୍ନା ଦିନ ମଜୁରିଆ ଭାବେ କାମ କରନ୍ତି। ସେମାନେ ୩ ପିଲାଙ୍କ ସହ ତାରିଣୀନଗର ବସ୍ତିରେ ଘର ଭଡା ନେଇ ରହୁଥିଲେ। ସ୍ୱପ୍ନା ମଦ, ହାଣ୍ଡିଆ ପିଉଥିଲେ। ଏଥିପାଇଁ ନିଜ ରୋଜଗାର ସହ ସ୍ୱାମୀଙ୍କଠାରୁ ଟଙ୍କା ନେଉଥିଲେ। ଏହାକୁ ନେଇ ବହୁ ସମୟରେ ଉଭୟଙ୍କ ମଧ୍ୟରେ କଳହ ଲାଗୁଥିଲା। ଗତ ମଙ୍ଗଳବାର ସ୍ୱପ୍ନା କାମ କରିବାକୁ ଯାଇ ସନ୍ଧ୍ୟା ସୁଦ୍ଧା ଘରକୁ ଫେରି ନ ଥିଲେ। ସେ ମଦନିଶାରେ ସ୍ଥାନୀୟ ନୀଳଚକ୍ର ପଡିଆରେ ପଡିଥିବା ଖବର ପାଇ ଗୋଲଖ ତାଙ୍କୁ ଅଟୋରେ ଘରକୁ ଆଣିଥିଲେ।


ସ୍ୱପ୍ନା ଜେନା

ଘର ବାହାରକୁ ଆସି ସ୍ୱପ୍ନା ପଡ଼ୋଶୀ ଲୋକଙ୍କ ସମ୍ମୁଖରେ ଗୋଲଖଙ୍କୁ ଗାଳି କରିଥିଲେ, ଯେଉଁଥିପାଇଁ ଉଭୟଙ୍କ ଭିତରେ ଜୋର୍‌ରେ ପାଟିତୁଣ୍ଡ ହୋଇଥିଲା। ଏହି ସମୟରେ ଗୋଲଖ ତାଙ୍କୁ ଘର ଭିତରକୁ ଟାଣି ନେଇ କାଠ ଫାଳିଆରେ ପ୍ରବଳ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ପରେ ସେ ମୃତଦେହକୁ ଗୋଟିଏ ଘରେ ଲୁଚାଇ ରଖିବା ସହ ଆଉଏକ ଘରେ ଅନ୍ୟ ଦୁଇ ପିଲାଙ୍କ ସହ ରହିଥିଲେ। ବାହାରକୁ ଗଲେ ମୃତଦେହ ଥିବା ଘରକୁ ତାଲା ପକାଇ ଯାଉଥିଲେ। ପିଲାମାନେ ମା'ଙ୍କୁ ଖୋଜିବାରୁ ସେ କେଉଁଆଡେ ପଳାଇଥିବା ଗୋଲଖ କହୁଥିଲେ। ଏପରିକି ମୃତଦେହ ଲୁଚାଇଥିବା ଘରକୁ ପିଲାଙ୍କୁ ଯିବାକୁ ବାରଣ କରିବା ସହ ନାନା କଥା କହି ଡରାଉଥିଲେ। ଫଳରେ ପିଲାମାନେ ଉକ୍ତ ଘରକୁ ଯାଉ ନ ଥିଲେ। ଅନ୍ୟପକ୍ଷରେ ଘଟଣା ପରଠାରୁ ସ୍ୱପ୍ନାଙ୍କ ପାଟି ଆଉ ଶୁଭି ନ ଥିଲା କି ପଡୋଶୀମାନେ ତାଙ୍କୁ ଦେଖିବାକୁ ପାଇ ନ ଥିଲେ। ☞ପୃଷ୍ଠା-୯

# ଜ୍ଞାନେଶ କୁମାର, ସୁଖବୀର ସାନ୍ଧୁ ନୂଆ ଇସି


ଜ୍ଞାନେଶ କୁମାର


ସୁଖବୀର ସାନ୍ଧୁ

**ନୂଆଦିଲ୍ଲୀ,୧୪।୩ (ପିଟିଆଇ)**

ପୂର୍ବତନ ଆଇଏଏସ୍ ଅଫିସର ଜ୍ଞାନେଶ କୁମାର ଏବଂ ସୁଖବୀର ସାନ୍ଧୁଙ୍କୁ ଗୁରୁବାର ନୂଆ ନିର୍ବାଚନ କମିଶନର (ଇସି) ନିଯୁକ୍ତ କରାଯାଇଛି। ଏନେଇ ଆଇନ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଗୁରୁବାର ଚୟନ କମିଟି ବୈଠକ ବସି ଇସି ନିଯୁକ୍ତି ପାଇଁ ଉଭୟଙ୍କ ନାମ ସୁପାରିସ କରାଯାଇଥିଲା।

ଫେବୃଆରୀ ୧୪ରେ ପୂର୍ବତନ ନିର୍ବାଚନ କମିଶନର ଅନୁପ ଚନ୍ଦ୍ର ପାଣ୍ଡେଙ୍କ ଅବସର ଗ୍ରହଣ ଏବଂ ଗତ ୮ ତାରିଖରେ ଅନ୍ୟତମ ଆୟୁକ୍ତ ଅରୁଣ ଗୋଏଲଙ୍କ ଇସ୍ତଫା ପରେ ନିର୍ବାଚନ କମିଶନରେ ୨ଟି ପଦବୀ ଖାଲି ହୋଇଥିଲା। ମୁଖ୍ୟ ନିର୍ବାଚନ କମିଶନର ଏବଂ ନିର୍ବାଚନ କମିଶନର ନିଯୁକ୍ତି ଲାଗି କେନ୍ଦ୍ର ଆଣିଥିବା ନୂଆ ଆଇନ ଅନୁଯାୟୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଓ ତାଙ୍କ ଦ୍ୱାରା ମନୋନୀତ କେନ୍ଦ୍ର ଆଇନ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନେଇ ଗଠିତ ଚୟନ କମିଟି ବୈଠକ ବସି ପୂର୍ବତନ ଆଇଏଏସ୍ ☞ପୃଷ୍ଠା-୯

# ଇ-ଗଭର୍ନାନ୍ସରେ ନୂଆ ଅଧ୍ୟାୟ




## ଅନ୍‌ଲାଇନ ପ୍ରୋତ୍ସାହନ ପ୍ରବନ୍ଧନ ପ୍ରଣାଳୀ, ନୂତନ ଜିଲା ୱେବ୍‌ସାଇଟର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟର(ଓକାକ୍) ଦ୍ୱାରା ବିକଶିତ ଅନ୍‌ଲାଇନ ଇନ୍‌ସେଣ୍ଟିଭ୍ ମ୍ୟାନେଜମେଣ୍ଟ ସିଷ୍ଟମ୍‌ର ଲୋକାର୍ପଣ କରିଛନ୍ତି। ଏହି ପୋର୍ଟାଲ ଜରିଆରେ ଉଦ୍ୟୋଗୀ ସହଜରେ ଅନ୍‌ଲାଇନ ଆବେଦନ କରି ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ ଡାଟା ସେଣ୍ଟର, ବିପିଓ ଏବଂ ସେମିକଣ୍ଡକ୍ଟର ମାନୁଫାକ୍ଟରିଂ ଓ ଫାବ୍‌ଲେସ୍ ନୀତି ଆଧାରରେ ଆନୁଷଙ୍ଗିକ ପ୍ରୋତ୍ସାହନ ପାଇପାରିବେ।

ଏହି ଅନ୍‌ଲାଇନ ଦ୍ୱାରା ଉଦ୍ୟୋଗୀମାନେ ଓଡ଼ିଶା ଆଇଟି, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର, ବିପିଓ, ସେମି କଣ୍ଡକ୍ଟର ମାନୁଫାକ୍ଟରିଂ ଆଣ୍ଡ ଫାବ୍‌ଲେସ ପଲିସି ଅଧୀନରେ ପ୍ରୋତ୍ସାହନ ରାଶି ଅନୁମୋଦନ ପାଇପାରିବେ। ଏଥିରେ ବ୍ୟକ୍ତିଗତ ଆବେଦନପତ୍ର ଦେବା ବଦଳରେ ସହଜରେ ଆବେଦନପତ୍ର ଦାଖଲ କରିବା ସହ ଡକ୍ୟୁମେଣ୍ଟ ଅପ୍‌ଲୋଡ, ସିଙ୍ଗଲ୍‌ୱିଣ୍ଡୋ ପୋର୍ଟାଲ ସୁବିଧା, ଆବେଦନପତ୍ରର ଭୁଲ ଯାଞ୍ଚ ଏବଂ ମେସେଜ ଆଲର୍ଟ ଭଳି ସୁବିଧା ରହିବ। ଏହାଛଡ଼ା ଏଥିରେ ଅଣସ୍ୱୀକୃତି ☞ପୃଷ୍ଠା-୯

# ଆଜିଠୁ ମାଟ୍ରିକ୍ ଖାତାଦେଖା

**କଟକ,୧୪।୩ (କାର୍ତ୍ତିକ ସାହୁ)**

ଚଳିତବର୍ଷର ମାଟ୍ରିକ୍, ମଧ୍ୟମା ଓ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଖାତା ମୂଲ୍ୟାୟନ ଶୁକ୍ରବାରଠାରୁ ଆରମ୍ଭ ହେବ। ଏଥିପାଇଁ ୧୫,୦୦୦ରୁ ଊର୍ଦ୍ଧ୍ୱ ପରୀକ୍ଷକ ନିୟୋଜିତ ହୋଇଛନ୍ତି। ପରୀକ୍ଷକମାନଙ୍କର ତାଲିମ ଶେଷ ହୋଇଛି। ସେମାନେ ମୂଲ୍ୟାୟନ କେନ୍ଦ୍ରରେ ଯୋଗଦେଇସାରିଛନ୍ତି। ଜିଲା ଶିକ୍ଷାଧିକାରୀମାନେ ମୂଲ୍ୟାୟନ କେନ୍ଦ୍ର ପରିଚାଳନାକୁ ପ୍ରତ୍ୟକ୍ଷ ଭାବେ ତଦାରଖ କରୁଛନ୍ତି। ରାଜ୍ୟରେ ମୋଟ ୫୬ଟି ମୂଲ୍ୟାୟନ କେନ୍ଦ୍ର କରାଯାଇଛି। ମୂଲ୍ୟାୟନ ଆରମ୍ଭ ହେବାର ୧୫ ଦିନ ମଧ୍ୟରେ ଖାତାଦେଖା କାର୍ଯ୍ୟ ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି। ସୂଚନାଯୋଗ୍ୟ, ଚଳିତବର୍ଷ ୫ ଲକ୍ଷ ୫୧ ହଜାର ୬୧୧ ଜଣ ମାଟ୍ରିକ୍, ୭,୮୩୧ ଜଣ ମୁକ୍ତ ବିଦ୍ୟାଳୟ ଓ ୩,୦୩୭ ଜଣ ଛାତ୍ରୀଛାତ୍ର ମଧ୍ୟମା ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିଲେ। ରାଜ୍ୟରେ ମୋଟ ୩,୦୪୭ଟି ପରୀକ୍ଷା କେନ୍ଦ୍ର ଓ ପ୍ରଶ୍ନପତ୍ର ଗଚ୍ଛିତ ପାଇଁ ୩୧୩ ନୋଡାଲ କେନ୍ଦ୍ର କରାଯାଇଥିଲା।

# ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪% ବୃଦ୍ଧି

**ଭୁବନେଶ୍ୱର,୧୪।୩(ଅନିଲ ଦାସ)**

ରାଜ୍ୟ ସରକାରୀ କର୍ମଚାରୀ ଓ ପେନ୍‌ସନଭୋଗୀଙ୍କ ପାଇଁ ଖୁସି ଖବର। ରାଜ୍ୟ ସରକାର କର୍ମଚାରୀମାନଙ୍କ ପାଇଁ ୪% ମହଙ୍ଗା ଭତ୍ତା (ଡିଏ) ବୃଦ୍ଧି କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଏହି ଘୋଷଣା କରିଛନ୍ତି। ଏହି ବୃଦ୍ଧି ସହିତ ରାଜ୍ୟ ସରକାରୀ କର୍ମଚାରୀଙ୍କ ମହଙ୍ଗା ଭତ୍ତା ୪୬%ରୁ ୫୦%କୁ ବୃଦ୍ଧିପାଇଛି। ବର୍ଦ୍ଧିତ ମହଙ୍ଗା ଭତ୍ତା ୨୦୨୪ ଜାନୁଆରୀ ପହିଲାରୁ ପିଛିଲା ଭାବେ ଲାଗୁ ହେବ। ଏହା ଦ୍ୱାରା ୪.୫ ଲକ୍ଷ କର୍ମଚାରୀ ଓ ୩.୫ ଲକ୍ଷ ପେନ୍‌ସନଭୋଗୀ ଉପକୃତ ହେବେ।




# ଫୋର୍ବ୍ସରେ ମାଲକାନଗିରିର ଜୟନ୍ତୀ

**ମାଲକାନଗିରି, ୧୪।୩ (ଦୁର୍ଯ୍ୟୋଧନ ପାତ୍ର)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ମାଗାଜିନ୍ ଫୋର୍ବ୍ସ ପକ୍ଷରୁ ଦେଶର ୨୩ ଶକ୍ତିଶାଳୀ ମହିଳାଙ୍କୁ ଚୟନ କରାଯାଇଥିବାବେଳେ ଓଡ଼ିଶାରୁ ମାଲକାନଗିରିର ଆଦିବାସୀ ଝିଅ ଜୟନ୍ତୀ ବୁରୁଦା ଏହି ତାଲିକାରେ ସାମିଲ ହୋଇଛନ୍ତି। ଜୟନ୍ତୀ ପ୍ରଥମ ଆଦିବାସୀ ଝିଅ ଯିଏ କି ଏନ୍‌ଡବ୍ଲ୍ୟୁଏମ୍‌ଆଇରୁ ଫେଲୋଶିପ୍ ଗ୍ରହଣ କରିଥିଲେ। ପରେ ଜଙ୍ଗଲ ରାଣୀ ଇନିସିଏଟିଭ ଆରମ୍ଭ କରି ଆଦିବାସୀ ଝିଅମାନଙ୍କୁ ଟେକ୍ନୋଲୋଜି ଶିକ୍ଷା ଦେଉଛନ୍ତି। ଫଳରେ ଦୁର୍ଗମ ଅଞ୍ଚଳର ପ୍ରତିଟି ଖବର ସମସ୍ତଙ୍କ ପାଖରେ ପହଞ୍ଚିପାରିବ। ଏହାସହ ପ୍ରାୟ ୬ ବର୍ଷ ପୂର୍ବରୁ ବଡ଼ ଦିଦି ନାମକ ଏକ ସଂଗଠନ କରି ଋତୁସ୍ରାବ ବିଷୟରେ ଆଦିବାସୀ ମହିଳା ଓ ଯୁବତୀଙ୍କୁ ସେ ସଚେତନ କରୁଛନ୍ତି। ୨୦୧୭ରେ ପ୍ରାୟ ୨୦ ଜଣ ଶିକ୍ଷିତ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ବଡ ଦିଦି ସଂଗଠନ।



ଜୟନ୍ତୀ ବୁରୁଦା

ଦୁର୍ଗମ ବଣ୍ଡାଘାଟିର ବିଭିନ୍ନ ଗାଁରେ ଘରକୁ ଘର ବୁଲି ପ୍ରଥମେ ଯୁବତୀମାନଙ୍କୁ ଋତୁସ୍ରାବ ସମୟରେ ହେଉଥିବା ସମସ୍ୟା ଓ ସାନିଟାରି ପ୍ୟାଡ୍ ବ୍ୟବହାର ବିଷୟରେ ସଚେତନତା ଅଭିଯାନ ଆରମ୍ଭ କରିଥିଲେ। ଆଭ୍ୟନ୍ତରୀଣ ଅଞ୍ଚଳରେ ସାନିଟାରି ପ୍ୟାଡ୍ ମିଳିପାରୁ ନ ଥିବାରୁ ବଦାନ୍ୟ ବ୍ୟକ୍ତିଙ୍କ ସହାୟତାରେ ଘରେ ଘରେ ଏହା ବାଣ୍ଟିବା ଆରମ୍ଭ କଲେ ଜୟନ୍ତୀ; ଯାହାକି ତାଙ୍କୁ ଏକ ନୂତନ ପରିଚୟ ଦେଇଥିବା ବେଳେ ସେ ଫୋର୍ବସ ମାଗାଜିନ୍‌ରେ ସ୍ଥାନିତ ହୋଇପାରିଥିବାରୁ ଖୁସି ବ୍ୟକ୍ତ କରିଛନ୍ତି।

ବର୍ତ୍ତମାନ ମାନବଜାତିର କାର୍ଯ୍ୟକଳାପ, ଆଗ୍ରହ, ଇତସ୍ତତଃ ଧାବନ, ଦ୍ରୁତ ଅଗ୍ରଗତି, ଅନ୍ୱେଷଣ, ଖନନ ଓ ଭିତ୍ତିସ୍ଥାପନକୁ ଏବଂ ଅବତାର ଓ ବିଭୂତିମାନଙ୍କର ଆଗମନକୁ- ଅଧିକ ପରିମାଣରେ ଜାଗ୍ରତ ହେବାକୁ ଓ ଗୋଟିକି ପଛରେ ଗୋଟିଏ ଲାଗି ଲାଗି ବିଚରଣ କରିବାକୁ ଦେଖ। ଏ ସବୁ ଲକ୍ଷଣ ଦେଖି କ'ଣ ବୁଝାପଡୁ ନାହିଁ ଯେ ସମସ୍ତ ଅବତାର ଗଣ କଳିଯୁଗରେ ପ୍ରଥମ ସତ୍ୟଯୁଗ ପ୍ରତିଷ୍ଠା ପାଇଁ ଆସୁଛନ୍ତି ? -ଶ୍ରୀଅରବିନ୍ଦ



# ଆମେରିକାର ଆଧିପତ୍ୟ ପ୍ରତି ବିପଦ



ମାଇକେଲ ଇଗ୍ନାଟିଫ୍

ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ସଂଘର୍ଷ ଜାରି ରହିଛି। ଆଉ ପ୍ରାୟ ମାସେ ଭିତରେ ୟୁକ୍ରେନ୍‌ର ଆର୍ଟିଲାରି ସେଲ୍ ସବୁ ଶେଷ ହେବାକୁ ଥିବାବେଳେ ଆମେରିକା କଂଗ୍ରେସ ଅଧିକ ପଠାଇବାକୁ ରାଜିହୋଇ ନ ପାରେ। ଇତିମଧ୍ୟରେ ରୁଷିଆର ବିରୋଧୀ ଦଳର ନେତା ଆଲେକ୍ସି ନାଭାଲ୍‌ନିଙ୍କର ମୃତ୍ୟୁ ଘଟିଛି। ଗାଜାରେ ନରସଂହାର ଶେଷ ହେବ ବୋଲି ଜଣାପଡୁନାହିଁ। ୟେମେନୀ ହୁତିମାନେ ଲୋହିତ ସାଗରରେ ଜାହାଜ ଉପରେ ଆକ୍ରମଣ କରୁଛନ୍ତି। ଉତ୍ତର କୋରିଆବାସୀ ମହାଦେଶ ମଧ୍ୟରେ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷା କରୁଛନ୍ତି। ୧୯୪୫ ପରବର୍ତ୍ତୀ ବିଶ୍ୱ ବ୍ୟବସ୍ଥା, ଯାହା ଅନ୍ତର୍ଜାତୀୟ ଆଇନ ଭାବେ ଲିଖିତ ଓ ମିଳିତ ଜାତିସଂଘ ଦ୍ୱାରା ଅନୁମୋଦିତ , ତାହା ଏବେ ସୂତା ଖିଅରେ ଝୁଲୁଛି।

ଆମେରିକା ଏବେ ଏହାର ସାମର୍ଥ୍ୟର ସୀମା ବାହାରେ କାମ କରୁଛି। ୟୁରୋପ ମନେକରୁଛି , ଆସନ୍ତା ନଭେମ୍ବରରେ ନାଟୋ ଚୁକ୍ତିର ଧାରା ଅନୁଯାୟୀ ଆମେରିକା ଆଉ ସାମୂହିକ ପ୍ରତିରକ୍ଷା ଦାୟିତ୍ୱ ପୂରଣ କରିପାରିବ ନାହିଁ। ଏଭଳି ନୂଆ ଅନିଶ୍ଚିତତାକୁ ଲକ୍ଷ୍ୟକରି ୟୁରୋପ ଏହାର ପ୍ରତିରକ୍ଷା ଉତ୍ପାଦନ ବୃଦ୍ଧି କରୁଛି। ୟୁରୋପୀୟ ନେତାମାନେ ସେମାନଙ୍କ ଭୋଟରମାନଙ୍କୁ ବୁଝାଇବାକୁ ସାହସ କରୁନାହାନ୍ତି ଯେ, ସେମାନଙ୍କ ସୁରକ୍ଷା ପାଇଁ ସେମାନଙ୍କୁ ଜିଡିପିର ୨% ବ୍ୟୟ କରିବା ଦରକାର ପଡ଼ିବ। ସମଗ୍ର ଆଟ୍‌ଲାଣ୍ଟିକ୍‌ରେ ଏକତା ବଜାୟ ରଖିଥିଲେ ମଧ ଏହା ମଧ୍ୟପ୍ରାଚ୍ୟର ବିଭିନ୍ନ ଗୋଷ୍ଠୀ ଓ ଦେଶ ମଧ୍ୟରେ ଥିବା ରଣନୈତିକ ମେଣ୍ଟ ଓ ଭୂରାଜନୈତିକ ପ୍ରତିରୋଧର ସମ୍ମୁଖୀନ ହେଉଛି, ଯାହା ଏକ ନିରନ୍ତର ଆହ୍ୱାନ ସହିତ ପାଶ୍ଚାତ୍ୟ ଆଧିପତ୍ୟକୁ ବିପଦରେ ପକାଇପାରେ। ଏଭଳି ପ୍ରତିରୋଧର ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି, ଚାଇନା ଓ ରୁଷିଆ ମେଣ୍ଟର ଅସୀମ ଭାଗୀଦାରି। ରୁଷିଆର ଅସ୍ତ୍ରଶସ୍ତ୍ର ଲାଗି ଚାଇନା ଅତ୍ୟାଧୁନିକ ବୈଦ୍ୟୁତିକ ଉପକରଣ ଯୋଗାଉଥିବାବେଳେ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଶସ୍ତା ତେଲ ଚାଇନାକୁ ଦେଉଛନ୍ତି। ସେମାନେ ଏକାଠି ୟୁରୋପ ଓ ଏସିଆର ଅଧିକାଂଶ ଦେଶରେ ସେମାନଙ୍କ ଏକଚ୍ଛତ୍ରବାଦୀ ଶାସନ ଜାହିର କରିଛନ୍ତି।

ଯଦି ୟୁକ୍ରେନ୍‌ର କ୍ଲାନ୍ତ ଯୋଦ୍ଧାମାନେ କ୍ରିମିଆ ଏବଂ ଡୋନ୍‌ବାସ୍ ଅଞ୍ଚଳ ଉପରେ ରୁଷିଆର ସାର୍ବଭୌମତ୍ୱକୁ ସ୍ୱୀକାର କରିବାକୁ ବାଧ୍ୟ ହୁଅନ୍ତି, ତେବେ ପାଶ୍ଚାତ୍ୟ ବିରୋଧୀ ଏସୀୟ(ରୁଷିଆ, ଚାଇନା ଓ ଇରାନ) ଏକଚ୍ଛତ୍ରବାଦୀ ମେଣ୍ଟ ସେମାନଙ୍କ ଶକ୍ତି ଦ୍ୱାରା ୟୁରୋପୀୟ ଭୂସୀମା ପରିବର୍ତ୍ତନ କରିବାରେ ସଫଳ ହେବ। ଏହା ହାସଲ କଲେ ୟୁରୋପ ଓ ଏସିଆରେ ବିପଜ୍ଜନକ ସ୍ଥିତିରେ ଥିବା ପ୍ରତ୍ୟେକ ଦେଶ



ଯଥା ତାଇୱାନ, ବଲ୍‌ଟିକ ଦେଶ (ଇଷ୍ଟୋନିଆ, ଲାଟ୍‌ଭିଆ ଲିଥୁଆନିଆ) ଏପରିକି ପୋଲାଣ୍ଡ ପ୍ରତି ବିପଦ ସୃଷ୍ଟି ହେବ। ଏହି ଉଭୟ ଏକଚ୍ଛତ୍ରବାଦୀ ଶାସନ ଅନ୍ତର୍ଜାତୀୟ ଆଇନକୁ ଭୁଲି ଜାତିସଂଘର ସୁରକ୍ଷା ପରିଷଦରେ ସେମାନଙ୍କର ଭିଟୋ ପ୍ରୟୋଗ କରିବେ। ଏକଚ୍ଛତ୍ରବାଦୀ ଶାସନର ଏହି ସହଭାଗିତା ଇରାନ ଏବଂ ଉତ୍ତର କୋରିଆର ନେତୃତ୍ୱରେ ଅଧିକାରର ଅପବ୍ୟବହାର କରୁଥିବା ଏକ ଗୋଷ୍ଠୀ ସହ ନିବିଡ଼ ଭାବେ କାର୍ଯ୍ୟ କରୁଛି। ଉତ୍ତର କୋରିଆ ପୁଟିନ୍‌ଙ୍କୁ ଆର୍ଟିଲେରି ସେଲ୍ ଯୋଗାଉଛି। ଇରାନର ଡ୍ରୋନ୍ ୟୁକ୍ରେନୀୟମାନଙ୍କୁ ସୁଡ଼ଙ୍ଗରେ ଆତଙ୍କିତ କରୁଛି। ଏହି ସମୟରେ ଇରାନର ଏଜେଣ୍ଟ ଭାବେ ହାମାସ, ହିଜ୍‌ବୁଲ୍ଲା ଓ ହୁତିମାନେ ସାହାଯ୍ୟ କରୁଛନ୍ତି। ଆମେରିକା ଏବଂ ଇସ୍ରାଏଲକୁ ଦବାଇଦେବା ଲାଗି ରୁଷିଆ ଓ ଚାଇନା ଚେଷ୍ଟା କରୁଛନ୍ତି।

ଏକଚ୍ଛତ୍ରବାଦୀ ଧମକ ବିରୋଧରେ ସମଗ୍ର ବିଶ୍ୱରେ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ଆମେରିକା ଏବଂ ୟୁରୋପ ସହ ଯୋଗଦେବେ ବୋଲି ଯାହା ମନେକରାଯାଉଛି ତାହା ଭ୍ରମ ମନେହୁଏ। ଗ୍ଲୋବାଲ ନର୍ଥର ଯୁଦ୍ଧରେ ଜଡିତ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡିକ ସହିତ ଯୋଗଦେବା ପରିବର୍ତ୍ତେ ଗ୍ଲୋବାଲ ସାଉଥର ବିକାଶଶୀଳ ଗଣତନ୍ତ୍ରିକ ଦେଶଗୁଡ଼ିକ (ବ୍ରାଜିଲ, ଭାରତ ଏବଂ ଦକ୍ଷିଣ ଆଫ୍ରିକା) ଗଣଦମନ, ଗୋଟିଏ ଅଞ୍ଚଳରେ ସବୁ ଲୋକଙ୍କୁ ନିର୍ଯାତନା (ଚାଇନାର ଉଇଗର ଘଟଣା) ଏବଂ ଲଜ୍ଜାଜନକ ତଥା ନିଷ୍ଠୁର ହତ୍ୟା (ନାଭାଲ୍‌ନିଙ୍କ ହତ୍ୟା) ଜାରି ରଖିଥିବା ଶାସନ ସହ ରହିବାକୁ ଲଜ୍ଜାବୋଧ କରୁନାହାନ୍ତି।

ଏହା ନିଶ୍ଚିତ ଯେ, ଏକଚ୍ଛତ୍ରବାଦୀ ମେଣ୍ଟ ବର୍ତ୍ତମାନ ଆମେରିକାର ଶକ୍ତିକୁ ବିରୋଧ କରିବାକୁ ଏକାଠି ହୋଇଛି। ଅନ୍ୟପକ୍ଷରେ ନିଜର ଚରମ ସ୍ୱାର୍ଥକୁ ନେଇ ଏହି ଗୋଷ୍ଠୀ ବିଭାଜିତ। ଆମେରିକାର ମେଣ୍ଟ ଓ ଅବରୋଧ ଦ୍ୱାରା ପରିଚାଳିତ ଏକ ବୈଶ୍ୱିକ ଅର୍ଥ ବ୍ୟବସ୍ଥା ଉପରେ ଉଭୟ ରୁଷିଆ ଓ ଚାଇନା ପରାଶ୍ରୟୀ ହିତାଧିକାରୀ ଭାବେ ରହିଆସିଛନ୍ତି। ସେଥିପାଇଁ ସେମାନେ ସିଧାସଳଖ ଆଧିପତ୍ୟକୁ ଚ୍ୟାଲେଞ୍ଜ କରିବାକୁ ଆଗପଛ ହେଉଛନ୍ତି। ତଥାପି, ସେମାନେ ଜଟିଳ ସ୍ଥିତିରୁ ଲାଭ ଉଠାଇବାକୁ ଚାହାନ୍ତି। ସେମାନେ କେବଳ ଆମେରିକାର କଟକଣାରୁ ରକ୍ଷା ପାଇନାହାନ୍ତି, ବରଂ ପ୍ରତିବନ୍ଧିତ ବଜାର ଉପରେ ନିର୍ଭର ନ କରି ତା' ବଦଳରେ ଲାଟିନ ଆମେରିକା, ଏସିଆ ଏବଂ ଭାରତର ନୂତନ ବଜାରକୁ ନେଇ ଉନ୍ନତି ଜାରି ରଖିଛନ୍ତି। ଉଭୟ ରୁଷିଆ ଓ ଚାଇନା ଜାଣିପାରିଛନ୍ତି ଯେ, ଆମେରିକା ନିୟନ୍ତ୍ରିତ ବିଶ୍ୱ ଅର୍ଥ ବ୍ୟବସ୍ଥା ପୂର୍ବେ ଯାହା ଥିଲା ଏବେ ଆଉ ସେମିତି ନାହିଁ। ତେବେ ସାମ୍ପ୍ରତିକ ସ୍ଥିତିରେ ଆମେରିକାର କୂଟନୀତି ଏବଂ ପ୍ରତିରୋଧ ସଫଳତାର ସହିତ ଏକଚ୍ଛତ୍ରବାଦୀ ମେଣ୍ଟକୁ ବିଭକ୍ତ କରି ରଖିଛି। ସିଆଇଏ ନିର୍ଦ୍ଦେଶକ ୱିଲିୟମ୍ ବର୍ନସ ଏବଂ ଜାତୀୟ ସୁରକ୍ଷା ପରାମର୍ଶଦାତା ଜାକେ ସଲିଭାନ୍ ଚାଇନା ପାଇଁ ସମ୍ପର୍କର ବାଟ ଖୋଲା ରଖୁଛନ୍ତି। ଇରାନ ବିରୋଧରେ ଆମେରିକାର ଆକ୍ରମଣ ବୋଧହୁଏ ହିଜ୍‌ବୁଲ୍ଲା ଏବଂ ଇରାକରେ ଥିବା ଉଗ୍ରବାଦୀଙ୍କ ଉପରେ ନିର୍ଭର କରିବାର ଫଳ ଧର୍ମୀୟ ଶାସକଙ୍କୁ ଚେତାଇ ଦେଇଛି। ଏହି ରଣନୀତିକ କୌଶଳକୁ ଚାଇନା ଓ ରୁଷିଆ ଏକ ସୁଯୋଗ ଭାବି ଲାଭ ଉଠାଇବାକୁ ବିଚାର କରିବା ଠିକ୍ ହୋଇ ନ ପାରେ। ଯଦି ସେମାନେ ୟୁକ୍ରେନ୍ ଏବଂ ତାଇୱାନ ବିରୋଧରେ ଏକ ସମନ୍ୱିତ, ଏକକାଳୀନ ଆକ୍ରମଣ କରିବାକୁ ନିଷ୍ପତ୍ତି ନେଇ ଆମେରିକା ପ୍ରତି ଅତ୍ୟଧିକ ଚ୍ୟାଲେଞ୍ଜ ସୃଷ୍ଟି କରନ୍ତି, ତେବେ ଆମେରିକା ଅସ୍ତ୍ରଶସ୍ତ୍ର ଏବଂ ପ୍ରଯୁକ୍ତିବିଦ୍ୟା ପହଞ୍ଚାଇବାକୁ ଚେଷ୍ଟା କରିବ।

ଆଣବିକ ଅସ୍ତ୍ରଗୁଡିକ ଚାଇନା ଏବଂ ରୁଷିଆକୁ ତାଇୱାନ ଓ ଅବଶିଷ୍ଟ ୟୁକ୍ରେନ୍‌କୁ ନେବା ପାଇଁ ଏକ ସମନ୍ୱିତ ପ୍ରୟାସରୁ ନିବୃତ୍ତ କରିପାରିବ ନାହିଁ। ସବୁ ପକ୍ଷ ଏକ ଭୟଙ୍କର ମୂଲ୍ୟ ଦେବେ। କିନ୍ତୁ ରୁଷିଆ ୟୁକ୍ରେନ୍‌ରେ ନିବେଶ କରିବାକୁ ଇଚ୍ଛୁକ ବୋଲି ଦର୍ଶାଇଛି। ଉଭୟ ଚାଇନା ଓ ରୁଷିଆ ବିଶ୍ୱାସ କରିପାରନ୍ତି ଯେ ଆମେରିକାର ଆଧିପତ୍ୟକୁ ହଟାଇବା ପାଇଁ ଆଉ ଅଧିକ ସୁବିଧାଜନକ ମୁହୂର୍ତ୍ତ ଆସିବ ନାହିଁ। ତେବେ ବର୍ତ୍ତମାନର ଏପରି ସଂଘର୍ଷର ପରିଣାମ କ'ଣ ହେବ ତାହା କାହାରି ଧାରଣା ନାହିଁ। ଆମେ ଅନୁମାନ ମଧ୍ୟ କରିପାରିବୁ ନାହିଁ, ଯେପରି ଆମେ ସର୍ବଦା କରିଛୁ, ଦୁଇଟି ଭୟଙ୍କର ଶକ୍ତିରୁ ଏକକାଳୀନ ଚ୍ୟାଲେଞ୍ଜର ସମ୍ମୁଖୀନ ହେଲେ ଆମେରିକା ବିଜୟୀ ହେବ ବୋଲି। ତେବେ ଏକଚ୍ଛତ୍ରବାଦୀ ମେଣ୍ଟକୁ ଏକ ପୂର୍ଣ୍ଣକାଳୀନ ମେଣ୍ଟ ନ କରାଇବା ହିଁ ଆମେରିକାର ପ୍ରାଥମିକତା ହେବା ଉଚିତ।

**ପ୍ରାଧ୍ୟାପକ(ହିଷ୍ଟ୍ରି ଆଣ୍ଡ ରେକ୍ଟର ଏମେରିଟସ୍),**
**ସେଣ୍ଟ୍ରାଲ ୟୁରୋପିଆନ ୟୁନିଭର୍ସିଟି( ଭିଏନା)**

# ମହିଳା କଲ୍ୟାଣ ପାଇଁ ପ୍ରତିଯୋଗିତା



ସୌଭାଗ୍ୟ ରଞ୍ଜନ ମହାନ୍ତି

ଦେଶରେ ଲୋକ ସଭା ସହ କେତେକ ରାଜ୍ୟର ବିଧାନସଭା ନିର୍ବାଚନ ହେବାକୁ ଯାଉଛି। ମହିଳା ଭୋଟ ହାତେଇବା ପାଇଁ ଦଳଗୁଡ଼ିକ ମଧ୍ୟରେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ଘୋଷଣା ନେଇ ଏକ ପ୍ରକାର ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଆର୍ଥିକ ସହାୟତାଠାରୁ ଆରମ୍ଭ କରି ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦେବା ପ୍ରତିଶ୍ରୁତି ଏବେ ରାଜନୈତିକ ଦଳଗୁଡ଼ିକର ମୁଖ୍ୟ ନିର୍ବାଚନୀ ପ୍ରସଙ୍ଗ ପାଲଟିଛି। କେନ୍ଦ୍ରରେ କ୍ଷମତାସୀନ ଭାଜପା ସରକାର ଗୃହିଣୀମାନଙ୍କୁ ସନ୍ତୁଷ୍ଟ କରିବା ପାଇଁ ଗତ ଡିସେମ୍ବରରେ ଅନୁଷ୍ଠିତ ହୋଇଥିବା ୫ ରାଜ୍ୟର ବିଧାନସଭା ନିର୍ବାଚନ ଅବ୍ୟବହିତ ପୂର୍ବରୁ ହଠାତ୍ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ୨୦୦ଟଙ୍କା ହ୍ରାସ କରିଦେଇଥିଲେ। ସେହିପରି ମହିଳା ତୁଷ୍ଟୀକରଣ ଯୋଜନା ଭାବେ ପରିଚିତ 'ଉଜ୍ଜ୍ୱଳା'ର ହିତାଧିକାରୀଙ୍କ ପାଇଁ କେନ୍ଦ୍ର ସରକାର ରନ୍ଧନ ଗ୍ୟାସ୍‌ରେ ୩୦୦ଟଙ୍କାର ସ୍ୱତନ୍ତ୍ର ରିହାତି ଘୋଷଣା କରିଥିଲେ। ଏବେ ଦେଶରେ ସାଧାରଣ ନିର୍ବାଚନ ପାଖେଇ ଆସୁଥିବାବେଳେ ମହିଳା ଭୋଟଦାତାଙ୍କୁ ଆକୃଷ୍ଟ କରିବା ପାଇଁ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ଦର ଆଉ ୧୦୦ଟଙ୍କା କମାଇ ଦେଇଛନ୍ତି। କହିବା ବାହୁଲ୍ୟ ଯେ ୨୦୧୪ରେ ଭାଜପା କେନ୍ଦ୍ରରେ କ୍ଷମତାକୁ ଆସିବାବେଳେ ଦେଶରେ ରନ୍ଧନ ଗ୍ୟାସ୍‌ର ସିଲିଣ୍ଡର ପିଛା ମୂଲ୍ୟ ମାତ୍ର ୪୮୦ଟଙ୍କା ରହିଥିବାବେଳେ ଗତ ୧୦ବର୍ଷ ମଧ୍ୟରେ ଏହାର ମୂଲ୍ୟ ୧୧୫୦ଟଙ୍କା ଅତିକ୍ରମ କରିଥିଲା। କେବଳ ଭାଜପା ନୁହେଁ କଂଗ୍ରେସ ସମେତ ବହୁ ଦଳ ମଧ୍ୟ କ୍ଷମତାକୁ ଆସିଲେ ୫୦୦ଟଙ୍କାରେ ଗ୍ୟାସ୍ ସିଲିଣ୍ଡର ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇସାରିଲେଣି। କେବଳ ଏତିକି ନୁହେଁ, ଜାତୀୟ ରାଜଧାନୀ ଦିଲ୍ଲୀରେ କ୍ଷମତାସୀନ ଆମ୍ ଆଦମୀ ପାର୍ଟି (ଆପ୍) ସରକାର ଚଳିତ ବଜେଟରେ ୧୮ବର୍ଷରୁ ଊର୍ଦ୍ଧ୍ୱ ମହିଳା ଯେଉଁମାନେ ସରକାରୀ କର୍ମଚାରୀ କିମ୍ବା ଆୟକରଦାତା ନୁହନ୍ତି, ସେମାନଙ୍କୁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା ଦେବା ଲାଗି ଘୋଷଣା କରିଛନ୍ତି। ଏଥିଲାଗି ବଜେଟରେ ମଧ ବ୍ୟୟ ବରାଦ କରିଛନ୍ତି। ପୂର୍ବରୁ ଆପ୍ ସରକାର ଦିଲ୍ଲୀରେ ସରକାରୀ ବସ୍ ଏବଂ ମେଟ୍ରୋରେ ମାଗଣା ଯାତାୟାତ ସୁବିଧା ପ୍ରଦାନ କରିଛନ୍ତି। କେବଳ ଦିଲ୍ଲୀରେ ନୁହେଁ କଂଗ୍ରେସ କ୍ଷମତାସୀନ ଥିବା କର୍ନାଟକ, ତେଲଙ୍ଗାନା, ହିମାଚଳ ପ୍ରଦେଶରେ ଗରିବ, ଅସହାୟ, ବିଧବା, ଭିନ୍ନକ୍ଷମ ମହିଳାଙ୍କ ପାଇଁ ମାସିକ ୨୦୦୦ଟଙ୍କା ଲେଖାଏ ଆର୍ଥିକ ସହାୟତା(ଭତ୍ତା) ପ୍ରଦାନ କରୁଛନ୍ତି। ଲୋକ ସଭା ନିର୍ବାଚନରେ ଦଳ ଯଦି କ୍ଷମତାକୁ ଆସେ ତେବେ ମହିଳାଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ସୁବିଧା ସୁଯୋଗ ଦେବା ନେଇ ଦଳ ପକ୍ଷରୁ ଘୋଷଣା କରାଯାଇଛି।

ଆମ ରାଜ୍ୟ ସରକାର 'ଲକ୍ଷ୍ମୀବସ୍'ରେ ମହିଳାମାନେ ଗ୍ରାମଠାରୁ ବ୍ଲକ ପର୍ଯ୍ୟନ୍ତ ମାତ୍ର ୫ଟଙ୍କାରେ ଯାତାୟାତ ଯୋଜନା ଓ କାର୍ଯ୍ୟକାରୀ କରିଥିବାବେଳେ ବିଜୁ ସ୍ୱାସ୍ଥ୍ୟ ସ୍ମାର୍ଟ କାର୍ଡ ଯୋଜନାରେ ମହିଳାଙ୍କ ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ଚିକିତ୍ସା ସୁବିଧା କାର୍ଯ୍ୟକାରୀ କରିଛନ୍ତି। ସେହିପରି ମିଶନ ଶକ୍ତି ଯୋଜନାରେ ୭୦ଲକ୍ଷ ସ୍ୱୟଂ ସହାୟକଙ୍କୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିନା ସୁଧରେ ଋଣ, ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ପାଇଁ ବିନା ସୁଧରେ ୧ଲକ୍ଷ ଟଙ୍କା ଋଣ, ସରକାରୀ ଖର୍ଚ୍ଚରେ ଦୁବାଇ ଯାତ୍ରା ଆଦି ଯୋଜନା କାର୍ଯ୍ୟକାରୀ କରିଥିବାବେଳେ ସ୍ନାତକ ଓ ପିଜି ଛାତ୍ରୀଙ୍କୁ ବାର୍ଷିକ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ପଶ୍ଚିମବଙ୍ଗରେ ତୃଣମୂଳ କଂଗ୍ରେସ ସରକାର ମଧ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ପାରିଶ୍ରମିକ ଦ୍ୱିଗୁଣିତ କରିଛନ୍ତି। କେନ୍ଦ୍ରରେ କ୍ଷମତାସୀନ ଭାଜପା ନିକଟରେ ନାରୀ ଶକ୍ତି ଅଧିନିୟମ ଗୃହୀତ କରାଇ ଲୋକ ସଭା ଓ ବିଧାନସଭାରେ ଏକ ତୃତୀୟାଂଶ ଆସନ ସଂରକ୍ଷଣ ଆଇନ ପ୍ରଣୟନ କରିଛନ୍ତି। ଏହା ନିଃସନ୍ଦେହ ଯେ ମହିଳାଙ୍କ ଭୋଟ ହାତେଇବା ଲାଗି ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ମହିଳା ସଶକ୍ତୀକରଣ, ଆର୍ଥିକ ସଶକ୍ତୀକରଣ ଏବଂ ବିଭିନ୍ନ ମହିଳାକୈନ୍ଦ୍ରିକ ଯୋଜନା ପାଇଁ ପ୍ରତିଯୋଗିତା ଚାଲିଥିବାବେଳେ ତାମିଲନାଡୁର ପୂର୍ବତନ ମୁଖ୍ୟମନ୍ତ୍ରୀ ଜୟଲଳିତା ହେଉଛନ୍ତି ମହିଳାକୈନ୍ଦ୍ରିକ କଲ୍ୟାଣ ଯୋଜନା କାର୍ଯ୍ୟକାରୀ କରିବାରେ ଅଗ୍ରଦୂତ। ଏହା ନିଶ୍ଚିତ ଯେ, ମହିଳା ସଶକ୍ତୀକରଣ ତଥା ମହିଳାଙ୍କ ଉନ୍ନତି ପାଇଁ ମହିଳାକୈନ୍ଦ୍ରିକ ଯୋଜନା ନିମନ୍ତେ ରାଜନୈତିକ ଦଳଗୁଡ଼ିକ ମଧ୍ୟରେ ପ୍ରତିଯୋଗିତା ଚାଲିଥିବାବେଳେ ଦେଶରେ ଲିଙ୍ଗଗତ ଭେଦଭାବର ଶିକାର ଏବେ ବି ହେଉଛନ୍ତି। କିନ୍ତୁ ଆମ ସମ୍ବିଧାନ ସମସ୍ତଙ୍କୁ ସମାନ ଅଧିକାର ଦେଇଛି। ଏଥିପ୍ରତି ରାଜନୈତିକ ଦଳଗୁଡ଼ିକ ଧ୍ୟାନ ଦେବା ଜରୁରୀ।

**ଗଙ୍ଗୋତ୍ରୀ ନଗର, ଶିଶୁପାଳଗଡ଼**
**ମୋ:୯୪୩୭୯୯୪୩୭୯**

## ଏଇ ଭାରତରେ

କିନ୍ନରଙ୍କ ଜୀବନ ସଂଘର୍ଷମୟ। ସମାଜରେ ବଞ୍ଚିରହିବା ଲାଗି ସେମାନେ ବିଭିନ୍ନ କାର୍ଯ୍ୟ କରୁଥିଲେ ବି ସେମାନଙ୍କୁ ଲୋକେ ଭିନ୍ନ ଦୃଷ୍ଟିରେ ଦେଖନ୍ତି। ଏମିତି ଜଣେ କିନ୍ନର ହେଉଛନ୍ତି ପଶ୍ଚିମବଙ୍ଗର ସୁମି ଦାସ, ଯିଏ ବଞ୍ଚିବାକୁ ସଂଗ୍ରାମ କରି ସଫଳ ହୋଇ ଏବେ ଗରିବ ପିଲାମାନଙ୍କୁ ମାଗଣାରେ ଶିକ୍ଷା ଦେଉଛନ୍ତି। ସୁମି ୧୪ ବର୍ଷ ବୟସରେ ଘର ଛାଡ଼ି ଆସିଥିଲେ। ସେ ଜଲପାଇଗୁଡ଼ି ଷ୍ଟେଶନରେ ରହି ଭିକ୍ଷା କରି ଜୀବନ ବିତାଉଥିଲେ। କିନ୍ତୁ ଟ୍ରାନ୍ସଜେଣ୍ଡରଙ୍କ ପାଇଁ କାମ କରୁଥିବା ଏକ ସଂସ୍ଥା ତାଙ୍କୁ ଉଦ୍ଧାର କରିଥିଲା ଓ ତା'ସାହାଯ୍ୟରେ ସେ ଶିକ୍ଷାଲାଭ କରିଥିଲେ। ପ୍ରଥମେ ସେ ମୈତ୍ରୀ ସଂଯୋଗ ନାମକ ସୋସାଇଟି ଗଠନ କରି ଟ୍ରାନ୍ସଜେଣ୍ଡରଙ୍କୁ ଆତ୍ମନିର୍ଭରଶୀଳ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ସମାଜରେ କିଛି ପରିବର୍ତ୍ତନ ଆଣିବାକୁ ହେଲେ ଗରିବ ପିଲାଙ୍କୁ ଶିକ୍ଷିତ କରିବା ଜରୁରୀ ବୋଲି ମନେକରି ସେ ମୈତ୍ରୀ ସଂଯୋଗ ଗୁରୁକୁଳ ଖୋଲି ସେଠାରେ ଏବେ ୨୯ ପିଲାଙ୍କୁ ପଢ଼ାଉଛନ୍ତି। ପିଲାମାନେ ସେଠାରେ ରହୁଛନ୍ତି। ସେମାନଙ୍କ ସବୁ ଖର୍ଚ୍ଚ ମଧ୍ୟ ସୁମି ବହନ କରୁଛନ୍ତି। ସେମାନେ ବଡ଼ ହେଲେ ଜଣେ ଟ୍ରାନ୍ସଜେଣ୍ଡର ତାଙ୍କୁ ପଢ଼ାଇ ମଣିଷ କରିଛନ୍ତି ବୋଲି ଗର୍ବରେ କହିପାରିବେ ବୋଲି କୁହନ୍ତି ସୁମି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

**୧୫ ମାର୍ଚ୍ଚ ୧୯୭୫**

- ରାଜ୍ୟର ବିଶିଷ୍ଟ ସଙ୍ଗୀତ ଶିଳ୍ପୀ ସିଂହରୀ ଶ୍ୟାମସୁନ୍ଦର କରଙ୍କ ୬୮ ବର୍ଷ ବୟସରେ ପରଲୋକ।
- ତାମିଲନାଡୁର ଓରକୋଟ୍ ଜିଲାର ଏକ ପୁରୁଣା ମନ୍ଦିରର ମଣ୍ଡପ ଓ କାନ୍ଥ ଭାଙ୍ଗିପଡ଼ିବା ଫଳରେ ୧୯ ଜଣଙ୍କ ମୃତ୍ୟୁ।
- ଥାଇଲାଣ୍ଡର ନୂତନ ପ୍ରଧାନମନ୍ତ୍ରୀ ରୂପେ ୬୩ ବର୍ଷୀୟ କୁକ୍ରିଟ ପ୍ରମୋଦ ନିର୍ବାଚିତ।

# ବିଚାର ବ୍ୟବସ୍ଥାରେ ସଂସ୍କାର ଲୋଡ଼ା



ଡ. ଜୟଦେବ ସାହୁ

ଭାରତର ସର୍ବୋଚ୍ଚ ନ୍ୟାୟାଳୟ ବିଶ୍ୱର ଏକ ଶକ୍ତିଶାଳୀ ନ୍ୟାୟାଳୟ ଭାବରେ ପରିଗଣିତ। ଏକ ଶକ୍ତ ବିଚାର ବ୍ୟବସ୍ଥା ପାଇଁ ହିଁ ବିଶ୍ୱରେ ଭାରତ ଏକ ଆଦର୍ଶ ଗଣତାନ୍ତ୍ରିକ ରାଷ୍ଟ୍ର। ସବୁବେଳେ ନ୍ୟାୟାଳୟ ଚେଷ୍ଟା କରି ଆସିଛି ନିରପେକ୍ଷ ହୋଇ ମାମଲାଗୁଡ଼ିକର ଫଇସଲା କରିବା ପାଇଁ। ତେବେ ଭାରତୀୟ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ନୁହେଁ। ସେଥିପାଇଁ ବିଭିନ୍ନ ସମୟରେ ବିଚାର ବ୍ୟବସ୍ଥାରେ ସଂସ୍କାର ଆଣିବାର ପ୍ରଚେଷ୍ଟା କରାଯାଇଛି। ନିକଟରେ ମାନ୍ୟବର ସୁପ୍ରିମ କୋର୍ଟ ବିଚାର ବ୍ୟବସ୍ଥାରେ ଥିବା ତ୍ରୁଟିକୁ ନେଇ ବିଶେଷ ଚିନ୍ତା ପ୍ରକଟ କରିଛନ୍ତି। ଦୀର୍ଘ ୩୦ ବର୍ଷ ଧରି ଜଣେ କାରାବାସ କଲାପରେ ସେ ନିର୍ଦ୍ଦୋଷରେ ଖଲାସ ହେଲା ଶୀର୍ଷ ଅଦାଲତ ଦ୍ୱାରା। ଅଦାଲତ ନିଜେ ବ୍ୟଥିତ ହୋଇ ପଡ଼ିଛନ୍ତି ଏହି ମାମଲାରେ। ଏହା କେବଳ ଗୋଟିଏ ଘଟଣା ନୁହେଁ, ଏଭଳି ଅନେକ ସଂଖ୍ୟାରେ ଲୋକମାନେ ବିନା ଦୋଷରେ କାରାଗାରର ଅନ୍ଧାର କୋଠରିରେ ନିଜ ଜୀବନ ଦୀପକୁ ନିର୍ବାପିତ କରୁଛନ୍ତି। ଅନେକ କାରଣ ଯୋଗୁ ନ୍ୟାୟ ଠିକ୍ ସମୟରେ ମିଳୁ ନ ଥିବାରୁ ଦୋଷୀ ଖସି ଯିବାରେ ସଫଳ ହେଉଛି ଏବଂ ବିଳମ୍ବିତ ନ୍ୟାୟ ନିର୍ଦ୍ଦୋଷଙ୍କ ପାଇଁ ଏକ ଶାସ୍ତି ସଦୃଶ। କଥାରେ ଅଛି ବିଳମ୍ବିତ ନ୍ୟାୟ ଅନ୍ୟାୟ। ଅନେକ ନିର୍ଦ୍ଦୋଷ ବ୍ୟକ୍ତି ନ୍ୟାୟ ବ୍ୟବସ୍ଥାରେ ଥିବା ଫାଙ୍କ ଯୋଗୁ ଖଲାସ ହେବାର ଅନେକ ନଜିର ରହିଛି।

ଏକ ତଥ୍ୟ ଅନୁସାରେ ପଶ୍ଚିମବଙ୍ଗର ଜଲପାଇଗୁଡ଼ି ମାଲଦା ଅଦାଲତରେ ୧୯୫୨ ଏପ୍ରିଲ ୪ ତାରିଖରେ ଜାବେନ୍ଦ୍ର ନାରାୟଣ ଚୌଧୁରୀ ଓ ଆଶୁତୋଷ ଚୌଧୁରୀ ଏକ ଜମି ବିଭାଜନ ମାମଲା ଦାଏର କରିଥିଲେ। କିନ୍ତୁ ତା'ର ପ୍ରଥମ ଶୁଣାଣି ଅଗଷ୍ଟ ୧୧ ତାରିଖ ୨୦୧୭ ମସିହାରେ ହୋଇଥିଲା। ଏମିତି ଅନେକ ମାମଲା ୫୦ ବର୍ଷରୁ ଅଧିକ ବର୍ଷ ଶୁଣାଣି ନ ହୋଇ ପଡି ରହିଛି। କେନ୍ଦ୍ର ଆଇନମନ୍ତ୍ରୀ ସ୍ୱୀକାର କରି କହିଲେ ଯେ, ସୁପ୍ରିମ କୋର୍ଟରେ ୫୦ ବର୍ଷ ପୁରୁଣା ବେଶି ମାମଲା ନାହିଁ, କିନ୍ତୁ ଉଚ୍ଚ ନ୍ୟାୟାଳୟମାନଙ୍କରେ ଅନେକ ମାମଲାର ବୟସ ୫୦ ବର୍ଷରୁ ଅଧିକ। ଏତେ ବର୍ଷ ପରେ ଯଦି ଜଣେ ନିର୍ଦ୍ଦୋଷ ପ୍ରମାଣିତ ହୁଏ, ତେବେ ତା'ର ଅର୍ଥ କ'ଣ? ମୁଦେଇ ବା ମୁଦାଲା ସେତେବେଳେ ହୁଏତ ଏ ପୃଥିବୀରେ ନ ଥିବେ। ଏଇ ନିକଟରେ ଓ ମୟୂରଭଞ୍ଜ ଜିଲାର ବଳରାମପୁର ଗ୍ରାମର ହାବିଲ ସିନ୍ଧୁ ୩ ଜଣ ପଡ଼ୋଶୀଙ୍କୁ ହତ୍ୟା କରିଥିବା ମାମଲାରେ ଛନ୍ଦି ହୋଇ ଦୀର୍ଘ ୧୯ ବର୍ଷ କାରଗାରରେ ରହିବା ପରେ ନିର୍ଦ୍ଦୋଷରେ ମୁକ୍ତ ହେଲେ। ଏତେ ବର୍ଷ ପରେ ହତ୍ୟା ମାମଲାରେ ସମ୍ପୃକ୍ତ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହେଲା ପରେ ସମାଜ ତାକୁ ଠିକ୍ ଭାବେ ଗ୍ରହଣ କରିବ ତ ? ତା'ର ହଜି ଯାଇଥିବା ଅମୂଲ୍ୟ ୧୯ ବର୍ଷ ଭରଣା ହୋଇପାରିବ କି? ଥରେ ସମ୍ମାନ ହରେଇ ସାରିବା ପରେ ସେ ସମ୍ମାନର ସହିତ ବଞ୍ଚିପାରିବ ତ ? ଜବଲପୁର ସେସନ୍ସ ଜଜ୍ ଏକ ହତ୍ୟା ମାମଲାରେ ଓମ୍‌ପ୍ରକାଶ ଯାଦବ ଓ ଅନ୍ୟ ଦୁଇ ଜଣଙ୍କୁ ଫାଶିଦଣ୍ଡରେ ଦଣ୍ଡିତ କଲେ ଏବଂ ଉଚ୍ଚ



ନ୍ୟାୟାଳୟ ମଧ ଏହି ଦଣ୍ଡକୁ କାଏମ ରଖିଲେ। କିନ୍ତୁ ଉଚ୍ଚତମ ନ୍ୟାୟାଳୟ ମୃତ୍ୟୁ ଦଣ୍ଡ ପାଇଥିବା ଏହି ତିନି ଜଣଙ୍କୁ ନିର୍ଦ୍ଦୋଷ ବୋଲି ଖଲାସ କଲେ। ପ୍ରଶ୍ନ ଉଠେ ଜଣେ ସାଧାରଣ ବ୍ୟକ୍ତି ଯାହା ପାଖରେ ଅର୍ଥ ନାହିଁ ସେ ସୁପ୍ରିମ କୋର୍ଟ ପର୍ଯ୍ୟନ୍ତ ନ୍ୟାୟ ପାଇଁ ଯାଇ ପାରିବ କି । ଏତେ ଦିନର ନ୍ୟାୟିକ ସଂଘର୍ଷ ପରେ ତା'ର ମାନସିକ ଓ ଆର୍ଥିକ ଅବସ୍ଥା କିପରି ଥିବ । ଏମିତି ଅନେକ ମାମଲାରେ ତଳ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିବାବେଳେ ଉପର ଅଦାଲତ ନିର୍ଦ୍ଦୋଷ ବୋଲି ଦଣ୍ଡ ମୁକ୍ତ କରିଥିବାର ନଜିର ଅଛି। ତଳ କୋର୍ଟର ଯେଉଁ ବିଚାରପତି ଦୋଷୀ ସାବ୍ୟସ୍ତ କରି ଥାଆନ୍ତି, ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେବାର ଖୁବ୍ କମ୍ ଉଦାହରଣ ଅଛି। ଅବଶ୍ୟ ଦଣ୍ଡ ବିଧାନ ଯଦି ଉଦ୍ଦେଶ୍ୟମୂଳକ ହୋଇଥିବ ତେବେ ଭାରତୀୟ ପିଙ୍ଗଳ ଆଇନ ୨୧୯ ଧାରା ଲାଗୁ କରାଯାଇପାରେ।

କଶ୍ମୀରର ଜାମାରୁଦ ହବିବ ନାମ୍ନୀ ଜଣେ ମହିଳା ତାଙ୍କ ପୁସ୍ତକ 'କଏଦୀ ନମ୍ବର ୧୦୦'ରେ ବିନା ଦୋଷରେ କାରାଗାରରେ କଟାଇଥିବା ଯନ୍ତ୍ରଣାମୟ ପାଞ୍ଚ ବର୍ଷର ତାଙ୍କ ଅନୁଭୂତି ବର୍ଣ୍ଣନା କରିଛନ୍ତି। ସେ ପ୍ରଶ୍ନ କରିଛନ୍ତି ଦୀର୍ଘ ପାଞ୍ଚ ବର୍ଷ ସେ ଯେଉଁ ମାନସିକ ଯନ୍ତ୍ରଣାରେ ଛଟ ପଟ ହୋଇଛନ୍ତି, ତା'ର ଭରଣା ହୋଇପାରିବ କି? ନିର୍ଦ୍ଦୋଷ ବ୍ୟକ୍ତିଙ୍କୁ କ୍ଷତିପୂରଣ ଦେବାର ବିଶେଷ ବ୍ୟବସ୍ଥା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାରେ ନାହିଁ। ସେଥିପାଇଁ ବ୍ୟକ୍ତି ଜଣକ ଅସହାୟ ହୋଇ ପଡ଼େ।

୨୦୧୮ ଜାତୀୟ କ୍ରାଇମ ରେକର୍ଡ ବ୍ୟୁରୋର ଆକଳନ ଅନୁସାରେଦାଏର ହୋଇଥିବା ୩୩.୧୫ ଲକ୍ଷ ମାମଲାରୁ ମାତ୍ର ୮.୬୪ ଲକ୍ଷ ମାମଲାରେ ଅଭିଯୁକ୍ତମାନେ ଦୋଷୀ ସାବ୍ୟସ୍ତ ହେଲେ। ହତ୍ୟା ମାମଲାଗୁଡ଼ିକରେ ୩୮.୧ ପ୍ରତିଶତ ଓ ବଳାତ୍କାର ପାଇଁ ମାତ୍ର ୨୫.୪ ପ୍ରତିଶତ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇ ଦଣ୍ଡ ପାଇଛନ୍ତି। ମାମଲାରୁ ଅନେକ କାରଣ ପାଇଁ ଦୋଷୀମାନେ ମଧ୍ୟ ନିର୍ଦ୍ଦୋଷରେ ଖଲାସ ହୋଇଯାଆନ୍ତି। ଏଥିପାଇଁ ନ୍ୟାୟାଳୟକୁ ସମ୍ପୂର୍ଣ୍ଣ ଦୋଷାରୋପ କରାଯାଇ ନ ପାରେ। ଆଇନରେ ଥିବା ଫାଙ୍କ, ତଦନ୍ତରେ ପୋଲିସ ଅଫିସରଙ୍କ ଅବହେଳା, ସାକ୍ଷୀମାନଙ୍କ ଭୁଲ୍ ବୟାନ ଯୋଗୁ ବହୁ ଅପରାଧୀ ଦଣ୍ଡ ମୁକ୍ତ ହୁଅନ୍ତି। ଏଇଥିପାଇଁ ବିଚାର ବ୍ୟବସ୍ଥାର ସଂସ୍କାର ପାଇଁ ୨୦୦୦ ମସିହାରେ ଗଠିତ କମିଟିର ନ୍ୟାୟମୂର୍ତ୍ତି ଭି.ଏସ. ମାଲିମଠ କହିଲେ, ପ୍ରଚଳିତ ନ୍ୟାୟ ବ୍ୟବସ୍ଥା ଦୋଷୀ ସପକ୍ଷରେ ରହିଥିବା ବେଳେ ପୀଡ଼ିତଙ୍କ ନ୍ୟାୟ ପାଇଁ ବିଶେଷ ବ୍ୟବସ୍ଥା ନାହିଁ । ତେଣୁ ସଂସ୍କାରର ଆବଶ୍ୟକତା ରହିଛି। ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ରାମନା ପ୍ରଚଳିତ ନ୍ୟାୟ ବ୍ୟବସ୍ଥାର ସଂସ୍କାର ସପକ୍ଷରେ ଥିଲେ। ସେ ବିଚାର ବ୍ୟବସ୍ଥାର ଭାରତୀୟ କରଣ ଉପରେ ଗୁରୁତ୍ୱାରୋପ କଲେ। ନ୍ୟାୟ ବ୍ୟବସ୍ଥା ଲୋକକୈନ୍ଦ୍ରିକ ହେଲେ ହିଁ ଲୋକେ ଉପକୃତ ହେବେ। ତାଙ୍କ ମତ ଅନୁସାରେ ଗାଁରୁ ଆସିଥିବା ଜଣେ ବ୍ୟକ୍ତି ପାଇଁ ନ୍ୟାୟାଳୟ ଅପରିଚିତ ଜାଗା। ସେ କୋର୍ଟରେ ଇଂଲିଶରେ ଜବାବ ସୁଆଲ ବୁଝିପାରେ ନାହିଁ। ମାମଲାର ବିଚାର ପ୍ରକ୍ରିୟା ଲମ୍ବା ହେଉଥିବାରୁ ସେ ତଳିତଳାନ୍ତ ହୋଇଯାଏ।

ମାମଲାର ଶୀଘ୍ର ଫଇସଲା ପାଇଁ ଅଧିକ ବିଚାରପତି ନିଯୁକ୍ତି, ଅଧିକ ଫାଷ୍ଟ୍ରାକ କୋର୍ଟ ପ୍ରତିଷ୍ଠା, ଆଇନକାନୁନ୍‌ରେ ଯୁଗୋପଯୋଗୀ ସଂଶୋଧନ, ନ୍ୟାୟିକ ପଦ୍ଧତିର ସରଳୀକରଣ, କୋର୍ଟରେ ମାତୃଭାଷାର ପ୍ରଚଳନ, ଅଧିକ ଦେୟମୁକ୍ତ ନ୍ୟାୟିକ ସାହାଯ୍ୟ ଯୋଗାଇ ଦେଲେ ବିଚାର ବ୍ୟବସ୍ଥା ତ୍ରୁଟିଶୂନ୍ୟ ଓ ଆସ୍ଥାଭାଜନ ହୋଇପାରିବ। ବହୁ ଦିନରୁ ପ୍ରଚଳିତ ଉପନିବେଶବାଦୀ ନିୟମ କାନୁନ୍‌ର ସଂଶୋଧନ ଜରୁରୀ।

**ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ,**
**ଭବାନୀପାଟଣା**
**ମୋ:୭୯୭୮୯୯୦୦୧୬**

## ସୁ-ଡୋ-କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 6 | | 3 | | 1 | 7 | | | |
| 1 | | | | | | | | |
| | | | | | | 9 | 3 | |
| 9 | | | | | | 3 | | |
| | | | | | 6 | | | 9 |
| | | 1 | 4 | | | | 5 | |
| | 4 | | | | | | 8 | |
| 7 | | | 2 | 6 | | | | |
| | 5 | | 3 | | | 2 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 5 | 1 | 8 | 6 | 7 | 4 | 2 | 3 |
| 8 | 6 | 2 | 9 | 3 | 4 | 7 | 5 | 1 |
| 3 | 7 | 4 | 1 | 5 | 2 | 6 | 8 | 9 |
| 6 | 8 | 5 | 7 | 1 | 9 | 2 | 3 | 4 |
| 1 | 2 | 9 | 4 | 8 | 3 | 5 | 6 | 7 |
| 4 | 3 | 7 | 5 | 2 | 6 | 1 | 9 | 8 |
| 2 | 1 | 3 | 6 | 4 | 8 | 9 | 7 | 5 |
| 7 | 4 | 6 | 3 | 9 | 5 | 8 | 1 | 2 |
| 5 | 9 | 8 | 2 | 7 | 1 | 3 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଏକାଧିକ ରେଳ ଷ୍ଟେଶନ କାର୍ଯ୍ୟକାରୀ ହେଉ

ମହାଶୟ,

ଅଧିକାଂଶ ସମୟରେ ଭୁବନେଶ୍ୱର ମୁଖ୍ୟ ରେଳ ଷ୍ଟେଶନରେ ପ୍ରବଳ ଭିଡ଼ ପରିଲକ୍ଷିତ ହୁଏ ଏବଂ ଯାତ୍ରୀମାନେ ବହୁତ ଅସୁବିଧାର ସମ୍ମୁଖୀନ ହୁଅନ୍ତି । ଏହି ପରିପ୍ରେକ୍ଷୀରେ, ଭୁବନେଶ୍ୱର ମୁଖ୍ୟ ଷ୍ଟେଶନରୁ ଆରମ୍ଭ ହୋଇ ଦକ୍ଷିଣ କିମ୍ବା ପଶ୍ଚିମ ଦିଗକୁ ଯାତ୍ରା କରୁଥିବା କିଛି ଦୂରଗାମୀ ଟ୍ରେନ ଓ ପୁନର୍ବାର ଭୁବନେଶ୍ୱର ମୁଖ୍ୟ ଷ୍ଟେଶନକୁ ଶେଷ ଗନ୍ତବ୍ୟସ୍ଥଳ ଭାବେ ଫେରୁଥିବା ଉକ୍ତ ଟ୍ରେନକୁ ଲିଙ୍ଗରାଜ ରେଳ ଷ୍ଟେଶନ ଏକ ବିକଳ୍ପ ମୁଖ୍ୟ ଷ୍ଟେଶନ ଭାବରେ କାର୍ଯ୍ୟକାରୀ କରାଯାଇପାରିବ । ସେହିଭଳି ପୂର୍ବ ଓ ଉତ୍ତର ଦିଗ ପାଇଁ ବାଣୀବିହାର ଷ୍ଟେଶନକୁ ଚୟନ କରାଯାଇପାରିବ । ଉପରୋକ୍ତ ଷ୍ଟେଶନଗୁଡ଼ିକୁ ଆବଶ୍ୟକତା ଅନୁଯାୟୀ ଆଧୁନିକୀକରଣ/ନବୀକରଣ କରାଯାଇପାରିବ। ଆମ ଦେଶରେ ଅନେକ ବଡ଼ ବଡ଼ ସହରରେ ଏହିଭଳି ଏକାଧିକ ଷ୍ଟେଶନ କାର୍ଯ୍ୟକାରୀ ହୋଇ ସୁଫଳ ପରିଲକ୍ଷିତ ହୋଇଛି ।

**-ନବନିତ ପାଣିଗ୍ରାହୀ, ରାୟଗଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

କି ଗୀତ ତୋ ଆଗେ ଗାଇବି କହରେ ଶିମୁଳିପାଳ!
ରକତ ମୋହର ବରଫ, ହାଡ଼ ଯେ ହୋଇଛି ପାଣି।
କଣ୍ଠେ ଶୁଖିଛି ରସନା ବାସନା ନ ଆସେ କଥା
କ୍ଷୁଧିତ ମାନବ କାକୁତି କରଇ ପତାଇ ଥାଳ।
-(ପାସୋରି ଦେଲିରେ ଶିମୁଳିପାଳ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ





# ଚିନ୍ତାଧାରା ବଦଳାଇବାକୁ ପ୍ରୟାସ



ଜୟନ୍ତୀ ଏମ୍

**ରାଉରକେଲାରେ ପିଲାଦିନ ଅତିବାହିତ କରିଥିବାବେଳେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରୁ ଉଚ୍ଚତର ଶିକ୍ଷା ଶେଷକରି ଏକ ପ୍ରତିଷ୍ଠିତ ଘରୋଇ ସଂସ୍ଥା (ଏଚ୍ଏସ୍‌ବିସି)ରେ କର୍ମନିଯୁକ୍ତି ପାଇଥିଲେ। ବ୍ୟାଙ୍କିଙ୍ଗ୍ କ୍ଷେତ୍ର ସହ ଅନ୍ୟାନ୍ୟ ସଂସ୍ଥାରେ ମଧ ଦୀର୍ଘଦିନର କାର୍ଯ୍ୟ ଅଭିଜ୍ଞତା ସହ ସବୁ କ୍ଷେତ୍ର ପ୍ରତି ଆଗ୍ରହ ରଖୁଥିବାବେଳେ ନିଜସ୍ୱ କିଛି କରିବାର ଆଶା ଓ ଉଦ୍ଦୀପନାରୁ ଆରମ୍ଭ ହୋଇଥିବା ଏକ କୃଷି ଉଦ୍ୟୋଗକୁ ନୂଆ ଦିଶା ଓ ସମାଜର ଆବଶ୍ୟକତା ପୂରଣ ଦିଗରେ କାର୍ଯ୍ୟ କରି ଅନେକ ସଫଳତା ସହ ବିଭିନ୍ନ ପ୍ଲାଟ୍‌ଫର୍ମରେ ପୁରସ୍କୃତ ହୋଇଥିବା ସଫଳ ଯୁବୋଦ୍ୟୋଗୀ ଏବଂ ମାନିକ୍ସ୍ତୁ ଆଗ୍ରୋ ପ୍ରାଇଭେଟ୍ ଲିମିଟେଡ୍‌ର ପ୍ରତିଷ୍ଠାତା ତଥା ସିଇଓ ଜୟନ୍ତୀ ଏମ୍‌ଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ଆଳାପ....**

ଧରିତ୍ରୀ | OrissaPOST BUSINESS EMINENCE AWARDS

**ପ୍ର– ବ୍ୟାଙ୍କିଙ୍ଗ୍ କ୍ଷେତ୍ରରୁ ବ୍ୟବସାୟର ଯାତ୍ରା କିଭଳି ରହିଛି?**
ଉ– ଦୀର୍ଘ ବର୍ଷର ବ୍ୟାଙ୍କିଙ୍ଗ୍ ସେବାର ଅଭିଜ୍ଞତା ଓ ନୂଆ କିଛି କରିବାର ଆଶା ସହ ବଜାର ଆବଶ୍ୟକତା ଓ ସ୍ଥାନୀୟ ଅଞ୍ଚଳର ଚାହିଦା ପୂରଣ କରିବା ଲକ୍ଷ୍ୟରେ ବ୍ୟବସାୟର ଯାତ୍ରା ଜାରି ରହିଛି। ବିଶେଷକରି ବ୍ୟାଙ୍କିଙ୍ଗ୍ ସେବାରେ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ (ସିଏସ୍‌ଆର୍) କାର୍ଯ୍ୟକ୍ରମ ଏକ ପ୍ରମୁଖ ଅଂଶ ହୋଇଥିଲାବେଳେ ଉକ୍ତ ଅଂଶର ଭାଗୀଦାରି ସହ ସବୁ ବର୍ଗର ଲୋକଙ୍କ ସହିତ ସମୟ ଅତିବାହିତ କରିବାର ବ୍ୟାପକ ସୁଯୋଗ ମିଳିଥିଲା। ଉକ୍ତ ସମୟ ମଧରେ ଲୋକଙ୍କର ଆବଶ୍ୟକତା ଓ ବଜାର ଚାହିଦା ସମ୍ପର୍କରେ ଅବଗତ ହୋଇ କୃଷିଜାତ ବ୍ୟବସାୟରେ ପ୍ରବେଶ ଓ ବିନିଯୋଗ ପାଇଁ ଆଗ୍ରହ ପ୍ରକାଶ ସହ କିଛି ନୂଆ କରିବାର ଭାବନାରୁ ଛେଳି ଚାଷ ପ୍ରତି ମନ ବଳାଇଥିଲି।

**ପ୍ର – କୃଷିଭିତ୍ତିକ ବ୍ୟବସାୟକୁ ଆପଣ କିଭଳି ଦେଖୁଛନ୍ତି?**
ଉ– ପୂର୍ବରୁ କୃଷି ଏକମାତ୍ର ମାଧ୍ୟମ ଥିଲାବେଳେ ବିଗତ କିଛି ବର୍ଷ ହେଲା ବିଭିନ୍ନ କାରଣରୁ କୃଷିକ୍ଷେତ୍ରରୁ ଦୂରେଇଯାଉଥିବା ଲୋକ ଓ ଯୁବବର୍ଗ ବର୍ତ୍ତମାନ କୃଷିକ୍ଷେତ୍ର ସହ ଜଡ଼ିତ ହେବାକୁ ଆଗ୍ରହ ପ୍ରକାଶ କରୁଛନ୍ତି। ଏପରିକି ଉପଯୁକ୍ତ କୃଷି ଓ କୃଷି ଉଦ୍ୟୋଗ ସହ କଠିନ ପରିଶ୍ରମ ଏବଂ ସଚ୍ଚୋଟତା ସହିତ ଶ୍ରେଷ୍ଠତ୍ୱ ପ୍ରଦର୍ଶନ କରିବାକୁ ହେବ। କୃଷି କ୍ଷେତ୍ର ଓ କୃଷି ଉଦ୍ୟୋଗ ଜରିଆରେ ଆମେ ଆମର ଆବଶ୍ୟକତା ପୂରଣ ସହ ଆର୍ଥିକ ସ୍ଥିତିକୁ ମଧ ବଦଳାଇପାରିବା। ସେଥିପାଇଁ କଠିନ ପରିଶ୍ରମ ଓ ମନୋବଳର ଆବଶ୍ୟକତା ରହିଛି।

**ପ୍ର– ପ୍ରତିଦ୍ୱନ୍ଦ୍ୱିତାମୂଳକ ବଜାରରେ ବ୍ୟବସାୟର ଚାହିଦା କିଭଳି ରହିଛି?**
ଉ– ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ସବୁ କ୍ଷେତ୍ରରେ ରହିଥାଏ। ହେଲେ ତା'ର ଆବଶ୍ୟକତା ଆମର ବ୍ୟବହାର ଓ ନିଷ୍ପତ୍ତି ଏବଂ ଚିନ୍ତାଧାରା ଉପରେ ନିର୍ଭର କରିଥାଏ। ଆମେ କାହାକୁ ଆମର ପ୍ରତିଦ୍ୱନ୍ଦ୍ୱୀ କିମ୍ବା କାହା ସହ ପ୍ରତିଯୋଗିତା ନ କରି ନିଜ ସହିତ କରିବାକୁ ପସନ୍ଦ କରିଥାଉ। କାରଣ ଆମେ ଯେତେ ପରିଶ୍ରମ କରିବା ବ୍ୟବସାୟ ତିଷ୍ଠିରହିବା ସହିତ ସଫଳତା ହାସଲ ଦିଗରେ ସେତେ ମାତ୍ରାରେ ଅଗ୍ରସର ହୋଇପାରିବା।

**ପ୍ର–ଆଶାୟୀ ଉଦ୍ୟୋଗୀମାନଙ୍କୁ ଆପଣଙ୍କ ବାର୍ତ୍ତା କ'ଣ ରହିବ?**
ଉ– ବର୍ତ୍ତମାନ ସମୟରେ ସବୁ ବର୍ଗର ଲୋକ କୃଷି ଉଦ୍ୟୋଗ ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି, ହେଲେ ଦୃଢ଼ ଇଚ୍ଛାଶକ୍ତି ଓ ମନୋବଳ ସହ ସଚ୍ଚୋଟତା ଅବଲମ୍ବନକୁ ପ୍ରାଧାନ୍ୟ ଦେବାକୁ ହେବ। ଏପରିକି ବ୍ୟବସାୟୀ ସହଯୋଗୀ ଓ ନୀତି ନିୟମକୁ ମଧ ଠିକ୍ ଭାବେ ପାଳନ କଲେ ବ୍ୟବସାୟରେ ସଫଳତା ମିଳିପାରିବ।

**ପ୍ର–ସରକାରୀ ସହାୟତା କୃଷି ଉଦ୍ୟୋଗ ପାଇଁ କେତେଦୂର ସହାୟକ ହୋଇପାରିଛି?**
ଉ– ବର୍ତ୍ତମାନ ସମୟରେ ସରକାର ସବୁ କ୍ଷେତ୍ରକୁ ସହାୟତା ଓ ସହଯୋଗ ପ୍ରଦାନ କରୁଛନ୍ତି। ଏପରିକି ନେଇ ଆଣି ଥୋଇ ପାରିଲେ, ସବୁ ସ୍ତରର ସହାୟତା ମୂଲ୍ୟ ରହିବ। ବିଶେଷକରି ସରକାର ଉଦ୍ୟୋଗ ପାଇଁ ସହଯୋଗ କରୁଥିବାବେଳେ ଉଦ୍ୟୋଗୀ ସମୟ, ପରିଶ୍ରମ, ଲୋକସମ୍ପର୍କ ଏବଂ ଉପଯୁକ୍ତ ଉତ୍ପାଦ ପ୍ରସ୍ତୁତ କରିବାକୁ ହେବ। ସରକାରୀ ସହାୟତାର ସଦୁପଯୋଗ କରି ବ୍ୟବସାୟ ବୃଦ୍ଧି ପାଇଁ ଉଭୟ ପକ୍ଷ ମଧ୍ୟରେ ସାଧୁତା ଓ ସହଭାଗିତାର ଆବଶ୍ୟକତା ରହିଛି।

**ପ୍ର– ବ୍ୟବସାୟ ବୃଦ୍ଧିରେ ସହଯୋଗୀଙ୍କ ଭୂମିକା କିଭଳି ରହିଛି?**
ଉ– ପ୍ରତି ବ୍ୟବସାୟରେ ମାଧ୍ୟମ ରହିଥିଲାବେଳେ ଆମ ବ୍ୟବସାୟରେ ସହଯୋଗୀଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ବିଶେଷକରି ବିଶ୍ୱାସ ଓ ଭରସାରେ ସବୁ କିଛି ଚାଲିଥିଲାବେଳେ ସାଧୁତା ଓ କଠିନ ପରିଶ୍ରମ ଉଭୟ ପକ୍ଷର ମଙ୍ଗଳ ସହ ବ୍ୟବସାୟ ଅଭିବୃଦ୍ଧି କରିଥାଏ। ଏପରିକି ଆମ ବ୍ୟବସାୟରେ ଭିନ୍ନ କିଛି ଅଭ୍ୟାସ ଓ ନୀତି ନିୟମ ରହିଥାଏ। ନୀତି ନିୟମ ଓ ସମ୍ପର୍କ ସହିତ ବିଶ୍ୱାସଭାଜନ ଜରିଆରେ ବ୍ୟବସାୟ ଜାରି ରହିଛି।

**ପ୍ର– ଗୋଟ୍ ବ୍ୟାଙ୍କର ଚିନ୍ତାଧାରା ଓ କାର୍ଯ୍ୟକାରିତାକୁ କିପରି ପରିଚାଳନା କରୁଛନ୍ତି?**
ଉ– ଗୋଟ୍ ବ୍ୟାଙ୍କ ମୋର ବ୍ୟାଙ୍କିଙ୍ଗ୍ ଅଭିଜ୍ଞତାରୁ ଆସିଥିଲାବେଳେ ଏଭଳି ଏକ ଭିନ୍ନ ଚିନ୍ତାଧାରା ବର୍ତ୍ତମାନ ସମୟରେ ଏକ ବୈପ୍ଳବିକ ପରିବର୍ତ୍ତନ ଓ ମାନସିତାକୁ ବଦଳାଇ ଦେଇଛି। ଏହା ଜରିଆରେ ଉଭୟ ପକ୍ଷ ଲାଭ ପାଉଥିବାବେଳେ ଗ୍ରାହକ ମଧ ଗୁଣାତ୍ମକ ମାନର ଖାଦ୍ୟ (ମଟନ) ଘରୋଇ ବଜାରରୁ ପାଇ ପାରୁଛନ୍ତି। ଏପରିକି ସ୍ଥାନୀୟ ବଜାରର ଆବଶ୍ୟକତା ଓ ଚାହିଦାକୁ ମଧ ଏହା ଜରିଆରେ ମେଣ୍ଟାଇ ପାରୁଛୁ। ପ୍ରାଥମିକ ପର୍ଯ୍ୟାୟରେ ଲୋକଙ୍କ ଚିନ୍ତାଧାରା ଭିନ୍ନ ଥିଲାବେଳେ ବର୍ତ୍ତମାନ ଲୋକଙ୍କର ନଜର ମଧ ବଦଳିଛି।

# ସ୍ୱାଭିମାନ ଅଞ୍ଚଳରେ ଶିକ୍ଷାର ଆଲୋକବର୍ତ୍ତିକା

## ବଡ଼ପଡ଼ାରେ ନୂତନ ଶିକ୍ଷା ସୌଧ ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର/ମାଲକାନଗିରି/ଚିତ୍ରକୋଣ୍ଡା,୧୪।୩(ଅନିଲ ଦାସ/ଦୁର୍ଯ୍ୟୋଧନ ପାତ୍ର/କ୍ଷୀରୋଦ ବେହେରା)



ସ୍ୱାଭିମାନ ଅଞ୍ଚଳରେ ସୃଷ୍ଟି ହୋଇଛି ଶିକ୍ଷାର ନୂତନ ଆଲୋକବର୍ତ୍ତିକା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ଜରିଆରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳର ବଡ଼ପଡ଼ାଠାରେ ଏକ ଅତ୍ୟାଧୁନିକ ଶିକ୍ଷା ସୌଧ(ଏଜୁକେଶନ କମ୍ପ୍ଲେକ୍ସ) ଉଦ୍‌ଘାଟନ କରିଛନ୍ତି। ଏହି ଶିକ୍ଷା ସୌଧରେ ପ୍ରଥମରୁ ଉଚ୍ଚ ମାଧ୍ୟମିକ(ଦ୍ୱାଦଶ ଶ୍ରେଣୀ) ପର୍ଯ୍ୟନ୍ତ ପିଲାମାନେ ଗୋଟିଏ ସ୍ଥାନରେ ଶିକ୍ଷାଲାଭ କରିପାରିବେ। ୭ ଏକର ଜମିରେ ସ୍ଥାପନ କରାଯାଇଥିବା ଏହି ଆଧୁନିକ ଶିକ୍ଷା ସୌଧ ପାଇଁ ୧୯ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଏଥିରେ ୧ ହଜାରରୁ ଅଧିକ ପିଲା ପାଠ ପଢ଼ିବେ। ଭବିଷ୍ୟତ ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବାକୁ ଏଥିରେ ସମସ୍ତ ଆଧୁନିକ ସୁବିଧା ସୁଯୋଗ ରହିଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମାଲକାନଗିରି ସବୁବେଳେ, ସବୁ କାମରେ ମୋର ପ୍ରଥମ ପସନ୍ଦ ହୋଇ ରହିଆସିଛି। ଟଙ୍କିକିଆ ଚାଉଳ ହେଉ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ବା ଲକ୍ଷ୍ମୀ ଯୋଜନା– ସବୁ କାର୍ଯ୍ୟକ୍ରମ ମୁଁ ପ୍ରଥମେ ଏହିଠାରୁ ହିଁ ଆରମ୍ଭ କରିଆସିଛି। ବଡ଼ପଡ଼ା ଶିକ୍ଷା ସୌଧ ପିଲାମାନଙ୍କ ପାଠପଢ଼ାର ସୁବିଧା ତଥା ସେମାନଙ୍କ ବ୍ୟକ୍ତିତ୍ୱର ବିକାଶ ପାଇଁ ଗଢ଼ାଯାଇଥିବା ସେ କହିଛନ୍ତି। ନବୀନ ଓଡ଼ିଶା ଅଧ୍ୟକ୍ଷ ଯୋଗଦେଇ କହିଛନ୍ତି ଯେ ଆଗାମୀ ଦିନରେ ସ୍ୱାଭିମାନ ଅଞ୍ଚଳରେ ଏକ ଦକ୍ଷତା ବିକାଶ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏହା ମାଧ୍ୟମରେ ସ୍ୱାଭିମାନ ଅଞ୍ଚଳର ଯୁବଗୋଷ୍ଠୀ ଅଧିକରୁ ଅଧିକ ନିଯୁକ୍ତି ସୁଯୋଗ ପାଇବେ।

# ଉତ୍କର୍ଷ କେନ୍ଦ୍ର ଯୁବବର୍ଗଙ୍କ ଦକ୍ଷତା ବଢ଼ାଇବ: ଧର୍ମେନ୍ଦ୍ର




ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

ନୂଆଦିଲ୍ଲୀସ୍ଥିତ କୌଶଳ ଭବନରୁ ଭିଡିଓ କନ୍‌ଫରେନ୍ସ ଜରିଆରେ ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଅନ୍ତର୍ଗତ ସ୍କିଲ୍ ପରିସଂସ୍ଥାନକୁ ମଜଭୁତ କରିବା ପାଇଁ ଗୁରୁବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ବିଭିନ୍ନ ଷ୍ଟ୍ରାଟେଜିକ୍ ପଦକ୍ଷେପର ଶୁଭାରମ୍ଭ କରିଛନ୍ତି। ଆଜିର ବୁଝାମଣାପତ୍ର ଓ ଲୋକାର୍ପିତ ପଦକ୍ଷେପଗୁଡ଼ିକ ସ୍କିଲ୍ ଇଣ୍ଡିଆ ମିଶନର ପରିସରକୁ ଅଧିକ ସମ୍ପ୍ରସାରଣ କରିବା ସହ ଦେଶର ଅଧିକାଂଶ ଜନସଂଖ୍ୟାକୁ ଦକ୍ଷତା ପରିସରକୁ ଆଣିବ। ଆମ ଯୁବବର୍ଗ ଏବଂ କର୍ମଚାରୀଙ୍କୁ ବିକଶିତ ନୂତନ ବିଶ୍ୱ ବ୍ୟବସ୍ଥାରେ ଅଗ୍ରଣୀ ଭାବେ ଉଭାହେବା ପାଇଁ ଠିକ୍ ଦକ୍ଷତା ପ୍ରଦାନ କରିବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କାର୍ଯ୍ୟକ୍ରମ ଅଧୀନରେ କେନ୍ଦ୍ରମନ୍ତ୍ରୀ ଏନ୍ଏସ୍‌ଡିସି ସହଯୋଗରେ ଦକ୍ଷତା ବିକାଶ କେନ୍ଦ୍ର(ଏସ୍‌ଡିଆଇ), ଭୁବନେଶ୍ୱରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ୨ଟି ଅତ୍ୟାଧୁନିକ କେନ୍ଦ୍ର ଯଥା ଏଚ୍‌ଭିଏସି ଏବଂ ମିଡିଆ ଓ ମନୋରଞ୍ଜନ ପାଇଁ ଉତ୍କର୍ଷ କେନ୍ଦ୍ରର ଲୋକାର୍ପଣ କରିଛନ୍ତି। ସେ କହିଛନ୍ତି, ଏସ୍‌ଡିଆଇ, ଭୁବନେଶ୍ୱରରେ ଲୋକାର୍ପିତ ହୋଇଥିବା ଉତ୍କର୍ଷ କେନ୍ଦ୍ର ଯୁବବର୍ଗଙ୍କୁ ମିଡିଆ ଏବଂ ମନୋରଞ୍ଜନ କ୍ଷେତ୍ରରେ ଅଧିକ ଦକ୍ଷ କରିବ। ଏସ୍‌ଡିଆଇ ଭୁବନେଶ୍ୱରରେ ଏଚ୍‌ଭିଏସି ଏବଂ ମିଡିଆ ଆଣ୍ଡ୍ ମନୋରଞ୍ଜନ ପାଇଁ ସେଣ୍ଟର ଅଫ୍ ଏକ୍ସଲେନ୍ସ ଉଦ୍‌ଘାଟନ ଓଡ଼ିଶାର ଦକ୍ଷତାକୁ ଆଗକୁ ବଢ଼ାଇବା ଦିଗରେ ଅଧିକ ଶକ୍ତି ପ୍ରଦାନ କରିବ। ମିଡିଆ ଏବଂ ମନୋରଞ୍ଜନ ପାଇଁ ଉକ୍ତ କେନ୍ଦ୍ରରେ ଗ୍ରାଫିକ୍ ଡିଜାଇନ, ସୋସିଆଲ ମିଡିଆ ମ୍ୟାନେଜର, ଡିଜିଟାଲ ମାର୍କେଟିଂ ମ୍ୟାନେଜର, ଭିଡିଓ ଏଡିଟିଂ, ସାଉଣ୍ଡ ଏଡିଟିଂ, ଭିଡିଓ ବ୍ଲଗର ଏବଂ ଡିଜିଟାଲ/ଷ୍ଟିଲ୍ ଫଟୋଗ୍ରାଫି ଇତ୍ୟାଦି ପାଠ୍ୟକ୍ରମ ପ୍ରଦାନ କରାଯିବ। ଏହି ପଦକ୍ଷେପ ଦ୍ୱାରା ସେମାନେ ରୋଜଗାରକ୍ଷମ ହେବା ସହ ଜୀବିକା ବୃଦ୍ଧି ହେବ। ସେମାନେ ଉଦ୍ୟୋଗୀ ହେବା ପାଇଁ ସମର୍ଥ ହୋଇପାରିବେ। କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ନିଜବଡ୍ ଏବଂ ଭାରତ ସରକାରଙ୍କ ଖାଦ୍ୟ ଏବଂ ସାଧାରଣ ବଣ୍ଟନ ବିଭାଗ, ଶ୍ରମ ମନ୍ତ୍ରଣାଳୟ ଓ ଇପିସିଏଚ୍, ଡାରେକ୍ଟରେଟ୍ ଜେନେରାଲ ଅଫ୍ ଟ୍ରେନିଂ(ଡିଜିଟି) ଓ ଫ୍ୟୁଚର୍ ରାଇଟ୍ସ ସ୍କିଲ୍ ନେଟ୍‌ୱର୍କ ସହ ପୃଥକ୍ ପୃଥକ୍ ଏମ୍ଓୟୁ ସ୍ୱାକ୍ଷରିତ ହୋଇଛି।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା

ଧାମନଗର,୧୪।୩ (ସନ୍ତୋଷ କୁମାର ମହାପାତ୍ର)

ପିଲାଟି ବେଳୁ ଚିତ୍ରକଳା ପ୍ରତି ତାଙ୍କର ଅହେତୁକ ଦୁର୍ବଳତା ଥିଲା। ଧୀରେ ଧୀରେ ଏଥିପ୍ରତି ଆଗ୍ରହ ବଢ଼ିବା ସହ ଜୀବନ୍ତ ଚିତ୍ର ଆଙ୍କି ପ୍ରଶଂସା ସାଉଣ୍ଟିଥିଲେ। ଆଉ ଏହି ପ୍ରତିଭା ତାଙ୍କୁ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ଦେଇଛି। ବ୍ଲକସ୍ତରରୁ ଜିଲା, ରାଜ୍ୟ ଓ ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଲାଭ କରିବା ସହ ଅନ୍ତର୍ଜାତୀୟସ୍ତରରେ ଭାଗ ନେଇ ମଧ ସଫଳତା ହାସଲ କରିଛନ୍ତି। ଏହି ପ୍ରତିଭା ଯୋଗୁ ଏବେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍–୨୦୨୪ରେ ସ୍ଥାନ ପାଇ ଜିଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି ଭଦ୍ରକ ଜିଲା ଧାମନଗର ବ୍ଲକ ଅଧୀନ କଟସାହି ପଞ୍ଚାୟତ ବଉଳନାଳି ଶାସନର ଚିତ୍ରଶିଳ୍ପୀ କ୍ରୀତିକ୍ରିଷ୍ଣା ପଣ୍ଡା।(୧୯)।ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ରମାନାଥ ପଣ୍ଡାଙ୍କ ଅଣନାତୁଣୀ, ଆଇନଜୀବୀ ସ୍ନେହାଶିଷ ପଣ୍ଡା ଓ ଶାଖା ଡାକ ଅଧିକାରିଣୀ ତିଳୋତ୍ତମା ମିଶ୍ରଙ୍କ ବଡ଼ଝିଅ କ୍ରୀତିକ୍ରିଷ୍ଣା। ସେ ଏବେ ଭଦ୍ରକ ଚାରୁ ଓ କାରୁକଳା ମହାବିଦ୍ୟାଳୟରେ ଡିଗ୍ରୀର ଦ୍ୱିତୀୟ ବର୍ଷ ଛାତ୍ରୀ। ଜଣେ ସଫଳ ଚିତ୍ରଶିଳ୍ପୀ ହେବା ପାଇଁ ସେ ଅକ୍ଳାନ୍ତ ଉଦ୍ୟମ ଜାରି ରଖିଛନ୍ତି। ଅଯୋଧାରେ ପ୍ରାଣ ପ୍ରତିଷ୍ଠା ସମୟରେ ଶ୍ରୀରାମଙ୍କ ଚିତ୍ର ପ୍ରଦର୍ଶନ କରି ସମସ୍ତଙ୍କ ମନ ଜିଣିଥିଲେ। ଇଣ୍ଡିଆ ବୁକ୍ ଅଫ୍ ରେକର୍ଡସ୍‌ରେ ସ୍ଥାନ ପାଇଥିବାବେଳେ ଗତ ୧୨ ତାରିଖରେ ହରିୟାଣା ଫରିଦାବାଦରୁ ଡାକ ଯୋଗେ ଆସିଥିବା ମେଡାଲ ତାଙ୍କ ପାଖରେ ପହଞ୍ଚିଛି। ଏହି ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଥିବାବେଳେ ଆଗକୁ ଚିତ୍ର ମାଧ୍ୟମରେ କୁସଂସ୍କାର, ନାରୀ ନିର୍ଯ୍ୟାତନା ଆଦିକୁ ରୋକିବା ନେଇ ଚେଷ୍ଟା କରିବେ ବୋଲି କ୍ରୀତିକ୍ରିଷ୍ଣା କହିଛନ୍ତି।







# ଲୋଗୋ ନ ଲାଗିବାରୁ ଅନୁଦାନ ବନ୍ଦ

## ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର)


GOVERNMENT OF ODISHA
FINANCE DEPARTMENT
***

No. 6473 /F., FIN-BUD3-PD-0001-2023 Date: 12/03/2024

From
Vishal Kumar Dev, IAS
Principal Secretary to Government.

To
The Additional Chief Secretary,
H&UD Department.

Sub: Violation of mandatory condition regarding branding guidelines of Centrally Sponsored Schemes

Ref: GoI O.M F No. 44(1)/PF-S/2023-24 (CAPEX)-Odisha

Sir,

In inviting a kind reference to the subject cited above, I am directed to say that the DoE, MoF, Government of India have raised certain observation in their O.M. dated 12.03.2024 related to violation of mandatory condition regarding branding guidelines of Centrally Sponsored Schemes. Ministry of Housing & Urban Affairs (MoHUA), GoI has reported instances of violation of branding guidelines/ instructions in respect of the Scheme "Pradhan Mantri Awas Yojana (Urban)".

I would, therefore, request you to provide status of compliance directly to the Ministry of Housing & Urban Affairs at the earliest for consideration of release of 2nd installment under Part-I (Untied) of the Scheme for Special Assistance to States for Capital Investment 2023-24.

This may be treated as MOST URGENT.

Encl: Copy enclosed

Yours faithfully,
Principal Secretary to Government

**ଯାଜପୁର,୧୪।୩(ହର୍ଷବର୍ଦ୍ଧନ ବେହେରା)**

ଓଡ଼ିଶାର ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ମଧ୍ୟରୁ ଅଦ୍ୟାବଧି ୧ ଲକ୍ଷରୁ ଊର୍ଦ୍ଧ୍ୱ ଜଣଙ୍କ ମୁଣ୍ଡ ଉପରେ ପକ୍କା ଛାତ ନାହିଁ। ତେଣୁ ସେମାନଙ୍କୁ ରାଜ୍ୟ ଓ କେନ୍ଦ୍ର ସରକାର ବିଭିନ୍ନ ଯୋଜନାରେ ବାସଗୃହ ଯୋଗାଇ ଦେବା ଲକ୍ଷ୍ୟରେ ଆବାସ ଯୋଜନା ପ୍ରଣୟନ କରିଛନ୍ତି। ସେଥିମଧ୍ୟରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା(ସହର) ଅନ୍ୟତମ। ହେଲେ ଏହି ଯୋଜନାରେ ନିର୍ମାଣ ହୋଇଥିବା କେତେକ ଘରେ ଗାଇଡ୍ ଲାଇନର ଉଲ୍ଲଂଘନ କରାଯାଇଛି । ଉପଯୁକ୍ତ ଯୋଜନାର ଲୋଗୋ ନ ଲାଗିବା, ହିତାଧିକାରୀଙ୍କ ସବିଶେଷ ତଥ୍ୟ କିମ୍ବା ବ୍ରାଣ୍ଡିଂ(ଛାପ ନାମ) ହୋଇ ନ ଥିବାରୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ଦ୍ୱିତୀୟ ପର୍ଯ୍ୟାୟ କିସ୍ତି ପ୍ରଦାନ ବନ୍ଦ କରାଯାଇଛି। ଫଳରେ ଭବିଷ୍ୟତରେ ଏହି କେନ୍ଦ୍ରୀୟ ଅନୁଦାନ ମିଳିବା ନେଇ ଆଶଙ୍କା ପ୍ରକାଶ ପାଇଛି।

କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟର ସହକାରୀ ନିର୍ଦ୍ଦେଶିକା ଅଞ୍ଜଳି ମୌର୍ଯ୍ୟ ୧୨।୩।୨୦୨୪ରେ ଏକ କାର୍ଯ୍ୟାଳୟ ସ୍ମାରକ(ଅଫିସ ମେମୋରାଣ୍ଡମ) ଜାରି କରିଛନ୍ତି। ଏନେଇ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରିଙ୍କୁ ସୂଚିତ କରାଯାଇଛି। ଉକ୍ତ ସ୍ମାରକ ଆଧାରରେ ରାଜ୍ୟ ସରକାରଙ୍କ ଅର୍ଥ ବିଭାଗର ପ୍ରିନ୍ସିପାଲ ସେକ୍ରେଟାରି ବିଶାଳ କୁମାର ଦେବ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହିକ୍ରମରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଯୁଗ୍ମ ସଚିବ ମାୟାଧର ପଟ୍ଟାୟତ ତାଙ୍କ ପତ୍ରସଂଖ୍ୟା ୪୩୧/୧୪।୩।୨୦୨୪ରେ ରାଜ୍ୟର ସମସ୍ତ ସହରାଞ୍ଚଳର ମ୍ୟୁନିସିପାଲ କମିଶନର ଏବଂ ନିର୍ବାହୀ ଅଧିକାରୀମାନଙ୍କୁ ଉପରୋକ୍ତ ଯୋଜନାରେ ନିର୍ମାଣ ହୋଇଥିବା ଘରଗୁଡିକରେ ଗାଇଡ୍ ଲାଇନ ଅନୁସାରେ ଲୋଗୋ ଓ ଅନ୍ୟାନ୍ୟ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାସହ ହିତାଧିକାରୀମାନଙ୍କୁ ଏଥିପାଇଁ ସଚେତନ କରିବାକୁ ମଧ୍ୟ ନିର୍ଦ୍ଦେଶନାମାରେ ଉଲ୍ଲେଖ କରିଛନ୍ତି।

ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହ ଝୁମ୍ପୁଡିବାସୀଙ୍କ ମଧ୍ୟରେ ସହରୀ ଛାପ ପକାଇବା ଉଦ୍ଦେଶ୍ୟରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ୨୦୦୯ରୁ ବିଭିନ୍ନ ଗୃହ ନିର୍ମାଣ ଯୋଜନା ପ୍ରଣୟନ କରିଛନ୍ତି। ୨୦୨୩ ମାର୍ଚ୍ଚ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ୨୦୦୯-୨୦୧୫ ମଧ୍ୟରେ ବେସିକ ସର୍ଭିସ ଟୁ ଅର୍ବାନ ପୋଅର(ସହରାଞ୍ଚଳରେ ବାସ କରୁଥିବା ଗରିବଙ୍କୁ ମୌଳିକ ସୁବିଧା ଯୋଗାଇବା) ଯୋଜନାରେ ୧,୭୭୮ଟି ଗୃହ ଯୋଗାଇ ଦିଆଯାଇଛି। ଏଥିରେ ଭୁବନେଶ୍ୱର ଓ ପୁରୀ ସହରାଞ୍ଚଳକୁ ସାମିଲ କରାଯାଇ ୪୬.୭୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ସେହିପରି ୨୦୦୯ରୁ ୨୦୧୫ ମଧ୍ୟରେ ଇଣ୍ଟିଗ୍ରେଟେଡ ହାଉସିଂ ଆଣ୍ଡ ସ୍ଲମ ଡେଭଲପମେଣ୍ଟ ପ୍ରୋଗ୍ରାମରେ ୧୧,୨୯୬ ଘର ଯୋଗାଇ ଦିଆଯାଇଥିବାବେଳେ ଏଥିରେ ୧୭୧.୭୨ କୋଟି ଖର୍ଚ୍ଚ ହୋଇଛି। ୨୦୧୩-୨୦୨୨ ମଧ୍ୟରେ ରାଜୀବ ଆବାସ ଯୋଜନାରେ ୪,୭୭୩ ବାସଗୃହ ଯୋଗାଇ ଦିଆଯାଇଥିବାବେଳେ ୩୫୯ କୋଟି ଖର୍ଚ୍ଚ ହୋଇଛି। ଏଥିରେ ଭୁବନେଶ୍ୱର, କଟକ, ବ୍ରହ୍ମପୁର ଓ ଯାଜପୁର ଜିଲାକୁ ସାମିଲ କରାଯାଇଛି। ୨୦୧୫ରୁ ୨୦୨୨ମଧ୍ୟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ରାଜ୍ୟର ସମସ୍ତ ୧୧୪ଟି ସହରାଞ୍ଚଳରେ ୬୧,୦୯୧ ବାସଗୃହ ଯୋଗାଇ ଦିଆଯାଇଛି। ଏଥିପାଇଁ ୧,୪୫୯ କୋଟି ଖର୍ଚ୍ଚ ହୋଇଥିବା ଉକ୍ତ ତଥ୍ୟରୁ ଜଣାପଡ଼ିଛି। ଅବଶିଷ୍ଟ ଲୋକମାନଙ୍କୁ ଘର ଯୋଗାଇ ଦେବାକୁ ସହରାଞ୍ଚଳୱାରୀ(ପୌରାଞ୍ଚଳ) ତଥ୍ୟ ସଂଗ୍ରହ କରାଯାଇଛି। ଏଥିପାଇଁ ଗତ ବଜେଟରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୩୧୭.୭୬ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ନିର୍ମିତ ଘରଗୁଡ଼ିକରେ ଗାଇଡ୍‌ଲାଇନର ସମ୍ପୂର୍ଣ୍ଣ ଉଲ୍ଲଂଘନ କରାଯାଇଥିବା କେନ୍ଦ୍ର ସରକାରଙ୍କ ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଅଭିଯୋଗ କରାଯାଇଛି। ଏଥିପାଇଁ ଅଫିସ ମେମୋରାଣ୍ଡମ ଜାରି କରାଯାଇଛି। ଉକ୍ତ ମେମୋରାଣ୍ଡମରେ ୨୦୨୩-୨୪ ବର୍ଷରେ ରାଜ୍ୟଗୁଡ଼ିକୁ ସ୍ୱତନ୍ତ୍ର ସହାୟତା ପ୍ରଦାନ କରାଯାଇଥିବା ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଗାଇଡ୍‌ଲାଇନକୁ ଉଲ୍ଲଂଘନ କରି ଲୋଗୋ ଦେବାରେ ଅବହେଳା ହୋଇଛି। ଏଥିପାଇଁ ଦ୍ୱିତୀୟ କିସ୍ତି ଅନୁଦାନ ବନ୍ଦ କରାଯାଇଛି। ତେଣୁ ଗାଇଡ୍‌ଲାଇନ ଅନୁସାରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ସଦ୍ୟତମ ଷ୍ଟାଟସ୍ ରିପୋର୍ଟ ପ୍ରଦାନ କରାଗଲେ ଦ୍ୱିତୀୟ କିସ୍ତି ପ୍ରଦାନ କରିବାକୁ ବିଚାର କରାଯିବ ବୋଲି ମେମୋରାଣ୍ଡମରେ ଦର୍ଶାଯାଇଛି।

## ନିରପେକ୍ଷ ଶୃଙ୍ଖଳିତ ନିର୍ବାଚନ ପରିଚାଳନା ପାଇଁ ଇସିଙ୍କ ନିର୍ଦ୍ଦେଶ




# କପିଳାସ ଉଦ୍ଧାର କେନ୍ଦ୍ରରେ ହାତୀ ମୃତ

- ୨ ମାସରେ ଗଲାଣି ୪ ଜୀବନ
- ଅଭିଜ୍ଞ ଚିକିତ୍ସକ, କର୍ମଚାରୀ ଅଭାବ

**ଢେଙ୍କାନାଳ,୧୪।୩(ରତନ ନାୟାର)**

ଢେଙ୍କାନାଳ ଜିଲା କପିଳାସ ପ୍ରାଣୀ ଉଦ୍ୟାନ ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରରେ ୨ଦିନ ତଳେ ଚିକିତ୍ସାଧୀନ ଅବସ୍ଥାରେ ଏକ ମାଈ ହାତୀର ମୃତ୍ୟୁ ଘଟିଛି। ଏହାକୁ ମିଶାଇ ଗତ ୨ ମାସ ମଧ୍ୟରେ ଏଠାରେ ଚିକିତ୍ସିତ ଅବସ୍ଥାରେ ୪ ହାତୀଙ୍କ ମୃତ୍ୟୁ ଘଟିବା ଉଦ୍‌ବେଗର ବିଷୟ ହୋଇଛି। କପିଳାସ ପ୍ରାଣୀ ଉଦ୍ୟାନରେ ୮ ହାତୀଙ୍କ ସମେତ ବିଭିନ୍ନ ପ୍ରଜାତିର ୨୫୦ରୁ ଅଧିକ ବନ୍ୟପ୍ରାଣୀ ଓ ପକ୍ଷୀ ରହୁଥିବା ବେଳେ ଅଭିଜ୍ଞ ଚିକିତ୍ସକ, କର୍ମଚାରୀଙ୍କୁ ନିଯୁକ୍ତି ଦିଆ ନ ଯିବା ଏବଂ ସ୍ଥାୟୀ ଚିକିତ୍ସାକେନ୍ଦ୍ର ଖୋଲା ନ ଯିବା ସାଧାରଣରେ ଅସନ୍ତୋଷର କାରଣ ହୋଇଛି। ଏପରିକି ହାତୀ ଚିକିତ୍ସା ସମ୍ପର୍କରେ କୌଣସି ସୂଚନା ପ୍ରଘଟ ନ କରିବା ପାଇଁ ବନବିଭାଗ ଅଧିକାରୀ ଓ କର୍ମଚାରୀଙ୍କୁ ଉଚ୍ଚପଦସ୍ଥ ଅଧିକାରୀମାନେ ତାଗିଦ୍ କରିଥିବା ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ଗତ ୪ ତାରିଖରେ ହିନ୍ଦୋଳ ରେଞ୍ଜ ପଞ୍ଚପଡା ସଂରକ୍ଷିତ ଜଙ୍ଗଲରେ ଆହତ ଅବସ୍ଥାରେ ବୁଲୁଥିବା ୨୪ ବର୍ଷର ମାଈ ହାତୀକୁ ଟ୍ରାଙ୍କୁଲାଇଜ କରି ଚିକିତ୍ସା ପାଇଁ ଏକ ଟ୍ରକ୍ ମାଧ୍ୟମରେ କପିଳାସ ପ୍ରାଣୀ ଉଦ୍ୟାନ କେନ୍ଦ୍ର ପରିସରରେ ଥିବା ହାତୀ ଉଦ୍ଧାର କେନ୍ଦ୍ରକୁ ଅଣାଯାଇଥିଲା। ହାତୀଟିର ଦୁଇ ଗୋଡ଼ରେ ଗଭୀର କ୍ଷତ ଥିବା ଜଣାପଡିଥିଲା। ପ୍ରାୟ ଦେଢ଼ ସପ୍ତାହ ଧରି ଚିକିତ୍ସା କରାଯିବା ପରେ



ଶେଷରେ ହାତୀର ଜୀବନ ରକ୍ଷା କରାଯାଇପାରି ନ ଥିଲା। ଏଥିପୂର୍ବରୁ ଗତ ୫ ତାରିଖରେ ଢେଙ୍କାନାଳ ସଦର ରେଞ୍ଜ୍ ଲୋଚାପଲି ଗ୍ରାମରୁ ଅସୁସ୍ଥ ଅବସ୍ଥାରେ ଆସିଥିବା ୧୧ ବର୍ଷର ମାଈ ହାତୀର ମଧ୍ୟ ହାତୀ ଉଦ୍ଧାର କେନ୍ଦ୍ରରେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁ ହୋଇଥିଲା। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କର କହିଛନ୍ତି, ହାତୀଟିର କ୍ଷତ ଗୁରୁତର ଥିଲା। ବଞ୍ଚାଇବା ପାଇଁ ବହୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହେଲାନାହିଁ।

# ବ୍ରାହ୍ମଣୀରେ ବୁଡ଼ି ଇଞ୍ଜିନିୟରିଂ ଛାତ୍ର ନିଖୋଜ

**ପରଜଙ୍ଗ,୧୪।୩ (ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସରାଙ୍ଗ ଗାଁ ସ୍ଥିତ ବ୍ରାହ୍ମଣୀ ନଦୀରେ ବୁଡ଼ି ଜଣେ ଇଞ୍ଜିନିୟରିଂ ଛାତ୍ର ନିଖୋଜ ହୋଇଯାଇଛନ୍ତି। ନିଖୋଜ ଛାତ୍ର ଜଣଙ୍କ ହେଲେ ବାଲେଶ୍ୱରର ସନତ କୁମାର ମହାଳିକ। ସନତ ସରାଙ୍ଗସ୍ଥିତ ଇନ୍ଦିରା ଗାନ୍ଧୀ ବୈଷୟିକ ଅନୁଷ୍ଠାନର ବି.ଟେକ ଶେଷ ବର୍ଷର ଛାତ୍ର। ଗୁରୁବାର ଅପରାହ୍ନରେ କଲେଜ ପଛ ପାଖ ବ୍ରାହ୍ମଣୀ ନଦୀରେ ଗାଧୋଉଥିବାବେଳେ ଅସାବଧାନତା କାରଣରୁ ସେ ନଦୀର ଜଳସ୍ରୋତରେ ଭାସି ଯାଇଥିଲେ। ଖବରପାଇ ପରଜଙ୍ଗ ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି।



# ବିଜେପୁର ଆସନ ଉପରେ ସଭିଙ୍କ ଆଖି

ବରଗଡ଼,୧୪।୩(ପ୍ରେମାନନ୍ଦ ଖମାରୀ)

ମୁଖ୍ୟମନ୍ତ୍ରୀଙ୍କ ଦ୍ୱିତୀୟ ନିର୍ବାଚନମଣ୍ଡଳୀ କୁହାଯାଉଥିବା ବରଗଡ଼ ଜିଲା ବିଜେପୁର ଆସନ ପ୍ରତି ଏବେ ସଭିଙ୍କ ଆଖି ରହିଛି। ୩ ପ୍ରମୁଖ ଦଳ ବିଜେଡି, କଂଗ୍ରେସ ଓ ଭାଜପା ଏହି ଆସନ ହାତେଇବାକୁ ପ୍ରୟାସ ଜାରି ରଖିଛନ୍ତି। ଅନ୍ୟପଟେ ଭାଜପା-ବିଜେଡି ମେଣ୍ଟ ଚର୍ଚ୍ଚା ଉଭୟ ଦଳକୁ ଅଡୁଆରେ ପକାଇଛି। ଖୋଦ ମୁଖ୍ୟମନ୍ତ୍ରୀ ଏହି ଆସନକୁ ନିଜ ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଘୋଷଣା କରିସାରିଥିବାରୁ ମେଣ୍ଟ ହେଲେ ମଧ ଭାଗବଣ୍ଟାରେ ଏହି ଆସନକୁ ବିଜେଡି ଭାଜପା ହାତକୁ ଠେଲିଦେବ, ସେହି ଆଶା କ୍ଷୀଣ ରହିଛି। ମେଣ୍ଟ ହେଲେ, କଂଗ୍ରେସ ହିଁ ପ୍ରମୁଖ ପ୍ରତିଦ୍ୱନ୍ଦ୍ୱୀ ସାଜିବ ବୋଲି ସ୍ପଷ୍ଟ ଦେଖାଯାଉଛି। କିନ୍ତୁ ଆଗାମୀ ନିର୍ବାଚନରେ କଂଗ୍ରେସ ପୂର୍ବସ୍ଥିତିକୁ ଫେରିବା ପାଇଁ କେତେଦୂର ସଫଳ ହେବ, ତାହା ନିର୍ବାଚନ ଫଳାଫଳ ଘୋଷଣା ପରେ ଜଣାପଡ଼ିବ।

ବିଜେପୁର ଆସନ କଂଗ୍ରେସର ଗଡ଼ ଥିଲା। ୧୯୯୫ ସାଧାରଣ ନିର୍ବାଚନରେ ସ୍ୱର୍ଗତ ରିପୁନାଥ ସେଠ ଏଠାରେ କଂଗ୍ରେସରୁ ଲଢ଼ି ବିଜୟୀ ହେବା ସହିତ ଶକ୍ତି, କ୍ରୀଡ଼ା, ସ୍ୱାସ୍ଥ୍ୟ ଏବଂ ଶିକ୍ଷାମନ୍ତ୍ରୀ ଭାବେ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇଥିଲେ। ରିପୁନାଥ ୨୦୦୦ ସାଧାରଣ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ଭାବେ ଭଟଲି ବିଧାନସଭା ନିର୍ବାଚନମଣ୍ଡଳୀରୁ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ। ସେଠାରୁ ସେ ପରାଜିତ ହୋଇଥିଲେ। ସେତେବେଳେ ବିଜେପୁର ଆସନ ମଧ୍ୟ କଂଗ୍ରେସ ହାତରୁ ବିଜେଡିକୁ ଚାଲିଯାଇଥିଲା ଏବଂ ତତ୍କାଳୀନ ବିଜେଡି ପ୍ରାର୍ଥୀ ଅଶୋକ ପାଣିଗ୍ରାହୀ ବିଜୟୀ ହୋଇ ଦଳର ଖାତା ଖୋଲିଥିଲେ।

ଅପରପକ୍ଷେ ୨୦୦୪ରୁ ୨୦୧୪ ସାଧାରଣ ନିର୍ବାଚନ ପର୍ଯ୍ୟନ୍ତ ବିଜେଡି ଆଉ କଂଗ୍ରେସ ସହିତ ସମକକ୍ଷ ହୋଇ ପାରି ନ ଥିଲା। ସେହି ୩ ସାଧାରଣ ନିର୍ବାଚନରେ ତତ୍କାଳୀନ କଂଗ୍ରେସ ପ୍ରାର୍ଥୀ ସ୍ୱର୍ଗତ ସୁବଳ ସାହୁ ବାଜିମାତ୍ କରିଥିଲେ। ସେ ନିର୍ବାଚନରେ ହ୍ୟାଟ୍ରିକ ବିଜୟ ହାସଲ ସହିତ ବିଜେଡିର ଆଗଧାଡ଼ିର ନେତା ପ୍ରସନ୍ନ ଆଚାର୍ଯ୍ୟଙ୍କୁ ମଧ୍ୟ ପରାଜିତ କରିଥିଲେ। ୨୦୧୮ରେ ସୁବଳଙ୍କ ଦେହାନ୍ତ ପରେ ହୋଇଥିବା ଉପନିର୍ବାଚନ ପୂର୍ବରୁ କଂଗ୍ରେସ ଦଖଲରେ ରହିଥିବା ବରପାଲି ଏନ୍‌ଏସିକୁ ବିଜେଡି ନିଜ ଦଖଲକୁ ନେବା ସହିତ ସୁବଳଙ୍କ ସ୍ତ୍ରୀ ରୀତାଙ୍କୁ ୨୦୧୮ ଉପନିର୍ବାଚନରେ ଦଳୀୟ ପ୍ରାର୍ଥିନୀ ଭାବେ ଛିଡ଼ା କରାଇ ବିଜୟର ସ୍ୱାଦ ଚାଖିଥିଲା। ଏହାର କିଛିମାସ ପରେ ୨୦୧୯ ସାଧାରଣ ନିର୍ବାଚନ ହୋଇଥିଲା। ନିର୍ବାଚନ ମଇଦାନକୁ ବିଜେଡି ରୀତାଙ୍କୁ ଛାଡ଼ି ନ ଥିଲା



ରୀତା ସାହୁ



ଅଭିଷେକ ସେଠ



ସନତ ଗଡ଼ତିଆ

ଏବଂ ନିଜର ଦ୍ୱିତୀୟ ନିର୍ବାଚନମଣ୍ଡଳୀ ଭାବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏଠାରୁ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଏହି ଆସନରୁ ସେ ଇସ୍ତଫା ଦେବାରୁ ପୁଣିଥରେ ଉପନିର୍ବାଚନ ହୋଇଥିଲା ଏବଂ ସେଥିରେ ରେକର୍ଡ ସଂଖ୍ୟକ ଭୋଟ ପାଇ ରୀତା ପୁଣି ବିଧାୟିକା ନିର୍ବାଚିତ ହୋଇଥିଲେ। ଏପରିକି ରୀତାଙ୍କ ପ୍ରତି ଭରସା ରଖି ମୁଖ୍ୟମନ୍ତ୍ରୀ ତାଙ୍କୁ ମନ୍ତ୍ରିମଣ୍ଡଳରେ ସ୍ଥାନିତ କରିଛନ୍ତି।

ଆଗକୁ ନିର୍ବାଚନ ଥିବା ବେଳେ ଦଳୀୟ କନ୍ଦଳ କାହାକୁ ଅଛପା ନାହିଁ। ବିରୋଧୀ ଦଳଙ୍କ ବିରୋଧ ନଜରକୁ ଆସୁ ନ ଥିବାବେଳେ ଏହି ନିର୍ବାଚନମଣ୍ଡଳୀରେ ବିଜେଡିରେ ଚାଲିଥିବା ବିଦ୍ରୋହ ସାଧାରଣରେ ଚର୍ଚ୍ଚାର ବିଷୟ ହୋଇଛି। ଏଭଳି ସ୍ଥିତିରେ ବିଜେଡି ଆଶାୟୀ ତାଲିକାରେ ସଂଖ୍ୟା ବଢ଼ିଚାଲିଛି। ରୀତାଙ୍କ ସମେତ ଡ. ପ୍ରଭାସ ସିଂ, ନୀହାରିକା ଗିରି, କିଶୋର ଦେବତା, ଲାଲ ବିକ୍ରମ ସିଂ ଦେଓଙ୍କ ସମେତ ଅନେକ ଦଳୀୟ ଆଶାୟୀ ରହିଛନ୍ତି। ତେବେ ବିଜେଡି ବିଦ୍ରୋହକୁ ହାତଛଡ଼ା କରିବା ପାଇଁ ବିରୋଧୀ କଂଗ୍ରେସ ଓ ଭାଜପା ଚାହୁଁ ନ ଥିବା ଦେଖାଯାଉଛି।

ମନେପକାଇ ଦିଆଯାଇପାରେ ଯେ, ଉକ୍ତ ନିର୍ବାଚନମଣ୍ଡଳୀରେ କଂଗ୍ରେସର ୨ଟାଣୁଆ ନେତା ସ୍ୱର୍ଗତ ରିପୁନାଥ ସେଠ ଏବଂ ସ୍ୱର୍ଗତ ସୁବଳ ସାହୁଙ୍କ ବହୁତ ପ୍ରଭାବ ରହିଥିଲା। ସାହୁଙ୍କ ଦେହାନ୍ତ ଯୋଗୁ ସ୍ତ୍ରୀ ରୀତା ବିଜେଡିରେ ଯୋଗଦାନ କରିବା ପରେ ଦଳର ପୁରୁଖା ନେତା ସ୍ୱର୍ଗତ ସେଠଙ୍କ ପୁଅ ଅଭିଷେକଙ୍କୁ ଆଗାମୀ ନିର୍ବାଚନରେ କଂଗ୍ରେସ ଏଠାରୁ ଦଳୀୟ ପ୍ରାର୍ଥୀ ଭାବେ ନିର୍ବାଚନୀ ମଇଦାନକୁ ଛାଡ଼ିପାରେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ପିତାଙ୍କ ପ୍ରେରଣାରୁ ଛାତ୍ର ଜୀବନରୁ କଂଗ୍ରେସ ରାଜନୀତିକୁ ଓହ୍ଲାଇଥିବା ଅଭିଷେକ ୨୦୧୯ରେ ଦଳର ଜିଲା ଯୁବ କଂଗ୍ରେସ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଏହାସହ ବିଜେପୁର ନିର୍ବାଚନମଣ୍ଡଳୀର ସ୍ଥାନୀୟ ସମସ୍ୟା ନେଇ ଅଞ୍ଚଳବାସୀଙ୍କ ସହିତ ସେ ଆନ୍ଦୋଳନକୁ ଓହ୍ଲାଉଥିବା ଦେଖିବାକୁ ମିଳିଛି। ତେବେ ଅଭିଷେକଙ୍କ ସହିତ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ଦିଲୀପ ପଣ୍ଡା ଏବଂ ଦୁଷ୍ମନ୍ତ ମେହେରଙ୍କ ସମେତ ଅନେକ ଆଶାୟୀ ଟିକେଟ ଦୌଡ଼ରେ ଅଛନ୍ତି।

ଭାଜପାରେ ଆଶାୟୀଙ୍କ ତାଲିକା ଆହୁରି ଲମ୍ବା। ସେମାନଙ୍କ ମଧ୍ୟରୁ ଗତ ସାଧାରଣ ନିର୍ବାଚନର ଦଳୀୟ ପ୍ରାର୍ଥୀ ସନତ ଗଡ଼ତିଆ, ହଳପାଣି ମାଝି, ସୁରେନ୍ଦ୍ର ପାତ୍ର, ଝରଣା ପାଣିଗ୍ରାହୀ, ଡା. ସୁନୀଲ ଶର୍ମା, ଗୋବର୍ଦ୍ଧନ ଭୁଏ, ପ୍ରମୋଦ ଛତରଙ୍କ ସମେତ ଅନେକ କାର୍ଯ୍ୟକର୍ତ୍ତାଙ୍କ ନାମ ଶୁଣିବାକୁ ମିଳୁଛି। ତେବେ ଏହି ଆସନରେ ଏପର୍ଯ୍ୟନ୍ତ ଭାଜପା ଖାତା ଖୋଲିପାରି ନ ଥିବାବେଳେ କେଉଁ ଆଶାୟୀଙ୍କ ପ୍ରତି ଅଧିକ ଭରସା ରଖି ନିର୍ବାଚନୀ ମଇଦାନକୁ ଛାଡ଼ିବ, ପ୍ରାର୍ଥୀ ତାଲିକା ପ୍ରକାଶ ପରେ ତାହା ଜଣାପଡ଼ିବ।

## ନିର୍ବାଚନ ସାମଗ୍ରୀ ବିଷୟରେ ସମୀକ୍ଷାକଲେ ସିଇଓ



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ନିର୍ବାଚନ ସାମଗ୍ରୀ ସଂକ୍ରାନ୍ତ ସମୀକ୍ଷା ବୈଠକ।

ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

ଓଡ଼ିଶାରେ ଆଗାମୀ ନିର୍ବାଚନର ସୁପରିଚାଳନା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ(ସିଇଓ)ଙ୍କ ପକ୍ଷରୁ ସବୁ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀଙ୍କ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଇଓଙ୍କ କାର୍ଯ୍ୟାଳୟ ତରଫରୁ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡ. ଏନ୍. ତିରୁମାଲା ନାଏକ ଓ ମିହିର ମହାନ୍ତି ଏହି ସମୀକ୍ଷା କରିଛନ୍ତି। ବୈଠକରେ ରାଜ୍ୟର ସମସ୍ତ ଜିଲାର ନିର୍ବାଚନ ସାମଗ୍ରୀ ନୋଡାଲ ଅଧିକାରୀମାନେ ଆଭାସି ମାଧ୍ୟମରେ ଯୋଗଦେଇ ନିଜ ଜିଲାର ପ୍ରସ୍ତୁତି ସମ୍ପର୍କରେ ସବିଶେଷ ସୂଚନା ଦେଇଛନ୍ତି।

ବୁଥ୍‌ସ୍ତରରେ ନିର୍ବାଚନ ପରିଚାଳନା ପାଇଁ ବିଭିନ୍ନ ସାମଗ୍ରୀ ଆବଶ୍ୟକ ହୋଇଥାଏ। ସେହି ସମସ୍ତ ସାମଗ୍ରୀ ଯେପରି ରାଜ୍ୟର ସବୁ ବୁଥ୍ ପାଇଁ ଉପଯୁକ୍ତ ଭାବେ ପ୍ରାପ୍ତ ହୋଇପାରିବ ସେସବୁ ବିଷୟରେ ସମୀକ୍ଷା କରାଯାଇଛି। ଭୋଟିଂ କମ୍ପାର୍ଟମେଣ୍ଟ, ବ୍ୟାକ୍‌ପେକ୍, ଏଲ୍‌ଇଡି ଲ୍ୟାମ୍ପ, ବାକ୍ସ, ଲୁହା ର୍ୟାକ୍, ଏକଜଷ୍ଟ ଫ୍ୟାନ୍, ସିଲ୍, କାଳି, କାର୍ବନ ପେପର, ଗୁଳିସୂତା, ପିନ୍, ମହମବତି, ଷ୍ଟାମ୍ପପ୍ୟାଡ୍ ଭଳି ବିଭିନ୍ନ ସାମଗ୍ରୀ ପ୍ରତିଟି ବୁଥ୍‌ରେ ବ୍ୟବହାର ହେବ। ଜିଲାସ୍ତରରେ ଏଥିପାଇଁ ବ୍ୟାପକ ପ୍ରସ୍ତୁତି ଚାଲିଛି। ରାଜ୍ୟର ପ୍ରାୟ ଜିଲାଗୁଡ଼ିକରେ ଅତିରିକ୍ତ ଜିଲାପାଳମାନେ ଏହି ନିର୍ବାଚନ ସାମଗ୍ରୀଗୁଡ଼ିକର ନୋଡାଲ ଅଧିକାରୀ ରୂପେ କାର୍ଯ୍ୟ କରୁଛନ୍ତି। ଗୁରୁବାର ଅନୁଷ୍ଠିତ ହୋଇଥିବା ଆଭାସି ବୈଠକରେ ଏହି ସମସ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ବିଭିନ୍ନ ଜିଲାର ପ୍ରସ୍ତୁତି ନେଇ ଆଲୋଚନା ହୋଇଛି। ବିଭିନ୍ନ ଜିଲାରେ ଆରମ୍ଭ ହୋଇଥିବା ନିର୍ବାଚନ ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ସମସ୍ତ ସାମଗ୍ରୀର ବ୍ୟବହାର ସମ୍ପର୍କରେ ମଧ ପ୍ରଶିକ୍ଷଣ ଦିଆଯାଉଛି। ସମସ୍ତ ପ୍ରିଜାଇଡିଂ ଅଫିସର ଓ ପୋଲିଂ ଅଫିସର ଉକ୍ତ ନିର୍ବାଚନ ସାମଗ୍ରୀ ବିଷୟରେ ପ୍ରଶିକ୍ଷଣ ପ୍ରାପ୍ତ ହେବେ। ଏହାଦ୍ୱାରା ସେମାନେ ବୁଥ୍‌ସ୍ତରରେ ସମସ୍ତ ସାମଗ୍ରୀର ସୁବ୍ୟବହାର କରିପାରିବେ। ଆସନ୍ତା ସାଧାରଣ ନିର୍ବାଚନକୁ ଓଡ଼ିଶାରେ ସମ୍ପୂର୍ଣ୍ଣ ରୂପେ ମୁକ୍ତ, ଅବାଧ ଓ ନିରପେକ୍ଷ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି। ସମୀକ୍ଷା ବୈଠକରେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ବାଚନ ନୋଡାଲ ଅଫିସରଙ୍କ ସହ ଏ ସମସ୍ତ ବିଷୟରେ ସବିଶେଷ ଆଲୋଚନା କରିଛନ୍ତି।

## ଭାଜପାରେ ଭବାନୀପାଟଣା ପୂର୍ବତନ ବିଧାୟକ ଅନାମ ନାଏକ

ଭବାନୀପାଟଣା,୧୪।୩
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାର ପୂର୍ବତନ ବିଧାୟକ ଅନାମ ନାଏକ ବିଜେଡି ଛାଡି ଗୁରୁବାର ଭାଜପାରେ ସାମିଲ ହୋଇଛନ୍ତି। ଭୁବନେଶ୍ୱର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ମନମୋହନ ସାମଲ ଓ ବିରୋଧୀ ଦଳ ନେତା ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ସେ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଥିଲେ। ପୂର୍ବତନ ବିଧାୟକ ନାଏକ ଭବାନୀପାଟଣା ନିର୍ବାଚନମଣ୍ଡଳୀରେ ୨୦୧୪ରୁ ୨୦୧୯ ଯାଏଁ ବିଜେଡି ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ୨୦୧୯ରେ ଦଳ ତାଙ୍କୁ ଟିକେଟ ନ ଦେଇ ତାଙ୍କ ସ୍ଥାନରେ କଂଗ୍ରେସରୁ ଆସିଥିବା ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକଙ୍କୁ ଟିକେଟ ଦେଇଥିଲା। ହେଲେ ବିଜେଡିରୁ ଛିଡା ହୋଇଥିବା ଦୁଷ୍ମନ୍ତ ଭାଜପା ପ୍ରାର୍ଥୀ ପ୍ରଦୀପ୍ତ ନାଏକଙ୍କଠାରୁ ପରାଜିତ ହୋଇଥିଲେ। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ବତନ ବିଧାୟକ ଅନାମ ଭିଜିଲାନ୍ସ ଦ୍ୱାରା ପୂର୍ବରୁ ଗିରଫ ହୋଇଥିଲେ।



ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଦଳୀୟ ନେତାଙ୍କ ଉପସ୍ଥିତିରେ ଅନାମ ନାଏକ ଓ ଅନ୍ୟମାନେ।

## ମନୀଷା, ଜଗଦାନନ୍ଦଙ୍କୁ ମୁଖପାତ୍ର ନିଯୁକ୍ତକଲା କଂଗ୍ରେସ

ଭୁବନେଶ୍ୱର, ୧୪।୩(ସୁନିତ୍ ମିଶ୍ର)

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି)ର ନିର୍ଦ୍ଦେଶକ୍ରମେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକ ନୂତନ ମୁଖପାତ୍ର ଭାବେ ଜଗଦାନନ୍ଦ ପ୍ରଧାନ ଓ ମନୀଷା ଦାସ ପଟ୍ଟନାୟକଙ୍କୁ ନିଯୁକ୍ତି ଦେଇଛନ୍ତି। ଏନେଇ ପିସିସିର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ଗୁରୁବାର ସୂଚନା ଦେଇଛନ୍ତି। ଜଗଦାନନ୍ଦ ଏବଂ ମନୀଷା ନିଜ ଦାୟିତ୍ୱ ନିଷ୍ଠାର ସହ ସମ୍ପାଦନ କରିବେ ବୋଲି ପିସିସି ସଭାପତି ଆଶା ପ୍ରକାଶ କରିଥିବା ଜଣାଇଛନ୍ତି।



## ସଂକ୍ଷେପରେ

### ମୋବାଇଲ ଫୋନ୍ ଲୁଟ୍ ଅଭିଯୋଗରେ ୨ ଅଟକ

**ଧର୍ମଶାଳା, ୧୪।୩(ବଟକୃଷ୍ଣ ପରିଡ଼ା):** ଧର୍ମଶାଳା ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥ ରଥିଆ ନିକଟରେ ଜଣେ ଟ୍ରକ୍ ଡ୍ରାଇଭରଙ୍କଠାରୁ ମୋବାଇଲ୍ ଫୋନ୍ ଲୁଟ୍ କରିଥିବା ୨ ଯୁବକଙ୍କୁ ସ୍ଥାନୀୟ ଲୋକେ କାବୁ କରି ପୋଲିସ ଜିମା ଦେଇଛନ୍ତି। ଏଥିସହିତ ସେମାନଙ୍କ ନିକଟରୁ ଚୋରି ମୋବାଇଲ୍ ଫୋନ୍ ଓ ଏକ ସ୍କୁଟି ଜବତ ହୋଇଛି। ସେମାନେ ହେଲେ ଧର୍ମଶାଳା ଥାନା ଚାରବାଟିଆ ଗ୍ରାମର ସତ୍ୟରଞ୍ଜନ ମହାକୁଡ଼ ଓ ବଡ଼ଚଣା ଥାନା ନୂଆ ସୁଙ୍ଗୁଡ଼ା ଗ୍ରାମର ରଶ୍ମିରଞ୍ଜନ ମହାଲା। ରଥିଆ ନିକଟ ଏକ ଢାବା ପାଖରେ ଟ୍ରକ ଡ୍ରାଇଭର ଗାଡ଼ିରୁ ଓହ୍ଲାଇ ମୋବାଇଲରେ କଥା ହେଉଥିଲେ। ଏହି ସମୟରେ ଓଆର୍-୩୪-ଇ-୯୪୬୮ନଂ. ସ୍କୁଟିରେ ୨ ଯୁବକ ଆସି ସମ୍ପୃକ୍ତ ଡ୍ରାଇଭରଙ୍କଠାରୁ ମୋବାଇଲ ଲୁଟି ନେଇ ଶଙ୍ଖାରୀଡିହ ଆଡେ ପଳାଇ ଯାଇଥିଲେ। ଡ୍ରାଇଭର ଜଣେ ବାଇକ ଚାଳକଙ୍କ ସାହାଯ୍ୟରେ ସେମାନଙ୍କୁ ପିଛା କରିବା ସହ ହୋହଲ୍ଲା କରିଥିଲେ। ଫଳରେ ଶଙ୍ଖାରୀଡିହର କେତେଜଣ ଯୁବକ ସେମାନଙ୍କୁ କାବୁକରି ମୋବାଇଲ ଫୋନ୍ ଉଦ୍ଧାର କରିବା ସହ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ସେମାନଙ୍କ ସ୍କୁଟି ଜବତ କରିବା ସହ ଉଭୟଙ୍କୁ ଥାନାକୁ ନେଇଥିଲା ବୋଲି ଥାନା ଅଧିକାରୀ ତପନ କୁମାର ନାୟକ ସୂଚନା ଦେଇଛନ୍ତି।

### ଡ୍ରେନେଜ୍ ପ୍ରକଳ୍ପର ଶିଳାନ୍ୟାସ

**ବିଞ୍ଝାରପୁର, ୧୪।୩(ରାମକୃଷ୍ଣ ଦାସ):** ବିଞ୍ଝାରପୁର ଡ୍ରେନେଜ ବିଭାଗ ଅଧୀନ ସୟଦପୁର ପଞ୍ଚାୟତରୁ ଉଦବୃତ୍ତ ଜଳ ନିଷ୍କାସନ ପାଇଁ ଡ୍ରେନେଜ ବ୍ୟବସ୍ଥା କରାଯିବ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୫ କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ବିଭାଗ ପକ୍ଷରୁ ଗୁରୁବାର ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଜେଡି ଜିଲା ଉପସଭାପତି ଲାଏକ ଅଲ୍ଲି ଖାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ବାଚସ୍ପତି ପ୍ରମିଳା ମଲିକ ଯୋଗଦେଇ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବ୍ଲକ ଅଧକ୍ଷା ରଞ୍ଜିତା ଦାସ, ଉପାଧ୍ୟକ୍ଷ ସେକ୍ ଇର୍ସାଦ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ଓ ସରପଞ୍ଚ ସେକ ମହମ୍ମଦ ସବୀର ପ୍ରମୁଖ ଯୋଗ ଦେଇଥିଲେ। ସୁଖରଞ୍ଜନ ପରିଡ଼ା, ଚନ୍ଦ୍ରଶେଖର ବେହେରା, ସଲାମତ ଖାନ, ଜାବିର ଖାନ, ସେକ୍ ଆଲ୍ଲାଦ୍ଦିନ, ବିଭାଗୀୟ ଏସ୍‌ଇ ଦିଲୀପାନନ୍ଦ ମହାପାତ୍ର, ଏସ୍‌ଡିଓ ପ୍ରଦୀପ ମହାନ୍ତି ଓ କନିଷ୍ଠ ଯନ୍ତ୍ରୀ ସୂର୍ଯ୍ୟ କୁମାର ପ୍ରଧାନଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

### ପ୍ରମୋଦ ଜେନା ବିଏସ୍‌ଏନ୍‌ଏଲ୍ ଉପଦେଷ୍ଟା କମିଟି ସଦସ୍ୟ

**ଚଣ୍ଡିଖୋଲ, ୧୪।୩(ପ୍ରଦୀପ୍ତ କୁମାର ପୃଷ୍ଟି):**



ଯାଜପୁର ଜିଲା ଭାଜପା ସମ୍ପାଦକ ତଥା ବଡ଼ଚଣା ବ୍ଲକ ଖୋସଲିପୁର ଗ୍ରାମର ପ୍ରମୋଦ ଜେନାଙ୍କୁ ଭାରତ ସଞ୍ଚାର ନିଗମ ଲିମିଟେଡ(ବିଏସ୍‌ଏନ୍‌ଏଲ)ର ଉପଦେଷ୍ଟା ମଣ୍ଡଳୀ ସଦସ୍ୟ ନିଯୁକ୍ତ କରାଯାଇଛି। ସେ ନୂଆଦିଲ୍ଲୀ(ଡିଓଟି) ଦ୍ୱାରା ମନୋନୀତ ହୋଇଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି। ସରପଞ୍ଚ ଅଞ୍ଜୁଲତା ସ୍ୱାଇଁ, ବିଶ୍ୱବିଜୟୀ ବ୍ରହ୍ମ, ବେଣୁଧର ବିଶ୍ୱାଳ, ଅମୀୟ ସାହାଣୀ, ସୀତାନାଥ ବଳସାମନ୍ତ ଓ ଲଲାଟେନ୍ଦୁ ମହାପାତ୍ର ପ୍ରମୁଖ ଜେନାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

### ବେଦୀହୁଡ଼ା ମେଳଣ ପ୍ରସ୍ତୁତି ବୈଠକ

**ଚଣ୍ଡିଖୋଲ, ୧୪।୩(ପ୍ରଦୀପ୍ତ କୁମାର ପୃଷ୍ଟି):** ବଡ଼ଚଣା ବ୍ଲକ ବଡ଼ଚଣା ପଞ୍ଚାୟତ ଅଧୀନ ଦେଉଳକୁର ଗ୍ରାମର ପୁରାଣ ପ୍ରସିଦ୍ଧ ବେଦୀହୁଡ଼ା ମେଳଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଗ୍ରାମ୍ୟ କମିଟି ସଭାପତି ବିଜୟ ପ୍ରଧାନ ଓ ସମ୍ପାଦକ ଶିବ ପ୍ରସାଦ ରାଉତଙ୍କ ତତ୍ତ୍ୱାବଧାନରେ ବରୁଣେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ବୈଠକରେ ଆସନ୍ତା ୨୩ ତାରିଖରେ ହେବାକୁ ଥିବା ଏହି ମେଳଣ ପର୍ବରେ ୩୦ରୁ ଊର୍ଦ୍ଧ୍ୱ ବିମାନ ଯୋଗଦେବେ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ପ୍ରତିବର୍ଷ ପରି ଚଳିତ ବର୍ଷ ବହୁ ଆଡ଼ମ୍ବର ସହକାରେ ମେଳଣ ପର୍ବ ଅନୁଷ୍ଠିତ କରାଯିବାକୁ ସର୍ବସମ୍ମତ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଚିତ୍ତରଞ୍ଜନ ପ୍ରଧାନ, ଅନନ୍ତ ରାଉତ, ପ୍ରକାଶ ପ୍ରଧାନ, ପବନେଶ୍ୱର ଜେନାଙ୍କ ସମେତ ଗ୍ରାମର ବହୁ ମୁରବି ଉପସ୍ଥିତ ଥିଲେ।

# ଖଣି, ସହରାଞ୍ଚଳରେ ସର୍ବାଧିକ ଡ୍ରପ୍ ଆଉଟ

- କୋରେଇରେ ସର୍ବାଧିକ ୨୨୫୮, ସୁକିନ୍ଦାରେ ୧୬୩୧
- ଯାଜପୁର ଜିଲା ଶିକ୍ଷା ବିଭାଗର ଅବହେଳା

**ଯାଜପୁର, ୧୪।୩(ହର୍ଷବର୍ଦ୍ଧନ ବେହେରା):** ବହୁଳ ପ୍ରସାରିତ ସର୍ବଶିକ୍ଷା ଅଭିଯାନ ଯାଜପୁର ଜିଲାର ଖଣି ଓ ଗ୍ରାମାଞ୍ଚଳରେ ବିଫଳ ହୋଇଛି। ଖଣି ସମ୍ପଦରେ ଭରପୂର ଜିଲାର ସୁକିନ୍ଦା ଅଞ୍ଚଳରେ ୧୬୩୧ ଓ ବ୍ୟାସନଗର ପୌରପରିଷଦ ତଥା କୋରେଇ ବ୍ଲକ ଅଞ୍ଚଳରେ ୨୨୫୮ ଛାତ୍ରୀଛାତ୍ର ଅଧାରୁ ପାଠ ଛାଡି (ଡ୍ରପ୍‌ଆଉଟ) ଥିବା ସୂଚନା ମିଳିଛି। ୟୁନିଫାଏଡ ଡିଷ୍ଟ୍ରିକ୍ଟ ଇନ୍‌ଫର୍‌ମେଶନ୍ ସିଷ୍ଟମ୍ ଫର ଏଜୁକେଶନ(ୟୁଡିଆଇଏସ୍‌ଇ)ପ୍ଲସ୍ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହାସହ ବିଭିନ୍ନ ସ୍କୁଲରେ ନକଲି ଛାତ୍ରୀଛାତ୍ର ଥିବା ସନ୍ଦେହ କରି ସମ୍ପୃକ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ତୁରନ୍ତ ପଦକ୍ଷେପ ନେବାକୁ ଜିଲା ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ତେବେ ପୂର୍ବରୁ ଡ୍ରପ୍‌ଆଉଟ ପିଲାଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ଯେତେ ପଦକ୍ଷେପ ନିଆଯାଇଥିଲେ ବି ଏଯାଏ ସଫଳତା ନୈରାଶ୍ୟଜନକ ରହିଛି। ଫଳରେ ଶିକ୍ଷା ବିଭାଗର କାର୍ଯ୍ୟଦକ୍ଷତା ଉପରେ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

ଡ୍ରପ୍‌ଆଉଟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅଧିକାଂଶ ତଫସିଲଭୁକ୍ତ ଜାତି ଓ ଜନଜାତି ସମ୍ପ୍ରଦାୟର ରହିଛନ୍ତି। ଏହି ଡ୍ରପ୍‌ଆଉଟ ଛାତ୍ରୀଛାତ୍ର ଦେଶୀ ମଦ ଦୋକାନ, ଚାଷ କାର୍ଯ୍ୟ, ଚୁକ୍ତିଭିତ୍ତିକ ଶ୍ରମିକ, ଗ୍ୟାରେଜ ଆଦି ସ୍ଥାନରେ ବାଧ୍ୟହୋଇ କାମ କରୁଛନ୍ତି। ଫଳରେ ସେମାନଙ୍କ ଶାରୀରିକ ଓ ମାନସିକସ୍ତରରେ ଖରାପ ପ୍ରଭାବ ପଡୁଛି। ଏନେଇ ସାମାଜିକ କର୍ମୀ ମଣ୍ଟୁ ଦାସ ଉକ୍ତ ଶିଶୁମାନେ ଶିକ୍ଷା, ପୁଷ୍ଟିକର ଖାଦ୍ୟ ଓ ସ୍ୱାସ୍ଥ୍ୟସେବା ପରି ମୌଳିକ ଅଧିକାରରୁ ବଞ୍ଚିତ ହେଉଥିବା ଅଭିଯୋଗ କରି ହାଇକୋର୍ଟରେ ୧୭୨୯/୨୦୨୩ ନମ୍ବରରେ ଏକ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ। ଏହି ମାମଲା ଉପରେ ହାଇକୋର୍ଟଙ୍କ ପକ୍ଷରୁ ୨୪।୧।୨୦୨୪ରେ ଶୁଣାଣି କରି ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗଙ୍କୁ ଅଭିଯୋଗ ଉପରେ ତଦନ୍ତ କରିବା ସହ ଉପଯୁକ୍ତ ଭାବେ ଥଇଥାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ହେଲେ ଏକ ବର୍ଷରୁ ଊର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ଶିକ୍ଷା ବିଭାଗର ବିଫଳତା ଯୋଗୁ ଡ୍ରପ୍‌ଆଉଟ ପିଲାମାନେ ଥଇଥାନ ପାଇଁ ରାହା ଖୋଜୁଥିବା ଅଭିଯୋଗ ହେଉଛି। କେଉଁ କାରଣରୁ



ସୁକିନ୍ଦା ଅଞ୍ଚଳର ଡ୍ରପ୍ ଆଉଟ୍ ଝିଅମାନେ ଜଙ୍ଗଲରୁ କାଠ ବୋହି ଆଣୁଛନ୍ତି।

ଏହି ଛାତ୍ରୀଛାତ୍ରମାନେ ଡ୍ରପ୍‌ଆଉଟ ରହିଛନ୍ତି ତାହାର କାରଣଗୁଡିକ ଖୋଜି ବାହାର କରି ପ୍ରତିକାର ବ୍ୟବସ୍ଥା କରା ନ ଗଲେ ପିଲାମାନଙ୍କୁ ଆନୁଷ୍ଠାନିକ ଶିକ୍ଷା ପରିସରକୁ ଆଣିବା ପାଇଁ ସମଗ୍ର ଶିକ୍ଷାର ଉଦ୍ଦେଶ୍ୟ ହାସଲ ହୋଇପାରିବ ନାହିଁ ବୋଲି ମତପ୍ରକାଶ ପାଇଛି। ୧୨।୧।୨୦୨୪ରେ ଜିଲା ଶିକ୍ଷାଧିକାରୀଙ୍କ ଅଧ୍ୟକ୍ଷତାରେ ଭର୍ଚୁଆଲ ମୋଡରେ ଡିଷ୍ଟ୍ରିକ୍ଟ ରିଭ୍ୟୁ ମିଟିଂ(ଡିଆରଏମ୍) ହୋଇଥିଲା। ଉକ୍ତ ବୈଠକରେ ଯାଜପୁର ଜିଲାରେ ୧୩,୦୧୦ ଡ୍ରପ୍ ଆଉଟ୍ ଥିବା ଆଲୋଚନା ହୋଇଥିଲା। ଏଥିରେ କୋରେଇ ବ୍ଲକରେ ସର୍ବାଧିକ ୨୨୫୮, ସୁକିନ୍ଦାରେ ୧୬୩୧, ଦଶରଥପୁରରେ ୧୫୨୩ ଓ ଧର୍ମଶାଳାରେ ୧୪୨୨ ରହିଥିବାବେଳେ ସେମାନଙ୍କୁ ବ୍ୟବସ୍ଥିତ କରିବାର ତଥ୍ୟ ସନ୍ତୋଷଜନକ ନୁହେଁ ବୋଲି ବୈଠକରେ ମତ ପ୍ରକାଶପାଇଥିଲା। ଏହି କ୍ରମରେ ଡ୍ରପ୍ ଆଉଟ ଓ ନକଲି ଛାତ୍ରୀଛାତ୍ର ସଂଖ୍ୟା ହ୍ରାସ କରିବା ସହ ଶତପ୍ରତିଶତ ୟୁଡିଆଇଏସ୍‌ଇ ପୋର୍ଟାଲରେ ଅପ୍‌ଡେଟ କରିବାକୁ ବ୍ଲକ ଶିକ୍ଷାଧିକାରୀ(ବିଇଓ)ମାନଙ୍କୁ ନିର୍ଦ୍ଦେଶ ହୋଇଥିଲା। ଏହି ବୈଠକର ବିବରଣୀ ପ୍ରକାଶ କରାଯାଇ ୨୮।୧।୨୦୨୪ ସୁଦ୍ଧା ଆବଶ୍ୟକ ପଦକ୍ଷେପ ନେବାକୁ ବିଇଓମାନଙ୍କୁ ବିଭାଗୀୟ ପତ୍ର ଦିଆଯାଇଥିଲା। ହେଲେ ଏଯାଏ ପରିସ୍ଥିତି ବଦଳି ନ ଥିବା ଅଭିଯୋଗ ହୋଇଛି।

ଜିଲାର ୨୪୯ଟି ହାଇସ୍କୁଲର ରୁପାନ୍ତରୀକରଣ କରାଯାଇ ୧୬୮ କୋଟି ୬୪ ଲକ୍ଷ ୪୪ ହଜାର ୪୩୦ ଟଙ୍କା ଖର୍ଚ୍ଚ ହୋଇଛି। ଏହାବାଦ୍ ଦ୍ୱିତୀୟ ପର୍ଯ୍ୟାୟରେ ରୂପାନ୍ତରୀକରଣ କାର୍ଯ୍ୟ ଚାଲିଛି। ତଥାପି ଡ୍ରପ୍‌ଆଉଟ ହ୍ରାସ ନ ହେବା ଶିକ୍ଷା ବିଭାଗର ଉଦାସୀନତାକୁ ସ୍ପଷ୍ଟ କରୁଛି ବୋଲି ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ନିବେଦିତା ପାଣି ସମସ୍ତ ବ୍ଲକ ଶିକ୍ଷାଧିକାରୀମାନଙ୍କୁ ୟୁଡିଆଇଏସ୍‌ଇ ପ୍ଲସ୍ ରିପୋର୍ଟକୁ ଗୁରୁତ୍ୱ ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଜାରି କରିଛନ୍ତି।

### ସଡ଼କ ଦୁର୍ଘଟଣାରେ ଆହତ ଯୁବକଙ୍କ ମୃତ୍ୟୁ

**ଧର୍ମଶାଳା, ୧୪।୩(ବଟକୃଷ୍ଣ ପରିଡ଼ା):** ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଧର୍ମଶାଳା ଥାନା ଉତ୍ତରଶାସନ ଗ୍ରାମର ଜଣେ ଯୁବକଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ପରିକ୍ଷିତ ମହାରଣାଙ୍କ ଏକ ମାତ୍ର ପୁତ୍ର ପ୍ରୀତିରଞ୍ଜନ ମହାରଣା(୩୧)। ଗୁରୁବାର ତାଙ୍କ ମୃତଦେହ ଅଣାଯାଇ ଗ୍ରାମ ଶ୍ମଶାନରେ ସତ୍କାର କରାଯାଇଛି। ପ୍ରୀତିରଞ୍ଜନ ୫ ବର୍ଷ ପୂର୍ବେ ବିବାହ କରିଥିଲେ। ତାଙ୍କର ୩ ବର୍ଷର ଏକ ପୁତ୍ର ସନ୍ତାନ ଥିବା ସୂଚନା ମିଳିଛି।

ସେ ଗତ ୫ ତାରିଖରେ ପ୍ରଧାନମନ୍ତ୍ରୀଙ୍କ ବେଣାପୁର ସଭାକୁ ବାଇକରେ ଯାଇଥିଲେ। ସେଠାରୁ କୌଣସି କାର୍ଯ୍ୟରେ ଛତିଆକୁ ଯାଇଥିଲେ। କାମ ସାରି ସନ୍ଧ୍ୟା ୭ଟାରେ ଫେରୁଥିବାବେଳେ ୧୬ନଂ. ଜାତୀୟ ରାଜପଥର ବଡ଼ଚଣା-ଚଣ୍ଡିଖୋଲ ମଧ୍ୟରେ ତାଙ୍କୁ ଏକ ଅଜଣାଗାଡି ଧକ୍କା ଦେଇଥିଲା। ଫଳରେ ସେ ଘଟଣାସ୍ଥଳରେ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ବଡ଼ଚଣା ଓ ପରେ କଟକ ବଡ଼ ମେଡିକାଲକୁ ପଠାଇଥିଲେ। ସେଠାରେ ତାଙ୍କର ଚିକିତ୍ସା ଚାଲିଥିଲା।

# ଦାବିପୂରଣ ପାଇଁ କଳାବ୍ୟାଜ୍ ପିନ୍ଧିଲେ ଖବରଦାତା



ଉତ୍କଳ ସାମ୍ବାଦିକ ସଂଘ କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ବିକ୍ଷୋଭ**

**ଯାଜପୁରରୋଡ୍, ୧୪।୩(ପବିତ୍ର ରଞ୍ଜନ ମହାନ୍ତି):** ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ ଶାଖା ନିର୍ଦ୍ଦେଶରେ ଗୁରୁବାର ଯାଜପୁର ଜିଲାର ବିଭିନ୍ନ ସ୍ଥାନରେ ଖବରଦାତାମାନେ କଳା ବ୍ୟାଜ୍ ପିନ୍ଧିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ସଂଘ ଯାଜପୁରରୋଡ୍ ଶାଖା ପକ୍ଷରୁ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଖବରଦାତାଙ୍କ ପାଇଁ ସୁରକ୍ଷା ଆଇନ ଲାଗୁ କରିବା, ପେନସନ ପ୍ରଦାନ, ବିଜୁ ସ୍ୱାସ୍ଥ୍ୟକାର୍ଡରେ ଅନୁରୂପ ସ୍ୱାସ୍ଥ୍ୟବୀମା ସୁବିଧା ପ୍ରଦାନ କରିବା ଓ ପ୍ରେସ ଏକାଡେମୀ ଗଠନ ଆଦି ୧୦ ଦଫା ଦାବି ପୂରଣ ପାଇଁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଏହାକୁ ରାଜ୍ୟ ସରକାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗରେ ଏହି ଆନ୍ଦୋଳନ କରାଯାଇଛି। ଏବେ ସରକାର ସବୁ ବର୍ଗଙ୍କ ପାଇଁ ସୁବିଧା ସୁଯୋଗ ଘୋଷଣା କରୁଥିବାବେଳେ ଖବରଦାତାଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରିବାକୁ ନିନ୍ଦା କରାଯାଇଛି। ବିକ୍ଷୋଭରେ ଉତ୍କଳ ସାମ୍ବାଦିକ ସଂଘ ରାଜ୍ୟ କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ଯାଜପୁର ଜିଲା ସାଧାରଣ ସମ୍ପାଦକ ପୀତବାସ ଭୂୟାଁ, କାର୍ଯ୍ୟକାରୀ ସଭାପତି ରଙ୍ଗବଲ୍ଲଭ ସାହୁ, ଉପସଭାପତି ପବିତ୍ର ରଞ୍ଜନ ମହାନ୍ତି, ସମ୍ପାଦକ ଶୁଭାଶିଷ ରାଉତ, କାର୍ଯ୍ୟକାରୀ କମିଟି ସଭ୍ୟ ଆଶୁତୋଷ ମହାନ୍ତି, ଶୁଭାଶିଷ ଦାସ ମହାପାତ୍ର, ସୁଜିତ ମଲ୍ଲିକ, ବିଜୟ ସାହୁ, ଦିନେଶ ମସ୍କରା, ଜିତେନ୍ଦ୍ର ରାଉତ, ଟୁନା ଗୁରୁ, ପ୍ରମୋଦ ପାତ୍ର ଓ ପ୍ରହଲାଦ ଦେଓ ପ୍ରମୁଖ ସାମିଲ ହୋଇଥିଲେ।

### ନିର୍ମାଣାଧୀନ ତାରିଣୀ ମନ୍ଦିର ବ୍ୟାନର ଚିରିଲେ ଦୁର୍ବୃତ୍ତ

**ବଡ଼ଚଣା, ୧୪।୩(ଦିଲୀପ କୁମାର ମହାନ୍ତି):** ବଡ଼ଚଣା ବ୍ଲକ ଅନ୍ତର୍ଗତ ଖୋସାଲିପୁର ଗ୍ରାମର ପ୍ରସିଦ୍ଧ ମା'ମଙ୍ଗଳାଙ୍କ ମନ୍ଦିର ନିକଟରେ ତାରିଣୀ ମନ୍ଦିର ନିର୍ମାଣ ଚାଲିଛି। ଏଥିପାଇଁ ଏକ ବ୍ୟାନର ଲଗାଯାଇଥିବାବେଳେ ତାହାକୁ କେହି ଦୁର୍ବୃତ୍ତ ଚିରି ଦେଇଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ସହଯୋଗରେ ଘଟଗାଁ ତାରିଣୀ ମନ୍ଦିରରୁ ଆଜ୍ଞାମାଳ ସହିତ ବାନା (ପତାକା) ଆସି ମନ୍ଦିର ନିର୍ମାଣ ସ୍ଥଳରେ ଲଗାଯାଇ କାର୍ଯ୍ୟ କରାଯାଉଛି। ବୁଧବାର ରାତିରେ ଗ୍ରାମରେ ଟ୍ରାନ୍ସଫର୍ମର ଖରାପ ହୋଇଯିବାରୁ ଅନ୍ଧାରର ସୁଯୋଗ ନେଇ ଦୁର୍ବୃତ୍ତ ଏହି ଘଟଣା ଘଟାଇଛନ୍ତି। ଏଥିସହିତ ନିର୍ମାଣାଧୀନ ମନ୍ଦିର କାନ୍ଥର ଏକ ଥାକ ଭାଙ୍ଗି ଦେଇଛନ୍ତି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ଦେଖାଦେଇଛି। ଗ୍ରାମବାସୀଙ୍କ ତରଫରୁ ଏପରି ହୀନ କାର୍ଯ୍ୟକୁ ନିନ୍ଦା କରାଯାଇଛି।



### ୧୯, ୨୦ନଂ. ଜୋନ୍ ବିଜେଡି କର୍ମୀଙ୍କ ବୈଠକ



ବୈଠକରେ ଯୋଗଦେଇଥିବା ବିଜେଡି କର୍ମକର୍ତ୍ତା।

**ବାଲିଚନ୍ଦ୍ରପୁର, ୧୪।୩(ଗିରିଜା ପ୍ରସାଦ ସାହୁ):** ଆଗାମୀ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବଡ଼ଚଣା ନିର୍ବାଚନମଣ୍ଡଳୀର ୧୯ ଓ ୨୦ ନମ୍ବର ଜୋନର ସମସ୍ତ ଦଳୀୟ ପଞ୍ଚାୟତ ସଭାପତି, ସରପଞ୍ଚ, ସମିତିସଭ୍ୟ ଓ ସକ୍ରିୟ କର୍ମୀଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉଦୟଗିରି ବୌଦ୍ଧପୀଠଠାରେ ଅନୁଷ୍ଠିତ ବୈଠକରେ ପୂର୍ବତନ ସରପଞ୍ଚ ତଥା ଆଇନସେଲ ଅଧ୍ୟକ୍ଷ ମନ୍ମଥ କେଶରୀ ସାହେବରାୟ ସଭାପତିତ୍ୱ କରିଥିଲେ। ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି, ବିପିନ ବିହାରୀ ଜେନା, ପଞ୍ଚାନନ ଧଳ, ପୂର୍ବତନ ସରପଞ୍ଚ ଫନିନ୍ଦ୍ରନାଥ ପଣ୍ଡା, ତାପସ ରାୟ, କାର୍ତ୍ତିକ ମହାନ୍ତି ଓ ମନୋରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ଆଗାମୀ ବିଧାନସଭା ନିର୍ବାଚନରେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ସମର୍ଥନ କରିବା ସହ ବିପୁଳ ଭୋଟରେ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। କେତେଜଣ ନିର୍ବାଚିତ ପ୍ରତିନିଧି ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଦଳ ବିରୋଧରେ ଅପପ୍ରଚାର କରି ବିଦ୍ରୋହ ସୃଷ୍ଟି କରିବାକୁ ବୈଠକରେ ନିନ୍ଦା କରାଯାଇଥିଲା। ବିଧାୟକଙ୍କ ନେତୃତ୍ୱ ପ୍ରତି ଆସ୍ଥା ପ୍ରକଟ କରିବା ସହ ମେଣ୍ଟ ନ କରାଯିବା ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ବଡ଼ଚଣା ବିଜେଡି ସଂଗଠନରେ ଚକ୍ରାନ୍ତକାରୀ ଓ ବିଭ୍ରାନ୍ତିକର କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କୁ ନିନ୍ଦା କରାଯିବା ସହ ସଂଗଠନକୁ ଅଧିକ ଶାଣିତ ଓ ସଂଗଠିତ କରିବା ପାଇଁ ସମସ୍ତ ନେତୃମଣ୍ଡଳୀ ଆହ୍ୱାନ ଦେଇଥିଲେ। ସେକ୍ ମୋଇନ ଅହେମ୍ମଦ, ପ୍ରତାପ ଚନ୍ଦ୍ର ନାୟକ, ଅନନ୍ତ ସିଂହ, ନାରାୟଣ ମଲ୍ଲିକ, ପତିତପାବନ ଜେନା, ରବୀନ୍ଦ୍ର ଭଞ୍ଜ, ଅନିରୁଦ୍ଧ ସାମଲ, ପ୍ରଫୁଲ୍ଲ ବାରିକ ଓ ଅନିଲ ପରିଡ଼ା ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗନେଇଥିଲେ।

# ୧୭ରେ ଆଫସା ପକ୍ଷରୁ ଛାତ୍ରବୃତ୍ତି ଚୟନ ପରୀକ୍ଷା

AFSA
The hope of humanity

**ଯାଜପୁର, ୧୪।୩(ହର୍ଷବର୍ଦ୍ଧନ ବେହେରା):** କଳିଙ୍ଗ ଗ୍ରୁପ ଅଫ୍ ଇନଷ୍ଟିଚ୍ୟୁଶନ୍ସ ଆର୍ଯ୍ୟଲେକ୍ସ ଫାଉଣ୍ଡେଶନ ଫର୍ ସୋସିଆଲ ଆକ୍ଟିଭିଟିଜ" (ଆଫସା) ପକ୍ଷରୁ ସତ୍ୟାନନ୍ଦ ସ୍କଲାରଶିପ ଟେଷ୍ଟ ୧୭ ତାରିଖରେ ତରାପୁରଠାରେ ଅନୁଷ୍ଠିତ ହେବ। ଗରିବ ମେଧାବୀ ଛାତ୍ରୀଛାତ୍ରମାନଙ୍କୁ ସାହାଯ୍ୟ ସହଯୋଗ କରି ମାଗଣାରେ ଶିକ୍ଷାଦାନ କରିବା ଏହି କାର୍ଯ୍ୟକ୍ରମରେ ଲକ୍ଷ୍ୟ ରହିଛି। ଆଫସାର ନିର୍ଦ୍ଦେଶକ ଆଲେକଜାଣ୍ଡାର ଦାସ ଏନେଇ ଏକ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ସେ ଆହୁରି ଦର୍ଶାଇଛନ୍ତି ଯେ, ରବିବାର ପୂର୍ବାହ୍ନ ୧୦ଟାରେ ଆରମ୍ଭ ହେଉଥିବା ଏହି ପରୀକ୍ଷା ନିମନ୍ତେ ପୂର୍ବାହ୍ନ ୯ଟା ସୁଦ୍ଧା ଆଗ୍ରହୀ ଛାତ୍ରୀଛାତ୍ରମାନେ ରିପୋର୍ଟ କରିବେ। ଏହି ପରୀକ୍ଷାରେ ଉଭୟ ବିଏସ୍‌ଇ ଓ ସିବିଏସ୍‌ଇ ବୋର୍ଡର ନବମ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନେ ଭାଗ ନେଇ ପାରିବେ। ନବମଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ନବମ ଶ୍ରେଣୀର ପ୍ରଶ୍ନ ଏବଂ ଦଶମ ଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ପାଇଁ ଦଶମ ଶ୍ରେଣୀର ପ୍ରଶ୍ନକୁ ନେଇ ପରୀକ୍ଷା କରାଯିବ। ୧୦୦ଟି ସମ୍ଭାବ୍ୟ ଉତ୍ତର ନିର୍ଣ୍ଣୟ ପାଇଁ ପ୍ରଶ୍ନ ବିଶିଷ୍ଟ ଏହି ପରୀକ୍ଷାରେ ପ୍ରତ୍ୟେକ ଠିକ ଉତ୍ତର ପାଇଁ ୪ନମ୍ବର ମିଳିବା ବେଳେ ପ୍ରତ୍ୟେକ ଭୁଲ ଉତ୍ତର ପାଇଁ ୧ମାର୍କ ବିୟୋଗ କରାଯିବ। ୪୦୦ ମାର୍କ ବିଶିଷ୍ଟ ଏହି ପରୀକ୍ଷାରେ ୧ଘଣ୍ଟା ୪୦ ମିନିଟ ସମୟ ରହିଛି। ଏହି ଛାତ୍ରବୃତ୍ତି ପରୀକ୍ଷାରେ ଗଣିତ, ବିଜ୍ଞାନ ଏବଂ ଇଂଲିଶ ବିଷୟକୁ ସ୍ଥାନିତ କରାଯାଇଛି। ଏହି ଛାତ୍ରବୃତ୍ତି ପାଇଁ ଆବେଦନ କରିବାର ସମୟସୀମାକୁ ଆସନ୍ତା ୧୬ ତାରିଖ ଅପରାହ୍ନ ୪ ଘଟିକାକୁ ସ୍ଥିରୀକୃତ କରାଯାଇଛି। ଉଚ୍ଚଶିକ୍ଷା ନିମନ୍ତେ ଏହି ଛାତ୍ରବୃତ୍ତି ପରୀକ୍ଷାରେ ପ୍ରଥମ ବିଜେତା ୨୫,୦୦୦ଟଙ୍କା, ଦ୍ୱିତୀୟ ୧୫,୦୦୦ଟଙ୍କା, ତୃତୀୟ ସ୍ଥାନ ଅଧିକାର କଲେ ୧୦,୦୦୦ଟଙ୍କା ପ୍ରଦାନ କରାଯିବ। ଏହାସହ ଚତୁର୍ଥ ରୁ ତ୍ରୟୋଦଶ ସ୍ଥାନ ଅଧିକାର କଲେ ୫,୦୦୦ଟଙ୍କା ଲେଖାଏଁ ଛାତ୍ରବୃତ୍ତି ଅର୍ଥରାଶି ପ୍ରଦାନ କରାଯିବ। ପରୀକ୍ଷା ସମାପ୍ତ ହେବା ପରେ ଖୁବ୍ ଶୀଘ୍ର ବିଭାଗୀୟ ୱେବସାଇଟ୍ ମାଧ୍ୟମରେ ଫଳାଫଳ ପ୍ରକାଶ ପାଇବ। ଛାତ୍ରବୃତ୍ତି ପାଇଥିବା ଛାତ୍ରୀଛାତ୍ରମାନଙ୍କୁ ଡକାଯାଇ ଏକ ସମାରୋହରେ ସମ୍ବର୍ଦ୍ଧିତ କରାଯିବା ସହ ଛାତ୍ରବୃତ୍ତି ନିମନ୍ତେ ପ୍ରାୟୋଜିତ ଅର୍ଥରାଶି ପ୍ରଦାନ କରାଯିବ ବୋଲି ନିର୍ଦ୍ଦେଶକ ଦାସ ପ୍ରକାଶ କରିଛନ୍ତି।

# ଜୈବିକ ପଦ୍ଧତିରେ ଚାଷକାର୍ଯ୍ୟକୁ ଗୁରୁତ୍ୱ

**ବହୁବିଧ ଅର୍ଥକରୀ ଫସଲ ଚାଷ ସମ୍ପର୍କିତ କର୍ମଶାଳା**

**ରସୁଲପୁର, ୧୪।୩(ରଞ୍ଜିତ ରାଉତ):** ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତ କାର୍ଯ୍ୟାଳୟଠାରେ ବହୁବିଧ ଅର୍ଥକରୀ ଫସଲ ଚାଷ ସମ୍ପର୍କିତ ଏକ କର୍ମଶାଳା ଯାଜପୁର ଜିଲା କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣା ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଚାଷକାର୍ଯ୍ୟରେ ଜୈବିକ ପଦ୍ଧତି ଆପଣାଇବା ପାଇଁ କର୍ମଶାଳାରେ ଉପସ୍ଥିତ ଚାଷୀଙ୍କୁ ପରାମର୍ଶ ଦିଆଯାଇଛି। ଚାଷୀ ଚାଷକାର୍ଯ୍ୟରେ ଉନ୍ନତ ଜ୍ଞାନକୌଶଳକୁ ବ୍ୟବହାର କରିବା ସହ ଫସଲ ଅନୁଯାୟୀ ବେଉଷଣ, ସାର ଓ ଗନ୍ଧହୀନ କୀଟନାଶକ ବ୍ୟବହାର ଉପରେ ଗୁରୁତ୍ୱ ଦିଆଯାଇଛି। କ୍ଷେତରୁ ଲାଭାକାରୀ ଜୀବାଣୁକୁ ସୁରକ୍ଷିତ ରଖିବା ଉପରେ ଚାଷୀ ଧ୍ୟାନ ଦେଲେ ଉନ୍ନତ ଫସଲ ଉତ୍ପାଦନରେ ସହାୟକ ହୋଇଥାଏ ବୋଲି କୁହାଯାଇଛି।

ସରପଞ୍ଚ ସ୍ମୃତିରେଖା ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କର୍ମଶାଳାରେ କୃଷି ବୈଜ୍ଞାନିକ ଡ. ବବିତା ମିଶ୍ର, ଡ. ବିଜୟ କୁମାର ରାଉତରାୟ ଯୋଗଦେଇ ପୋଟଳ, କୋବି, ଆଳୁ, ବାଇଗଣ ଆଦି ଉନ୍ନତ ପ୍ରଣାଳୀରେ ଚାଷ କରିବାକୁ କହିଥିଲେ। କ୍ଷେତର ବେଉଷଣ, ଆବଶ୍ୟକୀୟ ଜୈବିକ ସାର, କୀଟନାଶକ, ମାଟିରେ କାଲସିୟମ ପରିମାଣ ବଢାଇବା ପାଇଁ ହାଡଗୁଣ୍ଡ ବ୍ୟବହାର କରିବା, ଗୋବର, ଗୋ ମୂତ୍ର ଭଳି ଜୈବିକ ପଦାର୍ଥ ଆଦି ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ। ଏହାଛଡ଼ା ପରିବର୍ତ୍ତିତ ପାଣିପାଗର ସ୍ଥିତି ଦେଖି ଚାଷ କରିବା ସହ କ୍ଷେତର ବେଉଷଣ କଲେ ଭଲ ଅମଳ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। ଫସଲର କାଣ୍ଡବିନ୍ଧା, ମୂଳଷଢ଼ା, ପତ୍ରପୋଡା, ହଳଦିଆ ପଡିଯିବା, ଫୁଲକଷି ଆଦି ଝଡି ପଡିବା ଭଳି ରୋଗ ଦାଉରୁ ରକ୍ଷା ପାଇବାର ବିଭିନ୍ନ ଉପାୟକୁ ନାନା ଉଦାହରଣ ଦେଇ ଚାଷୀଙ୍କୁ ବୁଝାଇ କହିଥିଲେ। ପରିବା କ୍ଷେତରେ ସମ୍ମୁଖିନ ହେଉଥିବା ସମସ୍ୟା ସଂପର୍କରେ ଚାଷୀମାନେ ବୈଜ୍ଞାନିକମାନଙ୍କୁ ଅବଗତ କରାଇଥିଲେ। ବୈଜ୍ଞାନିକମାନେ ସମସ୍ୟାର ଆଶୁ ସମାଧାନର ବିଭିନ୍ନ ଦିଗ ସମ୍ପର୍କରେ ବୁଝାଇ କହିଥିଲେ। ବିଭିନ୍ନ ରୋଗପୋକ ଦାଉରୁ କ୍ଷେତକୁ ସୁରକ୍ଷିତ ରଖିବା ପାଇଁ କେଉଁ ପ୍ରକାର ଔଷଧ ବ୍ୟବହାର କରିବେ ଓ ତା'ର ବ୍ୟବହାର ପ୍ରଣାଳୀ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। କର୍ମଶାଳାରେ ୮୦ରୁ ଊର୍ଦ୍ଧ୍ୱ ଚାଷୀ ଯୋଗଦେଇ କୃଷି ବିଜ୍ଞାନିମାନଙ୍କ ସହ ଆଲୋଚନା କରିଥିଲେ। ନାଏବ ସରପଞ୍ଚ କେଦାର ଦେଓ ଧନ୍ୟବାଦ ଦେଇଥିଲେ।



ବହୁବିଧ ଅର୍ଥକରୀ ଫସଲ ଚାଷ ସମ୍ପର୍କିତ କର୍ମଶାଳାରେ ଯୋଗଦେଇଥିବା ଅଧିକାରୀ ଓ ଚାଷୀମାନେ।

## ୨୧ରୁ ପେଣ୍ଠ ବେଳାଭୂମିରେ ସାଗରବେଳା ମହୋତ୍ସବ

ରାଜନଗର, ୧୪।୩ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ପେଣ୍ଠସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ନୋଡାଲ ବିଦ୍ୟାଳୟରେ ସାଗରବେଳା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପେଣ୍ଠ ବେଳାଭୂମିଠାରେ ମାର୍ଚ୍ଚ ୨୧ରୁ ୨୩ ତାରିଖ ଯାଏ ସାଗରବେଳା ମହୋତ୍ସବ ହେବ। ମହୋତ୍ସବ ସାଂସ୍କୃତିକ ପରିଷଦ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ରାଜନଗର ମାଟିର ଐତିହ୍ୟ, ସଂସ୍କୃତି, ପରମ୍ପରା, ଧର୍ମଭାବନା ଓ ପ୍ରକୃତିର ଅଫୁରନ୍ତି ଐଶ୍ୱର୍ଯ୍ୟର ଗୌରବ ଗାଥାକୁ ସ୍ମରଣ କରିବା ସହ ବିଶ୍ୱ ପ୍ରସିଦ୍ଧ ଭିତରକନିକାର ବିଭବ ସମ୍ବନ୍ଧରେ ଆଲୋଚନା କରାଯିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ମହୋତ୍ସବର ଏକ ସ୍ମରଣୀକା ଉନ୍ମୋଚନ ହେବ ବୋଲି ଏହାର ସଭାପତି ଡ. ଅଭୟ କୁମାର ପାତ୍ର, ମହାସଚିବ ପ୍ରାଧ୍ୟାପକ ସତ୍ୟବାଦୀ ଜେନା ସୂଚନା ଦେଇଛନ୍ତି। ବୈଠକରେ ମହୋତ୍ସବର ଉପଦେଷ୍ଟା ଜିଲା ପରିଷଦ ସଭ୍ୟ ସୁରେନ୍ଦ୍ର ପ୍ରସାଦ ରାଉତ, ଡ. ଧରଣୀଧର ରାଉତ, ଅଭିନ୍ନ କୁମାର ସ୍ୱାଇଁ, ଅନିଲ କୁମାର ବଳ ପ୍ରମୁଖ ଉପସ୍ଥିତ ଥିଲେ।

# କାହା ପାଖକୁ ଯିବ ରାଜନଗର ବିଧାନସଭା ଆସନ

ପଟ୍ଟାମୁଣ୍ଡାଇ, ୧୪।୩ (କଳ୍ପତରୁ ନାୟକ)

୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି କିଛି ମାସ ହେବ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଏବଂ କଂଗ୍ରେସ ନିଜ ନିଜର ପ୍ରସ୍ତୁତି ଜୋର୍‌ଦାର ଚଳାଇ ଆସୁଥିଲେ। ମାତ୍ର କିଛିଦିନ ହେବ ବିଜେଡି–ଭାଜପା ମେଣ୍ଟ ଚର୍ଚ୍ଚା ହେବା ଦିନଠାରୁ ପ୍ରମୁଖ ଦଳର ଅଧିକାଂଶ ନେତା ବର୍ତ୍ତମାନ ନିଜର ରାଜନୈତିକ ଭବିଷ୍ୟତ କଥା ଚିନ୍ତା କରି ଦ୍ୱନ୍ଦ୍ୱରେ ପଡ଼ିଛନ୍ତି। ଭାଜପା ସଭାପତି ମନମୋହନ ସାମଲଙ୍କ ଏପଟସେପଟ କଥା ରାଜ୍ୟରେ ଭାଜପା ଏବଂ ବିଜେଡି ମେଣ୍ଟକୁ ନେଇ ସସ୍‌ପେନ୍ସ ଲାଗି ରହିଛି। ଭାଜପା ନେତୃତ୍ୱ ବାରମ୍ବାର ଦିଲ୍ଲୀ ଯାଉଥିଲେ ମଧ୍ୟ ମେଣ୍ଟକୁ ନେଇ ଅଙ୍କ ଛିଡୁ ନ ଥିବା ବେଳେ ରାଜନଗର ବିଧାନସଭା କ୍ଷେତ୍ର କାହା ଭାଗରେ ପଡ଼ିବ ସେ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ୨୦୦୯ ପୂର୍ବରୁ କେନ୍ଦ୍ରାପଡ଼ାର ସଂସଦୀୟ କ୍ଷେତ୍ରର ଗୋଟିଏ ବିଧାନସଭା ଆସନ ଭାଜପା ଭାଗରେ ପଡ଼ିଥିଲା। ଏଥର ମେଣ୍ଟରେ ରାଜନଗର ବିଧାନସଭା ଆସନ ଭାଜପା ହାତକୁ ଯାଇପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତପ୍ରକାଶ କରିଛନ୍ତି।

କେନ୍ଦ୍ରାପଡ଼ା ବିଧାନସଭା ନିର୍ବାଚନମଣ୍ଡଳୀ ୨୦୦୦ ଓ ୨୦୦୪ରେ ବିଜେଡି–ଭାଜପା ମେଣ୍ଟ ସମୟରେ ଭାଜପା ଭାଗରେ ରହିଥିଲା। ସ୍ୱର୍ଗତ ବେଦ ପ୍ରକାଶ ଅଗ୍ରୱାଲ ୨୦୦୦ ମସିହାରେ ଭାଜପାରୁ ବିଜୟୀ ହୋଇଥିଲେ। କିନ୍ତୁ ମେଣ୍ଟ ଭାଙ୍ଗିବା ସହ ନିର୍ବାଚନମଣ୍ଡଳୀ ପୁନର୍ଗଠନ ହେବା ପରେ ପଟ୍ଟାମୁଣ୍ଡାଇ ଏସ୍‌ସି ଆସନର ବିଲୋପ ଘଟିଥିଲା। ୨୦୦୯ଠାରୁ କେନ୍ଦ୍ରାପଡ଼ା ଆସନକୁ ତଫସିଲ ଭୁକ୍ତ ଜାତି (ଏସ୍‌ସି)ପାଇଁ ସଂରକ୍ଷଣ କରାଯିବା ପରେ ବିଜେଡି କ୍ରମାଗତ ଭାବେ ଏହି ଆସନରୁ ଜିତି ଆସୁଛି। କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହୁଥିବା ବେଳେ ଭାଜପା ତୃତୀୟ ସ୍ଥାନରେ ରହୁଛି। ତେଣୁ ଏଥର ମେଣ୍ଟ ହେଲେ ଭାଜପା ଖାତାକୁ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ଏକ ବିଧାନସଭା ଆସନ ଯାଇପାରେ ବୋଲି ଆଲୋଚନା ହେଉଛି। କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ୭ଟି ବିଧାନସଭା ଆସନରୁ ମାହାଙ୍ଗାରେ ପ୍ରତାପ ଜେନା, ସାଲେପୁର ଆସନ ପ୍ରଶାନ୍ତ

### ମେଣ୍ଟ ଚର୍ଚ୍ଚା ଯୋଗୁ ଆଶଙ୍କାରେ କର୍ମୀ


ବସନ୍ତ ସାହାଣୀ


ଜ୍ଞାନରଞ୍ଜନ ବେଉରା

ବେହେରା ଓ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅତନୁ ସବ୍ୟସଚୀ ନାୟକଙ୍କ ଗଡ ରହିଥିବା ବେଳେ ଆଳି ପ୍ରତାପ ଦେବଙ୍କର ରହିଛି। ପାଟକୁରା ଆସନରେ ବିଜୟ ମହାପାତ୍ରଙ୍କ ପୁଅ ଅରବିନ୍ଦଙ୍କ ହାତରେ ରହିବାର ଚର୍ଚ୍ଚା ହେଉଛି। ମାତ୍ର ମେଣ୍ଟ ପରିପ୍ରେକ୍ଷୀରେ କେନ୍ଦ୍ରାପଡ଼ା ଓ ରାଜନଗର ଆସନ ମଧ୍ୟରୁ ଗୋଟିଏ ଆସନ ଭାଜପା ଭାଗକୁ ଯିବ ବୋଲି ଚର୍ଚ୍ଚା ହେଉଛି।

ଅନ୍ୟପକ୍ଷେ କେନ୍ଦ୍ରାପଡ଼ାରେ କଂଗ୍ରେସ ସ୍ଥିତି ଅପେକ୍ଷା କୃତ ଭଲ ଥିବା ଆଲୋଚନ ହେଉଥିବା ବେଳେ ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ନେତା ଓ କର୍ମୀମାଙ୍କ ଅନ୍ତଃଦ୍ୱନ୍ଦ୍ୱରେ ବୁଡି ରହିଛନ୍ତି। ଏପରିସ୍ଥଳେ କଂଗ୍ରେସ ପାଖରେ ଗଣେଶ୍ୱର ବେହେରାଙ୍କ ଭଳି ଜଣେ ଟାଣୁଆ ଓ ଅଭିଜ୍ଞ ନେତା ଥିବା ବେଳେ ଭାଜପା ପାଖରେ ସେଭଳି ଦକ୍ଷ ନେତା କିମ୍ବା ନେତୃତ୍ୱ ଏଯାଏ ବାହାରି ପାରି ନାହାନ୍ତି। ଯେହେତୁ ପୁରୁଣା ମେଣ୍ଟ ସମୟରେ କେନ୍ଦ୍ରାପଡ଼ାର ଏକ ଆସନ ଭାଜପାକୁ ଛାଡ଼ି ଦିଆଯାଇଥିଲା, ତେଣୁ ଏଥର ତାହାର ପୁନରାବୃତ୍ତି ଘଟି ରାଜନଗର ଆସନ ଭାଜପାକୁ ଦିଆଯିବା ଅସମ୍ଭବ ବି ନୁହେଁ। ଏହା ହେଲେ ବିଜେଡି–ଭାଜପାର ମିଳିତ ପ୍ରାର୍ଥୀଙ୍କୁ କଂଗ୍ରେସ ଏକାକୀ ଟକ୍କର ଦେବା କଷ୍ଟକର ହେଇପାରେ। ଯାହା ରାଜନଗର ବିଜେଡିର ୩ ଆଶାୟୀ ତଥା ଡ. ବସନ୍ତ ସାହାଣୀ, ବିଧାୟକ ଧ୍ରୁବ ସାହୁ ଓ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ସମର୍ଥକଙ୍କୁ ନିରାଶ କରିବ ବୋଲି କୁହାଯାଉଛି। ଯଦି ମେଣ୍ଟ ଧର୍ମ ପାଳନ ପୂର୍ବକ ଭାଜପାର ବିଧାୟକ ପ୍ରାର୍ଥୀ ନିର୍ବାଚନ ଲଢ଼ିବେ, ତେବେ ରାଜନଗର ବିଧାନସଭା ଆସନରୁ ଜ୍ଞାନ ରଞ୍ଜନ ବେଉରା ଲଢ଼ିବାକୁ ସୁଯୋଗ ପାଇବାର ସମ୍ଭାବନା ଅଧିକ ବୋଲି ଚର୍ଚ୍ଚା ହେଉଛି। ଏ ବାବଦରେ ଜ୍ଞାନ ରଞ୍ଜନ ବେଉରାଙ୍କୁ ପଚାରିବାରେ ଭାରତୀୟ ଜନତା ପାର୍ଟିରେ ସେ ଜଣେ ଶୃଙ୍ଖଳିତ କର୍ଯ୍ୟକର୍ତ୍ତା ହୋଇଥିବାରୁ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱ ଯାହା ନିଷ୍ପତ୍ତି ନେବେ ତାକୁ ମାନି ନେବେ ବୋଲି କହିଥିଲେ। ମାତ୍ର ଏହାକୁ ଖଣ୍ଡନ କରି ବିଜେଡିର ବରିଷ୍ଠ ନେତା ବସନ୍ତ ସାହାଣୀ କହିଛନ୍ତି, ରାଜନଗର ଆସନ ବିଜେଡି ଗଡ ହୋଇଥିବା ବେଳେ ଏଠାରେ ବିଜେଡି ବିଧାୟକ ପ୍ରାର୍ଥୀ ଦେବ ବୋଲି କହିଥିଲେ। କିଛିଦିନ ଧରି ରାଜ୍ୟରେ ଭାଜପା ଓ ବିଜେଡି ମଧ୍ୟରେ ସମ୍ଭାବ୍ୟ ମେଣ୍ଟକୁ ନେଇ ଚର୍ଚ୍ଚା ଲାଗି ରହିଛି। ଆସନ ଭାଗବଣ୍ଟା ଛିଡୁ ନ ଥିବାରୁ ଏ ନେଇ ଏଯାବତ ପ୍ରାର୍ଥୀ ଘୋଷଣା ହୋଇ ପାରୁ ନ ଥିବା କୁହାଯାଉଛି। ଗୁରୁବାର ଦିଲ୍ଲୀରୁ ଫେରିବା ପରେ ରାଜ୍ୟ ଭାଜପା ସଭାପତି ମନମୋହନ ସାମଲ ପ୍ରଥମେ କହିଲେ, ପ୍ରୋସେସ ବା ପ୍ରକ୍ରିୟା ଚାଲିଛି। ତା'ର କିଛି ସମୟ ପରେ କହିଲେ, ଆମେ ଏକା ଲଢ଼ିବୁ। ଏବେ କହିଲେଣି ନିଷ୍ପତ୍ତି ହାଇକମାଣ୍ଡ ନେବେ। ମନମୋହନ ଏକାକୀ ଲଢ଼ିବା ନେଇ ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ତାହାକୁ ଡିଲିଟ୍ କରିବାକୁ ନେଇ ପ୍ରଶ୍ନ ଉଠୁଛି। ତେବେ ଏ ନେଇ ଦିଲ୍ଲୀରେ ନେତାଙ୍କ ଘନ ଘନ ବୈଠକ ଚାଲିଛି। ଅପରପକ୍ଷେ କେତେଜଣ ବ୍ୟକ୍ତି ନେତା ମେଣ୍ଟ ସମ୍ଭାବନାକୁ ଅସମ୍ଭବ ବୋଲି କହୁଥିବାରୁ ରାଜନୀତି ବେଶ ସରଗରମ ରହିଛି।

## ନୂଆ-ଓ ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

ରାଜନଗର, ୧୪।୩(ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡାଙ୍ଗମାଳସ୍ଥିତ ନାଗାନାରାୟଣ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଆ ସାହିତ୍ୟ ପ୍ରତିଯୋଗିତା ତଥା ଜଗନ୍ନାଥ ସଂସ୍କୃତି ସମ୍ବନ୍ଧୀୟ ଆଲୋଚନା ଅନୁଷ୍ଠିତ ହୋଇଯାଇଛି। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ମାନସ ରଞ୍ଜନ ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନାଚକ୍ରରେ ମୁଖ୍ୟଅତିଥି ଭାବେ ନଳିନୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବ୍ରହ୍ମାନନ୍ଦ ତ୍ରିପାଠୀ, ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ଶୁଭକାନ୍ତ ନାୟକ, ସମ୍ମାନନୀୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନାଦି ଚରଣ ଜେନା, ବରିଷ୍ଠ ପତ୍ରକାର ଭାସ୍କର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ଶ୍ରୀଜଗନ୍ନାଥ ଓଡ଼ିଶା ସହ ସାରା ଜଗତରେ ଚଳନ୍ତି ଠାକୁର, ତାଙ୍କ କୃପାରୁ ସାରା ଜଗତ ତିଷ୍ଠି ପାରିଛି ବୋଲି କହିଥିଲେ। ଅଧ୍ୟାପକ ପ୍ରତାପ କୁମାର ଧଳ ସ୍ୱାଗତ ଭାଷଣ, ଓଡ଼ିଆ ଅଧ୍ୟାପିକା ସଂଗୀତା ଶୁଭସ୍ମିତା ରାଉଳ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ଚୁଲୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ବ୍ରହ୍ମାନନ୍ଦ ବେହେରା ଧନ୍ୟବାଦ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁପ୍ରୀତି ମାଇତି, ପୂଜାରାଣୀ ସାହୁ, ମନୀଷା ମନ୍ତ୍ରୀ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଓଡ଼ିଆ ପ୍ରବନ୍ଧ, କବିତା ଆବୃତ୍ତି, କ୍ଷୁଦ୍ରଗଳ୍ପ ଲିଖନ, ସାଧାରଣ ଜ୍ଞାନ, ବକ୍ତୃତା ଓ ନୃତ୍ୟରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା।


ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

## ମାଟିଖୋଳା ବେଳେ ତହସିଲଦାରଙ୍କ ଚଢ଼ାଉ






### ଜେସିବି, ଟ୍ରାକ୍ଟର ଜବତ

ଆଳି, ୧୪।୩ (ବନମାଳୀ ସେନାପତି)

କେନ୍ଦ୍ରାପଡ଼ା ଜିଲା ଆଳି ତହସିଲ ଅଞ୍ଚଳରେ ଦିନକୁ ଦିନ ମାଟି, ବାଲି ମାଫିଆଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ଲାଗିଛି। ମାଫିଆମାନଙ୍କ ଲୋଲୁପ ଦୃଷ୍ଟି ଏବେ ସରକାରୀ ଓ ବେସରକାରୀ ଚାଷ ଜମି ସହିତ ନଦୀ କୂଳବର୍ତ୍ତୀ ଅଞ୍ଚଳ ଉପରେ ପଡିଛି। ମାଫିଆମାନେ ଦିନରାତି ଏକ କରି ପ୍ରଶାସନ ଆଖିରେ ଆଙ୍ଗୁଳି ଗେଞ୍ଜି ମାଟି ବାଲି ଲୁଟି ନେଉଥିବା ବେଳେ ପ୍ରଶାସନିକ ଅଧିକାରୀ ନୀରବଦ୍ରଷ୍ଟା ସାଜିଛନ୍ତି। ଏ ନେଇ ବିଭିନ୍ନ ସମୟରେ ଅଭିଯୋଗ ହୋଇଥିଲେ ମଧ୍ୟ ଫଳ ଶୂନ। ଆଳି ତହସିଲରେ ଅନେକ ତହସିଲଦାର ଦୀର୍ଘ ଦିନ ତହସିଲରେ କାର୍ଯ୍ୟ କରି ବଦଳି ହୋଇ ଯାଇଥିଲେ ସୁଦ୍ଧା ଏହି କାରବାର ଉପରେ କେବେ ରୋକ ଲଗାଇବାରେ ସକ୍ଷମ ହୋଇ ପାରିନାହାନ୍ତି। ଗତ ସପ୍ତାହରେ ବିଲିକଣାର ଏକ ଚାଷଜମିରୁ ବେଆଇନ ଭାବେ ମାଟିଖୋଳା ହୋଇ ବିକ୍ରି ହେଉଥିବା ନେଇ ଆଳି ତହସିଲରେ ଅଭିଯୋଗ ହେବା ପରେ ବୁଧବାର ତହସିଲଦାର ଚଢ଼ାଉ କରିଥିଲେ। ତହସିଲଦାର ସେଠାରେ ଚଢ଼ାଉ କରି ମାଟିଖୋଳାରେ ବ୍ୟବହୃତ ଜେସିବି ସହିତ ଟ୍ରାକ୍ଟର ଜବତ କରି ତହସିଲ କାର୍ଯ୍ୟାଳୟକୁ ଆଣିଛି। ଆଳି ତହସିଲରେ ବିଲିକଣା ଗ୍ରାମର ବିଭୂତି ଭୂଷଣ ପରିଡ଼ା କରିଥିବା ଅଭିଯୋଗ ଅନୁଯାୟୀ, ତାଙ୍କର ବିଲିକଣା ମୌଜାର ଖାତା ନଂ. ୪୨୮/ପ୍ଲଟ ନଂ. ୨୨୫ ସଂଲଗ୍ନ ଜମିରୁ ଗ୍ରାମର ଜଣେ ବ୍ୟକ୍ତି ତାଙ୍କ ପ୍ଲଟରୁ ୧୦ ଫୁଟ ଗଭୀରର ମାଟି ଖୋଳି ବିକ୍ରି କରି ଚାଲଛନ୍ତି। ପ୍ରାୟ ହଜାରେ ଫୁଟର ଗାତ ଖୋଳି ମାଟି ବିକ୍ରି କରିସାରିଛନ୍ତି। ତହସିଲର ବିନା ଅନୁମତିରେ ମାଟି ଖୋଳିବା ନିୟମ ନ ଥିବା ବେଳେ ସେ ନିୟମିତ ମାଟି ଖୋଳୁଥିଲେ। ଏ ନେଇ ଆଳି ତହସିଲଦାର ଶାନ୍ତି ସ୍ୱରୂପ ମିଶ୍ର ବୁଧବାର ଘଟଣାସ୍ଥଳରେ ଚଢ଼ାଉ କରି ମାଟିଖୋଳାରେ ବ୍ୟବହୃତ ଜେସିବି ସହିତ ମାଟି ବୋହୁଥିବା ଏକ ଟ୍ରାକ୍ଟରକୁ ଜବତ କରିଛନ୍ତି। ଏ ନେଇ ତହସିଲଦାର ମିଶ୍ରଙ୍କୁ ପଚାରିବାରେ ସରକାରୀ ଓ ବ୍ୟକ୍ତିଗତ ଜମିରୁ ତହସିଲର ବିନା ଅନୁମତିରେ ମାଟି ଖୋଳିବା ବେଆଇନ। ତେଣୁ ଯେଉଁମାନେ ଏଭଳି କାର୍ଯ୍ୟରେ ଲିପ୍ତ ରହୁଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ତହସିଲଦାର ମିଶ୍ର ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି।

## ଛାଞ୍ଚୁଣିଆରେ ପାଣିଟାଙ୍କି ଉଦ୍‌ଘାଟିତ

ଡେରାବିଶ, ୧୪।୩(ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଡେରାବିଶ ବ୍ଲକ ଗୁଆଲସିଂ ପଞ୍ଚାୟତ ଛାଞ୍ଚୁଣିଆ ଗାଁରେ ନିର୍ମିତ ହୋଇଥିବା ପାଣିଟାଙ୍କି ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। କେନ୍ଦ୍ରାପଡ଼ା ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗୁହାଳସିଂ ସରପଞ୍ଚ ମଧୁସ୍ମିତା ଦାଶ, ସମିତି ସଭ୍ୟ ନୀଳମଣି ନାଥ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୩୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ପାଣିଟାଙ୍କିର ୧ ଲକ୍ଷ ଲିଟର ଜଳଧାରଣ କ୍ଷମତା ରହିଛି। ସୂଚନାଯୋଗ୍ୟ, ଗୁହାଳସିଂ ପଞ୍ଚାୟତର ୫, ୬ ଓ ୭ ନଂ. ୱାର୍ଡର ଅଧିବାସୀ ଦୀର୍ଘବର୍ଷ ହେବ ପାନୀୟ ଜଳ ପାଇବାକୁ ଦାବି କରିଆସୁଥିଲେ। ଜଳକ୍ଲିଷ୍ଟ ଗ୍ରାମବାସୀଙ୍କ ପାଇଁ ପାନୀୟ ଜଳ ଯୋଗାଣ କରିବାକୁ ସରପଞ୍ଚ ମଧୁସ୍ମିତା ଓ ସାମାଜିକ କର୍ମୀ ଦିଲୀପ କୁମାର ଦାଶ ପ୍ରଶାସନଠାରୁ ଆରମ୍ଭ କରି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ନିକଟରେ ଦାବି କରି ଆସୁଥିଲେ। ଏହାକୁ ଦୃଷ୍ଟିରେ ରଖି ବିଭାଗ ପକ୍ଷରୁ ନିର୍ମାଣ ହୋଇଥିବା ଏହି ଟାଙ୍କିରୁ ପାଇପ୍ ଯୋଗେ ଉପରୋକ୍ତ ୱାର୍ଡବାସୀଙ୍କୁ ଗୁରୁବାରଠାରୁ ପାନୀୟ ଜଳ ଯୋଗାଇ ଦିଆଯାଇଛି। ଏହାଦ୍ୱାରା ଉପରୋକ୍ତ ୱାର୍ଡର ୧୫୦୦ରୁ ଉର୍ଦ୍ଧ୍ୱ ଲୋକେ ଉପକୃତ ହୋଇପାରିବେ। ଏହି କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଦାଶ, ପଞ୍ଚାୟତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଭାନେତ୍ରୀ ମଞ୍ଜୁଲତା ମଲ୍ଲିକ, ଏମ୍‌ବିକେ ସୋନାଲି ସ୍ୱର୍ଣ୍ଣମୟୀ ପାତ୍ର, ୱାର୍ଡସଭ୍ୟ ଦିଲୀପ କୁମାର ମଲ୍ଲିକ ଓ ମହେନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ପରିଷଦ ଅଧ୍ୟକ୍ଷା ଗୀତାଞ୍ଜଳି ସେଠୀ ପନୀୟ ଜଳ ପ୍ରକଳ୍ପକୁ ଉଦ୍‌ଘାଟନ କରୁଛନ୍ତି

## ଗାଁ ପଥପାର୍ଶ୍ୱ ଆଲୋକୀକରଣ ଉଦ୍‌ଘାଟିତ

ରାଜକନିକା, ୧୪।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକ ଅଧୀନ ନହୁଣୀ ପଞ୍ଚାୟତର ବୁଧବାର ମଦନମୋହନପାଟଣା, ସପଲାଙ୍ଗ ଓ ନୂଆଗାଁରେ ଗାଁ ପଥପାର୍ଶ୍ୱ ଆଲୋକୀକରଣକୁ ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ସୁଇଚ୍ ଟିପି ଉଦ୍‌ଘାଟନ କରିଛନ୍ତି। ଉଦ୍‌ଘାଟନ ପରେ ମନ୍ତ୍ରୀ ଦେବ କହିଛନ୍ତି, ରାଜ୍ୟ ସରକାର ଗାଁର ଲୋକେ ସହରୀ ଢାଞ୍ଚାରେ ସନ୍ଧ୍ୟାରେ ସହଜ ଓ ସୁବିଧାରେ ଯାତାୟାତ କରିବା ପାଇଁ ନୂତନ ପଦକ୍ଷେପ ନେଉଛନ୍ତି। କାର୍ଯ୍ୟକ୍ରମରେ ଏମ୍‌ପିଙ୍କ ପ୍ରତିନିଧି ପବିତ୍ର ରାଉତ, ସରପଞ୍ଚ ତ୍ରିଲୋଚନ ବିଶ୍ୱାଳ, ସମିତି ସଭ୍ୟ ଅଞ୍ଜନ ନାୟକ, ପୂର୍ବତନ ଜିଲା ପରିଷଦ ସଭ୍ୟ ଶ୍ରୀନିବାସ ପ୍ରଧାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ପଦ୍ମଲୋଚନ ପରିଡା, ଜୟରାମ ବିଶ୍ୱାଳ, ସତ୍ୟନାରାୟଣ ବିଶ୍ୱାଳ, ପ୍ରଦୀପ ରାଉତଙ୍କ ସମେତ ଶତାଧିକ ଦଳୀୟ କର୍ମୀ ଯୋଗ ଦେଇଥିଲେ।


ମନ୍ତ୍ରୀ ପ୍ରତାପ ଦେବ ଆଲୋକୀକରଣ ପ୍ରକଳ୍ପକୁ ଉଦ୍‌ଘାଯନ କରୁଛନ୍ତି।

## ପ୍ରଧାନମନ୍ତ୍ରୀ ଆବାସ ନିର୍ମାଣ ପରେ ବି ଟଙ୍କା ମିଳୁନି

### ମହିଳାଙ୍କ ଆମରଣ ଅନଶନ ଚେତାବନୀ

ରାଜନଗର, ୧୪।୩(ଭାସ୍କର ରାଉତରାୟ)

ପ୍ରଧାନମନ୍ତ୍ରୀ ଆବାସ ନିର୍ଦ୍ଧାରିତ ସମୟରେ ଶେଷ କଲେ ସରକାର ବୋନସ ଅର୍ଥ ପ୍ରଦାନ କରୁଛନ୍ତି। ମାତ୍ର ରାଜନଗରରେ ପ୍ରଧାନମନ୍ତ୍ରୀ ଆବାସ ଶେଷ ପରେ ବି କିସ୍ତି ଟଙ୍କା ମିଳୁନି। ୨ ମାସ ତଳୁ ଘର ନିର୍ମାଣ ଶେଷ କରିଥିବା ମହିଳା କିସ୍ତି ଟଙ୍କା ପାଇଁ ବାରମ୍ବାର ଦୌଡ଼ି ନିରାଶ ହେବା ପରେ ୭ ଦିନ ମଧ୍ୟରେ ଟଙ୍କା ନ ଦେଲେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ବିଡିଓଙ୍କୁ ଲିଖିତ ଭାବେ ଜଣେ ମହିଳା ଜଣାଇବା ପରେ ସରକାରୀ ବ୍ୟବସ୍ଥାରେ କିପରି ସାଧାରଣ ଲୋକେ ହଇରାଣ ହେଉଛନ୍ତି, ତାହାର ନିଛକ ଚିତ୍ର ସାମ୍ନାକୁ ଆସିଛି। ଅଭିଯୋଗ ମୁତାବକ, ଓସ୍ତିଆ ଗାଁର ମହିଳା ଜୟନ୍ତୀ ବଳଙ୍କୁ ୨୦୨୩ରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ସହ ପ୍ରଥମ କିସ୍ତି ଅର୍ଥ ବାବଦକୁ ୪୦ ହଜାର ଟଙ୍କା ଯୋଗାଇ ଦିଆଯାଇଥିଲା। ପରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜିଆରଏସ୍ ମହିଳାଙ୍କ ନିକଟରେ ପହଞ୍ଚି ଘର କରିବା ପାଇଁ ତାଗିଦା କରିଥିଲେ। ମହିଳା ଜଣଙ୍କ ଧାର ଉଦ୍ଧାର କରି ଘର ନିର୍ମାଣ ଶେଷ କରିସାରିଛନ୍ତି। ସେ ତାଙ୍କ ଘରବାରି ଖାତା ନଂ. ୯୬, ପ୍ଲଟ ନଂ. ୧୬୪ରେ ପ୍ରଧାନମନ୍ତ୍ରୀ ଆବାସ ଘର ନିର୍ମାଣ ଶେଷ କରିଛନ୍ତି। ୨ ମାସ ତଳୁ ଘର ନିର୍ମାଣ ଶେଷ କରି ଟଙ୍କା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟକୁ ଦୌଡିବା ପରେ ମଧ୍ୟ ଏଯାଏ କିସ୍ତି ଅର୍ଥ ପାଇପାରିନାହାନ୍ତି। ବାରମ୍ବାର ନିରାଶ ହେବା ପରେ ଗୁରୁବାର ବିଡିଓଙ୍କୁ ଲିଖିତ ଭାବେ ଏ ନେଇ ଜଣାଇବା ସହ ୭ଦିନ ଭିତରେ ତାଙ୍କୁ ଟଙ୍କା ପ୍ରଦାନ କରା ନ ଗଲେ, ସେ ଆମରଣ ଅନଶନରେ ବସିବେ ବୋଲି ଲିଖିତ ଭାବେ ଜଣାଇଛନ୍ତି।

## ନିର୍ବାଚନ ପରିଚାଳନା ପାଇଁ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ରାଜନଗର, ୧୪।୩ (ଭାସ୍କର ରାଉତରାୟ)

ରାଜନଗରସ୍ଥିତ ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟ ପରିସରରେ ଆସନ୍ତା ସାଧାରଣ ନିର୍ବାଚନ ପାଇଁ କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି। ନିର୍ବାଚନ ବୁଥ୍ ପରିଚାଳନା କିପରି କରାଯିବ, ଭିଭିପିଏଟି ମେଶିନ, ଇଭିଏମ୍ ମେଶିନ ସମ୍ପର୍କରେ କର୍ମଚାରୀମାନଙ୍କୁ ବିସ୍ତୃତ ଭାବେ ପ୍ରଶିକ୍ଷଣ ଦିଆଯାଇଥିଲା। କେନ୍ଦ୍ରାପଡ଼ା ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ରହି କର୍ମଚାରୀମାନଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ନିର୍ବାଚନ ଅବାଧ ଓ ନିରପେକ୍ଷ ଯେପରି ହେବ ଓ ବୁଥ୍ ଭିତରକୁ କାହାକୁ ଛଡ଼ାଯିବ, କାହାକୁ ଛଡ଼ା ଯିବନି, ନିର୍ବାଚନ ପୂର୍ବ ପ୍ରସ୍ତୁତି ଓ ପରବର୍ତ୍ତୀ ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ଭାବେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରିଜାଇଡିଂ ଅଫିସର, ଫାଷ୍ଟ ପୋଲିଂ ଅଫିସର, ସେକେଣ୍ଡ ପୋଲିଂ ଅଫିସର, ଥାର୍ଡ ପୋଲିଂ ଅଫିସର, ୪ର୍ଥ ଓ ୫ମ ପୋଲିଂ ଅଫିସରଙ୍କୁ ପୃଥକ୍ ପୃଥକ୍ ପ୍ରଶିକ୍ଷଣ ଦିଆଯାଇଛି। ଜିଲାପାଳଙ୍କ ସହିତ ବିଡିଓ ନିଶାନ ମିଶ୍ର, ତହସିଲଦାର ଅଜୟ କୁମାର ମହାନ୍ତି, ଜିପିଇଓ ଧର୍ମେନ୍ଦ୍ର କୁମାର ଦାସ, କନିଷ୍ଠଯନ୍ତ୍ରୀ ଅନନ୍ତ କୁମାର ସ୍ୱାଇଁ, ପ୍ରଭାତ କୁମାର ମାଝି, ରାଜେନ୍ଦ୍ର କୁମାର ମହାନ୍ତି, ଉମାଶଙ୍କର ଦଳାଇ ପ୍ରମୁଖ ପ୍ରଶିକ୍ଷଣ ଦେଇଛନ୍ତି। ଗୁରୁବାରଠାରୁ ଆରମ୍ଭ ହୋଇଥିବା ଏହି ପ୍ରଶିକ୍ଷଣ ଶିବିର ୧୮ ତାରିଖଯାଏ ଚାଲିବ।

## ବର୍ଷେ ନ ପୂରୁଣୁ ୩ ଲାଇଟ୍ ପୋଷ୍ଟ ଖରାପ

### ଆୟତନ ସ୍କୁଲଠାରୁ ବଜାର ପର୍ଯ୍ୟନ୍ତ ରାସ୍ତା

ରାଜକନିକା, ୧୪।୩(ସଞ୍ଜୟ କୁମାର ଦାଶ)

ରାଜକନିକା ବ୍ଲକର ତ୍ରୈଲୋକ୍ୟପୁର ପଞ୍ଚାୟତର ୧୧ ଓ ୧୨ ନଂ. ୱାର୍ଡବାସୀଙ୍କ ସମେତ ପଥଚାରୀମାନେ ରାତ୍ରିରେ ଭୟ ନ କରି ସୁବିଧାରେ ଯିବା ଆସିବା ପାଇଁ ରାଜ୍ୟ ସଭା ସାଂସଦଙ୍କ ପାଣ୍ଠିରୁ ଆୟତନ ପ୍ରାଥମିକ ବିଦ୍ୟାଳୟଠାରୁ ବଜାର ପର୍ଯ୍ୟନ୍ତ ୬ଟି ଲାଇଟ୍ ପୋଷ୍ଟ ଲାଗିଥିଲା। ଏହାକୁ ଶକ୍ତିମନ୍ତ୍ରୀ ପ୍ରତାପ କେଶରୀ ଦେବ ୨୦୨୨ରେ ଏହି ପଥପାର୍ଶ୍ୱ ଆଲୋକୀକରଣକୁ ଉଦ୍‌ଘାଟନ କରିଥିଲେ। ହେଲେ ୬ ମାସ ହେବ ମାତ୍ର ୨ଟି ଲାଇଟ୍ ଜଳୁଥିବା ବେଳେ, ଅନ୍ୟ ୩ଟି ଲାଇଟ ପୋଷ୍ଟ ଜଳୁ ନ ଥିବା ଅଭିଯୋଗ ହୋଇଛି। ଫଳରେ ଲୋକମାନେ ରାତ୍ରି କାଳରେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ୱାର୍ଡବାସୀ ପୂର୍ବତନ ସରପଞ୍ଚ ପଙ୍କଜ କୁମର ଦାସ, ବିରଞ୍ଚି ନାରାୟଣ ଦାସ, ବିକ୍ରମ ମଲିକ, ସୁଦର୍ଶନ ମଲିକ, ଚକ୍ରଧର ମଲିକ,



ପଦ୍ମନାଭ ମଲିକ, ମାନସ ମଲିକ, ଧୀରେନ୍ଦ୍ର ମଲିକ, ଜୟନ୍ତ ଗିରି, ବସନ୍ତ କୁମର ରାୟ ଓ ଶ୍ରୀକାନ୍ତ ରାୟ ପ୍ରମୁଖ ଅଭିଯୋଗ କରିଛନ୍ତି କି ଏହି ଲାଇଟ୍ ମରାମତି ପାଇଁ ସରପଞ୍ଚଙ୍କୁ ବାରମ୍ବାର କହିଥିଲେ ବି କେହି ଶୁଣୁ ନାହାନ୍ତି; ଯାହାଦ୍ୱାରା ରାତ୍ରିକାଳରେ ଯିବା ଆସିବା ପାଇଁ ଭୟ ଲାଗୁଛି। ମଦ୍ୟପଙ୍କ ଦୌରାତ୍ମ୍ୟ ବଢୁଥିବାରୁ ଭୟ ଲାଗୁଛି। ତୁରନ୍ତ ଲାଇଟ ମରାମତି କରିବାକୁ ୱାର୍ଡବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ସରପଞ୍ଚଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ବି ତାଙ୍କର ଫୋନ ବନ୍ଦ ରହିଥିଲା।

## ଲୁଣାନଦୀ ଉପରେ ସେତୁ: ବ୍ଲକକୁ ୪୦ କିମି ଦୂରତା କମିବ

ମହାକାଳପଡ଼ା, ୧୪।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲା, ତେରଗାଁ ସଂଲଗ୍ନ ଲୁଣାନଦୀ ଉପରେ ଏକ ସେତୁ ନିର୍ମାଣ ହେଲେ ମହାକାଳପଡ଼ା ମୁଖ୍ୟାଳୟକୁ ୪୦ କିମି ଦୂରତା କମିବ। ସାଧାରଣ ଲୋକ ବ୍ଲକକୁ ଆସିବାକୁ ହେଲେ ୪୦କିମି ଦୂର ପାରାଦୀପ–ଚଣ୍ଡିଖୋଲ ୫୩ନଂ. ଜାତୀୟ ରାଜପଥ, କେନାଲ ବ୍ରିଜ୍ ଦେଇ ଆସିବାକୁ ପଡୁଥିଲା। ହେଲେ ବ୍ଲକର ତେରଗାଁ, ଯଦୁପୁର, ରୋମିତ, ଟିକରପଙ୍ଗା, ପାଟୁଲିପଙ୍ଗ, ଖୁରୁସିଆ, ଅମେଇପାଳ ଆଦି ପଞ୍ଚାୟତର ସଂଖ୍ୟାଧିକ ସାଧାରଣ ଲୋକ ବ୍ଲକ, ତହସିଲ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସିବାକୁ ପଡୁଛି। ତେବେ ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଲୋକ


ତେରଗାଁ ସଂଲଗ୍ନ ଲୁଣାନଦୀରେ ବିପଦସଙ୍କୁଳ ଭାବେ ଲୋକେ ଡଙ୍ଗା ଯୋଗେ ଫେରିଘାଟ ପାର ହେଉଛନ୍ତି।

ପ୍ରତିନିଧି, ସାମାଜିକ କର୍ମୀ ଓ ସାଧାରଣ ଲୋକ ରାଜ୍ୟ ସରକାରଙ୍କୁ ଲୁଣାନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଦାବି କରିଆସୁଥିଲା। ଏହି ଅଞ୍ଚଳର ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଲୁଣାନଦୀ ଉପରେ ଏକ ହାଇଲେଭଲ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଙ୍ଗଳବାର ଲୁଣାନଦୀ ସଂଲଗ୍ନ ତେରଗାଁ ନଦୀବନ୍ଧ ଉପରେ ହାଇଲେଭଲ ସେତୁର ଆନୁଷ୍ଠାନିକ ଭାବେ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାଥମିକ ଅଟକଳ ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୬୦ ମିଟର ଲମ୍ବ ଓ ୧୨ଟି ପିଲରରେ ସେତୁ ନିର୍ମାଣ ହେବ। ବୁଧବାରଠାରୁ ମୃତ୍ତିକା ଖନନ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ କହିଛନ୍ତି। ଏହି ସେତୁ ନିର୍ମାଣ ଶେଷ ହେଲେ ସିଧାସଳଖ ୭ଟି ପଞ୍ଚାୟତ ସମେତ ପାରାଦୀପ ବନ୍ଦରକୁ ସଂଯୋଗ ହୋଇପାରିବ। ଏଥିସହ ବ୍ଲକ ମୁଖ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲକୁ ଯାତାୟାତ ସୁବିଧା ହେବ ବୋଲି ତେରଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅରକ୍ଷିତ ବେହେରା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁଧୀର ମହାପାତ୍ର, ରତ୍ନାକର ବେହେରା, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି। ଅପରପକ୍ଷରେ ତେରଗାଁ ସଂଲଗ୍ନ ଏହି ଲୁଣାନଦୀ ଫେରିଘାଟ ପାର ହୋଇ ସଂଖ୍ୟାଧିକ ଲୋକ, ଛାତ୍ରୀଛାତ୍ର ମହାକାଳପଡ଼ା ବ୍ଲକ ମୁଖ୍ୟାଳୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସେତୁ ନିର୍ମାଣ ଶେଷ ହେଲେ ବିପଦସଙ୍କୁଳ ଫେରିଘାଟ ଯାତାୟାତ ଯୁଗ ଶେଷ ହେବ ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ବ୍ଲକ ଅଞ୍ଚଳର ସଂଖ୍ୟାଧିକ ଶ୍ରମିକ ପାରାଦୀପ ଶିଳ୍ପ କାରଖାନାକୁ ଏହି ଲୁଣାନଦୀ ପାର ହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।

- ତେରଗାଁ-ମହାକାଳପଡ଼ା ବ୍ଲକ ମୁଖ୍ୟାଳୟକୁ ସଂଯୋଗ ହେବ
- ବ୍ୟୟ ଅଟକଳ ୭୦ କୋଟି ପ୍ରାରମ୍ଭିକ ଭାବେ ମୃତ୍ତିକା ପରୀକ୍ଷଣ

## ସଂକ୍ଷେପରେ

### ୬ ଲ ଅଫିସରଙ୍କୁ ନିଯୁକ୍ତି ମିଳିଲା

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ରାଜ୍ୟ ସରକାର ନୟାଗଡ଼ ଜିଲାରେ ୬ଜଣ ଲ ଅଫିସରଙ୍କୁ ନିଯୁକ୍ତି ଦେଇଛନ୍ତି। ଏଥିରେ ନୟାଗଡ଼ର ଅତିରିକ୍ତ ଜିଲା ଦୌରାଜଜ କୋର୍ଟ ପାଇଁ ଅମୀୟ କୁମାର ପଟ୍ଟନାୟକଙ୍କୁ ଏନ୍‌ଡିପିସି କେଶ ପରିଚାଳନା ପାଇଁ ନିଯୁକ୍ତି ମିଳିଛି। ସେହିଭଳି ଓଡ଼ଗାଁ ସହକାରୀ ସେସନ୍ସ କୋର୍ଟ ପାଇଁ ବିଜୟ କୁମାର ରଥଙ୍କୁ ସିଭିଲ କେଶ ପରିଚାଳନା ଦାୟିତ୍ୱ ମିଳିଥିବାବେଳେ ପୂର୍ଣ୍ଣଚନ୍ଦ୍ର ସାହୁଙ୍କୁ ଉକ୍ତ କୋର୍ଟରେ ଫୌଜଦାରୀ ମାମଲା ପରିଚାଳନା ପାଇଁ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି ଯଜ୍ଞ ନାରାୟଣ ପାତ୍ରଙ୍କୁ ଅତିରିକ୍ତ ସେସନ୍ସ ଜର୍ଜ କୋର୍ଟର ଏନ୍‌ଡିପିସି କେଶ ପରିଚାଳନା ଦାୟିତ୍ୱ, ଦିବ୍ୟ ଜୀବନ ପାଣିଗ୍ରାହୀଙ୍କୁ ରାଜସ୍ୱ କେଶ ପରିଚାଳନା ପାଇଁ ଓଡ଼ଗାଁ ତହସିଲରେ ନିଯୁକ୍ତି ମିଳିଛି। ଅନ୍ୟପକ୍ଷେ ରଣପୁର ସହକାରୀ ସେସନ୍ସ କୋର୍ଟର ଫୌଜଦାରୀ ମାମଲା ପରିଚାଳନା ପାଇଁ ନାରାୟଣ ମହାପାତ୍ର ଓ ନରେଶ କୁମାର ପଟ୍ଟନାୟକଙ୍କୁ ଦାୟିତ୍ୱ ଦିଆଯାଇଛି। ଏଥିପାଇଁ ଲ ଅଫିସରମାନେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ୪୦ ଲକ୍ଷ ଟଙ୍କା ପାଣିରେ ପଡ଼ିଲା

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)



ଟ୍ରାନ୍ସଫର୍ମର ଚୋରି ହୋଇଯାଇଛି।

■ ଉଠାଜଳସେଚନ ପ୍ରକଳ୍ପର ତାର,ଟ୍ରାନ୍ସଫର୍ମର ଚୋରି
■ ଟେଷ୍ଟିଂ ପରେ ପ୍ରକଳ୍ପ ୧ବର୍ଷ ଧରି ପଡ଼ି ରହିଲା
■ ପାଣି ପଞ୍ଚାୟତକୁ ମଧ୍ୟ ହସ୍ତାନ୍ତର କରାଯାଇ ନ ଥିଲା
■ ୫୦୦ ହେକ୍ଟର ଜମିରେ ପାଣି ମାଡିଥାନ୍ତା
■ ଭୂତଳ ପାଇପ ଜଳଯୋଗାଣ ବ୍ୟବସ୍ଥାରେ ପ୍ରକଳ୍ପ
■ ଉଠାଜଳସେଚନ ବିଭାଗର ଠିକାଦାର ପ୍ରୀତି

ଚାଷୀ ଓ ଚାଷ ପାଇଁ ଉଠାଜଳସେଚନ ବିଭାଗର କୁମ୍ଭୀର କାନ୍ଦଣା ଓ ଠିକାଦାର ପ୍ରତି ପଦାରେ ପଡିଛି। ୪୦ ଲକ୍ଷ ବ୍ୟୟରେ ଭୂତଳ ପାଇପ ଜଳ ଯୋଗାଣ ବ୍ୟବସ୍ଥାରେ ନୟାଗଡ଼ ବ୍ଲକ କ୍ରୀଦାଶପୁର ପଞ୍ଚାୟତର କ୍ରୀଦାଶପୁର ଡାହୁକା ନଦୀ କୂଳରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ଅଚଳ ହେବା ପରେ ଏହା ସ୍ପଷ୍ଟ ହୋଇ ଯାଇଛି। ୪୦ ଲକ୍ଷ ବ୍ୟୟରେ ନିର୍ମାଣ ହୋଇଥିବା ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟ ଶେଷ ହୋଇ ଟେଷ୍ଟିଂ କରାଯାଇଥିଲା। ତେବେ ପ୍ରକଳ୍ପଟି ସଚଳ ଥାଇ ୧ବର୍ଷ ହେଲା ପଡି ରହିଥିଲେ ମଧ୍ୟ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଯାଇ ନ ଥିଲା। ଚାଷୀ ଜମିରେ ଜଳସେଚନ କରିବାର ସୁବିଧା ପାଇବା ପୂର୍ବରୁ ୧ମାସ ତଳେ ତାର ଚୋରି ହୋଇଥିଲା। ଗତ ମଙ୍ଗଳବାର ରାତିରେ ଟ୍ରାନ୍ସଫର୍ମର ଖୋଲାଟି ପ୍ରକଳ୍ପ ପାଖରେ ପକାଇ ଏହା ଭିତରର ତମ୍ବା ଓ ଅନ୍ୟ ଉପକରଣ ଚୋରି ହୋଇଛି। ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇଥିଲେ ୫୦୦ ହେକ୍ଟର ଜମିରେ ଜଳ ମାଡିଥାନ୍ତା ବୋଲି ଲକ୍ଷ୍ୟ ରହିଥିଲା। କ୍ରୀଦାଶପୁର ପରି ଜିଲାର ବିଭିନ୍ନ ସ୍ଥାନରେ ଉଠାଜଳସେଚନ ବିଭାଗର ପ୍ରକଳ୍ପକୁ ଅନୁଧାନ କଲେ ବିଭାଗ ଠିକାଦାରଙ୍କୁ କାମ ଦେଇ କେବଳ ପ୍ରକଳ୍ପ ଶେଷ କରିବାରେ ଲାଗିଛନ୍ତି ବୋଲି ଅଭିଯୋଗ ଉଠିଲାଣି। ସେପଟେ ପ୍ରକଳ୍ପ କାର୍ଯ୍ୟ କରୁ କି ନାହିଁ ସେଥିରେ ତାଙ୍କର ଯାଆସ ନ ଥିଲା ପରି ଅନୁଭବ ହେଉଛି। ଉଠଜଳସେଚନ ବିଭାଗ ସରକାରଙ୍କ ରାଜସ୍ୱକୁ ଅପବ୍ୟୟ କରୁଥିବାର ଅଭିଯୋଗ ଉଠିବାରୁ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି କୁହା ଯାଉଛି।

ନୟାଗଡ଼ ଜିଲାର ନୟାଗଡ଼ ବ୍ଲକରେ ୧୫୩୨, ଓଡ଼ଗାଁ ବ୍ଲକରେ ୨୧୨୦, ଖଣ୍ଡପଡ଼ା ବ୍ଲକରେ ୩୦୫୪, ଭାପୁର ବ୍ଲକରେ ୨୦୮୦, ଗଣିଆ ବ୍ଲକରେ ୧୨୯୬, ଦଶପଲ୍ଲା ବ୍ଲକରେ ୯୮୦, ନୂଆଗାଁ ବ୍ଲକରେ ୧୬୦୦ ଓ ରଣପୁର ବ୍ଲକରେ ୧୪୧୬ ଏପରି ମୋଟରେ ୧୪ ହଜାର ୪୭୮ ଗୋଷ୍ଠୀ ଉଠାଜଳସେଚନ ପ୍ରକଳ୍ପ ରହିଛି। ଏଥିରୁ ୧୦ ହଜାରରୁ ଉର୍ଦ୍ଧ୍ୱ ପ୍ରକଳ୍ପ ଅଚଳ ହୋଇ ପଡିଛି। କିନ୍ତୁ ବିଭାଗ ପକ୍ଷରୁ ୯ ହଜାର ୫୮୩ ପ୍ରକଳ୍ପ କାମ କରୁଛି ବୋଲି କୁହାଯାଉଛି। ଉଠାଜଳସେଚନ ବିଭାଗର ରିପୋର୍ଟ ଓ ଗ୍ରାଉଣ୍ଡ ଜିରୋକୁ ଅନୁଧାନ କଲେ ଅଧିକାଂଶ ପ୍ରକଳ୍ପ ଅଚଳ ଏହା ବିଭିନ୍ନ ସମୟରେ ସ୍ପଷ୍ଟ ହେଉଛି। ଉଠାଜଳସେଚନ ବିଭାଗର ପ୍ରକଳ୍ପଗୁଡିକ ଅଚଳ ବୋଲି ବିଭିନ୍ନ ସମୟରେ ଜିଲା ପରିଷଦ, ପଞ୍ଚାୟତ ଓ ପଞ୍ଚାୟତ ସମିତି ବୈଠକରେ ଉଦ୍‌ବେଗ, ଅସନ୍ତୋଷ ଓ କ୍ଷୋଭ ପ୍ରକାଶ ପାଇ ଆସୁଛି। ତେବେ ଏହାର ପ୍ରତିକାର ନାହିଁ। ଅନ୍ୟପକ୍ଷେ ଉଠାଜଳସେଚନ ବିଭାଗର ପ୍ରକଳ୍ପଗୁଡିକ ଜଳସେଚନ କାମରେ ଲାଗୁନି ବୋଲି ଚାଷୀ ମଧ୍ୟ ଅଭିଯୋଗ କରି ଆସୁଛନ୍ତି। ଉଠଜଳସେଚନ ବିଭାଗର ପ୍ରକଳ୍ପଗୁଡିକ କାହିଁକି କାମରେ ଲାଗୁନି ବୋଲି ଚାଷୀଙ୍କ ପକ୍ଷରୁ ପ୍ରଶ୍ନ ଉଠିଲାଣି।

ଚାଷୀଙ୍କ ଅଭିଯୋଗ ଅନୁଯାୟୀ, କ୍ରୀଦାଶପୁରରେ ହୋଇଥିବା ପ୍ରକଳ୍ପରୁ କୀଦାଶପୁର ଓ ବାଲୁଗାଁ ଅଞ୍ଚଳର ପ୍ରାୟ ୫୦୦ ହେକ୍ଟର ଜମିରେ ପାଣି ମାଡିଥାନ୍ତା। ଭୂତଳ ପାଇପ ଜଳ ଯୋଗାଣ ବ୍ୟବସ୍ଥାରେ ପ୍ରକଳ୍ପର କାର୍ଯ୍ୟ ହୋଇଥିବାରୁ ଜଳସେଚନ କ୍ଷେତ୍ରରେ ଚାଷୀ ଲାଭରେ ରହିଥାନ୍ତା। ପ୍ରକଳ୍ପର ବିଦ୍ୟୁତ୍ କାର୍ଯ୍ୟ ଶେଷ ହୋଇଥିଲା। ପୁଣି ଟେଷ୍ଟିଂ ଶେଷ ହୋଇଥିଲା। ତେବେ କେଉଁଥିପାଇଁ ପ୍ରକଳ୍ପକୁ ପାଣି ପଞ୍ଚାୟତକୁ ହସ୍ତାନ୍ତର କରାଗଲା ନାହିଁ। ସରକାରଙ୍କର ୪୦ ଲକ୍ଷ ଟଙ୍କା ଖର୍ଚ୍ଚ ପରେ ଚାଷୀ କାହିଁକି ଉପକୃତ ହେଲେ ନାହିଁ। ଏଥିପାଇଁ କିଏ ଦାୟୀ ତା'ର ତଦନ୍ତ ହେବା ଦରକାର। ସେହିଭଳି ଟେଷ୍ଟିଂ ପରେ ଠିକାଦାର କାହିଁକି ମୋଟର ନେଇ ପଛେ ଲଗାଇବେ କହି ଚାଲି ଯାଇଥିଲେ। ପରେ ମୋଟର ଲଗାଇଲେ ନାହିଁ କାହିଁକି ବୋଲି ଚାଷୀମାନେ ପ୍ରଶ୍ନ କରିଛନ୍ତି। ସେପଟେ କେତେଜଣ ଚାଷୀ ଉଠଜଳସେଚନ ବିଭାଗର ମନମାନି ବିରୋଧରେ କୋର୍ଟ ଯିବା ସହିତ ଆନ୍ଦୋଳନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ଏନେଇ ଉଠା ଜଳସେଚନ ବିଭାଜନର ନିର୍ବାହୀଯନ୍ତ୍ରୀ ଦୁଃଶାସନ ଜେନା କୁହନ୍ତି, ପ୍ରକଳ୍ପ କାହିଁକି ପାଣି ପଞ୍ଚାୟତକୁ ହସ୍ତାନ୍ତର ହେଲା ନାହିଁ ଜାଣି ନାହିଁ। ପ୍ରକଳ୍ପର କ'ଣ ସମସ୍ୟା ରହିଛ, କ'ଣ କରାଗଲେ ପ୍ରକଳ୍ପ ଚାଲୁ ହେବ ସେନେଇ ଅନୁଧାନ ପରେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

### ନାଚୁଗାଁରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ନୟାଗଡ଼ ବ୍ଲକର ନାଚୁଗାଁ ପଞ୍ଚାୟତ ସଭାଗୃହରେ ସ୍ୱାସ୍ଥ୍ୟ, ଆରୋଗ୍ୟ କେନ୍ଦ୍ର ଓ ସାମାଜିକ ସଙ୍ଗଠନ କ୍ୟାପ୍‌ର ମିଳିତ ସହଯୋଗରେ ଯକ୍ଷ୍ମା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସରକାରୀ ଓ ବେସରକାରୀ ମିଳିତ ଜିଲା ସଂଯୋଜକ ଦିଲୀପ କୁମାର ପ୍ରଧାନ ଯୋଗଦେଇ ପରିବେଶକୁ ସଫା ସୁତୁରା ରଖିବା ଉପରେ ଗୁରୁତ୍ୱରୋପ କରିଥିଲେ। ସ୍ଥାନୀୟ ସରପଞ୍ଚ ଟିବି ମୁକ୍ତ ପଞ୍ଚାୟତ ଗଠନ ଦିଗରେ ସମସ୍ତ ସହଯୋଗ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିବା କଥା ଜଣାଇଥିଲେ। ଅନ୍ୟତମ ଅତିଥି ଭାବେ କ୍ୟାପ୍ ଅନୁଷ୍ଠାନର ପ୍ରତିନିଧି ଟୁନା ମହାରଣା ଯୋଗଦେଇ ଯକ୍ଷ୍ମାରୋଗର ଆଶୁ ଚିହ୍ନଟୀକରଣ, ଚିକିତ୍ସା ଓ ତ୍ୱରିତ ନିରାକରଣ ଉପରେ ସଚେତନତା କରିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ଚିକିତ୍ସା ତଦାରଖକାରୀ ଦୀପକ କୁମାର ଦଳବେହେରା ରୋଗର ଲକ୍ଷଣ ଓ ଏହାର ନିରାକରଣ ଉପରେ ସଚେତନ କରିଥିଲେ। ଯକ୍ଷ୍ମାମୁକ୍ତ ଅଞ୍ଚଳ ଗଠନ ଦିଗରେ ଜନ ଭାଗୀଦାରିତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଯକ୍ଷ୍ମା ରୋଗ ସମ୍ପର୍କରେ ପରାମର୍ଶ ଦେବା ସହିତ ରୋଗୀମାନେ ନିୟମିତ ଔଷଧ ସେବନ କରିବା ପାଇଁ ସ୍ୱାସ୍ଥ୍ୟକର୍ମୀ ସବିତା ବରାଡ ବୁଝାଇଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀ ଓ ମହିଳା ଆରୋଗ୍ୟ ସମିତିର ସଦସ୍ୟାମାନେ ଯୋଗଦେଇଥିଲେ।

### ମେଗା ପାନୀୟ ଜଳ ପ୍ରକଳ୍ପର ସମୀକ୍ଷା କଲେ ଜିଲାପାଳ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ଚଳିତ ବର୍ଷର ଗ୍ରୀଷ୍ମ ଋତୁକୁ ଆଖି ଆଗରେ ରଖି ମେଗା ପାନୀୟ ଜଳ ପ୍ରକଳ୍ପ ଉପରେ ନୟାଗଡ଼ ଜିଲାପାଳ ସ୍ୱାଧାଦେବ ସିଂ ଗୁରୁବାର ସମୀକ୍ଷା କରିଛନ୍ତି। ମେଗା ପାନୀୟ ଜଳ ପ୍ରକଳ୍ପର କାର୍ଯ୍ୟ ଖଣ୍ଡପଡ଼ା ବ୍ଲକର ବନମାଳିପୁର ଓ ଭାପୁର ବ୍ଲକର ପଦ୍ମାବତୀ ଠାରେ ଚାଲିଛି। ପ୍ରକଳ୍ପର କାର୍ଯ୍ୟ କିପରି ଶୀଘ୍ର ଶେଷ ହେବ ସେନେଇ ସଦ୍‌ଭାବନା କକ୍ଷରେ ଜିଲାପାଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ କେପିଟିସିଆର ପ୍ରକଳ୍ପ ମ୍ୟାନେଜର, ଜିଭିପିଆରର ପ୍ରକଳ୍ପ ମ୍ୟାନେଜର, ପାନୀୟ ଜଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

### କେନ୍ଦ୍ର ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ



କେନ୍ଦ୍ର ସାହିତ୍ୟ ଏକାଡେମୀ ଉତ୍ସବରେ ଡ.ଭାରତ ଭୂଷଣ ରଥ ଓ ଅନ୍ୟମାନେ।

ଖଣ୍ଡପଡ଼ା,୧୪।୩
(ଅଜୟ କୁମାର ମହାରଣା)

କେନ୍ଦ୍ର ସାହିତ୍ୟ ଏକାଡେମୀର ୭୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ନୂଆଦିଲ୍ଲୀ ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଅଧୀନ କେନ୍ଦ୍ର ସାହିତ୍ୟ ଏକାଡେମୀର ସାହିତ୍ୟ ଉତ୍ସବ ଗତ ୧୧ ତାରିଖରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବରେ ୧୭୫ଟି ଭାଷାରେ ୧୦୦ ଲେଖିକା ଲେଖକ ଯୋଗଦେଇଛନ୍ତି। ଆୟୋଜିତ ବିଶ୍ୱର ଏହି ସର୍ବବୃହତ୍ ସାହିତ୍ୟ ଉତ୍ସବରେ ଡ.ଭାରତ ଭୂଷଣ ରଥ ଯୋଗଦେଇ ସଂସ୍କୃତ ଭାଷାରେ ଜଳ ସୁରକ୍ଷା ବିଷୟକ କାବ୍ୟ ପାଠ କରି ଶ୍ରୋତାମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। କବିତା ସହିତ ଏହାର ଇଂଲିଶ ଅନୁବାଦ ମଧ୍ୟ କରିଥିଲେ ଡ.ରଥ। ଜଳ ବିଶ୍ୱର ସର୍ବପ୍ରଥମ ତତ୍ତ୍ୱ। ଜଳ ବିନା ଜୀବଜଗତ ତିଷ୍ଠି ରହିପାରିବେ ନାହିଁ। ବର୍ତ୍ତମାନ କଳକାରଖାନା ତଥା ଯାନବାହନ ଦ୍ୱାରା ଜଳ ପ୍ରଦୂଷିତ ହେଉଛି। ତେଣୁ ପୃଥିବୀରେ ଜଳର ସୁରକ୍ଷା ପାଇଁ ଉପଜାତି, ଇନ୍ଦ୍ରବଜ୍ରା, ମାଳିନୀ ଏବଂ ସ୍ରଗରା ପ୍ରଭୃତି ଶାସ୍ତ୍ରୀୟ ଛନ୍ଦ ପ୍ରୟୋଗ କରି ବର୍ଣ୍ଣିତ ଡ.ରଥଙ୍କର କାବ୍ୟ ବେଶ୍ ଲୋକାଦୃତ ହୋଇଥିଲା। ସୂଚନାଯୋଗ୍ୟ, ଡ.ରଥ କଣ୍ଟିଲୋ ସମିପସ୍ଥ କେନ୍ଦୁପଲ୍ଲୀ ଗ୍ରାମରେ ଜନ୍ମ ଗ୍ରହଣ କରି ସଂପ୍ରତି ଆନ୍ଧ୍ରପ୍ରଦେଶର ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗରେ ଅଧ୍ୟାପକ ତଥା ଦୂର ଏବଂ ନିରନ୍ତର ଶିକ୍ଷା ନିର୍ଦ୍ଦେଶାଳୟର ଉପ ନିର୍ଦ୍ଦେଶକ ଭାବେ କାର୍ଯ୍ୟରତ ଅଛନ୍ତି।

### ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ଉପରେ ସମୀକ୍ଷା

#### ସମୀକ୍ଷା କଲେ ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ଜିଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଗୁରୁବାର ଅପରାହ୍ନରେ ରାଜ୍ୟ ଅତିରିକ୍ତ ନିର୍ବାଚନ ଅଧିକାରୀ ଶତ୍ରୁଘ୍ନ କର ନୟାଗଡ଼ ଜିଲାର ନିର୍ବାଚନ ପ୍ରାକ୍ ପ୍ରସ୍ତୁତି ଉପରେ ସମୀକ୍ଷା କରିଥିଲେ । ଜିଲାରେ ବୁଥ୍ , ପୋଷ୍ଟାଲ ବ୍ୟାଲେଟ୍ , ଯାନ, ଟ୍ରେନିଂ ପ୍ରୋଗ୍ରାମ, ଏମ୍‌ସିଏମ୍‌ସି, ଏମ.ସି.ସି.,ପୋଲିସ ମାଜିଷ୍ଟ୍ରେଟ୍ ସମନ୍ୱୟ ଉପରେ ସମୀକ୍ଷା କରିଥିଲେ । ବୈଠକରେ ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ସ୍ୱାଧାଦେବ ସିଂ ନିର୍ବାଚନ ସମ୍ବନ୍ଧୀୟ ସନ୍ଦେହଗୁଡ଼ିକ ପଚାରି ବୁଝିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜଲାପାଳ ତଥା ରିଟର୍ନିଂ ଅଧିକାରୀ ଦିଲୀପ କୁମାର ବଳ , ଅତିରିକ୍ତ ଜିଲାପାଳ ତଥା ରିଟର୍ନିଂ ଅଧିକାରୀ ରୋଜିନା ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ରିଟର୍ନିଂ ଅଧିକାରୀ ଦେବଦତ୍ତ ପଣ୍ଡା, ଉପଜିଲାପାଳ ତଥା ରିଟର୍ନିଂ ଅଧିକାରୀ କର୍ଣ୍ଣଦେବ ସମାଦାର, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରମାକାନ୍ତ ପଣ୍ଡା, ଡେପୁଟି କଲେକ୍ଟର(ନିର୍ବାଚନ) ଅଭିଜିତ୍ ଷଡ଼ଙ୍ଗୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଶାନ୍ତ କୁମାର ପରିଡ଼ା,ସମସ୍ତ ନୋଡାଲ ଅଧିକାରୀ, ତହସିଲଦାର ନୟାଗଡ଼ ବୈଠକରେ ଉପସ୍ଥିତ ଥିଲେ।

### ଡିଜିଟାଲ ଆର୍ଥିକ ସାକ୍ଷରତା, ଅନ୍ତର୍ଭୁକ୍ତୀକରଣ ସଚେତନତା ଶିବିର




ସଚେତନତା ଶିବିରରେ ବିଭାଗୀୟ ଅଧିକାରୀ ଓ ଅନ୍ୟମାନେ।

ଗଣିଆ,୧୪।୩
(ସନ୍ତୋଷ କୁମାର ପ୍ରଧାନ)

ଭାରତୀୟ ଷ୍ଟେଟ ବ୍ୟାଙ୍କ ଓ ନାବାର୍ଡ ସହାୟତାରେ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଗ୍ରାମାଞ୍ଚଳରେ ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ସ୍ଥାନୀୟ ଜନସାଧାରଣଙ୍କୁ ଡିଜିଟାଲ ଆର୍ଥିକ ସାକ୍ଷରତା ଓ ଅନ୍ତର୍ଭୁକ୍ତୀକରଣ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଭାରତୀୟ ଷ୍ଟେଟ ବ୍ୟାଙ୍କ ଏଲ୍‌ଡିଏମ୍ ନୟାଗଡ଼ ଶଶିଶେଖର ପଟ୍ଟନାୟକ, ସରିଗଣ୍ଡା ଶାଖା ପରିଚାଳକ ସୁଧାକର ଗଇଗୋରିଆ, ଏଫ୍‌ଏଲ୍‌ସି ରବି ନାରାୟଣ ସେଠୀ, ବ୍ୟାଙ୍କ ମିତ୍ର ମମତାମୟୀ ଦାଶ, ଛାମୁଣ୍ଡିଆ ସରପଞ୍ଚ ଦୀପ୍ତିରେଖା ସେନାପତି, ସମିତିସଭ୍ୟା ସସ୍ମିତା ଦଳେଇ, ନାଏବ ସରପଞ୍ଚ ସରସ୍ୱତୀ ରାଉତ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ସରକାର ଗ୍ରାମାଞ୍ଚଳରେ ଆମ ବ୍ୟାଙ୍କ ଖୋଲି ଲୋକଙ୍କ ହାତ ପାହାନ୍ତାରେ ବ୍ୟାଙ୍କ ସେବା ଯୋଗାଇଦେବା ଆରମ୍ଭ କରିଛନ୍ତି। ବ୍ୟାଙ୍କଗୁଡିକରେ ଧାଡିବାନ୍ଧି ଛିଡା ନ ହୋଇ ଆଧାର ସଂଯୋଗୀକରଣ ଟିପ ଚିହ୍ନ ମାଧ୍ୟମରେ ନଗଦ ଜମା ଓ ଉଠାଣ କରିବା ଉପରେ ଲୋକଙ୍କୁ ବୁଝାଇଥିଲେ। ସେହିପରି ଲୋକମାନେ ବ୍ୟାଙ୍କ ମାଧ୍ୟମରେ କିଭଳି କମ୍ ଅର୍ଥରେ ବୀମା ଅର୍ଥରାଶି ଜମା କରି ଭବିଷ୍ୟତରେ ଦୁର୍ଘଟଣା ସହାୟତା କିମ୍ବା ପେନସନ ପାଇପାରିବେ ସେ ନେଇ ଆଲୋଚନା କରାଯାଇଥିଲା। ଗ୍ରାମାଞ୍ଚଳରେ ଖୋଲାଯାଇଥିବା ଆମ ବ୍ୟାଙ୍କ ମାଧ୍ୟମରେ କିଭଳି ଜନସାଧାରଣ ସୁବିଧାରେ ବ୍ୟାଙ୍କ ସେବା ପାଇବା ସହ ସ୍ୱୟଂ ସହାୟକ ଗୋଷ୍ଠୀ ସହଜରେ ଋଣ ପାଇପାରିବେ, ଏଟିଏମ୍‌ର ବ୍ୟବହାର, ଅନ୍‌ଲାଇନ ଠକେଇରୁ ଦୂରେଇ ରହିବା ସହ ବ୍ୟାଙ୍କିଂ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ଅତିଥିମାନେ ଉପସ୍ଥିତ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମରେ ଛାମୁଣ୍ଡିଆ ପଞ୍ଚାୟତର ଛାମୁଣ୍ଡିଆ, ଈଶ୍ୱରପୁର, ବେଷ୍ଟପଡା, ଗୋପୀନାଥପୁର, ହରିପୁର ଆଦି ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟା ଓ ସମସ୍ତ ୱାର୍ଡ ସଭ୍ୟାସଭ୍ୟ ଯୋଗଦେଇଥିଲେ।

### ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଜଣେ ଗିରଫ

ବ୍ରହ୍ମପୁର,୧୪।୩(ସୁବାସ ଚନ୍ଦ୍ର ପାଢ଼ୀ)

ବଡବଜାର ଥାନା ବାଲୁଙ୍କେଶ୍ୱର ମନ୍ଦିର ନିକଟରେ ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାରୁ ମରଣାନ୍ତକ ଆକ୍ରମଣ ହୋଇଥିଲା। ଏହି ଘଟଣାର ଅଭିଯୁକ୍ତଙ୍କୁ ପୋଲିସ ଗୁରୁବାର ଗିରଫ କରିଛି। ସେ ହେଲେ ଲକ୍ଷ୍ମୀନୃସିଂହ ସାହି ୧୧ ନଂ. ଲାଇନର ଏ. ଭଗବାନ ରେଡ୍ଡୀ(୫୪) । ତାଙ୍କ ନିକଟରୁ ୨ଟି ଖଣ୍ଡା, ଗୋଟିଏ ସ୍କୁଟି, ୨ ମୋବାଇଲ ଫୋନ୍ ଓ ୪୪୨୦ ଟଙ୍କା ଜବତ କରାଯାଇଛି। ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଏସପି ଡ. ସର୍ବଣା ବିବେକ ଏମ କହିଛନ୍ତି। ମାର୍ଥାସାହିର ଜି. ରାଜେଶ ଏକ ଜଳଖିଆ ଦୋକାନ କରିଛନ୍ତି। ବୁଧବାର ରାତିରେ ସେ ତାଙ୍କର ଜଣେ ସାଙ୍ଗଙ୍କ ସହ ବାଲୁଙ୍କେଶ୍ୱର ମନ୍ଦିର ନିକଟରେ କଥା ହେଉଥିଲେ। ଏହି ସମୟରେ ଭଗବାନ ସ୍କୁଟିରେ ଖଣ୍ଡା ଧରି ଆସି ରାଜେଶଙ୍କୁ ଆକ୍ରମଣ କରି ଚମ୍ପଟ ମାରିଥିଲେ। ଅଭିଯୋଗ ପରେ ପୋଲିସ ନଂ.୯୬/୨୪ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା ।

### ମହିଳା କଣ୍ଡକ୍ଟରଙ୍କୁ ଦୁର୍ବ୍ୟବହାର କରି ଜେଲ ଗଲେ ଯୁବକ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ମହିଳା କଣ୍ଡକ୍ଟରଙ୍କୁ ଦୁର୍ବ୍ୟବହାର କରିବା ଅଭିଯୋଗରେ ନୟାଗଡ଼ ଟାଉନ ଥାନା ପୋଲିସ ରାମେଶ୍ୱର ସାହିର କାଳିଆ ଆଚାରୀ(୩୬)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ପରେ କାଳିଆଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରାପ୍ତ ସୂଚନା ଅନୁସାରେ ଲକ୍ଷ୍ମୀବସକୁ ଅଟକାଇ ମହିଳା କଣ୍ଡକ୍ଟର ବିଷ୍ଣୁପ୍ରିୟା ନାୟକଙ୍କୁ ଠେଲାପେଲା ଓ ଦୁର୍ବ୍ୟବହାର କାଳିଆ କରିଥିଲେ। ବିଷ୍ଣୁପ୍ରିୟାଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୦୮/୨୪) ରୁଜୁ କରି ତଦନ୍ତ କରିଥିଲା।

### କଳାବ୍ୟାଜ୍ ପରିଧାନ କରି ପ୍ରତିବାଦ କଲେ ଖବରଦାତା

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ଖବରଦାତାମାନଙ୍କୁ ପେନସନ, ସ୍ୱାସ୍ଥ୍ୟବୀମାରେ ପିତାମାତା ଏବଂ ୨୫ ବର୍ଷର ପିଲାଙ୍କୁ ଅର୍ନ୍ତଭୁକ୍ତ କରିବା, ସାମ୍ବାଦିକ ସୁରକ୍ଷା ଆଇନ ଲାଗୁ କରିବା ଦାବିକୁ ସରକାର ଅଣଦେଖା କରିବା ପରେ କଳାପଟି ପରିଧାନ କରି ଖବରଦାତାମାନେ ଗୁରୁବାର ପ୍ରତିବାଦ କରିଛନ୍ତି। ଉତ୍କଳ ସାମ୍ବାଦିକ ସଂଘ ନୟାଗଡ଼ ଜିଲା ଶାଖା ପକ୍ଷରୁ ଗୁରୁବାର ଜିଲାର ବିଭିନ୍ନ ବ୍ଲକ ଏବଂ ସଦମହକୁମାରେ କାର୍ଯ୍ୟରତ ଖବରଦାତାମାନେ କଳା ବ୍ୟାଚ୍ ପରିଧାନ କରି ପ୍ରତିବାଦ କରିଥିଲେ। । ଜିଲା ଶାଖା ସଭାପତି ଶ୍ରୀକାନ୍ତ ଖଟେଇଙ୍କ ଆହ୍ୱାନ କ୍ରମେ ନୟାଗଡ଼ ସାମ୍ବାଦିକ ଭବନଠାରେ କଳା ବ୍ୟାଚ୍ ପରିଧାନ କରାଯିବା ସହ ଖବରଦାତାଙ୍କ ଦାବି ପୂରଣ ପାଇଁ ସ୍ଲୋଗାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଖବରଦାତା ପ୍ରମୋଦ ପଟ୍ଟନାୟକ, ରାମକୃଷ୍ଣ ରଥ, ଜିଲା ସମ୍ପାଦକ ବୈଦ୍ୟଭୂଷଣ ମହାପାତ୍ର, ଲୋକନାଥ ମିଶ୍ର, ଅନୀଲ କୁମାର ପଣ୍ଡା, ଉଦିତ୍ ନାରାୟଣ ଦାଶ, ବିଭୂତି ଭୂଷଣ ସ୍ୱାଇଁ, ନିହାର ପଟ୍ଟନାୟକ, ରଜତ ପଟ୍ଟନାୟକ, ବିଶ୍ୱଜିତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।



କଳାବ୍ୟାଜ୍ ପିନ୍ଧିଥିବା ନୟାଗଡ଼ ଖବରଦାତା।

### ତମାଖୁମୁକ୍ତ ଶିକ୍ଷାନୁଷ୍ଠାନ ସଚେତନତା

ପାରଳାଖେମୁଣ୍ଡି, ୧୪।୩
(ଗିରିଧାରୀ ପରିଛା)

ସ୍ଥାନୀୟ ମହିଳା ସ୍ନାତକ ମହାବିଦ୍ୟାଳୟ ପରିସରରେ ଗୁରାଣ୍ଡି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ର ତରଫରୁ ଏକ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ସଚେତନତା କାର୍ଯ୍ୟକ୍ରମ ଅଧକ୍ଷା ଡଃ ରୀନା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସରକାରୀ ଚିକିତ୍ସାଳୟର ଡଃ ଇନ୍ଦିରା ମହାପାତ୍ର, ଗୋଷ୍ଠୀ ଚିକିତ୍ସା କେନ୍ଦ୍ରର ଡ଼ ପତିତପାବନ ବାରିକ ଏବଂ ଜିଲା ସାସ୍ଥ୍ୟ ସଂଯୋଜିକା ମମତା ପାଢୀ ଯୋଗଦେଇଥିଲେ। ପରେ ଉପସ୍ଥିତ ଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। କୃତୀ ଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା । ଅଧକ୍ଷା ଡଃ ରୀନା ସାହୁଙ୍କୁ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା।

### ବିବାହ ଶୋଭାଯାତ୍ରାରେ ଯୁବକଙ୍କୁ ହତ୍ୟା ଘଟଣା, ୨ ଗିରଫ

ପାରଳାଖେମୁଣ୍ଡି/ମୋହନା, ୧୪।୩
(ଗିରିଧାରୀ ପରିଛା/ମନ୍ମଥ ମିଶ୍ର)



ଗଜପତି ଜିଲା ମୋହନା ଥାନା ଚନ୍ଦ୍ରଗିରି ଫାଣ୍ଡି ଅଞ୍ଚଳରେ ମଙ୍ଗଳବାର ବିବାହ ଶୋଭାଯାତ୍ରା ବେଳେ ଯୁବକଙ୍କୁ ଛୁରି ଭୁସି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ଶ୍ରୀହରି ପ୍ରଧାନ ଓ ସହଯୋଗୀ ତଥା ତାଙ୍କ ଭାଇ କୃଷ୍ଣ ଅର୍ଜୁନ ପ୍ରଧାନଙ୍କୁ ଗୁରୁବାର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ଅଭିଯୁକ୍ତ ସେମାନଙ୍କୁ ଆର. ଉଦୟଗିରି ସବ୍‌ଜେଲକୁ ପଠାଇଦିଆଯାଇଛି । ଅନ୍ୟପଟେ ହତ୍ୟା ଘଟଣାକୁ ପ୍ରତିବାଦ କରି ରାସ୍ତାରୋକ, ଗାଡି ଏବଂ ଘର ପୋଡି ଘଟଣାରେ ୨୫ରୁ ଉର୍ଦ୍ଧ୍ୱ ଲୋକଙ୍କ ଲୋକଙ୍କ ନାମରେ ମାମଲା ରୁଜୁ କରିଛି ପୋଲିସ ।

### ଲାପ୍‌ଟପ୍ ବାଣ୍ଟିଲେ ଜିଲାପାଳ

ନୟାଗଡ଼,୧୪।୩(ଲୋକନାଥ ମିଶ୍ର)

ଜିଲାପାଳଙ୍କ ମିନି କନଫେରେନ୍ସ ହଲରେ ନୟାଗଡ଼ ଜିଲାପାଳ ସ୍ୱାଧାଦେବ ସିଂ ଗୁରୁବାର ଲାପ୍‌ଟପ୍ ବଣ୍ଟନ କରିଛନ୍ତି। ଓଡ଼ିଶା ସ୍କୁଲ ଏଜୁକେଶନ ପ୍ରୋଗ୍ରାମ ଅଥରିଟି ପକ୍ଷରୁ ସମଗ୍ର ଶିକ୍ଷା ଆୟୋଜିତ କାର୍ଯ୍ୟକ୍ରମରେ ମାଧ୍ୟମିକ ଓ ଉଚ୍ଚ ମାଧ୍ୟମିକ (ନବମରୁ ଯୁକ୍ତ ୨) ଶ୍ରେଣୀର ୭ ଦୃଷ୍ଟିବାଧିତ ଭିନ୍ନକ୍ଷମଙ୍କୁ ଏହି ଲାପ୍‌ଟପ୍ ବଣ୍ଟନ କରାଯାଇଥିଲା। ଦୃଷ୍ଟିବାଧିତ ଭିନ୍ନକ୍ଷମଙ୍କ ଶିକ୍ଷଣ ଉନ୍ନତି ପାଇଁ ଲାପ୍‌ଟପ୍ ପ୍ରଦାନ କରାଯାଇଛି।

### କପାର ଅଭାବୀ ବିକ୍ରି, ମଣ୍ଡି ନ ଥିବା ଯୋଗୁ ଚାଷୀ ହନ୍ତସନ୍ତ

ପାରଳାଖେମୁଣ୍ଡି, ୧୪।୩
(ଗିରିଧାରୀ ପରିଛା)

ଗଜପତି ଜିଲାରେ କପା ମଣ୍ଡିର ସୁବିଧା ନଥିବା ଯୋଗୁଁ କପଚାଷୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘ ଦିନର ଦାବି ପରେ ମଧ ଜିଲାରେ ଖୋଲିପାରିନି କପା ମଣ୍ଡି। ମଣ୍ଡି ନ ଥିବା ଯୋଗୁଁ ଚାଷୀଙ୍କ କପା ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାରକୁ ଆଣି ଗୁଣୁପୁରୁ ମଣ୍ଡିକୁ ପଠାଇବା ପାଇଁ ବ୍ୟବସ୍ଥା କରାଯାଉଥିବା ନିୟନ୍ତ୍ରିତ ବଜାର କମିଟି ଅଧକ୍ଷ ରେବତୀ ମୋହନ ରାଉତ କହିଛନ୍ତି। କପା ଉତ୍ପାଦନ ହେଉଥିବା ଅଞ୍ଚଳ ବଦଳରେ ପାରଳାଖେମୁଣ୍ଡିଠାରେ ଏହି ବ୍ୟବସ୍ଥା କରାଯାଉଥିବା ଯୋଗୁଁ କପା ଚାଷୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଚାଷୀ ସଦର ମହକୁମାକୁ କପା ଆଣିବା ପାଇଁ ପରିବହନ ବାବଦରେ ଅଧିକ ଖର୍ଚ୍ଚାନ୍ତ ହେଉଥିବା ଅଭିଯୋଗ କରିଛନ୍ତି, ଯାହାର ଫାଇଦା ନେଉଛନ୍ତି ଆନ୍ଧ୍ର ବ୍ୟବସାୟୀ । ଚାଷୀଙ୍କ ଘର ସମ୍ମୁଖରୁ କପା ସଂଗ୍ରହ କରିବା ସହ ନଗଦ ଟଙ୍କା ଦେଉଥିବାରୁ ଚାଷୀମାନେ ବାଧ ହୋଇ ଶାଗମାଛ ଦରରେ ଆନ୍ଧ୍ର ବ୍ୟବସାୟୀଙ୍କୁ କପା ଦେଉଛନ୍ତି। ଗଜପତି ଜିଲା ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ। ଅଧିକାଂଶ ଲୋକେ ଚାଷ ଉପରେ ନିର୍ଭରଶୀଳ। ପାରଳାଖେମୁଣ୍ଡି, କାଶୀନଗର ଏବଂ ଗୋଷାଣି ଅଞ୍ଚଳର ଚାଷୀମାନେ ଧାନ ଚାଷ ଉପରେ ନିର୍ଭର କରୁଥିବା ବେଳେ ରାୟଗଡ଼, ନୂଆଗଡ, ରା.ଉଦୟଗିରି ଏବଂ ମୋହନା ବ୍ଲକର ଚାଷୀମାନେ ଧାନ ଚାଷ ସହ ପନିପରିବା, ମକା ଓ ଅନ୍ୟାନ୍ୟ ଚାଷ କରୁଛନ୍ତି। ରାୟଗଡ ବ୍ଲକର ଅଧିକାଂଶ ଚାଷୀ କପା ଚାଷ କରୁଛନ୍ତି। କପା ଚାଷ ଆରମ୍ଭ ହେବା ଦିନଠାରୁ ଏହି ଅଞ୍ଚଳର କପା ଚାଷୀମାନେ ମଣ୍ଡି ଅଭାବର ଶିକାର ହେଉଛନ୍ତି। ପୂର୍ବରୁ ଗୁଣପୁରରେ ଥିବା ମଣ୍ଡି ଉପରେ ଚାଷୀ ନିର୍ଭର କରି କପା ନିଜସ୍ୱ ଖର୍ଚ୍ଚରେ ନେଉଥିବା ବେଳେ ଏବେ ଚାଷୀଙ୍କ ଦାବି ପରେ ପାରଳାଖେମୁଣ୍ଡି ନିୟନ୍ତ୍ରିତ ବଜାର କମିଟି ତରଫରୁ କ୍ରୟ କେନ୍ଦ୍ର ଖୋଲାଯାଇଛି। ସେଠାରେ ଗତ ଦୁଇ ବର୍ଷ ହେଲା ଚାଷୀଙ୍କ କପା ନିୟନ୍ତ୍ରିତ ବଜାରଠାରେ ରଖି ପ୍ରଶାସନ ତରଫରୁ ଗୁଣୁପୁରୁ ମଣ୍ଡିକୁ ପଠାଯାଉଛି। କିନ୍ତୁ ଉତ୍ପାଦିତ କପାକୁ ମଣ୍ଡିକୁ ଆଣିବା ସମୟରେ ପରିବହନ ବାବଦରେ ବହୁ ଖର୍ଚ୍ଚାନ୍ତ ହେଉଛନ୍ତି ଚାଷୀ। ତେଣୁ ରାୟଗଡ଼ ବ୍ଲକରେ ଏକ କପା ମଣ୍ଡି ଖୋଲିବା ପାଇଁ ଦାବି କରିଛନ୍ତି। ଏନେଇ ରାୟଗଡ ବିଡ଼ିଓ ସୁଧୀର କୁମାର ସିଂହ କହିଛନ୍ତି ଯେ, ସରକାରଙ୍କ ନିୟମ ଅନୁସାରେ ପାରଳାଖେମୁଣ୍ଡିରେ ଖୋଲାଯାଇଛି। କିନ୍ତୁ ଏହି ଅଞ୍ଚଳରେ ଅଧିକ କପା ଚାଷ ହେଉଥିବା ଯୋଗୁଁ ଆଗାମୀ ଦିନରେ ଏଠାରେ ଚାଷୀମାନଙ୍କ ପାଇଁ ମଣ୍ଡି ଖୋଲିବା ପାଇଁ ସରକରଙ୍କୁ ପ୍ରସ୍ତାବ ଦିଆଯାଇଛି ଏବଂ ଖୁବଶୀଘ୍ର ମଣ୍ଡି ଖୋଲାଯିବ।

# ଲୁଣାନଦୀ ଉପରେ ସେତୁ: ବ୍ଲକକୁ ୪୦ କିମି ଦୂରତା କମିବ

- ତେରଗାଁ-ମହାକାଳପଡ଼ା ବ୍ଲକ ମୁଖ୍ୟାଳୟକୁ ସଂଯୋଗ ହେବ
- ବ୍ୟୟ ଅଟକଳ ୭୦ କୋଟି ପ୍ରାରମ୍ଭିକ ଭାବେ ମୃତ୍ତିକା ପରୀକ୍ଷଣ


ତେରଗାଁ ସଂଲଗ୍ନ ଲୁଣାନଦୀରେ ବିପଦସଙ୍କୁଳ ଭାବେ ଲୋକେ ହଙ୍ଗା ଯୋଗେ ଫେରିଘାଟ ପାର ହେଉଛନ୍ତି।

**ମହାକାଳପଡ଼ା, ୧୪।୩ (ପ୍ରତାପ ଚନ୍ଦ୍ର ସ୍ୱାଇଁ)**

ଦୀର୍ଘବର୍ଷ ଧରି ଦାବି ହୋଇ ଆସୁଥିଲା, ତେରଗାଁ ସଂଲଗ୍ନ ଲୁଣାନଦୀ ଉପରେ ଏକ ସେତୁ ନିର୍ମାଣ ହେଲେ ମହାକାଳପଡ଼ା ମୁଖ୍ୟାଳୟକୁ ୪୦ କିମି ଦୂରତା କମିବ। ସାଧାରଣ ଲୋକ ବ୍ଲକକୁ ଆସିବାକୁ ହେଲେ ୪୦କିମି ଦୂର ପାରାଦୀପ-ଚଣ୍ଡିଖୋଲ ୫୩ନଂ. ଜାତୀୟ ରାଜପଥ, କେନାଲ ବ୍ରିଜ୍ ଦେଇ ଆସିବାକୁ ପଡୁଥିଲା। ହେଲେ ବ୍ଲକର ତେରଗାଁ, ଯଦୁପୁର, ରୋମିତ, ଟିକରପଙ୍ଗା, ପାଟୁଲିପଙ୍ଗ, ଖୁରୁସିଆ, ଅମେଇପାଳ ଆଦି ପଞ୍ଚାୟତର ସଂଖ୍ୟାଧିକ ସାଧାରଣ ଲୋକ ବ୍ଲକ, ତହସିଲ ଓ ଅନ୍ୟ ସରକାରୀ କାର୍ଯ୍ୟାଳୟକୁ ଆସିବାକୁ ପଡୁଛି। ତେବେ ଏହି ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଲୋକ ପ୍ରତିନିଧି, ସାମାଜିକ କର୍ମୀ ଓ ସାଧାରଣ ଲୋକ ରାଜ୍ୟ ସରକାରଙ୍କୁ ଲୁଣାନଦୀ ଉପରେ ଏକ ସେତୁ ନିର୍ମାଣ ପାଇଁ ଦାବି କରିଆସୁଥିଲା। ଏହି ଅଞ୍ଚଳର ସାଧାରଣ ଲୋକଙ୍କ ସ୍ୱାର୍ଥ ଦୃଷ୍ଟିରୁ ରାଜ୍ୟ ସରକାର ଲୁଣାନଦୀ ଉପରେ ଏକ ହାଇଲେଭଲ ସେତୁ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମଙ୍ଗଳବାର ଲୁଣାନଦୀ ସଂଲଗ୍ନ ତେରଗାଁ ନଦୀବନ୍ଧ ଉପରେ ହାଇଲେଭଲ ସେତୁର ଆନୁଷ୍ଠାନିକ ଭାବେ ଶିଳାନ୍ୟାସ କରିଥିଲେ। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ପ୍ରାଥମିକ ଅଟକଳ ୭୦ କୋଟି ଟଙ୍କା ବ୍ୟୟ ଅଟକଳରେ ୩୬୦ ମିଟର ଲମ୍ବ ଓ ୧୨ଟି ପିଲରରେ ସେତୁ ନିର୍ମାଣ ହେବ। ବୁଧବାରଠାରୁ ମୃତ୍ତିକା ଖନନ କାର୍ଯ୍ୟ ଆରମ୍ଭ ହୋଇଛି ବୋଲି ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀ ରାଜେଶ ପ୍ରଧାନ କହିଛନ୍ତି। ଏହି ସେତୁ ନିର୍ମାଣ ଶେଷ ହେଲେ ସିଧାସଳଖ ୭ଟି ପଞ୍ଚାୟତ ସମେତ ପାରାଦୀପ ବନ୍ଦରକୁ ସଂଯୋଗ ହୋଇପାରିବ। ଏଥିସହ ବ୍ଲକ ମୁଖ୍ୟାଳୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ତହସିଲକୁ ଯାତାୟାତ ସୁବିଧା ହେବ ବୋଲି ତେରଗାଁ ପଞ୍ଚାୟତ ପୂର୍ବତନ ସରପଞ୍ଚ ଅରକ୍ଷିତ ବେହେରା, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁଧୀର ମହାପାତ୍ର, ରତ୍ନାକର ବେହେରା, ରବୀନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ କହିଛନ୍ତି। ଅପରପକ୍ଷରେ ତେରଗାଁ ସଂଲଗ୍ନ ଏହି ଲୁଣାନଦୀ ଫେରିଘାଟ ପାର ହୋଇ ସଂଖ୍ୟାଧିକ ଲୋକ, ଛାତ୍ରୀଛାତ୍ର ମହାକାଳପଡ଼ା ବ୍ଲକ ମୁଖ୍ୟାଳୟକୁ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି। ସେତୁ ନିର୍ମାଣ ଶେଷ ହେଲେ ବିପଦସଙ୍କୁଳ ଫେରିଘାଟ ଯାତାୟାତ ଯୁଗ ଶେଷ ହେବ ବୋଲି ବୁଦ୍ଧିଜୀବୀ ବିରଞ୍ଚି ନାରାୟଣ ଦାସ କହିଛନ୍ତି। ବ୍ଲକ ଅଞ୍ଚଳର ସଂଖ୍ୟାଧିକ ଶ୍ରମିକ ପାରାଦୀପ ଶିଳ୍ପ କାରଖାନାକୁ ଏହି ଲୁଣାନଦୀ ପାର ହୋଇ ଯାତାୟାତ କରୁଥିବା ଦେଖିବାକୁ ମିଳୁଛି।

# ସଡ଼କ ଦୁର୍ଘଟଣାରେ ଭିସା ପ୍ଲାଣ୍ଟ କର୍ମଚାରୀ ମୃତ, ଜଣେ ଗୁରୁତର

**ଯାଜପୁରରୋଡ୍, ୧୪।୩ (ପବିତ୍ର ରଞ୍ଜନ ମହାନ୍ତି):**

ଯାଜପୁର ଜିଲା କୋରେଇ ଥାନା ଅନ୍ତର୍ଗତ ୨୦ନଂ. ଜାତୀୟ ରାଜପଥର ନୂଆଗଡ଼ ଗୋଲେଇ ଛକ ନିକଟରେ ଗୁରୁବାର ଅପରାହ୍ନରେ ଏକ ବାଇକ୍ ଦୁର୍ଘଟଣା ଘଟିଛି। ଏଥିରେ ଜଣକର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ ଆନନ୍ଦପୁର ଥାନା କୋଡ଼ପଡ଼ା ଅଞ୍ଚଳର ମଦନ ମୋହନ ଦାସ(୫୭)। ସେ କଳିଙ୍ଗନଗର ଭିସାଷ୍ଟିଲ କାରଖାନାରେ ଚାକିରି କରିବା ସହ ଧବଳଗିରି ଅଞ୍ଚଳରେ ରହୁଥିଲେ। ଗୁରୁତର ଜଣକ କୁଆଖିଆ ଥାନା କୋଳଥଳ ଗାଁର ବାସୁଦେବ ରାଉତ(୫୫) ବୋଲି ଜଣାପଡିଛି। ବାସୁଦେବ କନ୍ହେଇପୁର ଅଞ୍ଚଳରେ ରୁହନ୍ତି। ସେ ସନ୍ଧ୍ୟା ଭ୍ରମଣରେ ଯାଇ ରାସ୍ତା ଅତିକ୍ରମ କରୁଥିବା ସମୟରେ ମଦନ ମୋହନଙ୍କ ବାଇକ୍ ସହ ଧକ୍କା ହୋଇଥିଲେ। ଫଳରେ ଘଟଣାସ୍ଥଳରେ ଉଭୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଆମ୍ବୁଲାନ୍ସ ସାହାଯ୍ୟରେ ଯାଜପୁରରୋଡ୍ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ମଦନଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଗୁରୁତର ବାସୁଦେବଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭତ୍ତା, ବିଏସ୍‌କେୱାଇ ନବୀନ କାର୍ଡ ପ୍ରଦାନ



ଭତ୍ତା ଓ ନବୀନ କାର୍ଡ ପ୍ରଦାନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି।

**ବିଞ୍ଝାରପୁର, ୧୪।୩ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ଭତ୍ତା ଓ ବିଏସ୍‌କେୱାଇ ନବୀନ କାର୍ଡ ପ୍ରଦାନ କରାଯାଇଛି। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଧର୍ମେନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଓ ସମ୍ମାନିତ ଅତିଥିଭାବେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ଉପାଧ୍ୟକ୍ଷ ସେକ ଇର୍ସାଦ, ବିଡିଓ ଦିବ୍ୟେନ୍ଦୁ ଦାସ ଓ ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ ପ୍ରମୁଖ ଯୋଗଦେଇ ହିତାଧିକାରୀଙ୍କୁ ଭତ୍ତା ଓ କାର୍ଡ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ ପିଇଓ ସହଯୋଗ କରିଥିଲେ।

# ଚାନ୍ଦପୁର ପ୍ରିମିୟର ଲିଗ୍ ଉଦ୍‌ଘାଟିତ



ଟୁର୍ନାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥି ଓ ଖେଳାଳି।

**ପାଣିକୋଇଲି, ୧୪।୩ (ବିକାଶ ମଲ୍ଲିକ):**

ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଚାନ୍ଦପୁରଠାରେ ରାତ୍ରିକାଳୀନ ଚାନ୍ଦପୁର ପ୍ରିମୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ୬ ଦଳ ନ୍ୟୁ କିଙ୍ଗ କୋବ୍ରା, ମହାବୀର ସୁପର କିଙ୍ଗ, ତ୍ରିଶା ଚ୍ୟାଲେଞ୍ଜର, ଅନୁରାଗ ୱାରିଅସ, ଲାୟନ ଇଲେଭେନ ଓ ମା’ ମଙ୍ଗଳା ଟାଇଟନସ ଭାଗ ନେଇଛି। ଟୁର୍ନାମେଣ୍ଟ ୫ ଦିନ ବ୍ୟାପୀ ଚାଲୁ ରହିବ। ଟୁର୍ନାମେଣ୍ଟକୁ ପାଣିକୋଇଲି ପୂର୍ବତନ ସରପଞ୍ଚ ବିଷ୍ଣୁଚରଣ ରାଉତ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍ ନ୍ୟୁ କିଙ୍ଗ କୋବ୍ରା ବନାମ ତ୍ରିଶା ଚ୍ୟାଲେଞ୍ଜର ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନ୍ୟୁ କିଙ୍ଗ କୋବ୍ରା ପ୍ରଥମେ ବ୍ୟାଂଟି କରି ନିର୍ଦ୍ଧାରିତ ୬ ଓଭରରେ ୫ ଉଇକେଟ ହରାଇ ୩୨ ରନ ସଂଗ୍ରହ କରିଥିଲା। ତ୍ରିଶା ଚ୍ୟାଲେଞ୍ଜର ୫.୨ ଓଭରରେ ୩୩ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ମ୍ୟାଚ୍‌କୁ ଚଗଲା ସାହୁ ଓ ସୁରେଶ ସ୍ୱାଇଁ ପରିଚାଳନା କରିଥିଲେ। ଆୟୋଜକ କମିଟି ପକ୍ଷରୁ ଅମରେଶ ସ୍ୱାଇଁ, ମନ୍ମଥ ପଣ୍ଡା, ଆଶୀର୍ବାଦ ସ୍ୱାଇଁ, ବାଂଗୁର ମହାରଣା, ଶଙ୍କର୍ଷଣ ପରିଡା, ପ୍ରହଲ୍ଲାଦ ପଣ୍ଡା, ରଞ୍ଜିତ ଜେନା, ସୁରଜ ପଣ୍ଡା, ଦେବୀ ପ୍ରସାଦ ସ୍ୱାଇଁ, ବ୍ରଜ ସ୍ୱାଇଁ, ବାଦଲ ସାମଲ ଓ ଶିବ ପରିଡ଼ା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ସଙ୍କଟମୋଚନଙ୍କ ଜନ୍ମୋତ୍ସବ ପାଇଁ କଳସ ଯାତ୍ରା

**ପାଣିକୋଇଲି, ୧୪।୩ (ବିକାଶ ମଲ୍ଲିକ):**

ପଥରପଦା ପଞ୍ଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିଠାରେ ସଙ୍କଟ ମୋଚନଙ୍କ ଜନ୍ମୋତ୍ସବ ଉପଲକ୍ଷେ କଳସ ଯାତ୍ରା ଆରମ୍ଭ ହୋଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁରହିବ। ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ଶୋଭାଯାତ୍ରା ବାହାରି ସଙ୍କଟମୋଚନଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲା। ସନ୍ଧ୍ୟାରେ ଭକ୍ତଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। ଗ୍ରାମର ସମସ୍ତ ଅଧିବାସୀ କାର୍ଯ୍ୟକ୍ରମରେ ଯୋଗଦେଇ ବିଭୂକୃପା ଲାଭ କରିବା ସହ ସମୂହ ପ୍ରସାଦ ସେବନ କରିଥିଲେ। ୧୬ ତାରିଖରେ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।


ସଙ୍କଟମୋଚନଙ୍କ କଳସ ଶୋଭାଯାତ୍ରା ପାଇଁ ପୂଜାର୍ଚ୍ଚନା ଚାଲିଛି।

## ବରୁଣେଶ୍ୱର କ୍ଷେତ୍ର ରୂପାନ୍ତରଣ ପ୍ରକଳ୍ପର ଶିଳାନ୍ୟାସ

**ବିଞ୍ଝାରପୁର, ୧୪।୩ (ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ପ୍ରସିଦ୍ଧ ଶୈବପୀଠ ଅରେଇସ୍ଥିତ ବରୁଣେଶ୍ୱର କ୍ଷେତ୍ର ରୂପାନ୍ତରଣ ପ୍ରକଳ୍ପର ଶିଳାନ୍ୟାସ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟିକା ତଥା ବାଚସ୍ପତି ପ୍ରମିଳା ମଲ୍ଲିକ ଯୋଗଦେଇ ଏହି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷା ରଞ୍ଜିତା ଦାସ, ଜିଲା ପରିଷଦ ସଭ୍ୟ ନନ୍ଦକିଶୋର ସାମଲ, ଅହଲ୍ୟା ସ୍ୱାଇଁ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଇଂ. ସୁଶାନ୍ତ ମିଶ୍ର, ବରୁଣେଶ୍ୱର ଉନ୍ନୟନ ପରିଷଦ ସମ୍ପାଦକ ରବୀନ୍ଦ୍ର ପରିଡ଼ା ଓ ସ୍ଥାନୀୟ ସରପଞ୍ଚ ସ୍ମୃତିସମିକ୍ଷା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ। ହେମେନ୍ଦ୍ର ସାମଲ, ସରୋଜ ସାମଲ, ମନୋରଞ୍ଜନ ସାମଲ, ମାନଗୋବିନ୍ଦ ଧଳ, ଦେବାନନ୍ଦ ମଲ୍ଲିକ ଓ ମାଧବାନନ୍ଦ ମଲ୍ଲିକଙ୍କ ସମେତ ବହୁ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# କୁଆଖିଆ ଅଞ୍ଚଳକୁ ଏନ୍‌ଏସି ଘୋଷଣା ଦାବି

**ରସୁଲପୁର, ୧୪।୩ (ରଞ୍ଜିତ ରାଉତ):**

ରସୁଲପୁର ବ୍ଲକ ଅଞ୍ଚଳର ପ୍ରମୁଖ ବ୍ୟବସାୟୀକ ପେଣ୍ଠସ୍ଥଳ କୁଆଖିଆ ବାଜରକୁ ଏନ୍‌ଏସି(ବିଜ୍ଞାପିତ ଅଞ୍ଚଳ ପରିଷଦ)ଘୋଷଣା କରିବାକୁ ଦାବି ହୋଇଛି। ରାଜ୍ୟ ସରକାର ୨ ଦଫାରେ ରାଜ୍ୟରେ ୫୭ ବଜାର ଓ ସହରାଞ୍ଚଳକୁ ଏନ୍‌ଏସି ଘୋଷଣା କରିଛନ୍ତି। ହେଲେ ଏଥିରୁ କୁଆଖିଆ ବାଜରକୁ ବାଦ୍ ଦିଆଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଯାଜପୁର ଜିଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଆମ୍ବେଦକର ଚାରିଟେବୁଲ ଟ୍ରଷ୍ଟର ସଭାପତି ଗୟାଧର ମଲିକ ପ୍ରକାଶ କରିଛନ୍ତି। ଏହି ବଜାର ସହ ୩ ନିର୍ବାଚନମଣ୍ଡଳୀର ଶାସକ ଦଳର ୩ ବିଧାୟକ ଓ ଯାଜପୁର ଏମ୍‌ପିଙ୍କ ସମ୍ପୃକ୍ତି ରହିଛି। ମାତ୍ର ବଜାରକୁ ସବୁବେଳେ ଅଣଦେଖା କରାଯାଇଆସୁଛି। ରାଜନୈତିକ ଇଚ୍ଛାଶକ୍ତିର ଅଭାବର ଶିକାର ହେଉଛନ୍ତି ସ୍ଥାନୀୟ ଅଞ୍ଚଳର ଜନସାଧାରଣ। ମୁଖ୍ୟମନ୍ତ୍ରୀ ଜନସାଧାରଣଙ୍କ ଦାବିକୁ ଗୁରୁତ୍ୱ ଦେଇ ଏନ୍‌ଏସି ଘୋଷଣା କରୁଛନ୍ତି। ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଏହି ଦାବି ବହୁ ପୂର୍ବରୁ ରଖିଆସୁଛନ୍ତି। ଜାରକା, ଚଣ୍ଡିଖୋଲ ସହ କୁଆଖିଆ ବଜାରକୁ ଏନ୍‌ଏସି ଘୋଷଣା କରାଯିବାକୁ ଦାବି ହେଉଥିଲା। ରାଜ୍ୟ ସରକାର ଚଣ୍ଡିଖୋଲ, ଜାରକା, ପାଣିକୋଇଲିକୁ ଏନ୍‌ଏସି ଘୋଷଣା କରିଥିବା ବେଳେ କୁଆଖିଆ ବଜାରକୁ ଏଥିରୁ ବାଦ୍ ଦେବା ସରକାରଙ୍କ ପାତରଅନ୍ତର ନୀତିର ପରିଚୟ ବୋଲି ଟ୍ରଷ୍ଟ ଅଭିଯୋଗ ଆଣିଛି।

କୁଆଖିଆ ଓ ବାରବାଟୀ ଅଞ୍ଚଳ ପନିପରିବା ଚାଷରେ ସମଗ୍ର ରାଜ୍ୟରେ ପରିଚିତ ଥିବାବେଳେ ଏହି ବଜାରକୁ ସରକାର କେମିତି ଭୁଲିଗଲେ ବୋଲି ଟ୍ରଷ୍ଟର କାର୍ଯ୍ୟକର୍ତ୍ତା ପ୍ରଶ୍ନ କରିଛନ୍ତି। ଏହାଛଡ଼ା କ୍ରମବର୍ଦ୍ଧିଷ୍ଣୁ ଜନସଂଖ୍ୟା, ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏଭଳି ନିଷ୍ପତ୍ତି ନେଉଛନ୍ତି ବୋଲି ଗଣମାଧ୍ୟମରେ ଚର୍ଚ୍ଚା ଆଲୋଚନା ହେଉଛି। ତେବେ ଏଠାରେ ମୁଖ୍ୟମନ୍ତ୍ରୀ କୁଆଖିଆ ବଜାର ଅଞ୍ଚଳର ଜନସାଧାରଣଙ୍କ ବିକାଶ ଚାହୁଁ ନାହାନ୍ତି କି ବୋଲି ପୂର୍ବତନ ସରପଞ୍ଚ ରବୀନ୍ଦ୍ର ମଲିକ ପ୍ରଶ୍ନ କରିଛନ୍ତି। ୫-ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ କୁଆଖିଆ ବଜାର ଅଞ୍ଚଳର ଜନସାଧାରଣଙ୍କ ସମସ୍ୟା ଓ ସ୍ଥାନୀୟ ବଜାରର ଦୁରାବସ୍ଥା ଦୂର କରିବା ଦିଗରେ ପଦକ୍ଷେପ ନେବାକୁ ଟ୍ରଷ୍ଟ ପକ୍ଷରୁ ଦାବି କରାଯାଇଛି। ନିର୍ବାଚନ ପୂର୍ବରୁ କୁଆଖିଆ ଅଞ୍ଚଳକୁ ଏନ୍‌ଏସି ଘୋଷଣା ଦିଗକୁ ବିଚାରକୁ ନିଆ ନ ଗଲେ ଏହା ପ୍ରଭାବ ସାଧାରଣ ନିର୍ବାଚନରେ ପ୍ରତିଫଳିତ ହେବ ବୋଲି ଟ୍ରଷ୍ଟ ପକ୍ଷରୁ ଚେତାବନୀ ଦିଆଯାଇଛି।


ଆମ୍ବେଡକର ଚାରିଟେବୁଲ ଟ୍ରଷ୍ଟର କର୍ମକର୍ତ୍ତା।

DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪
### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ। ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି। ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି। ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ। ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

# ନିର୍ବାଚନରେ ଜିରୋ ରିପୋଲିଂ ଲକ୍ଷ୍ୟ

ଜଗତ୍‌ସିଂହପୁର, ୧୪।୩ (ପ୍ରମୋଦ କୁମାର ନାୟକ)



ବୈଠକରେ ଯୋଗ ଦେଇଥିବା ପ୍ରଶାସନିକ ଅଧିକାରୀମାନେ।

## ଶାନ୍ତିଶୃଙ୍ଖଳା ପାଇଁ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ

୨୦୨୪ ସାଧାରଣ ନିର୍ବାଚନ ବେଶ୍ ଗୁରୁତ୍ୱ ବହନ କରିବାକୁ ଯାଉଛି। ନିର୍ବାଚନକୁ ଅବାଧ, ସ୍ୱଚ୍ଛ, ନିରପେକ୍ଷ, ପ୍ରଲୋଭନମୁକ୍ତ ବିଶେଷକରି ଜିରୋ ରିପୋଲିଂ ଭଳି ବଡ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି। କେବଳ ଏତିକି ନୁହେଁ ଶାନ୍ତିଶୃଙ୍ଖଳା ରକ୍ଷା ସହ ଗଣତନ୍ତ୍ରର ଏହି ମହାପର୍ବ ଯେପରି ଲୋକଙ୍କ ଭିତରେ ଖୁସି ଭରିଦେବ ସେନେଇ ବ୍ୟାପକ ସଚେତନତାର ଆବଶ୍ୟକତା ରହିଛି। ଏଭଳି ଆହ୍ୱାନକୁ କିପରି ଠିକ୍ ଭାବେ ପରିଚାଳନା କରିହେବ ସେନେଇ ଗୁରୁବାର ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ପୌରୋହିତ୍ୟ କରି କହିଥିଲେ, ଜିରୋ ରି ପୋଲ ହେଉଛି ପ୍ରତ୍ୟେକଙ୍କ ଲକ୍ଷ୍ୟ। ଏହା ସେତିକି ବେଳେ ସମ୍ଭବ ଯେତେବେଳେ ପୋଲିସ ଓ ମାଜିଷ୍ଟ୍ରେଟମାନଙ୍କ ମଧ୍ୟରେ ସମନ୍ୱୟ ଠିକ୍ ରହିପାରିବ। ପ୍ରଥମେ ନିଜ ନିର୍ବାଚନ ମଣ୍ଡଳୀର ସମ୍ବେଦନଶୀଳ ବୁଥ୍‌ଗୁଡ଼ିକୁ ଚିହ୍ନଟ କରିବାକୁ ହେବ। ତା'ପରେ ସେଠାରେ କିପରି ଶାନ୍ତି ରକ୍ଷା କରାଯାଇ ପାରିବ ସେନେଇ ଆବଶ୍ୟକ ପଡିଲେ ବ୍ୟାପକ ଫୋର୍ସ ମୁତୟନ କରିବାକୁ ପଡ଼ିବ। ଏ ବାବଦରେ ପରସ୍ପର ଆଲୋଚନା କରି ପଦକ୍ଷେପ ନେବାକୁ ହେବ। ନିର୍ବାଚନ ସମୟରେ ଗ୍ରୀଷ୍ମ ପ୍ରବାହର ଭୟ ଥିବାରୁ ଏହାକୁ ଦୃଷ୍ଟିରେ ରଖି ନିଜ ଶରୀରର ଯତ୍ନ ନେବା ସହ ଖାଦ୍ୟ ଓ ପାନୀୟ ଠିକ୍ ରଖିବାକୁ ଜିଲାପାଳ ଉପସ୍ଥିତ କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ।

ଏହି ଅବସରରେ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି) ରାହୁଲ ପିଆର୍ କହିଥିଲେ, ନିର୍ବାଚନ ହେଉଛି ଏଭଳି ଉତ୍ସବ ଯେଉଁଥିରେ ଚ୍ୟାଲେଞ୍ଜ ଭରି ରହିଛି। ଗଣତନ୍ତ୍ରର ଏହି ମହାପର୍ବକୁ ସୁପରିଚାଳନା ପାଇଁ ପ୍ରତ୍ୟେକ ଆଇନ ରକ୍ଷାକାରୀମାନଙ୍କ ମଧ୍ୟରେ ଆପୋସ ବୁଝାମଣା ଓ ଆଲୋଚନା ଆବଶ୍ୟକ। ସେଥିପାଇଁ ପୋଲିସ ଓ ମାଜିଷ୍ଟ୍ରେଟମାନେ ନିଜ ନିଜ ଭିତରେ ସମନ୍ୱୟ ରକ୍ଷା କରି ଆବଶ୍ୟକ ପଦକ୍ଷେପ ନେବାକୁ ପଡ଼ିବ। ବୁଥ୍‌ଗୁଡିକରେ ବ୍ୟାରିକେଡ ବ୍ୟବସ୍ଥା କରାଯିବା ଉଚିତ ବୋଲି ଏସ୍‌ପି କହିଥିଲେ। ତିର୍ତ୍ତୋଲ ଆର୍‌ଓ (ରିଟର୍ନିଂ ଅଫିସର) ତଥା ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରା ସେକ୍ଟର ଅଫିସରମାନଙ୍କ ଦାୟିତ୍ୱବୋଧତା ଉପରେ ମତବ୍ୟକ୍ତ କରିଥିଲେ। ପାରାଦୀପ ଆର୍‌ଓ ତଥା ଅତିରିକ୍ତ ଜିଲାପାଳ (ପାରାଦୀପ) ଜିଲାରେ ସୁସ୍ଥ ନିର୍ବାଚନ ପାଇଁ ଯୋଜନା ମୁତାବକ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବାଲିକୁଦା-ଏରସମା ଆର୍‌ଓ ତଥା ଅତିରିକ୍ତ ଜିଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ ମଧ୍ୟ ବିଡିଓ, ତହସିଲଦାର ଏବଂ ଥାନା ଅଧିକାରୀମାନଙ୍କୁ ଆଲୋଚନା ମାଧ୍ୟମରେ ସେମାନଙ୍କ ନିର୍ବାଚନ ମଣ୍ଡଳୀର ସୁବିଧା ଅସୁବିଧାର ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. କ୍ଷେତ୍ରବାସୀ ଦାଶ ଶାରୀରିକ ସମସ୍ୟା ଦେଖାଦେଲେ ତୁରନ୍ତ ନିକଟସ୍ଥ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଇ ଡାକ୍ତରଙ୍କ ପରାମର୍ଶ ନେବାକୁ କହିଥିଲେ। ନିର୍ବାଚନ ପାଇଁ ପ୍ରତ୍ୟେକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବ୍ୟାପକ ଔଷଧ, ଆମ୍ବୁଲାନ୍ସ ଓ ଜରୁରୀ ସେବା ସହ ଡାକ୍ତରମାନେ ଉପସ୍ଥିତ ରହିବେ ବୋଲି ଡ. ଦାଶ ସୂଚନା ଦେଇଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଜିଲାର ସମସ୍ତ ବିଡିଓ, ତହସିଲଦାର, ଥାନା ଅଧିକାରୀ ତଥା ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ପୁନରୁଦ୍ଧାର ପାଇଁ ପୁରାତନ ଛାତ୍ର ସଂସଦର ସହଯୋଗ

ବାଲିକୁଦା, ୧୪।୩ (ତାପସ ସ୍ୱାଇଁ)

## ବାଲିକୁଦା ହାଇସ୍କୁଲର ପୁରୁଣା କୋଠା

ବାଲିକୁଦା ଉଚ୍ଚ ବିଦ୍ୟାଳୟର ପୁରୁଣା କୋଠାର ହେବ ପୁନରୁଦ୍ଧାର। ଏଥିପାଇଁ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ମୋ ସ୍କୁଲ ଅଭିଯାନ ଯୋଜନାରେ ୨୯ ଲକ୍ଷ ଟଙ୍କା ଅର୍ଥ ସଂଗ୍ରହ କରାଯାଇ ବିଦ୍ୟାଳୟକୁ ଦିଆଯାଇଛି। ଏହି ଅର୍ଥ ରାଶିକୁ ମିଶାଇ ୮୭ ଲକ୍ଷ ଟଙ୍କାରେ ପୁନରୁଦ୍ଧାର କାର୍ଯ୍ୟ ଆରମ୍ଭ କରାଯିବାକୁ ସ୍ଥିର ହୋଇଛି । ଉକ୍ତ ଅର୍ଥରେ କାର୍ଯ୍ୟ ଆରମ୍ଭ କରାଯାଇ ଖୁବ୍ ଶୀଘ୍ର ଶେଷ କରାଯିବ ବୋଲି ଛାତ୍ରସଂସଦ ସଭାପତି ସୀମାଦ୍ରୀ ସତ୍ୟଜିତ୍ ଦାସ ସୂଚନା ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ବିଦ୍ୟାଳୟର ପୁରାତନ ଛାତ୍ର ବାଲିକୁଦା-ଏରସମା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ରଘୁନନ୍ଦନ ଦାସଙ୍କ ଉପସ୍ଥିତିରେ ହୋମାହୁତି କରାଯାଇ ପୁନରୁଦ୍ଧାର କାର୍ଯ୍ୟ ସୁରୁଖୁରୁରେ ଶେଷ ହେବା ପାଇଁ ସମସ୍ତଙ୍କ ସହଯୋଗ କାମନା କରାଯାଇଥିଲା। ସ୍ଥାନୀୟ ସରପଞ୍ଚ ରାଜକିଶୋର ସାହୁ, ପୂର୍ବତନ ସରପଞ୍ଚ ଗୌରାଙ୍ଗ ଚରଣ ଦାସ, ଜିଲା ଶିକ୍ଷାଧିକାରୀ ନିରଞ୍ଜନ ବେହେରା, ଟିସି ଶୁଭେନ୍ଦୁ ବରାଳ, ମାନସ ସାହୁ, ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ସୁବୁଦ୍ଧି, ଜଗତପ୍ରସାଦ ମହାନ୍ତି, ବିଜୟ ମହାନ୍ତି, ବାବାଜି ପରିଡ଼ା, କୁଞ୍ଜ କିଶୋର ମୁଦୁଲି, ଗଙ୍ଗାଧର ସାହୁ, ଅନସର ଖାଁ, ବିଦ୍ୟାଳୟ ପରିଚାଳନା ପରିଷଦ ସଭାପତି ଜାଭିର ଖାଁ ପ୍ରମୁଖ ସାମିଲ ଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷାକର୍ମଚାରୀ ଆଜିର କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଘରେ ଘରେ ଶଙ୍ଖ, ବୁଥ୍ କମିଟି ଗଠନ



ରଘୁନାଥପୁର, ୧୪।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ ବରାଗୋଳ ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଓ ବୁଥ କମିଟି ଗଠନ ହୋଇଯାଇଛି। ପର୍ଯ୍ୟବେକ୍ଷକ ସୁଧାଂଶୁ ଶେଖର ବିଶ୍ୱାଳ ଓ ସହପର୍ଯ୍ୟବେକ୍ଷକ ରବୀନ୍ଦ୍ର ସାହୁଙ୍କ ତତ୍ତ୍ୱାବଧାନରେ ସରପଞ୍ଚ ଜୟନ୍ତୀ ଦାସ ଓ ବରିଷ୍ଠ କର୍ମୀମାନେ ପ୍ରତି ୱାର୍ଡକୁ ଯାଇ ରାଜ୍ୟବାସୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ବୁଝାଇଥିଲେ। ଏହାଛଡା ସ୍କୁଲ, ମେଡିକାଲ ଓ ଦେବଦେବୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଥିବା ଶିକ୍ଷାବୃତ୍ତି ଯୋଜନାର ଉପକାରିତା ସମ୍ପର୍କରେ ଅବଗତ କରାଇଥିଲେ। ନବୀନ ରାଜ୍ୟ ପ୍ରଗତିର ସଫଳ ନାୟକ ବୋଲି ସେମାନେ ଲୋକଙ୍କୁ ବୁଝାଇବା ସହ ଷଷ୍ଠ ଥର ପାଇଁ ତାଙ୍କୁ ମୁଖ୍ୟମନ୍ତ୍ରୀ ଆସନରେ ଅଧିଷ୍ଠିତ କରାଇବା ପାଇଁ ସହଯୋଗ କାମନା କରିଥିଲେ। ଦଳର ତୁଙ୍ଗ କର୍ମୀ ରାଜୀବଲୋଚନ ସ୍ୱାଇଁ, ପ୍ରମୋଦ କୁମାର ଜେନା, ନିରଞ୍ଜନ ଦାସ, ପ୍ରକାଶ ଚନ୍ଦ୍ର ବାରିକ, ସୁଭ୍ରାନ୍ତ ସ୍ୱାଇଁ, ସଚିତ୍ର ସାହୁ, ଦିଲୀପ ବେହେରା, ବୀରନାରାୟଣ ମିଶ୍ର, ବିଜୟ ସ୍ୱାଇଁ, ସଂଯୁକ୍ତା ପଣ୍ଡା, ସୁଶାନ୍ତି ସାହୁ ଓ ଶତାଧିକ କର୍ମୀଙ୍କ ଉପସ୍ଥିତିରେ ବୁଥ କମିଟି ଗଠନ କରାଯାଇଥିଲା। ସର୍ବଶେଷରେ ଦଳର ହିତ ପାଇଁ ସମସ୍ତେ ଏକତ୍ରିତ ହୋଇ କାର୍ଯ୍ୟକୁ ଆଗେଇ ନେବା ପାଇଁ ସଂକଳ୍ପବଦ୍ଧ ହୋଇଥିଲେ।

# ସୁଧ ବେପାରୀଙ୍କ ବିରୋଧରେ ହତ୍ୟା ଧମକ ଅଭିଯୋଗ

ରଘୁନାଥପୁର, ୧୪।୩ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ଥାନା କୋରାକୋରାସ୍ଥିତ ରଇପଡା ଗ୍ରାମର ଶରତ ସ୍ୱାଇଁଙ୍କୁ ଜଣେ ସୁଧ ବେପାରୀ ଜୀବନରୁ ମାରିଦେବାକୁ ଧମକ ଦେଇଛନ୍ତି। ଏ ସମ୍ପର୍କରେ ଶରତ ରଘୁନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତି କରି ପୋଲିସ ଥାନାରେ ମାମଲା (ନଂ. ୬୦/୨୪) ରୁଜୁ କରି ତଦନ୍ତ ଜାରି ରଖିଛି। ଏଏସ୍‌ଆଇ ଏ. ନାୟକ ଏହି କେସର ତଦନ୍ତ ଦାୟିତ୍ୱରେ ରହିଛନ୍ତି। ଅଭିଯୋଗ ଅନୁଯାୟୀ, ଶରତ ସ୍ଥାନୀୟ କଲରାବାଙ୍କ ଗ୍ରାମର ଅଭିନ କେଶଙ୍କଠାରୁ ୫ ହଜାର ଟଙ୍କା ସୁଧରେ ଆଣିଥିଲେ। ପରେ ସୁଧମୂଳ ସହ ଆଣିଥିବା ଟଙ୍କାକୁ ଶରତ ପରିଶୋଧ କରିଦେଇଥିଲେ। ଏହା ସତ୍ତ୍ୱେ ଅଧିକ ୨୦ ହଜାର ଟଙ୍କା ଦେବା ପାଇଁ ଅଭିନ ଦାବି କରୁଛନ୍ତି। ଏନେଇ ବିଭିନ୍ନ ସମୟରେ ସେ ରାସ୍ତାଘାଟରେ ଶରତଙ୍କୁ ଅଶ୍ଳୀଳ ଭାଷାରେ ଗାଳି କରିବା ସହ ଗୁଣ୍ଡା ଲଗାଇ ଘରୁ ଉଠାଇ ନେଇ ହାଣି ଅଖାରେ ପୂରାଇ ମହାନଦୀରେ ଫିଙ୍ଗି ଦେବାକୁ ଧମକ ଦେଇଥିବା ଶରତ ଅଭିଯୋଗରେ ଦର୍ଶାଇଛନ୍ତି। ଅଭିନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଦାବି କରିଛନ୍ତି।

# ପଥର ପ୍ୟାକିଂ କାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ

ନାଉଗାଁ, ୧୪।୩ (ସୁଧା ବେହୁରା)



## ଗୋବରୀ ନାଳ

ନାଉଗାଁ ବ୍ଲକର ନୂଆଗାଁ, ଘୋଡାଂଶ, ନାଉଗାଁ, ବାଂଶ, ତିରୁଣା, ଡେରିକି, କୋରୁଅ ଆଦି ପଞ୍ଚାୟତ ଦେଇ ଗୋବରୀ ନାଳ ପ୍ରବାହିତ ହୋଇଥିବା ବେଳେ ଗାରୋଇ ନିକଟରେ ଏହା ଦେବୀ ନଦୀ ସହ ମିଶିଛି। ଏହି ନାଳ ଦେଇ ବର୍ଷା ଦିନେ ବ୍ଲକର ଉକ୍ତ ପଞ୍ଚାୟତ ସମେତ ଅନ୍ୟ ପଞ୍ଚାୟତଗୁଡିକର ଉଦ୍‌ବୃତ୍ତ ବର୍ଷା ଜଳ ଦେବୀ ନଦୀକୁ ନିଷ୍କାସିତ ହୋଇଥାଏ। ସେହିପରି ମରୁଡି ସମୟରେ ଏହି ନାଳରେ ନିର୍ମିତ ହୋଇଥିବା ସ୍ଲୁଇଚ ଗେଟ୍ ମାଧ୍ୟମରେ ଜଳକୁ ଅଟକାଇ ଚାଷୀମାନେ ଚାଷ କାର୍ଯ୍ୟରେ ଲଗାଇଥାନ୍ତି। ଏହି ନାଳଟି ଜଳ ସମ୍ପଦ ବିଭାଗ ଅଧୀନରେ ରହିଛି। କେତେକ ସ୍ଥାନରେ ନାଳର ପାର୍ଶ୍ୱବର୍ତ୍ତୀ ବନ୍ଧ ବନ୍ୟା ଓ ବର୍ଷାରେ ଅତଡା ଖାଇ ଯିବା ଦ୍ୱାରା ଦୁର୍ବଳ ହୋଇଯାଇଛି। ଏପରିକି ମାଟି ଅତଡା ଖସିବା ଫଳରେ ଉକ୍ତ ବନ୍ଧରେ ଯାତାୟାତ କରିବା ସମ୍ଭବ ହେଉନାହିଁ। କେନାଲ ବନ୍ଧକୁ ବନ୍ୟା ସ୍ରୋତରୁ ରକ୍ଷା କରିବା ସହ ବନ୍ଧକୁ ସୁରକ୍ଷା ଦେବା ପାଇଁ ବିଭାଗ ପକ୍ଷରୁ ବାଂଶ ଗୋବରୀ କୂଳ ନିକଟରେ ପଥର ପ୍ୟାକିଂ କାର୍ଯ୍ୟ ଜାରି ରହିଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ନିଯୁକ୍ତ ଠିକାଦାର ବାହାରୁ ମାଟି ଆଣି କେନାଲ ବନ୍ଧରେ ପକାଇ ସଙ୍ଗେ ସଙ୍ଗେ ପଥର ପ୍ୟାକିଂ କରୁଛି। ଫଳରେ ଅସରାଏ ବର୍ଷା ହେଲେ ଉକ୍ତ ମାଟି ଧୋଇ ଯିବାର ଆଶଙ୍କା ରହିଛି। ମାଟି ଧୋଇ ହୋଇ ଗଲେ ପଥର ସବୁ ସହଜରେ ନାଳ ମଧ୍ୟକୁ ଖସିଯିବ। ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି ଏହି ପଥର ପ୍ୟାକିଂ କରାଯାଉଥିଲେ ମଧ୍ୟ ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବିଷୟରେ ବିଭାଗୀୟ ଯନ୍ତ୍ରୀ ସୂର୍ଯ୍ୟକାନ୍ତ ଦିକ୍ଷିତଙ୍କୁ ପଚାରିବାରେ, ବର୍ଷେ ପୂର୍ବରୁ ୱାଲ କାର୍ଯ୍ୟ ହେବା ସମୟରେ ନାଳ ବନ୍ଧରେ ମାଟି ପକାଯାଇଥିଲା। ବର୍ତ୍ତମାନ ଉକ୍ତ ମାଟିକୁ ବାହାର କରାଯାଇ ପଥରପ୍ୟାକିଂ କରାଯାଉଛି।

# ୨୦ ପ୍ରକଳ୍ପ ପାଇଁ ୧କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁର

ପାରାଦୀପ, ୧୪।୩ (ଶରତ ରାଉତ)

## ପାରାଦୀପ ପୌର ପରିଷଦ

ପାରାଦୀପ ପୌରାଞ୍ଚଳରେ ଗତ ବୁଧବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୦.୩୭ କୋଟି ଟଙ୍କା ବ୍ୟୟରେ ନିର୍ମିତ ବହୁମୁଖୀ କ୍ରୀଡା ଗୃହକୁ ଆଭାସି ଜରିଆରେ ଲୋକାର୍ପଣ କରିଥିଲେ। ଗୁରୁବାର ପୌରାଞ୍ଚଳରେ ଥିବା ମଠ, ମନ୍ଦିର, ଗୀର୍ଜା, ଗୁରୁଦ୍ୱାର, ମସ୍‌ଜିଦ, ଚର୍ଚ୍ଚ ସମେତ ୨୦ ପ୍ରକଳ୍ପ ପାଇଁ ୧ କୋଟି ୬୨ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି। ଏହାବାଦ ପାରାଦୀପ ପୌରାଞ୍ଚଳରେ କାମ କରୁଥିବା ୩୫ ଜଣ ସ୍ୱଚ୍ଛ ସାଥିଙ୍କ ପାରିତୋଷିକ ଓ ଭତ୍ତା ବୃଦ୍ଧି କରାଯାଇଛି। ସେଥିପାଇଁ ପାରାଦୀପ ପୌରପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ ପଟ୍ଟନାୟକଙ୍କୁ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଧନ୍ୟବାଦ ଜଣାଇଛନ୍ତି । ଏ ନେଇ ସନ୍ଧ୍ୟାରେ ସେ ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି, ରାଜ୍ୟର ଦ୍ରୁତ ସହରୀକରଣକୁ ଦୃଷ୍ଟିରେ ରଖି ମୁଖମନ୍ତ୍ରୀ ୫୭ ବିଜ୍ଞାପିତ ଅଞ୍ଚଳ ଘୋଷଣା କରିଛନ୍ତି। ଓଡ଼ିଶାର ସମସ୍ତ ମହାନଗର ଅଧ୍ୟକ୍ଷ, ପୌରପରିଷଦ ଓ ବିଜ୍ଞାପିତ ପୌରାଧ୍ୟକ୍ଷା ପୌରାଧ୍ୟକ୍ଷ, ଅଧ୍ୟକ୍ଷା, ଅଧ୍ୟକ୍ଷ ପାରିତୋଷିକ ଓ ଭତ୍ତା ବୃଦ୍ଧି କରିଛନ୍ତି। ସେଥିପାଇଁ ମୁଁ ଓଡ଼ିଶା ପୌର ପରିଷଦ ମହାସଂଘ ସଭାପତି ଭାବେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଉଛି ବୋଲି ପୌରାଧ୍ୟକ୍ଷ ବିଶ୍ୱାଳ କହିଥିଲେ।

# ସଡ଼କ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଧର୍ମଶାଳା, ୧୪।୩ (ବଟକୃଷ୍ଣ ପରିଡ଼ା)

ସଡ଼କ ଦୁର୍ଘଟଣାରେ ଆହତ ହୋଇଥିବା ଧର୍ମଶାଳା ଥାନା ଉତ୍ତରଶାସନ ଗ୍ରାମର ଜଣେ ଯୁବକଙ୍କ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ରାତିରେ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ପରିକ୍ଷିତ ମହାରଣାଙ୍କ ଏକ ମାତ୍ର ପୁତ୍ର ପ୍ରୀତିରଞ୍ଜନ ମହାରଣା।

# ମେଟାଲ, ଚିପ୍ସ ବଦଳରେ ବଜୁରି ବିଛାଯାଇ ଲୁଚାଯାଉଛି ଗର୍ତ୍ତ



ରାସ୍ତାରେ ସୃଷ୍ଟି ହୋଇଥିବା ଗର୍ତ୍ତ।



ବଜୁରି ପକାଯାଇ ଗର୍ତ୍ତ ପୋତାଯାଇଛି।

କୁଜଙ୍ଗ, ୧୪।୩ (ମନୋଜ ପ୍ରଧାନ)

## ରାସ୍ତା କାମ ନିମ୍ନମାନର ଅଭିଯୋଗ

କୁଜଙ୍ଗ-ଚଟୁଆ ୬ କି.ମି. ରାସ୍ତାର ସମ୍ପ୍ରସାରଣ ଓ ଉନ୍ନୟନ କାମ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଜାରି ରହିଛି। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଚାଲିଥିବା ଏହି କାର୍ଯ୍ୟ ପାଇଁ ୪ କୋଟି ୭୦ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ମାତ୍ର ଏହି କାମ ନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ନିୟମ ଅନୁସାରେ ପ୍ରଥମେ ପୁରୁଣା ପିଚୁସ୍ତର ଓ ପିଚୁ ଲଗା ମେଟାଲ ତଡ଼ା ଯାଇ ରାସ୍ତାରୁ କଢା ଯିବା କଥା। ମାତ୍ର ସମ୍ପୃକ୍ତ ଠିକାଦାର ପକ୍ଷରୁ ନାମକୁ ମାତ୍ର ପିଚୁ ସ୍ତର କାଢି ଜେସିବି ଦ୍ୱାରା କେବଳ ଓଲଟାଇ ଦିଆଯାଇଥିଲା। ପରବର୍ତ୍ତୀ ସମୟରେ ପଥର ଗୁଣ୍ଡ ଓ ୪୦ ଏମ୍‌ଏମ୍‌ଠାରୁ କମ ଆକୃତିର ମେଟାଲ ମିଶ୍ରଣ ହୋଇ ବିଛାହେବା କଥା। କିନ୍ତୁ କମ୍ ପରିମାଣର ୮୦ ଏମ୍‌ଏମ୍ ଆକୃତିର ମେଟାଲ ଓ ଅଧିକ ପରିମାଣର ପଥର ଗୁଣ୍ଡ ମିଶାଇ ରାସ୍ତାରେ ବିଛାଇ ଦିଆଗଲା। ଏନେଇ ବିଭିନ୍ନ ଆଡୁ ଅଭିଯୋଗ ହେବାପରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦ୍ୱାରା ରାସ୍ତା ଖୋଳାଯାଇ ପରୀକ୍ଷା କରାଯାଇଥିଲା। ମେଟାଲିଂ ଠିକ୍ ହୋଇ ନ ଥିବା ହେତୁ ପୁନର୍ବାର ଖୋଳି ମରାମତି କରିବାକୁ କୁହାଯାଇଥିଲା। ଏହାପରେ ମାତ୍ର ଲୋକଦେଖାଣିଆ ଭାବେ ୬ କିମି ରାସ୍ତାରୁ ମାତ୍ର ୨୦୦ ମିଟର ରାସ୍ତାରେ ନାମକୁ ମାତ୍ର ଚିପ୍ସ ପକାଇ ରୋଲିଂ କରିଦିଆଯାଇଛି। ଅବଶିଷ୍ଟ ରାସ୍ତାରେ ମେଟାଲ କି ଚିପ୍ସ ପକା ନ ଯାଇ ପିଚୁ କରାଯାଉଛି। ଲୋକଙ୍କ ଦୃଷ୍ଟି ଆଢୁଆଳରୁ ଏଭଳି ଦୁର୍ନୀତିକୁ ଲୁଚାଇବା ପାଇଁ ବଡ଼ ବଡ଼ ଗର୍ତ୍ତ ଥିବା ସ୍ଥାନରେ ବଜୁରି ପକାଇ ଲୁଚାଯାଉଛି ବୋଲି ମାଟି ସୁରକ୍ଷା ମଞ୍ଚ ସଂଯୋଜକ ହୃଷୀକେଶ ନାଥ, ଆଇନଜୀବୀ କୈଳାସ ମହାପାତ୍ର ପ୍ରମୁଖ କହିଛନ୍ତି। ସେମାନଙ୍କ କହିବାନୁଯାୟୀ, ପ୍ରଥମସ୍ତର ପିଚୁରେ ଚିପ୍ସ ବଦଳରେ ବଜୁରି ବ୍ୟବହାର କରାଯାଉଛି। ଯାହାକି ଦ୍ୱିତୀୟ ସ୍ତର ବା କାର୍ପେଟିଂରେ ବ୍ୟବହାର କରାଯିବା କଥା। ଫଳରେ ରାସ୍ତାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାଛଡ଼ାପ୍ରାୟ ୪ ମାସରୁ ଉର୍ଦ୍ଧ୍ୱ ହେବ ରାସ୍ତାରେ ପଥର ଗୁଣ୍ଡ ବିଛା ଯାଇ ପଡ଼ି ରହିଥିବାରୁ ରାସ୍ତା ସାରା ଧୂଳି ଧୂଆଁରେ ଭର୍ତ୍ତି ହୋଇଯାଇଛି। ପାଣି ପଡ଼ିବାର ନିୟମ ଥିଲେ ବି ଏହା ପକାଯାଉନାହିଁ। ଫଳରେ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଲୋକେ କାଶ, କଫ ଓ ଯକ୍ଷ୍ମା ଆଦି ରୋଗର ଶିକାର ହେଉଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ସନ୍ତୋଷ ଦାସଙ୍କ ସହ ଯୋଗାଯୋଗ କରାଯାଇଥିଲେ ବି ସେ ମୋବାଇଲ ଫୋନ ଉଠାଇ ନ ଥିଲେ। ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦାବି ହେଉଛି ।

DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ "ବିଶ୍ୱ ଖାଉଟି ଅଧିକାର ଦିବସ" ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା "ବିଶ୍ୱ ଖାଉଟି ଅଧିକାର ଦିବସ"- ୨୦୨୪ ର ବାର୍ତ୍ତା ହେଉଛି –"ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ"।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

# ୫ ଟଙ୍କାରେ ବୋତଲ ପାଣି, ବିଶୁଦ୍ଧତାକୁ ନେଇ ପ୍ରଶ୍ନବାଚୀ

## ଯାଞ୍ଚ ନ ହେଲେ ସ୍ଥିତି ଅସମ୍ଭାଳ



**ବ୍ରହ୍ମପୁର,୧୪।୩ (ସ୍ମୃତିରଞ୍ଜନ ମହାଲିକ):** ମାର୍ଚ୍ଚ ଆରମ୍ଭରୁ ତାତି ବଢ଼ିଲାଣି। ମଧ୍ୟାହ୍ନ ବେଳକୁ ଅସମ୍ଭାଳ ଖରା। ଖରାରେ ଶୋଷ ମେଣ୍ଟାଇବାକୁ ଲୋକେ ବିଭିନ୍ନ ମୃଦ୍ୟୁ ପାନୀୟ ଉପରେ ନିର୍ଭର କରୁଛନ୍ତି। ଭଲ କମ୍ପାନୀର ପାଣି ବୋତଲ ଅଧିକ ଦରରେ ବିକ୍ରି ହେଉଥିବା ବେଳେ ଅନେକ ଦୋକାନରେ ୫ରୁ ୧୦ ଟଙ୍କା ଭିତରେ ଶସ୍ତାରେ ପାଣି ବୋତଲ ମିଳୁଛି। ତେବେ ଏହାର ବିଶୁଦ୍ଧତାକୁ ନେଇ ପ୍ରଶ୍ନ ଉଠିଛି।

ପ୍ରଥମତଃ ପାଣି ବୋତଲ ପ୍ରସ୍ତୁତ ପାଇଁ ବ୍ୟୁରୋ ଅଫ ଇଣ୍ଡିଆନ ଷ୍ଟାଣ୍ଡାର୍ଡ ପକ୍ଷରୁ ଅନୁମତି ଆଣିବାକୁ ପଡିଥାଏ। ପରେ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ ନଳକୂପ ପାଣି, ଆର୍‌ଓ ମେଶିନ, ପାଣି ବୋତଲ ପ୍ରସ୍ତୁତ ପରେ ପରୀକ୍ଷା କରାଯାଇ ପାଣି ବିକ୍ରି ନିମନ୍ତେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଲାଇସେନ୍ସ ମିଳିଥାଏ ବୋଲି ବ୍ରହ୍ମପୁର ମହାନଗର ନିଗମ ଖାଦ୍ୟ ନିରାପତ୍ତା ବିଭାଗ ପକ୍ଷରୁ କୁହାଯାଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଲା ପାଣି ପ୍ରସ୍ତୁତି ଓ ଏକ୍ସପାଏରି ତାରିଖ ବୋତଲରେ ରହିବା ନିୟମ ରହିଛି। ସହରରେ ଫାଷ୍ଟ ଗେଟ, ଲାଞ୍ଜିପଲୀ ଜାତୀୟ ରାଜପଥ ପାର୍ଶ୍ୱ ଓ ମହୁରୀ କାଲୁଆଠାରେ ୪ ଲାଇସେନ୍ସପ୍ରାପ୍ତ ପାଣି ବୋତଲ ପ୍ରସ୍ତୁତିକାରୀ କମ୍ପାନୀ ରହିଛି। ସେହିପରି ଲାଇସେନ୍ସ ପ୍ରାପ୍ତ ୮ଟି ସୋଡ଼ା ଓ ମୃଦ୍ୟୁ ପାନୀୟ ପ୍ରସ୍ତୁତକାରୀ କମ୍ପାନୀ ରହିଛି। କିନ୍ତୁ ସହରର ଗଳିକନ୍ଦିରେ ବିନା ଲାଇସେନ୍ସପ୍ରାପ୍ତ ପାଣି ବୋତଲ କାରଖାନା ଗଢି ଉଠିଛି ; ଯେଉଁଠାରେ କେବଳ ଆର‌ଓ ମେଶିନ ବ୍ୟବହାର ହେଉଛି। ଏ ବାବଦରେ ଖାଦ୍ୟ ସୁରକ୍ଷା ବିଭାଗ ଅବଗତ ଥାଇ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରୁନାହାନ୍ତି। ବିଆଇଏସ ଲାଇସେନ୍ସପ୍ରାପ୍ତ ପାଣି ବୋତଲ ପ୍ରସ୍ତୁତକାରୀ କମ୍ପାନୀଗୁଡିକରେ ବିଭାଗ ପକ୍ଷରୁ ୨ ଥର ଯାଞ୍ଚ ନିୟମ ରହିଛି। ଯାଞ୍ଚ ସମୟରେ କମ୍ପାନୀର ସ୍ୱଚ୍ଛତା ଓ ଆରଓ ମେଶିନ ତଦାରଖକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ଏଥିସହ ବିଆଇଏସ୍ ଲାଇସେନ୍ସ ନବୀକରଣ ଯାଞ୍ଚ ନିୟମ ମଧ୍ୟ ରହିଛି। କିନ୍ତୁ ତାହା ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି।

ଏ ନେଇ ବିଏମ୍‌ସି ଖାଦ୍ୟ ନିରାପତ୍ତା ଅଧିକାରୀ ସ୍ମିତା ଖାଡଙ୍ଗାଙ୍କୁ ପଚାରିବାରୁ ସେ କହିଛନ୍ତି, ଗତ ଜାନୁଆରୀ ମାସରେ ସହରର ଗୌରାଙ୍ଗ ବିହାରଠାରେ ଏକ ବେଆଇନ ପାଣି ବୋତଲ ପ୍ରସ୍ତୁତକାରୀ କମ୍ପାନୀ ଉପରେ ଚଢ଼ଉ କରାଯାଇ ମାଲିକଙ୍କୁ ଗିରଫ କରାଯାଇଥିଲା। ସେହିପରି ଗୁଡ୍‌ସ ରୋଡ୍ ଓ ଗୋପାଳପୁର ଜଙ୍କସନଠାରେ ଥିବା ବେଆଇନ ପାଣି ବୋତଲ କାରଖାନାରେ ଚଢ଼ାଉ କରାଯାଇ କମ୍ପାନୀ ସିଲ୍ କରାଯାଇଥିଲା। ଆମ ନିକଟକୁ କୌଣସି ଅଭିଯୋଗ ଆସିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ବୋଲି ସେ କହିଛନ୍ତି। ଏ ସଂକ୍ରାନ୍ତରେ ଏମ୍‌କେସିଜିର ଭେଷଜ ବିଭାଗର ଡା. ନୀହାର ରଞ୍ଜନ ସାହୁଙ୍କୁ ପଚାରିବାରୁ ସେ କହିଲେ, ପ୍ଲାଷ୍ଟିକ ବୋତଲରେ ମିଳୁଥିବା ପିଇବା ପାଣିରେ ଆର୍ଦ୍ରତା ନ ଥାଏ। ଖରାଦିନେ ଜଳୀୟ ଅଂଶ କମ୍ ରହୁଥିବାରୁ କମ୍ ଆର୍ଦ୍ରତାଯୁକ୍ତ ପାଣି ପିଇବା ଦ୍ୱାରା ଖାଦ୍ୟ ବିଷାକ୍ତ ସହ ଜଣ୍ଡିସ, ଟାଇଫଏଡ୍ ଭଳି ରୋଗରେ ଶିକାର ହେବା ସମ୍ଭାବନା ରହିଛି। ବୁଦ୍ଧିଜୀବୀ ବିକାଶ ପ୍ରଧାନ କହିଛନ୍ତି ଯେ, ସହରର ବିଭିନ୍ନ ଦୋକାନରେ ମିଳୁଥିବା ପାଣି ବୋତଲଗୁଡ଼ିକର କୌଣସି ବୈଧତା ରହୁନି। ପ୍ଲାଷ୍ଟିକ ବୋତଲଗୁଡ଼ିକ ଭଲ କି ଖରାପ ତାହା ଜଣାପଡୁନି। ପ୍ରଶାସନ ପକ୍ଷରୁ ଯାଞ୍ଚ ନ ହେବାରୁ ବହୁ ଅସାଧୁ ବ୍ୟବସାୟୀ ବିଭିନ୍ନ ସ୍ଥାନରେ ପାଣି ପ୍ରସ୍ତୁତ କରି କମ୍ ମୂଲ୍ୟରେ ବଜାରକୁ ଛାଡୁଛନ୍ତି। ଫଳରେ ଲୋକେ ପେଟ ରୋଗରେ ପଡୁଛନ୍ତି। ବୋତଲ ପାଣି କେତେ ବିଶୁଦ୍ଧ ତାହା ଯାଞ୍ଚ କରାଯାଇ କାର୍ଯ୍ୟାନୁଷ୍ଠାନ ଆବଶ୍ୟକ ବୋଲି କହିଛନ୍ତି।

## ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ



**ଆସିକା,୧୪।୩ (ସୁରେନ୍ଦ୍ର ନାଥ ସାହୁ)** ଆସିକା ସମବାୟ ଚିନିଶିଳ୍ପ ପରିସରରେ ବିପଦଜନକ ସ୍ଥିତିରୁ କିପରି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଥିଲା । ଚିନିଶିଳ୍ପର ପରିଚାଳନା ନିର୍ଦ୍ଦେଶକ ଗାୟତ୍ରୀଦତ୍ତ ନାୟକଙ୍କ ଉଦ୍ୟମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶିଳ୍ପ କେନ୍ଦ୍ରର ଡେପୁଟି ଡାଇରେକ୍ଟର ରଞ୍ଜିତ ନାୟକ, ଜିଲା ଆପତକାଳିନ ମୁଖ୍ୟ ଅଧିକାରୀ ଦେବବ୍ରତ ନାୟକ, ଗ୍ରାସିମ ଲିମିଟେଡର ବରିଷ୍ଠ ସୁରକ୍ଷା ଅଧିକାରୀ ପ୍ରମୋଦ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ଆସିକା ଅଗ୍ନିଶମ ବିଭାଗ ପକ୍ଷରୁ କାରଖାନା ପରିସରରେ ଆକସ୍ମିକ ଅଗ୍ନିକାଣ୍ଡରେ ଶ୍ରମିକ କର୍ମଚାରୀ କିଭଳି ନିଜକୁ ସୁରକ୍ଷିତ ରଖିପାରିବେ ସେ ସମ୍ପର୍କରେ କୌଶଳ ପ୍ରଦର୍ଶନ ପୂର୍ବକ ସଚେତନ କରାଯାଇଥିଲା ।

## ରାଜଯୋଗିନୀ ହୃଦୟମୋହିନୀଙ୍କ ସ୍ମୃତି ଦିବସ

କବିସୂର୍ଯ୍ୟନଗର,୧୪।୩(କୃପାସିନ୍ଧୁ ସ୍ୱାଇଁ):କବିସୂର୍ଯ୍ୟନଗର ପ୍ରଭୁପ୍ରୀତ ଭବନ ବ୍ରହ୍ମାକୁମାରିସ୍ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ରାଜଯୋଗିନୀ ହୃଦୟ ମୋହିନୀଙ୍କ ୩ୟ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଯାଇଛି। ପ୍ରିୟ ଦାଦି ୪ର୍ଥ ମୁଖ୍ୟ ପ୍ରଶାସିକା ଭାବେ ବିଶ୍ୱକୁ ଶାନ୍ତି, ମୈତ୍ରୀ ଏବଂ ଭାତୃତ୍ୱର ଡୋରିରେ ବାନ୍ଧି ପ୍ରେରଣାର ଉତ୍ସ ପାଲଟି ଯାଇଥିଲେ। ଶିବ ପରମାତ୍ମାଙ୍କର ଜ୍ଞାନକୁ ଧରା ପୃଷ୍ଠକୁ ଆଣିବାରେ ଦ୍ୱିତୀୟ ଭାଗିରଥି ସାଜିଥିଲେ। ଶତାଧିକ ବ୍ରହ୍ମକୁମାରୀ, ବ୍ରହ୍ମାକୁମାର ପ୍ରଭୁପ୍ରୀତ ଭବନ ସଂଚାଳିକା ରାଜଯୋଗିନୀ ବ୍ରହ୍ମାକୁମାରୀ ସୁଜ୍ଞାନୀ ସ୍ମୃତିଚାରଣ କରି ଦାଦିଙ୍କ ଫଟୋରେ ମାଲ୍ୟର୍ପଣ କରିଥିଲେ। ବି.କେ ଧରଣୀ, ଭାଗ୍ୟ, ସୁଦ୍ଧା, ନୀରୁ, ଅନୁ, ଚରଣ, ବିଶ୍ୱନାଥ ଓ ବଳରାମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ଗାଡ଼ି ଛଡ଼ାଇନେବା ଅଭିଯୋଗ :୨ ଗିରଫ

ଆସିକା,୧୪।୩ (ସୁରେନ୍ଦ୍ର ନାଥ ସାହୁ)- ଆସିକା ଏନ୍‌ଏସି ପାକଲାପଲ୍ଲୀ ଛକରେ ଗତ ରବିବାର ଜଣେ ବ୍ୟକ୍ତିଙ୍କ ସ୍କୁଟି ଛଡାଇ ନେବା ଅଭିଯୋଗରେ ପୋଲିସ ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ କୋଟିନଡା ଥାନା ଅନ୍ତର୍ଗତ ଭେଟନଇ ଗ୍ରାମର ମାନସ ରଞ୍ଜନ ସାମନ୍ତରାୟ ଓ ଧରାକୋଟ ଥାନା ରେଡି ଦାମୋଦରପଲ୍ଲୀ ଗ୍ରାମର ଏସ. ବଳରାମ ରେଡି। ଆସିକା ଥାନାରେ ନଂ.୧୭୪/୨୪ରେ ମାମଲା ରୁଜୁ କରାଯାଇ ଉଭୟଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ସଂଜୟ କୁମାର ମହାପାତ୍ର ସୂଚନା ଦେଇଛନ୍ତି । ଅଭିଯୁକ୍ତଦ୍ୱୟ ଏଠାରେ କାର୍ଯ୍ୟ କରୁଥିବା ଏକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ମାନାପୁରମ ଗୋଲ୍ଡର କର୍ମଚାରୀ ବୋଲି ଜଣାପଡିଛି। ସଂପୃକ୍ତ ଅର୍ଥଲଗାଣକାରୀ ସଂସ୍ଥାରୁ ଗାଡି କିଣିବା ଲାଗି କୋଟିନଡା ଥାନା ବଡଖୋଲି ଗ୍ରାମର ଅମୀର ମହାରଣା ଋଣ ନେଇଥିଲେ । ଠିକ ସମୟରେ ପରିଶୋଧ କରିନଥିବାରୁ ଅଭିଯୁକ୍ତଦ୍ୱୟ ଅମୀରଙ୍କୁ ପାକଲାପଲ୍ଲୀ ଛକରେ ଅଟକାଇ ତାଙ୍କଠାରୁ ସ୍କୁଟିକୁ ଛଡାଇ ନେଇଥିବା ଥାନାରେ ଅଭିଯୋଗ ହୋଇଥିଲା।

### ମନ୍ଦିର ପ୍ରତିଷ୍ଠା ପାଇଁ କଳସ ଯାତ୍ରା

ଗଞ୍ଜାମ,୧୪।୩(ବିଦ୍ୟାଧର ସାହୁ) ଗଞ୍ଜାମ ବ୍ଲକ ଅନ୍ତର୍ଗତ ଶତ୍ରୁସୋଲ ଗ୍ରାମରେ ବାବା ମୁକ୍ତେଶ୍ୱରଙ୍କ ନୂତନ ପ୍ରସାଦ, ହନୁମାନ ମନ୍ଦିର ଓ ଶନିଶ୍ଚରଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ପାଇଁ କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳେ ବହୁ ମହିଳା ଓ ପୁରୁଷ ଶ୍ରଦ୍ଧାଳୁ ଗଞ୍ଜାମ ଏନଏସି ଦାମୋଦରପୁର ଗ୍ରାମ ନିକଟସ୍ଥ ପୁଣ୍ୟତୋୟା ଋଷିକୁଲ୍ୟା ନଦୀରୁ ଜଳ ସଂଗ୍ରହ କରି ପାରମ୍ପରିକ ବାଦ୍ୟବାଜଣା, ଯୋଡି ଶଙ୍ଖ, କୁନି କଳାକାରଙ୍କ ନୃତ୍ୟ ମଧ୍ୟରେ ଯଜ୍ଞ ମଣ୍ଡପକୁ ଆସିଥିଲେ। ପଣ୍ଡିତ ଅଶୋକ କୁମାର ଶତପଥୀ, ପଣ୍ଡିତ ଦିବାକର ତ୍ରିପାଠୀ, ମହନ୍ତ ଶ୍ରୀ ରାଧା ବିନୋଦ ଦାଶ ଗୋସ୍ୱାମୀଙ୍କ ପୌରୋହିତ୍ୟରେ ସମ୍ପୂର୍ଣ୍ଣ ବୈଦିକ ରୀତିରେ ଉକ୍ତ ଆଧାତ୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

### ବିଦ୍ୟାଳୟ ସମୟ ବଦଳାଇବାକୁ ଦାବି

ଭଞ୍ଜନଗର,୧୪।୩(ବାବୁଲା ପ୍ରଧାନ): ତାପମାତ୍ରା ଧୀରେ ଧୀରେ ଭଞ୍ଜନଗର ଅଞ୍ଚଳରେ ବୃଦ୍ଧି ପାଉଛି। ବୁଧବାର ଭଞ୍ଜନଗର ଅଞ୍ଚଳରେ ତାପମାତ୍ରା ୩୭ ଡ଼ିଗ୍ରୀ ଥିଲା । ଆଗକୁ ତାପମାତ୍ରା ଆହୁରି ବଢ଼ିବା ସମ୍ଭାବନା ରହିଛି। ତେଣୁ ବିଦ୍ୟାଳୟ ଗୁଡ଼ିକର ସମୟ ପରିବର୍ତ୍ତନ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ବର୍ତ୍ତମାନ ପ୍ରଥମରୁ ୯ମ ଶ୍ରେଣୀ ପରୀକ୍ଷା ଚାଲିଛି। ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପରୀକ୍ଷା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ବର୍ତ୍ତମାନ ପୂର୍ବାହ୍ନ ସାଢ଼େ ୧୧ଟା ପର୍ଯ୍ୟନ୍ତ ବିଦ୍ୟାଳୟ ହେଉଛି। ଏହାପରେ ଛାତ୍ରୀଛାତ୍ରମାନେ ଘରକୁ ପହଞ୍ଚିବା ବେଳକୁ ମଧ୍ୟାହ୍ନ ହୋଇଯାଉଛି। ସେହିଭଳି ଯୁକ୍ତ୨ ପରୀକ୍ଷା ମଧ୍ୟ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧୀନରେ ଯୁକ୍ତ ୩ ଷଷ୍ଠ ସେମିଷ୍ଟାର ପରୀକ୍ଷା ଆସନ୍ତା ୧୫ ତାରିଖରୁ ଆରମ୍ଭ ହୋଇ ମାସ ଶେଷରେ ସରିବ । ବର୍ତ୍ତମାନ ବିଭିନ୍ନ ପରୀକ୍ଷା ଚାଲିଥିବା ବେଳେ ଗରମ ମଧ୍ୟ ବୃଦ୍ଧି ପାଉଛି । ଅନ୍ୟପଟେ ବିଦ୍ୟୁତ୍ ବିଭାଗ ଆଜକୁ କିଛିଦିନ ହେବ ଦିନ ବେଳେ ବାରମ୍ବାର ଅଘୋଷିତ ପାୱାର କଟ୍ କରୁଛନ୍ତି । ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟିଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାପାଇଁ ଦାବି ହୋଇଛି ।

### ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି

ଶେରଗଡ, ୧୪।୩(ସୂର୍ଯ୍ୟନାରାୟଣ ଦାଶ) ଶେରଗଡ ବ୍ଲକ କରଡାକଣା ଗ୍ରାମର ଉଚ୍ଚ ବିଦ୍ୟାଳୟ ବହୁ ପୁରୁଣା। ଉକ୍ତ ବିଦ୍ୟାଳୟରେ ନବମ ଦଶମ ଶ୍ରେଣୀ ରହିଛି। ଗତ ୨ବର୍ଷ ହେବ ଉକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପଦବୀ ଖାଲିପଡିଛି। ଫଳରେ ଜିଲା ଶିକ୍ଷା ବିଭାଗ ପକ୍ଷରୁ କାମଚଳା ଭାବେ ନିଯୁକ୍ତି ପାଇଁ ଅଭିଯୋଗ କଲେ କାହାକୁ କେତେବେଳେ ଦାୟିତ୍ୱ ଦେଉଛନ୍ତି ସିନା ସ୍ଥାୟୀ ନିଯୁକ୍ତି କରୁନାହାନ୍ତି। ଜିଲା ଶିକ୍ଷା ବିଭାଗ ଏ ଦିଗରେ ଦୃଷ୍ଟି ଦେବା ସହ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ପାଇଁ ଦାବି ହେଉଛି।

## ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିକ୍ଷୋଭ



ଗ୍ରାମପଞ୍ଚାୟତ କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

ଛତ୍ରପୁର,୧୪।୩ (ଦିଲୀପ ସାମଲ/ସନ୍ତୋଷ ପାଢ଼ୀ): ଗଞ୍ଜାମ ଜିଲାରେ ଦୀର୍ଘ ବର୍ଷ ଧରି ବିଭିନ୍ନ ପଞ୍ଚାୟତ କାର୍ଯ୍ୟାଳୟରେ କାମ କରୁଥିବା ଓଡିଶା ଗ୍ରାମ ପଞ୍ଚାୟତ ଚତୁର୍ଥ ଶ୍ରେଣୀ କର୍ମଚାରୀମାନଙ୍କୁ ରାଜ୍ୟ ସରକାର ଅଣଦେଖା କରିଛନ୍ତି, ଯାହାକୁ ନେଇ ଗୁରୁବାର ଗଞ୍ଜାମ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିଭିନ୍ନ ପଞ୍ଚାୟତରେ କାର୍ଯ୍ୟ କରୁଥିବା ଚତୁର୍ଥ ଶ୍ରେଣୀର କର୍ମଚାରୀମାନେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅଭିଯୋଗ ହେଲା ଦୀର୍ଘ ଦିନ ଧରି ଗଞ୍ଜାମ ଜିଲ୍ଲାର ପ୍ରତ୍ୟେକ ପଞ୍ଚାୟତ କାର୍ଯ୍ୟାଳୟରେ ପିଅନ, ଝାଡୁଦାର ଓ ରାତ୍ର ଜଗୁଆଳି ଭାବେ ବହୁତ ଦିନରୁ ସ୍ୱଳ୍ପ ଦରମାରେ କାର୍ଯ୍ୟ କରିଆସୁଛନ୍ତି, ଯାହା ପରିବାର ପ୍ରତି ପୋଷଣ କରିବା କଷ୍ଟକର ହେଉଅଛି। ଓଡିଶା ସରକାରଙ୍କ ପ୍ରତ୍ୟେକ କାର୍ଯ୍ୟକୁ ଆମ୍ଭେମାନେ ସୁଚାରୁ ରୁପେ ତୁଲାଇ ଆସୁଅଛୁ ବୋଲି କହିଛନ୍ତି। କିନ୍ତୁ ଓଡିଶା ସରକାର ଆମ୍ଭେମାନଙ୍କୁ ବୈମାତୃକ ମନଭାବ ରଖ ସରକାରୀ ଭାବେ ଗ୍ରହଣ କରୁନାହାନ୍ତି ବା ଦରମାକୁ ବୃଦ୍ଧି କରୁନାହାନ୍ତି ବୋଲି ଅଭିଯୋଗ କରିଛନ୍ତି। ଜିଲା ସଭାପତି ଅରୂପା ନନ୍ଦ ଡାକୁଆଙ୍କ ନେତୃତ୍ୱରେ ଗଞ୍ଜାମ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ସମ୍ପାଦକ ତାରିଣୀ ଚରଣ ଭୂୟାଁ, ଜିଲା ଉପସଭାପତି ରଘୁନାଥ ପଣ୍ଡିତ, ଜିଲା ସହସମ୍ପାଦକ ସନ୍ତୋଷ ଖାଡ଼ଙ୍ଗା, ଜିଲା କୋଷାଧ୍ୟକ୍ଷ ସୁଦର୍ଶନ ଡାକୁଆ ପ୍ରମୁଖ ଉପସ୍ଥିତ ଥିଲେ।

## ବୁଢ଼ୀ ଠାକୁରାଣୀ ମନ୍ଦିରର ରୂପାନ୍ତରଣ କାର୍ଯ୍ୟ ଆରମ୍ଭ

**ଛତ୍ରପୁର, ୧୪।୩ (ଦିଲ୍ଲୀପ ସାମଲ)** ଛତ୍ରପୁର ପୌରପରିଷଦ ଅନ୍ତର୍ଗତ ୧୨ ନଂ ୱାର୍ଡର ଡାଲଡା ମିଲ ରୋଡ଼ଠାରେ ବିଜେ କରିଥିବା ମା’ ବୁଢ଼ୀ ଠାକୁରାଣୀ ମନ୍ଦିର ରୂପାନ୍ତରଣ (ଉନ୍ନତୀକରଣ) ନିମନ୍ତେ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏନେଇ ଗୁରୁବାର ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂଜାର୍ଚ୍ଚନା କରିବା ସହିତ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ୧୨ ନଂ କାଉନସିଲର ବି. ନିଶ୍ଚଳା ଓ ମନ୍ଦିର କମିଟିର ବରିଷ୍ଠ ସଦସ୍ୟ ବାଉରୀ ବନ୍ଧୁ ଗୌଡ଼ ନଡ଼ିଆ ଭାଙ୍ଗି ମନ୍ଦିରର ଉନ୍ନତି ସକାଶେ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

## ୧୨୦ ଲିଟର ମଦ ଜବତ, ଜଣେ ଗିରଫ

**ବୁଗୁଡ଼ା,୧୪।୩(କାଳିଚରଣ ଦାଶ):** ବୁଗୁଡ଼ା ଅବକାରୀ ଥାନା ଅନ୍ତର୍ଗତ ମାଣିତରା, ଦିଗି ଓ ସେନାପତି ପାହାଡିଆ ଅଞ୍ଚଳରେ ଥାନା ଓ ଅବକାରୀ ପୋଲିସ ଚଢାଉ କରି ୩୪୦୦ ଲିଟର ପୋଚ ନଷ୍ଟ କରିବା ସହ ୧୨୦ ଲିଟର ମଦ ଏବଂ ମଦ ପ୍ରସ୍ତୁତିରେ ବ୍ୟବହୃତ ବିଭିନ୍ନ ସାମଗ୍ରୀକୁ ଜବତ କରିବା ସହ ଜଣକୁ ଗିରଫ କରିଥିବା ଜଣାପଡ଼ିଛି। ଗିରଫ ଜଣକ ହେଲେ ମାଣିତରା ଗ୍ରାମର ବାବୁ ମହାରଣା। ଏ ନେଇ ଅବକାରୀ ଥାନାରେ ଏକ ମାମଲା ରୁଜୁ ହୋଇଥିବା ଅବକାରୀ ଅଧିକାରୀଙ୍କ ଠାରୁ ପ୍ରକାଶ। ଜିଲା ଅବକାରୀ ଆରକ୍ଷୀ ଅଧୀକ୍ଷକ ଦେବୀ ପ୍ରସାଦ ଦାସଙ୍କ ନିର୍ଦ୍ଦେଶ କ୍ରମେ ଉକ୍ତ ଚଢାଉରେ ଅବକାରୀ ଅଧିକାରୀ ମୋଜି ଶବର ଓ ପୋଲିସ ଏସଆଇ ସମୀର କୁମାର ସେଠୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ୍ ରହିଥିଲେ।

## ବିକାଶଠୁ ବହୁ ଦୂରରେ ଲୋକନାଥପୁର ଗାଁ

**ଛତ୍ରପୁର,୧୪।୩ (ସନ୍ତୋଷ ପାଢ଼ୀ)** ଗଞ୍ଜାମ ଜିଲା ଛତ୍ରପୁର ବ୍ଲକ ବିପୁଲିଙ୍ଗୀ ପଞ୍ଚାୟତର ଲୋକନାଥପୁର ଶାସନ ଗାଁ ବିକାଶର ବହୁ ଦୂରରେ ରହିଛି । ରାସ୍ତାଘାଟଠୁ ନେଇ ମୌଳିକ ସମସ୍ୟାରେ ଜର୍ଜରିତ ଗ୍ରାମବାସୀ ଯାହାକୁ ନେଇ ଭୋଟ ବର୍ଜନ କରିବାକୁ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ହେଲା ନିର୍ବାଚନ ସମୟରେ ସମସ୍ତ ଜନପ୍ରତିନିଧିମାନେ ଆସି ପୁଳା ପୁଳା ପ୍ରତିଶ୍ରୁତି ଦେଇଥିଲେ, ହେଲେ ଆଜିକୁ ଦୀର୍ଘ ବର୍ଷ ବିତିଯାଇଥିଲେ ସୁଧା ଆମ ଗାଁରେ ବିକାଶ ହୋଇପାରିନାହିଁ। ଗ୍ରାମକୁ ଯିବା ପାଇଁ ମୁଖ୍ୟରାସ୍ତାର ଅବସ୍ଥା ନ କହିବା ଭଲ। ଆମ୍ବୁଲାନ୍ସଟିଏ ଯିବା ବି ଅସମ୍ଭବ । ଆବଡ଼ା ଖାବଡା ରାସ୍ତା ଦେଇ ଯିବା ଆସିବା ମୁସକିଲ। ଅନେକ ଲୋକଙ୍କ ଦୁର୍ଘଟଣା ମଧ୍ୟ ଘଟିଲାଣି। ରାସ୍ତାଟିଏ ପାଇଁ ସରପଞ୍ଚଙ୍କଠୁ ନେଇ ଜିଲା ପ୍ରଶାସନକୁ ଜଣାଇଥିଲେ ମଧ୍ୟ କେହି ଶୁଣିବାକୁ ନାରାଜ। ସେହିପରି ଗ୍ରାମରେ ଥିବା ପୋଖରୀଟି ପୋତି ହୋଇଯାଇଥିବା ବେଳେ ପୁନରୁଦ୍ଧାର ହୋଇପାରୁନାହିଁ। ଦଳ ପଙ୍କ ପରିପୂର୍ଣ୍ଣ ହୋଇରହିଛି। ମଣିଷ ବ୍ୟବହାର କରିବା ତ ଦୂରର କଥା, ପଶୁପକ୍ଷୀଙ୍କ ପିଇବା ପାଇଁ ମଧ୍ୟ ଅନୁପଯୋଗ। ମନରେଗା ଯୋଜନାରେ ପଞ୍ଚାୟତର ବିଭିନ୍ନ ପୋଖରୀର ପୁନଃରୁଦ୍ଧାର ହେଉଥିବା ବେଳେ ଆମ ଗାଁ ପୋଖରୀର କାହିଁକି ଉଦ୍ଧାର ହେଉନି ବୋଲି ଗ୍ରାମବାସୀ ପ୍ରଶ୍ନ କରିଛନ୍ତି। ସେପଟେ ଗ୍ରାମରେ ଥିବା ଏକମାତ୍ର ବିଦ୍ୟାଳୟ ବନ୍ଦ ହୋଇଯିବା ଫଳରେ ୩ କିଲୋମିଟର ଚାଲି ଯାଉଛନ୍ତି ପିଲାମାନେ। ଗ୍ରାମ ଶ୍ମଶାନକୁ ଯିବା ପାଇଁ ରାସ୍ତା ନଥିବା ହେତୁ ହନ୍ତସନ୍ତ ହେବା ମଧ୍ୟ କହିଛନ୍ତି। ଏହିଭଳି ଅନେକ ସମସ୍ୟାରେ ଲୋକନାଥପୁର ଗ୍ରାମବାସୀ ଜୀବନ ବିତାଉଛନ୍ତି। ଆଉ ଏଥର କଡ଼ା ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଚଳିତ ନିର୍ବାଚନ ଭିତରେ ଯଦି ଗ୍ରାମର ସମସ୍ତ ସମସ୍ୟା ଦୂର ନ ହୁଏ ସବୁ ଗାଁ ବାସୀ ମିଶି ଭୋଟ ବର୍ଜନ କରିବେ। ହୁଏତ ଏତିକି କଲେ ସରକାରଙ୍କ ନଜର ପଡିପାରିବ ଗ୍ରାମବାସୀ ବୋଲି କହିଛନ୍ତି।

## ଯୋଗୀଙ୍କୁ ଭେଟିଲେ କାଠ କାରିଗର ଅରୁଣ



ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ପ୍ରତିକୃତି ପ୍ରଦାନ କରୁଛନ୍ତି।

**ହିଞ୍ଜିଳିକାଟୁ,୧୪।୩(ଦ୍ୱିତୀକୃଷ୍ଣ ପଣ୍ଡା)** ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକ କଣ୍ଟେଇକୋଳି ଗ୍ରାମର କାଠ କାରିଗର ଓ ଶିଳ୍ପୀ ଅରୁଣ କୁମାର ସାହୁ ଗୁରୁବାର ଉତ୍ତରପ୍ରଦେଶର ଅଯୋଧ୍ୟା ମନ୍ଦିର ପରିସରରେ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କୁ ଭେଟିଛନ୍ତି। ମୁଖ୍ୟମନ୍ତ୍ରୀ ଯୋଗୀଙ୍କୁ ଏକ କାଠ ତିଆରି ପ୍ରତିକୃତି ଓ କାଠରେ ନିର୍ମିତ ହିନ୍ଦୀ ଭାଷାର ହନୁମାନ ଚାଳିଶା ପ୍ରଦାନ କରିଥିଲେ। ଶିଳ୍ପୀଙ୍କ କଳାକୃତିକୁ ମୁଖ୍ୟମନ୍ତ୍ରୀ ଯୋଗୀ ପ୍ରଶଂସା କରିଥିଲେ। ଅନ୍ୟପକ୍ଷରେ ମନ୍ଦିର ବୁଲି ଆସୁଥିବା ଭକ୍ତମାନେ ହନୁମାନ ଚାଳିଶା ସହଜରେ ପାଠ କଲା ଭଳି ଏକ ଶାଗୁଆନ ଓ ଗମ୍ଭାରୀ କାଠରେ ନିର୍ମିତ ହିନ୍ଦୀ ଭାଷୀ ହନୁମାନ ଚାଳିଶା ବୋର୍ଡକୁ ମନ୍ଦିର ଟ୍ରଷ୍ଟି ମେମ୍ବର ଡ. ଅନୀଲ ମିଶ୍ର ଓ ସିଏଚ ରାଓଙ୍କୁ ପ୍ରଦାନ କରିଥିଲେ। ଉକ୍ତ ବୋର୍ଡକୁ ମନ୍ଦିରରେ ଉପଯୁକ୍ତ ସ୍ଥାନରେ ଟାଙ୍ଗିବା ନିମନ୍ତେ ଟ୍ରଷ୍ଟି ମେମ୍ବରମାନେ କହିଛନ୍ତି। ଏହି ଅବସରରେ ରାଜ୍ୟ ସରକାରଙ୍କ ବହୁ ପଦସ୍ଥ ଅଧିକାରୀଙ୍କ ସହ ଅରୁଣଙ୍କ ସାଙ୍ଗ ପୁନରଖଣ୍ଡି ଗ୍ରାମର ଟୁକୁନା ବେହେରା ଉପସ୍ଥିତ ଥିଲେ।

DSPL-851



## ବିଶ୍ୱ ଖାଉଟି ଅଧିକାର ଦିବସ – ୨୦୨୪

### ବାର୍ତ୍ତା

ପ୍ରତ୍ୟେକ ବର୍ଷ ମାର୍ଚ୍ଚ ୧୫ ତାରିଖକୁ “ବିଶ୍ୱ ଖାଉଟି ଅଧିକାର ଦିବସ” ଭାବରେ ପାଳନ କରାଯାଇଥାଏ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

ଉପଭୋକ୍ତା ଅଧିକାର କୁ ଅଧିକ ସୁଦୃଢ କରିବା ପାଇଁ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ, ୨୦୧୯ ର ପ୍ରବର୍ତ୍ତନ କରା ଯାଇଅଛି । ଉପଭୋକ୍ତା ସୁରକ୍ଷା ଆଇନ ଅନୁଯାୟୀ ରାଜ୍ୟର ଉପଭୋକ୍ତା ମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ଜିଲ୍ଲାସ୍ତରରେ ଜିଲ୍ଲା ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ଏବଂ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଚଳିତ ବର୍ଷ ପାଳିତ ହେବାକୁ ଥିବା “ବିଶ୍ୱ ଖାଉଟି ଅଧିକାର ଦିବସ”- ୨୦୨୪ ର ବାର୍ତ୍ତା ହେଉଛି –“ଉପଭୋକ୍ତା ମାନଙ୍କ ପାଇଁ, ସ୍ୱଚ୍ଛ ଓ ଦାୟିତ୍ୱ ସମ୍ପନ୍ନ କୃତ୍ରିମ-ବୁଦ୍ଧିମତାର ଉପଯୋଗ”।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଳିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହୋଇ କାର୍ଯ୍ୟ କରିବା ।

ଶ୍ରୀ ଅତନୁ ସବ୍ୟସାଚୀ ନାୟକ
ମନ୍ତ୍ରୀ
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ସମବାୟ,
ଉଚ୍ଚ ଶିକ୍ଷା, ଓଡ଼ିଶା

OIPR-07001/13/0019/2324

ସେଲ୍ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଅମିତାଂଶୁ



@ ଦୁଃଶାସନ



@ କାହ୍ନା



@ ନରେଶ



@ ପ୍ରଦୀପ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୮୩ କେଜି ଗଞ୍ଜେଇ ଜବତ, ୫ ଗିରଫ



ପୋଲିସର ଖବରଦାତା ସମ୍ମିଳନୀରେ ଗିରଫ ୫ ଅଭିଯୁକ୍ତ ।

**ଖଣ୍ଡପଡ଼ା,୧୪।୩ (ଅଜୟ କୁମାର ମହାରଣା)**

ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଅଧୀନ କଣ୍ଟିଲୋ ଫାଣ୍ଡି ଅଞ୍ଚଳରୁ ଏକ ପିକଅପ୍ ଭ୍ୟାନରେ ଚୋରାରେ ଚାଲାଣ ହେଉଥିବା ୮୩ କେଜି ଗଞ୍ଜେଇ ଜବତ କରାଯାଇଛି । ଏହି ଘଟଣାରେ ସଂପୃକ୍ତ ୫ଜଣଙ୍କୁ ପୋଲିସ ଗିରଫ କରିଥିବା ଗୁରୁବାର ସନ୍ଧ୍ୟାରେ ଖଣ୍ଡପଡ଼ା ପୋଲିସ ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି ।

No. C-3309: The Municipal Commissioner on behalf of Municipal Corporation, Sambalpur invites tenders in Double Cover System. Bid documents consisting of specification the Schedule of Quantities and the set of terms and conditions of contract and other necessary documents can be seen the Govt. Website i.e. **https://tendersodisha.gov.in**

| | | | |
|---|---|---|---|
| 1. | Number of Civil Works | : | 1 (One) Number |
| 2. | Estimated Costs | : | 83.41 lakhs |
| 3. | Period of Completion | : | As per NIT |
| 4. | Date and time of availability of the bid documents in the portal | : | From 11.00 A.M. of 07.03.2024 to 05.00 P.M. of 16.03.2024 |
| 5. | Last date/time for receipt of bids in the portal | : | 05.00 P.M. of 16.03.2024 |
| 6. | Bids will be opened on | : | 11.00 A.M. of Dt.18.03.2024 |
| 7. | Name and address of the Officer Inviting Bid | : | Municipal Commissioner, Sambalpur Municipal Corporation, Sambalpur |

Sd./- Commissioner
Sambalpur Municipal Corporation
OIPR-13122/11/0090/2324

---

See Career Appointment on every Wednesday & Saturday

---

## GOVERNMENT OF ODISHA
No. O-2767
## OFFICE OF THE ENGINEER-IN-CHIEF, RURAL WORKS, ODISHA, BHUBANESWAR
Email i.d: crew_bbsr@yahoo.com
Letter. No. 10367 — Dt.07.03.2024

**Notice Inviting Request for Proposal under EPC Contract**
**(RFP-Online-CE (Buildings & Bridges) - 12/2023-24 Dt.07.03.2024)**

| | | | |
|---|---|---|---|
| 1. | Name of the Work | : | As mentioned in NIT |
| 2. | Total No. of Works | : | 05 (Five) Nos. |
| 3. | Period of Completion | : | 30 Calendar Months |
| 4. | Other Details | : | www.tendersodisha.gov.in |

| Procurement Officer | Bid Identification No. | No. of Bridge Works | Availability of Tender Online for Bidding | |
|---|---|---|---|---|
| | | | From | To |
| Chief Engineer, Buildings & Bridges, Rural Works, Odisha, Bhubaneswar | RFP - Online - CE-Buildings & Bridges - 12 (Bridge)/ 2023-24 | 05 (Five) Nos. | 18.03.2024 at 10.00 A.M. | 09.04.2024 upto 5.00 P.M. |

Other details can be seen in the bidding documents, which will be available in website **www.tendersorissa.gov.in.**

Sd./- Chief Engineer (Buildings & Bridges)
OIPR-25123/11/0056/2324 — Rural Works, Odisha, Bhubaneswar

---

## GOVERNMENT OF ODISHA
DEPARTMENT OF WATER RESOURCES
## OFFICE OF THE SUPERINTENDING ENGINEER SAMBALPUR IRRIGATION DIVISION,SAMBALPUR
E-mail id: sidsambalpur@gmail.com
e-Procurement Notice No. SESID-03/2023-24
Bid Identification No.SESID-03 (01-18)/2023-24

**No.960** — **Date:11.03.2024**

**No.A-1718:** Bid documents consisting of work, estimated amount put to tender, cost of tender paper, EMD, time of completion, class of contractor, the set of terms & conditions of contract and other necessary documents can be seen in e-Procurement portal https://tendersodisha.gov.in complete online process only.

| | | | |
|---|---|---|---|
| 1. | Nature of Works | : | Canal & Road Works |
| 2. | Nos. of Works | : | 18 Nos. |
| 3. | Bid Identification No. | : | SESID-03 (01-18)/ 2023-24 |
| 4. | Estimated Cost | : | 5.36-25.95 Lakhs |
| 5. | Earnest Money Deposit | : | Referred to DTCN |
| 6. | Cost of Tender Paper | : | Referred to DTCN |
| 7. | Period of Completion | : | Referred to DTCN |
| 8. | Date and Time of availability of Bid document in the Portal | : | Dt.18.03.2024 at 11.00 AM to Dt.03.04.2024 upto17.00 PM |
| 9. | Last Date/Time for receipt of Bids in the Portal | : | Dt.03.04.2024 upto 17.00 PM |
| 10. | Date of Bid Opening | : | Dt.04.04.2024 at 11.00 AM |
| 11. | Clarification seeking Date | : | Dt.18.03.2024 at 11.00 AM to Dt.03.04.2024 upto17.00 PM |
| 12. | Date of Lottery (if Required) | : | To be intimated later. |
| 13. | Name and Address of the Officer Inviting Bid | : | Superintending Engineer Sambalpur Irrigation Division, Sambalpur At/Po-Khetrajpur- 768003 Dist-Sambalpur Email Id:sidsambalpur@gmail.com |

Further details can be seen from the e-Procurement portal https://tendersodisha.gov.in. Any addendum/corrigendum/cancellation of tender can also be seen in said website.

Sd./- Superintending Engineer
OIPR-32129/11/0005/2324 — Sambalpur Irrigation Division, Sambalpur

---

No. B-1932
## GOVERNMENT OF ODISHA
## OFFICE OF THE SUPERINTENDING ENGINEER SUNDARGARH (R&B) DIVISION, SUNDARGARH
**e-Procurement Notice**
E-mail ID: pwd_sng@yahoo.co.in
Bid Identification No. SE-R&B-SNG-67 of 2023-24
Letter No. 1682 — Date: 11.03.2024

| | | | |
|---|---|---|---|
| 1 | The Superintending Engineer, Sundargarh (R&B) Division on behalf of Governor of Odisha inviting percentage rate bid in Double Cover System on ONLINE mode from eligible contractors with valid licence for execution of Building work as detailed in DTCN. | | |
| 2 | Nature of Work | : | Building work |
| 3 | No. of Works | : | 01 (One) No. |
| 4 | Tender Cost | : | Rs.10,000/- |
| 5 | Class of Contractor | : | B |
| 6 | Availability of bid document in the website | : | From 10.00 A.M. Date: 16.03.2024 to 05.00 P.M. Date: 27.03.2024 |
| 7 | Date of Opening of Bid | : | 11.00 A.M. on Dt.28.03.2024 |
| 8 | The bidders have to participate in ONLINE bidding only. Further details can be seen from the website (**https://tendersodisha.gov.in**). Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Sundargarh (R&B) Division
OIPR-34043/11/0033/2324

---

## GOVERNMENT OF ODISHA
No.B-1923:
## OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI
Phone: 06842-254004, Email: sernbphulbani@gmail.com

### INVITATION FOR BIDS (IFB)
Bid Identification No.CCE_R and B_PLB_24 of 2023-24
No.431, Dated 06.03.2024

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Bridge & Building works as detailed in the table below from eligible contractors. | |
| 2 | Nature of Work | Bridge & Building works |
| 3 | No. of tenders | Two Nos. |
| 4 | Tender Cost | Rs.10,000/- (through online) only |
| 5 | Class of Contractor | B & A Class |
| 6 | Date & Time of Sale & Receipt of Bids | 10.00 AM of 20.03.2024 to 5.00 PM of 03.04.2024 |
| 7 | Date of Opening of Bid | 11.00 AM of 04.04.2024 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0028/2324

---

## GOVERNMENT OF ODISHA
No.B-1924:
## OFFICE OF THE CHIEF CONSTRUCTION ENGINEER PHULBANI (R&B) CIRCLE, PHULBANI
Phone: 06842-254004, Email: sernbphulbani@gmail.com

### INVITATION FOR BIDS (IFB)
Bid Identification No.CCE_R and B_PLB_25 of 2023-24
No.455, Dated 12.03.2024

| | | |
|---|---|---|
| 1 | The Chief Construction Engineer, Phulbani (R&B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of the Bridge & Building works as detailed in the table below from eligible contractors. | |
| 2 | Nature of Work | Bridge & Building works |
| 3 | No. of tenders | Two Nos. |
| 4 | Tender Cost | Rs.10,000/- (through online) only |
| 5 | Class of Contractor | Special, A & B Class |
| 6 | Date & Time of Sale & Receipt of Bids | 10.00 AM of 22.03.2024 to 5.00 PM of 06.04.2024 |
| 7 | Date of Opening of Bid | 11.00 AM of 08.04.2024 |
| 8 | The Bidders shall have to participate in online bidding only. Further details can be seen from the website https://tendersodisha.gov.in. Any addendum/ Corrigendum/ Cancellation of tender can also be seen in the said website. The authority reserves the right to reject any or all bids without assigning any reason. | |

Sd./- Chief Construction Engineer
Phulbani (R&B) Circle, Phulbani
OIPR-34129/11/0027/2324

## ଜନ୍ମଦିନର ଶୁଭେଚ୍ଛା

ନାମ: ...............................

ବୟସ: ...............................

ଜନ୍ମ ତାରିଖ: ...............................



ମନିଷା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୋପାଳପୁରରେ 'ରାଡିସନ୍ ଇଣ୍ଡିଭିଜୁଆଲ'

■ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ

■ ଓଡ଼ିଶାରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ପ୍ରଥମ ହୋଟେଲ

ଭୁବନେଶ୍ୱର,୧୪।୩ (ଅଭୟ ଦାଶ)




ଦେଶର ପ୍ରମୁଖ ପ୍ରିମିୟମ ହୋଟେଲ ତଥା ରାଡିସନ୍ ହୋଟେଲ ଗ୍ରୁପ୍‌ର ଏକ ଶାଖା 'ରାଡିସନ୍ ଇଣ୍ଡିଭିଜୁଆଲ'ଓଡ଼ିଶାର ଗୋପାଳପୁରଠାରେ ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଶୁଭାରମ୍ଭ ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ରାଡିସନ୍ ଗ୍ରୁପ୍ ଏବଂ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ମଧ୍ୟରେ ଏକ ଦ୍ୱିପାକ୍ଷିକ ବୁଝାମଣା ପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଯାଇଛି। ଉଲ୍ଲେଖଯୋଗ୍ୟ, ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ସ୍ୱାକ୍ଷରିତ ହେବା ଅବସରରେ ଉଭୟ ପକ୍ଷ ଖୁସି ପ୍ରକାଶ କରିଛନ୍ତି। ଏପରିକି ୧୦୦ ଶଯ୍ୟା ବିଶିଷ୍ଟ ଏହି ହୋଟେଲକୁ ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍ ବିକଶିତ କରୁଥିବାବେଳେ ୨୦୨୪-୨୫ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଏହାର ଆନୁଷ୍ଠାନିକ ଶୁଭାରମ୍ଭ ହେବାକୁ ଯାଉଛି। ଏ ସମ୍ପର୍କରେ ରାଡିସନ୍ ହୋଟେଲ ଗ୍ରୁପ୍‌ର ଦକ୍ଷିଣ ଏସିଆ ବିକାଶ ବିଭାଗର ବରିଷ୍ଠ ନିର୍ଦ୍ଦେଶକ ଦେବାଶିଷ ଶ୍ରୀବାସ୍ତବ କହିଛନ୍ତି, ଓଡ଼ିଶାରେ ଆମର ପ୍ରଥମ ହୋଟେଲ 'ରାଡିସନ୍ ଇଣ୍ଡିଭିଜୁଆଲ' ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟର ମିଳିତ ସହଯୋଗରେ ଖୋଲିବାକୁ ଯାଉଛି। ଏପରିକି ରାଡିସନ୍ ଇଣ୍ଡିଭିଜୁଆଲର ସଦସ୍ୟ ଭାବେ ଆମେ ପ୍ରମୋଦ ଲ୍ୟାଣ୍ଡସ୍ ଏଣ୍ଡ ରିସୋର୍ଟ ଚୁକ୍ତି ସ୍ୱାକ୍ଷର କରିଛୁ, ଯାହା ଦେଶର ଟିୟର ୨ ଓ ୩ ଅଞ୍ଚଳରେ ଆମର ସମ୍ପ୍ରସାରଣ ଯୋଜନାର ପ୍ରମାଣ ବୋଲି କୁହାଯାଉଛି। ସେହିଭଳି ଆମେ ଦେଶର ପ୍ରମୁଖ ସହର ବାହାରେ ମଧ୍ୟ ଗୁଣାତ୍ମକ ଆତିଥେୟତା ଅଭିଜ୍ଞତାକୁ ପହଞ୍ଚାଇବା ଉପରେ ଗୁରୁତ୍ୱ ଦେଉଛୁ ଏବଂ ସମ୍ପୃକ୍ତ ଅଞ୍ଚଳର ଅବ୍ୟବହୃତ ସମ୍ଭାବନାକୁ ସ୍ୱୀକାରକରି ଓଡ଼ିଶାରେ ପାଦ ଥାପିବା ସହ ଏହା ଗ୍ରୁପ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ପଦ୍ମା ଇଷ୍ଟର୍ନ ହୋଟେଲ ପ୍ରାଇଭେଟ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଦୁର୍ଗାପ୍ରସାଦ ରଥ କହିଛନ୍ତି, ଏହି ଭାଗୀଦାରି ରେଡିସନ୍ ହୋଟେଲ ଗ୍ରୁପ୍‌ର ବିଶ୍ୱସ୍ତରୀୟ ବିକାଶ ଏବଂ ପରିଚାଳନା କରିବାର କ୍ଷମତା ଉପରେ ଆମର ବିଶ୍ୱାସର ପ୍ରମାଣ ହୋଇଥିବାବେଳେ ଏହି ସହଯୋଗ ଆମର ସ୍ଥିତିକୁ ଉନ୍ନତ କରିବ ଏବଂ ଆମର ଅତିଥିମାନଙ୍କୁ ଏକ ଅସାଧାରଣ ଅନୁଭୂତି ପ୍ରଦାନ କରିବ। ସେହିଭଳି ଓଡ଼ିଶାର ଆତିଥ୍ୟ ଶିଳ୍ପରେ ଆମର ଉପସ୍ଥିତିକୁ ସୁଦୃଢ଼ କରିବ ବୋଲି ରଥ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି। ଉଲ୍ଲେଖଯୋଗ୍ୟ, ରେଡିସନ୍ ହୋଟେଲ ଗ୍ରୁପ୍ ଭାରତୀୟ ବଜାରରେ ଅଗ୍ରଣୀ ଉପସ୍ଥିତି ବଜାୟ ରଖିଛି ଏବଂ ୧୬୫ରୁ ଅଧିକ ହୋଟେଲ କାର୍ଯ୍ୟକ୍ଷମ ଏବଂ ବିକାଶ ସହ ଦେଶର ସର୍ବବୃହତ୍ ଅନ୍ତର୍ଜାତୀୟ ହୋଟେଲ ଅପରେଟରମାନଙ୍କ ମଧ୍ୟରୁ ଅନ୍ୟତମ ହୋଇପାରିଛି।

# ଶେୟାର ବଜାର କାରବାରରେ ଉତ୍ସାହ

ଭୁବନେଶ୍ୱର,୧୪।୩

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ୪ର୍ଥ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷ କରି ଗୁରୁବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୩୩୫ (୩୩୫.୩୯) ପଏଣ୍ଟ ବଢ଼ି ୭୩,୦୯୭(୭୩,୦୯୭.୨୮) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ) ର ନିଫ୍ଟି-୫୦ରେ ମଧ୍ୟ ୧୪୯ (୧୪୮.୯୫) ପଏଣ୍ଟ ବୃଦ୍ଧି ଘଟି ୨୨,୧୪୭ (୨୨,୧୪୬.୬୫) ଅଙ୍କରେ କାରବାର ବନ୍ଦ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ମଧ୍ୟ ପରିବର୍ତ୍ତନ ଘଟିଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ହୋଇଛି।

# ଭୁବନେଶ୍ୱରରେ ବେଦାନ୍ତୁ ଅଫ୍‌ଲାଇନ ଲର୍ନିଂ ସେଣ୍ଟର

ଭୁବନେଶ୍ୱର,୧୪।୩

ଦେଶର ପ୍ରମୁଖ ଘରୋଇ ଶିକ୍ଷାନୁଷ୍ଠାନ ତଥା ଅଗ୍ରଣୀ ଅନ୍‌ଲାଇନ କୋଚିଂ ସେଣ୍ଟର 'ବେଦାନ୍ତୁ'ର ଅଫ୍‌ଲାଇନ ଲର୍ନିଂ ସେଣ୍ଟର ଭୁବନେଶ୍ୱରର ଜୟଦେବ ବିହାର ନିକଟସ୍ଥ ଆର୍‌ସିଏମ୍ କ୍ୟାମ୍ପସଠାରେ ଶୁଭାରମ୍ଭ ହୋଇଯାଇଛି। ଏପରିକି ୨୦୨୪ ମାର୍ଚ୍ଚ ୧୭ରେ ଉକ୍ତ ସେଣ୍ଟରର ଆନୁଷ୍ଠାନିକ ଶୁଭାରମ୍ଭ (ଉଦ୍‌ଘାଟନ) ହେବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ ବେଦାନ୍ତୁ ପକ୍ଷରୁ ଗୁରୁବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଉକ୍ତ ସମ୍ମିଳନୀରେ ବେଦାନ୍ତୁର ଭିପି (ବିଜ୍‌ନେସ୍) ସଚିନ ଅଗ୍ରୱାଲଙ୍କ ସମେତ ବେଦାନ୍ତୁ ଲର୍ନ ସେଣ୍ଟରର ପାର୍ଟନର ଜ୍ୟୋତିରଞ୍ଜନ ତ୍ରିପାଠୀ ଏବଂ ବିକାଶ ବାହିନୀପତି ଉପସ୍ଥିତ ରହି ଭୁବନେଶ୍ୱର ସେଣ୍ଟର ସମ୍ପର୍କରେ ବିସ୍ତୃତ ଆଲୋଚନା ସହିତ ସେଣ୍ଟରର ଆଭିମୁଖ୍ୟ ବିଷୟରେ ମଧ୍ୟ ମତପ୍ରକାଶ କରିଥିଲେ। ସେହିଭଳି ଏଡ୍-ଟେକ୍ କ୍ଷେତ୍ରରେ ଏକ ଉଦାହରଣ ସୃଷ୍ଟିକାରୀ ବେଦାନ୍ତୁ ଅଫ୍‌ଲାଇନ କୋଚିଂରେ ମଧ୍ୟ ବିପ୍ଳବ ଆଣିବାକୁ ଯାଉଛି ବୋଲି ଭୁବନେଶ୍ୱର ସେଣ୍ଟର ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ଭୁବନେଶ୍ୱରରେ ଲର୍ନିଂ ସେଣ୍ଟର ଚଳିତ ବର୍ଷ ମାର୍ଚ୍ଚ ୧୭ରୁ କାର୍ଯ୍ୟାରମ୍ଭ କରୁଛି ଏବଂ ଏହା ଅଫ୍‌ଲାଇନ ଚ୍ୟାନେଲରେ ଜେଇଇ/ଏନ୍‌ଇଇଟି ଭଳି ପରୀକ୍ଷାଗୁଡିକ ନିମନ୍ତେ ଗୁଣାତ୍ମକ ଶିକ୍ଷାର ସୁଯୋଗ ପରିବ୍ୟାପ୍ତ କରିବା ଦିଗରେ ଏହା ବେଦାନ୍ତୁର ରଣକୌଶଳାତ୍ମକ ପଦକ୍ଷେପ ହୋଇଛି। ଚଳିତ ମାସ ୧୭ରେ ଏହି ସେଣ୍ଟର ଶୁଭାରମ୍ଭ ଉପଲକ୍ଷେ ଏକ ଆନୁଷ୍ଠାନିକ କାର୍ଯ୍ୟକ୍ରମ ଚନ୍ଦ୍ରଶେଖରପୁରସ୍ଥିତ ରେଳ ଅଡିଟୋରିୟମଠାରେ ଆୟୋଜନ ହେବାକୁ ଯାଉଛି,ଯେଉଁଥିରେ ସବିଶେଷ କ୍ୟାରିୟର ମାର୍ଗଦର୍ଶନ ଆଲୋଚନାଚକ୍ର ସ୍ଥାନ ପାଇବ। ଏହା ଉକ୍ତ ସେଣ୍ଟରରୁ ମିଳିବାକୁ ଥିବା ଫାଇଦାକୁ ପ୍ରଦର୍ଶିତ କରିବ। ଅପରପକ୍ଷରେ ବେଦାନ୍ତୁର ପ୍ରତିଷ୍ଠାତାଙ୍କ କହିବା ଅନୁଯାୟୀ, ଆମେ ଛାତ୍ରୀଛାତ୍ରୀଙ୍କୁ କେବଳ ପରୀକ୍ଷା ପାଇଁ କୋଚିଂ ଦେଉନାହୁଁ, ଆମେ ସେମାନଙ୍କୁ ଜୀବନ ପାଇଁ ପ୍ରସ୍ତୁତ କରୁଛୁ।


**BIRTHDAY WISH**




**Manisha Sukalyani**
Khandagiribari, BBSR
Sending you smiles for every moment of your special day.... Have a wonderful time and a very happy birthday.

ଧ-୨୭୪୪

**CLASSIFIED DISPLAY**

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**OAS HUB**
*Make your dreams into reality*
**OAS / IAS**
JOIN NEW PRELIMS TO PERSONALITY TEST (P2P) BATCH.
For Odisha Administrative Services.
ADMISSION OPEN NOW
Somi Palace, Plot No. M5/17, Ground Floor, Acharya Vihar, Bhubaneswar
Contact Us:
8926232634
9827166018

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# କାର୍ଯ୍ୟକ୍ଷେତ୍ରରେ ସମାନ ପରିବେଶ ବିକାଶକୁ ଗୁରୁତ୍ୱ

ଭୁବନେଶ୍ୱର,୧୪।୩



ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବେଦାନ୍ତ ଆଲୁମିନିୟମ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ନିକଟରେ ପାଳିତ ହୋଇଯାଇଛି। ଏପରିକି ଚଳିତ ବର୍ଷ ଅନ୍‌ଲାଇନ ଏବଂ ଅନ୍-ଗ୍ରାଉଣ୍ଡ୍ ପଦକ୍ଷେପଗୁଡ଼ିକର ମିଶ୍ରଣ ମାଧ୍ୟମରେ କମ୍ପାନୀ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କରିଛି। ଏହା ମହିଳାମାନଙ୍କ ପାଇଁ ଅଗ୍ରଗତିର ସୁଯୋଗ ବିସ୍ତାରକରି ଏକ ଉତ୍ତମ ଭବିଷ୍ୟତ ଗଠନ ପାଇଁ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ବିଶେଷକରି ଶିଳ୍ପରେ ସର୍ବୋଚ୍ଚ ପୁରୁଷ-ମହିଳା କର୍ମଚାରୀଙ୍କ ଅନୁପାତରେ ବେଦାନ୍ତ ଆଲୁମିନିୟମ ତା'ର ସମସ୍ତ କର୍ମଚାରୀଙ୍କ ମଧ୍ୟରୁ ଏକ ତୃତୀୟାଂଶକୁ ନିଶ୍ଚିତ କରିବାକୁ ପ୍ରୟାସକୁ ତ୍ୱରାନ୍ୱିତ କରୁଛି। ସେହିଭଳି ଏକ ସମାନ ସୁଯୋଗ ନିଯୁକ୍ତିଦାତା ଭାବରେ ବେଦାନ୍ତ ଆଲୁମିନିୟମ ଉଭୟ କର୍ମକ୍ଷେତ୍ରରେ ତଥା ବାହାରେ ମହିଳାଙ୍କ ଶକ୍ତି ବୃଦ୍ଧି ପାଇଁ ଚେଷ୍ଟା କରିଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଇଓ ଜନ୍ ସ୍ଲାଭେନ୍ କହିଛନ୍ତି, ମହିଳାମାନଙ୍କର ଅଂଶଗ୍ରହଣରୁ ଉତ୍ପନ୍ନ କୌଶଳ ଏବଂ ଦୃଷ୍ଟିକୋଣର ବିବିଧତା ସଂଗଠନ କରିଥାଏ ; ଯାହାକି ଦୀର୍ଘମିଆଦୀରେ ସ୍ଥିର ରହିଥାଏ। ଏପରିକି କମ୍ପାନୀ ଏକ ସମାନ ପରିବେଶ ବିକାଶ ପାଇଁ ପ୍ରତିବଦ୍ଧ ଥିଲାବେଳେ ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ଭାବେ କମ୍ପାନୀ ଏକ ସଂସ୍କୃତି ଗଠନ କରୁଛୁ, ଯାହାକି ଆମର ନୂତନ ଉଦ୍ଭାବନ ଏବଂ ବ୍ୟବସାୟିକ ଉତ୍କର୍ଷର ନିରନ୍ତର ଅନୁସରଣରେ ଡ୍ରାଇଭ୍ ଏବଂ ପରିଶ୍ରମକୁ ପୁରସ୍କୃତ କରିଥାଏ।

# କାରବାର ବୃଦ୍ଧିରେ ଆଇସି ନେଟ୍‌ୱର୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୪।୩



ସମୀର ଜୋଷୀ

ଘରୋଇ ବଜାରରେ ବୀମା କାରବାର କ୍ରମାଗତ ଭାବେ ବୃଦ୍ଧି ପାଉଛି। ଏପରିକି ଗତ କିଛି ବର୍ଷ ହେଲା ବୀମା ପ୍ରତି ସବୁ ବର୍ଗର ଲୋକ (ଗ୍ରାହକ) ଆଗ୍ରହ ପ୍ରକାଶ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ବଜାଜ ଆଲିଆଞ୍ଜ ଲାଇଫ୍ ଇନ୍‌ସ୍ୟୁରାନ୍ସ ଭାରତ ଏବଂ ଓଡ଼ିଶାରେ ଜୀବନ ବୀମାକୁ ଏକ ବହୁମୁଖୀ ନିବେଶର ବିକଳ୍ପ ଭାବେ ସଚେତନ ଏବଂ ସରଳ କରିବା ପାଇଁ ବୀମା ପରାମର୍ଶଦାତା (ଆଇସି)ର ନେଟ୍‌ୱର୍କକୁ ଉପଯୋଗ କରୁଛି। ସେହିଭଳି ସମଗ୍ର ଓଡ଼ିଶାରେ କମ୍ପାନୀର ୮,୫୦୦ରୁ ଅଧିକ ଏଜେଣ୍ଟ ଏବଂ ୩୮ଟି କାର୍ଯ୍ୟାଳୟ ସହ ଦୃଢ଼ ଉପସ୍ଥିତି ରଖିଥିବା ବେଳେ କମ୍ପାନୀ ସମ୍ପୃକ୍ତ ଅଞ୍ଚଳରେ ବୀମା ଉପଲବ୍ଧତା ବୃଦ୍ଧି ପାଇଁ ସମର୍ପିତ ରହିଛି। ବିଶେଷକରି ବୀମା ଏଜେଣ୍ଟ ଭାବେ ପରିଚିତ ଆଇସିମାନେ ଗ୍ରାହକମାନଙ୍କ ସହିତ କଥାବାର୍ତ୍ତା କରିବା ଏବଂ ସେମାନଙ୍କ ଜୀବନ ଲକ୍ଷ୍ୟ ସହ ଜଡ଼ିତ ଆର୍ଥିକ ନିଷ୍ପତ୍ତି ନେବାରେ ସେମାନଙ୍କୁ ସାହାଯ୍ୟ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି। ଏ ସମ୍ପର୍କରେ ବଜାଜ ଆଲିଆଞ୍ଜ ଲାଇଫ୍‌ର ମୁଖ୍ୟ ଏଜେନ୍ସି ଅଧିକାରୀ ସମୀର ଜୋଷୀ କହିଛନ୍ତି, ଜୀବନ ବୀମାକୁ ପ୍ରାୟତଃ ଜଟିଳ ଭାବେ ବିବେଚନା କରାଯାଏ ଏବଂ ଗ୍ରାହକମାନେ ସେମାନଙ୍କ ନିର୍ଦ୍ଦିଷ୍ଟ ଜୀବନ ଲକ୍ଷ୍ୟ ଆଧାରରେ ଠିକ୍ ନିବେଶ ଚୟନ କରିବାରେ ମାର୍ଗଦର୍ଶନ କରିବା ପାଇଁ ଏଭଳି ଲୋକଙ୍କୁ ପସନ୍ଦ କରନ୍ତି, ଯାହାଙ୍କ ଉପରେ ତାଙ୍କର ବିଶ୍ୱାସ ରହିଛି।


**Classified Everyday**
0674-2580101, 2549949



**REAL ESTATE**

**SALE**

**Ready to move 2BHK and 3BHK flat for sale near TATA Ariana at Kalinga Vihar. Contact- 9437309741.** D-2609

ଘରବାଡ଼ି ପ୍ଲଟ୍ ହଂସପାଳ ପାଖରେ **Extension BDA Zone**ରେ ପାଚେରି, ରୋଡ୍, ଇଲେକ୍ଟ୍ରିସିଟି ସହିତ **17,40,000/-**ରେ ବିକ୍ରି କରାଯିବ। **6370469894.** D-75929

**Bank approved gharabari plot boundary wall ସହିତ ବିକ୍ରି ହେଉଛି near Oxford Engg. College just 7.5 K.M. from Hanspal Square. 9437005434.** D-75926

Used Office Furniture, Chair, Table, Sofa, AC, Aquaguard, Partition, Ceilling sale. 7008967858. D-71070

30 Acres fully developed all amenities near Trinath Bazar, Fulnakhara @ 1050/-. 8144391451. D-75925

Ready to possess 2/3 BHK flats near Badagada Canal Road, Mouza: Meherpalli for sale. Bank finance available. Cotact: 9861467987 / 9861336178. D-2653

ଭୁବନେଶ୍ୱର Hot Location ତ୍ରିଶୂଳିଆ ଛକ ନିକଟବର୍ତ୍ତୀ CISF, Sai International School ଓ Central Schoolଠାରୁ 700 mtrs. ମଧ୍ୟରେ 30ft. Road, Electricity, Boundary ଥାଇ 'Srikrishna Vihar'ରେ ପ୍ଲଟ୍ ବିକ୍ରିହେବ। 6371902075, 9776602067. D-75921

ଭୁବନେଶ୍ୱର ପଟିଆ ତ୍ରିଶୁଳିଆ ଛକ ପାଖରେ **100ft. roadside yellowzone 30ft.** ରାସ୍ତା ଥାଇ ସଙ୍ଗେସଙ୍ଗେ ଘର କଲାଭଳି ପୋଜେସନ୍ ପ୍ଲଟ୍ ମିଳୁଛି। **7978701424, 9937025614.** D-75299

**2/3BHK premium flat for sale at Jayadev Vihar Chhak. Contact- 9437307086, 7008789347, 7978209277.** D-2706

**Semifurnished 3BHK flat for sale at Jharpada 80' road side. Contact- 9437307086, 7008789347, 7978209277.** D-2705

Duplex project at Retanga Medical, Station near CV Raman University, Tamando, Bhubaneswar. 7008459987. D-75928




**Two BHK flat for rent in Apartment Avantika near Gokul Kunj on GGP- Pandra Road, Bhubaneswar. Contact- 8984692488.** D-75805

Tolet 1st and 2nd floor flat at Parvati Villa, Ravi Talkies Square, BBSR. Contact- 8340319270. D-76001




Asribada Panchakarma herbal SPA, Kesharimall, Bhubaneswar. Contact: 8926173473. D-75713

Relax, refresh your body, mind by expert therapist. Contact- 9938843929. D-76106

**ପାଠକଙ୍କ ପାଇଁ ସୂଚନା** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

Newly open health benefits SPA special Offer @999 Bapuji Nagar. 8018429809. D-76107

**Bodymassage by experience good looking therapist @ 999/- (Bhubaneswar). 9078484455.** D-2688

**AFFIDAVIT**



ଆମ୍ଭେ ଗୋଦାବରୀ ସାହୁ ଓରଫ ସୀତାରାଣୀ ସାହୁ, ସ୍ୱାମୀ- ରାମଚନ୍ଦ୍ର ସାହୁ, ଗ୍ରାମ- ଧୂମପୁର, ପୋ.ଅ- ଚନ୍ଦ୍ରପଡ଼ା, ଭାୟା/ଥାନା- ସିମୁଳିଆ, ଜିଲ୍ଲା- ବାଲେଶ୍ୱର ଅଟେ। ଗତ ତା ୧୨।୦୨।୨୪ରିଖରେ ତହସିଲଦାର ସିମୁଳିଆଙ୍କ ଇଜିଲାସରେ କରିଥିବା ସତ୍ୟପାଠ ନଂ.-୪୭୮ ମୂଳେ ଘୋଷଣା କରୁଅଛୁକି ଉପରୋକ୍ତ ଦୁଇଟି ନାମ ମୋର ଅଟେ। ଆମ୍ଭ ବ୍ୟତୀତ ଆମ୍ଭ ଗ୍ରାମରେ ଉକ୍ତ ନାମରେ ଅନ୍ୟ କୌଣସି ମହିଳା ନାହାନ୍ତି। ଆମ୍ଭର ପ୍ରକୃତ ନାମ ଗୋଦାବରୀ ସାହୁ ସମସ୍ତ ପ୍ରକାର ସରକାରୀ କାଗଜପତ୍ରରେ ଉଲ୍ଲେଖ ଥିବା ବେଳେ ଆମ୍ଭେ ଗତ ତା ୦୫।୧୦।୨୦୧୧ରିଖରେ ଆମ୍ଭର ଡାକ ନାମ ସୀତାରାଣୀ ସାହୁ ନାମରେ ସିମୁଳିଆ ପୋଷ୍ଟ ଅଫିସରୁ କେତେକ କେ.ଭି.ପି. କ୍ରୟ କରିଥିଲୁ। ଉକ୍ତ ଦୁଇ ନାମଧାରୀ ମହିଳା ଆମ୍ଭେ ଜଣେ ହୋଇଥିବାରୁ ଉକ୍ତ କେ.ଭି.ପି. ଟଙ୍କା ଉଠାଇବା ପାଇଁ ଏହା ପ୍ରକାଶ କରୁଅଛୁ। ଧ-୨୭୨୨

I, Neha Rahim Kumar Sahoo, W/o- Tanmaya Mohapatra, resident of Plot No.40, Lane No.-3, Dibya Vihar, Samantarapur, P.O.- Old Town, P.S.- Shree Lingaraj, Bhubaneswar, 751002, Dist.- Khordha, Odisha, declare by this affidavit No.-50, dated 08.02.2024 that now onwards I shall be known as Neha Mohapatra for all future purposes. D-2766

I, DIWAN ASLAM KHAN, S/o- Late Shamsuddin Khan, resident of Plot No.- 414/4104, Bajrang Vihar, Patia, P.S.- Infocity, Dist.- Khordha, PIN- 751024, Odisha declare by this affidavit No.-CC-84 dt. 14.03.2024 that now onwards I shall be known ASLAM KHAN for all future purposes. D-2763

**LOST**

Sale Deed Lost: ଢେଙ୍କାନାଳ ଟାଉନ୍ ବଡ଼ଷାଠିଏ ବାଟିଆ ମୌଜାର Kabala Regd. No.-10501205303, dt. 13.08.2012 କୌଣସି ଜାଗାରେ ହଜିଯାଇଛି। କୌଣସି ସହୃଦୟ ବ୍ୟକ୍ତି ଏହାର ସନ୍ଧାନ ପାଆନ୍ତି, ତେବେ ନିମ୍ନ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ। Contact- Sushree Punam Bhanja, Mob- 9556644554, 8260522056. D-75427


# ଭୁବନେଶ୍ୱରରୁ ଭାରତ ସାସ୍ ଯାତ୍ରାର ଶୁଭାରମ୍ଭ




ଭୁବନେଶ୍ୱର,୧୪।୩

ଭାରତର ଗତିଶୀଳ ସଫ୍ଟୱେରକୁ ଏକ ସେବା(ସାସ୍) କ୍ଷେତ୍ର ଭାବେ ପାଳନ ତଥା ପୋଷଣ ପାଇଁ ଉତ୍ସର୍ଗୀକୃତ ଭାରତ ସାସ୍ ଯାତ୍ରା ଭୁବନେଶ୍ୱରରୁ ଆନୁଷ୍ଠାନିକ ଭାବେ ଯାତ୍ରା ଆରମ୍ଭ କରିଛି। ସାରା ଦେଶରେ ସାସ୍ ଉଦ୍ୟୋଗୀଙ୍କ ପରବର୍ତ୍ତୀ ପର୍ଯ୍ୟାୟକୁ ପ୍ରେରଣା ଏବଂ ସଶକ୍ତ କରିବା ପାଇଁ ଏକ ସଂକଳ୍ପବଦ୍ଧ ମିଶନ ସହିତ ଏହି ପରିବର୍ତ୍ତନଶୀଳ ପ୍ରୟାସ ୨୦ଟି ସହର ଦେଇ ଗତି କରିବ ଏବଂ ଭାରତର ସାସ୍ ଇକୋସିଷ୍ଟମର ଅସାଧାରଣ ଯାତ୍ରା ଏବଂ ସଫଳତା ପ୍ରଦର୍ଶନ କରିବାକୁ ଇମେନସିଭ୍ ସାସ୍ ପ୍ରଦର୍ଶନୀ ଆୟୋଜନ କରିବ। ବିଶେଷକରି ୧୦୦ରୁ ଅଧିକ ବିଶିଷ୍ଟ ବ୍ୟକ୍ତି ଏବଂ ଶିଳ୍ପ ଷ୍ଟେକ୍‌ହୋଲ୍‌ଡରଙ୍କୁ ଏକାଠିକରି ଓଡ଼ିଶା ଅଧ୍ୟାୟ ପାଇଁ ଷ୍ଟାର୍ଟଅପ୍ ଓଡ଼ିଶା ସହିତ ମିଳିତ ଭାବେ ଏହି ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଭୁବନେଶ୍ୱରର ସୃଷ୍ଟି ଏକାଡେମୀ ଅଫ୍ ମ୍ୟାନେଜମେଣ୍ଟଠାରେ ଆୟୋଜିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଷ୍ଟାର୍ଟଅପ୍ ଓଡ଼ିଶାର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଡ. ଓମ୍‌କାର ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ୧୮୦୦ରୁ ଅଧିକ ଉଦୀୟମାନ ଷ୍ଟାର୍ଟଅପ୍ ସହିତ ଓଡ଼ିଶାର ସମୃଦ୍ଧ ଉଦ୍ୟୋଗୀ ଦୃଶ୍ୟପଟର ପୃଷ୍ଠଭୂମିରେ ଭାରତ ସାସ୍ ଯାତ୍ରା ଆରମ୍ଭ ହେବା ରାଜ୍ୟର ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟକୁ ସୂଚିତ କରୁଛି।

# ଗ୍ରାହକ ସମ୍ପର୍କକୁ ଗୁରୁତ୍ୱ

ଭୁବନେଶ୍ୱର,୧୪।୩

ଦେଶର ପ୍ରମୁଖ ଘରୋଇ ଟେଲିକମ୍ କମ୍ପାନୀ ଭାରତୀ ଏୟାରଟେଲ୍ (ଏୟାରଟେଲ୍)ର ବହୁ ପ୍ରତୀକ୍ଷିତ 'ଗ୍ରାହକ ଦିବସ' ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଓଡ଼ିଶା କ୍ଷେତ୍ର ବା ୟୁନିଟ୍ ପକ୍ଷରୁ ମଧ୍ୟ ଗ୍ରାହକ ଦିବସ ପାଳନ କରାଯାଇଥିଲା। ଏପରିକି ଗ୍ରାହକଙ୍କୁ ସାମ୍ନା କରିବାକୁ ପଡୁ ନ ଥିବା ପଦବୀରେ କାର୍ଯ୍ୟ କରୁଥିବା ସମସ୍ତ ଏୟାରଟେଲ୍ କର୍ମଚାରୀ ମଧ୍ୟ ସେମାନଙ୍କର ଦୈନନ୍ଦିନ ଭୂମିକାରୁ ବାହାରକୁ ଆସି ନିଜର ଛାମୁଆ ସମକକ୍ଷଙ୍କ ସହିତ ସାମିଲହେବା ସାଙ୍ଗକୁ ଗ୍ରାହକଙ୍କ ସହ ସିଧାସଳଖ ମତ ବିନିମୟ କରିଛନ୍ତି। ସେହିଭଳି ବିଭିନ୍ନ ପଦପଦବୀରେ କାର୍ଯ୍ୟରତ ବହୁ ସଂଖ୍ୟାର କର୍ମଚାରୀଙ୍କୁ ଏହା ଏକ ନୂଆ ଦୃଷ୍ଟିକୋଣ ପ୍ରଦାନ କରିବ ଏବଂ ସମ୍ପୂର୍ଣ୍ଣ ସଙ୍ଗଠନରେ ଗ୍ରାହକଙ୍କ ଆବଶ୍ୟକତା ବୁଝିବା ଲାଗି ଏକ ସମ୍ପୂର୍ଣ୍ଣ ନୂଆ ମାନସିକତା ଓ ସଂସ୍କୃତିକୁ ଉଜାଗର କରିବ। ଏପରିକି ଗ୍ରାହକମାନଙ୍କର ଦୃଷ୍ଟିକୋଣ ଏବଂ ଗ୍ରାହକଙ୍କ ମନୋଭାବ ବୁଝିବା ସହ ସେମାନଙ୍କ ଚିନ୍ତା ଓ ପରାମର୍ଶକୁ ଜାଣିବା ଲାଗି ନିବିଡ଼ ସମ୍ପର୍କ ସ୍ଥାପନ କରିବାକୁ କମ୍ପାନୀ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ଅପରପକ୍ଷରେ ଗ୍ରାହକ ଦିବସ ପାଳନ ଗ୍ରାହକଙ୍କ ଆବଶ୍ୟକତାକୁ କେନ୍ଦ୍ରରେ ରଖି କାର୍ଯ୍ୟକାରୀ କରାଯାଉଥିବା କମ୍ପାନୀର ଏକାଧିକ କାର୍ଯ୍ୟକ୍ରମର ଏକ ଅଂଶବିଶେଷ ବୋଲି କମ୍ପାନୀ ପକ୍ଷରୁ ବିସ୍ତୃତ ଭାବେ ଉଲ୍ଲେଖ କରାଯାଇଛି। ସେହିପରି ଦେଶର ସମସ୍ତ ଏୟାରଟେଲ୍ କାର୍ଯ୍ୟାଳୟର କର୍ମଚାରୀମାନେ ହୋମ୍ ଡେଲିଭରି ଇଞ୍ଜିନିୟର,ଫାଇବର ଅଧିକାରୀ ଏବଂ ବଜାରରେ କାର୍ଯ୍ୟରତ ଖୁଚୁରା କାର୍ଯ୍ୟବଳ ସହିତ ମିଶି କାମ କରିଥିଲେ। ଏହି କର୍ମଚାରୀମାନଙ୍କ ମଧ୍ୟରେ ବରିଷ୍ଠ ନେତୃତ୍ୱଙ୍କଠାରୁ ଆରମ୍ଭକରି ସବୁ କାର୍ଯ୍ୟାଳୟରେ କନିଷ୍ଠ ପରିଚାଳକ ପର୍ଯ୍ୟନ୍ତ ସାମିଲ ଥିଲେ।



କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟ୍‌ବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସ ମ୍ୟାଚ। (ଫଟୋ: ବିକାଶ ନାୟକ)।

# ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୧୪।୩**
(ତପନ ସ୍ୱାଇଁ)

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଅଷ୍ଟ୍ରେଲିଆର ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ମଧ୍ୟରେ ଅନୁଷ୍ଠିତ ଏଏଫ୍‌ସି କପ୍ ଫୁଟବଲ ଇଣ୍ଟର-ଜୋନାଲ ସେମିଫାଇନାଲ୍ସର ଦ୍ୱିତୀୟ ଚରଣ ମ୍ୟାଚ ଗୋଲଶୂନ୍ୟ ଡ୍ର ରହିଛି। ଫଳରେ ପ୍ରତିଯୋଗିତାରୁ ଓଡ଼ିଶା ଏଫ୍‌ସିର ଅଭିଯାନ ଶେଷ ହୋଇଛି। ମାର୍ଚ୍ଚ ୭ରେ ନ୍ୟୁ ସାଉଥ୍ ୱେଲ୍ସର ସେଣ୍ଟ୍ରାଲ କୋଷ୍ଟ ଷ୍ଟାଡିୟମରେ ଅନୁଷ୍ଠିତ ପ୍ରଥମ ଚରଣ ମ୍ୟାଚରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ୪-୦ ଗୋଲରେ ଓଡ଼ିଶା ଏଫ୍‌ସିକୁ ପରାସ୍ତ କରିଥିଲା। ଫଳରେ ୨ଟି ମ୍ୟାଚ ପରେ ଏଗ୍ରିଗେଟରେ ୪-୦ରେ ଅଗ୍ରଣୀ ରହି ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସରେ ପ୍ରବେଶ କରିଛି। ଫାଇନାଲ୍ସରେ ପ୍ରବେଶ କରିବାକୁ ହେଲେ ଓଡ଼ିଶା ଏଫ୍‌ସିକୁ ଏଠାରେ ଅତିକମ୍‌ରେ ୫ ଗୋଲ ବ୍ୟବଧାନରେ ବିଜୟ ଆବଶ୍ୟକ ହେଉଥିଲା। ପ୍ରଥମ ମ୍ୟାଚରେ ଶକ୍ତିଶାଳୀ ମାରିନର୍ସ ନିକଟରୁ ପରାଜିତ ହୋଇଥିଲେ ହେଁ ଘରୋଇ ପରିବେଶରେ ଓଡ଼ିଶା ଏଫ୍‌ସି କଡ଼ା ଚ୍ୟାଲେଞ୍ଜ ଦେଇଥିଲା। ତେବେ ଉଭୟ ଦଳର ଖେଳାଳି ଏକାଧିକ ସୁଯୋଗ ସୃଷ୍ଟି କରିଥିଲେ ହେଁ ଗୋଲ ଦେଇପାରି ନ ଥିଲେ। ମ୍ୟାଚର ୨୮ତମ ମିନିଟରେ ମାରିନର୍ସ ପାଇଁ ଅଗ୍ରଣୀ ନେବାର ସୁବର୍ଣ୍ଣ ସୁଯୋଗ ଆସିଥିଲା। ବକ୍ସ ଏରିଆରେ ଏଡମଣ୍ଡସନଙ୍କୁ ଡେଲଗାଡୋ ତଳେ ପକାଇ ଦେବାରୁ ମାରିନର୍ସ ଦଳକୁ ପେନାଲ୍ଟି ସୁଯୋଗ ମିଳିଥିଲା। ମାତ୍ର ମାଇକେଲ ଡୋକା ମାରିଥିବା ଶଟ୍ ପୋଷ୍ଟରେ ବାଜି ଫେରି ଆସିଥିଲା। ଏଠାରେ ଓଡ଼ିଶା ଏଫ୍‌ସି ଖେଳାଳିଙ୍କ ପ୍ରଦର୍ଶନ ପ୍ରଶଂସନୀୟ ରହିଥିଲା। ପ୍ରଥମାର୍ଦ୍ଧ ଶେଷରେ ଏକ ନିଷ୍ପତ୍ତିକୁ କେନ୍ଦ୍ର କରି ଉଭୟ ଦଳର ଖେଳାଳି ମୁହାଁମୁହିଁ ହେବାରୁ ଉତ୍ତେଜନା ପରିସ୍ଥିତି ଉପୁଜିଥିଲା। ମାତ୍ର ଅଫିସିଆଲଙ୍କ ହସ୍ତକ୍ଷେପ ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ ଓ କିର୍ଗିଜସ୍ତାନର ଆବଡିଶ-ଆଟା କାଣ୍ଟ ମଧ୍ୟରେ ଆନ୍ତଃ-ଜୋନ ପ୍ଲେ-ଅଫ୍ ଫାଇନାଲ୍ସ ଅନୁଷ୍ଠିତ ହେବ।



ଏକ ନିଷ୍ପତ୍ତିକୁ କେନ୍ଦ୍ରକରି ଦୁଇ ଦଳର ଖେଳାଳିଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି।

**ଏଏଫ୍‌ସି କପ୍**
**ଆନ୍ତଃ-ଜୋନ୍ ପ୍ଲେ-ଅଫ୍ ଫାଇନାଲ୍ସରେ ସେଣ୍ଟ୍ରାଲ କୋଷ୍ଟ ମାରିନର୍ସ**

# ୨୬୯ ପଦକ ପାଇଁ ଅର୍ଥରାଶି ପୁରସ୍କାର

**୨୦ କ୍ରୀଡ଼ା ବର୍ଗରେ କ୍ରୀଡ଼ାବିତ୍‌ଙ୍କୁ ୫୬ ଲକ୍ଷ ୯୩ ହଜାର ଟଙ୍କା ପ୍ରଦାନ**

**ଭୁବନେଶ୍ୱର, ୧୪।୩**
(ତପନ ସ୍ୱାଇଁ)

ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଗୁରୁବାର ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ଅର୍ଥରାଶିରେ ପୁରସ୍କୃତ କରାଯାଇଛି। ୨୬୯ ପଦକ ପାଇଁ କୃତି କ୍ରୀଡ଼ାବିତଙ୍କୁ ମୋଟ ୫୬ ଲକ୍ଷ ୯୩ ହଜାର ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । କଳିଙ୍ଗ ଷ୍ଟାଡ଼ିୟମ ସ୍ଥିତ ଟେନିସ ସେଣ୍ଟର ଅଡ଼ିଟୋରିୟମ୍ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ିଶା ହକି ପ୍ରମୋଶନ କାଉନସିଲ ଅଧ୍ୟକ୍ଷ ଦିଲ୍ଲୀପ ତିର୍କୀ କ୍ରୀଡ଼ାବିତ ମାନଙ୍କୁ ଅର୍ଥରାଶି ପ୍ରଦାନ କରିଥିଲେ। ଆଥଲେଟିକ୍ସ, ସୁଇମିଂ, ରଗବୀ, ହକି, ବ୍ୟାଡ଼ମିଣ୍ଟନ, ଟେନିସ, ଭାରୋତ୍ତୋଳନ, ଭଲିବଲ, ବିଚ ଭଲିବଲ, ଶୁଟିଂ, ଯୋଗାସନ ଏବଂ କରାଟେ ଆଦି ମୋଟ ୨୦ଟି ବର୍ଗରେ ଜାତୀୟ ଏବଂ ଅନ୍ତର୍ଜାତୀୟ କ୍ରୀଡ଼ାରେ ପଦକ ହାସଲ କରିଥିବା କ୍ରୀଡ଼ାବିତଙ୍କୁ ପୁରସ୍କୃତ କରାଯାଇଥିଲା। କ୍ରୀଡ଼ାବିତଙ୍କ ମଧ୍ୟରେ ପ୍ରତ୍ୟାଶା ରାୟ ଖେଲୋ ଇଣ୍ଡିଆ ୟୁନିଭରସିଟି ଗେମ ଏବଂ ଅଲ ଇଣ୍ଡିଆ ଇଣ୍ଟର ୟୁନିଭରସିଟି ଚାମ୍ପିୟନଶିପ୍‌ରେ ସର୍ବାଧିକ ୧୨ଟି ପଦକ ହାସଲ କରି ମୋଟ ୩ଲକ୍ଷ ୮୨ ହଜାର ଟଙ୍କାର ଅର୍ଥରାଶି ପାଇଛନ୍ତି।

ଏଠାରେ ସୂଚନା ଯୋଗ୍ୟ କି ରାଜ୍ୟ ସରକାର କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ଉନ୍ନତି ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ବିଭିନ୍ନ କ୍ରୀଡ଼ାରେ ପଦକ ବିଜେତାଙ୍କୁ ଅର୍ଥରାଶି ପ୍ରଦାନର ଏହା ଏକ ଅଂଶ ବିଶେଷ। ୫-ଟି ମନ୍ତ୍ରର ସଠିକ ଅନୁପାଳନ ସହ ପଦକ ବିଜେତାଙ୍କୁ ତତ୍‌କ୍ଷଣାତ ଅର୍ଥ ପୁରସ୍କାର ପ୍ରଦାନକୁ କ୍ରୀଡ଼ା ଓ ଯୁବସେବା ବିଭାଗ ପାଳନ କରି ଆସିଛି। ପୁରସ୍କାର ବିତରଣ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ା ନିର୍ଦ୍ଦେଶକ ସିଦ୍ଧାର୍ଥ ଦାସ, ଓଡ଼ିଶା ହକି ପ୍ରମୋଶନ କାଉନସିଲ ସିଇଓ ଦୀପଙ୍କର ମହାପାତ୍ର ଏବଂ ଓଏସଡି ସିଦ୍ଧାର୍ଥ ଶଙ୍କର ସାହୁଙ୍କ ସମେତ ବିଭାଗୀୟ ଅଧିକାରୀ, କୋଚ ଏବଂ କ୍ରୀଡ଼ାବିତ ମାନେ ଉପସ୍ଥିତ ଥିଲେ।




ଆର୍ଥିକ ପ୍ରୋତ୍ସାହନ ଲାଭ କରିଥିବା କୃତୀ କ୍ରୀଡ଼ାବିତ୍‌ମାନେ ଅତିଥିଙ୍କ ଗହଣରେ।

# ଭାରତ ବିଜୟୀ

**ନୂଆଦିଲ୍ଲୀ, ୧୪।୩:** କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ ଓ ହୁଣ୍ଡାଇ ମୋଟର ଇଣ୍ଡିଆ ଫାଉଣ୍ଡେଶନ (ଏଚଏମ୍‌ଆଇଏଫ୍)ର ସମର୍ଥନମ୍ ଟ୍ରଷ୍ଟ ଫର ଦି ଡିଜାବଲ୍‌ଡ ଆନୁକୂଲ୍ୟରେ ଚାଲିଥିବା ଟି୨୦ କ୍ରିକେଟ ସିରିଜର ଚତୁର୍ଥ ମ୍ୟାଚରେ ଗୁରୁବାର ଭାରତ ୮ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରିଛି। ଏଥିସହିତ ଦଳ ୫ ମ୍ୟାଚ ବିଶିଷ୍ଟ ସିରିଜରେ ୪-୦ରେ ଅଗ୍ରଣୀ ରହିଛି। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ନିର୍ଦ୍ଧାରିତ ଓଭରରେ ୭ ଉଇକେଟ ବିନିମୟରେ ୧୪୨ ରନ କରିଥିଲା। ଭାରତ ୪୦ ବଲ୍ ବାକିଥାଇ ମାତ୍ର ୨ ଉଇକେଟ ବିନିମୟରେ ବିଜୟ ଲକ୍ଷ୍ୟ ହାସଲ କରିନେଇଥିଲା। ମାଗୁଣ୍ଟା ୪୨ବଲ୍‌ରୁ ୫୦ ରନ କରିଥିବା ବେଳେ ଦେବରାଜ ୨୯ ବଲ୍‌ରୁ ୫୪ ରନ କରିଥିଲେ।

**ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ**

# ଓଡ଼ିଶା ଦଳ ଘୋଷିତ

**ଭୁବନେଶ୍ୱର, ୧୪।୩**
(ତପନ ସ୍ୱାଇଁ)

ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପ୍ରତିଯୋଗିତାର ୫୨ତମ ସଂସ୍କରଣ ଦାଦ୍ରା ଓ ନଗର ହାବେଲିରେ ଚଳିତ ମାସ ୧୬ରୁ ୨୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ଗୁରୁବାର ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ହେଲେ ରାଜ ରାଜେଶ୍ୱରୀ ରାଉତ, ମୋନାଲିସା ନାୟକ, ପରିଜାନ ସାହୁ, ସୁଶୀଳା ମାଝି, ଗଙ୍ଗା ସାମନ୍ତ, ଅତୀକ୍ଷା ପ୍ରିୟଦର୍ଶିନୀ ପରିଡ଼ା, ଆକାଂକ୍ଷା ମିଶ୍ର, ଲୋମା ଦାସ, ଟ୍ୱିଙ୍କିଲ ପ୍ରଧାନ, ଅପର୍ଣ୍ଣା ଦାସ, ଶୁଭଶ୍ରୀ ସ୍ୱାଇଁ, ମୋନାଲିସା ଦଳେଇ, ମଧୁଶ୍ରୀ ନାୟକ, ରଶ୍ମୀପ୍ରିୟା ବାରିକ, ଲକ୍ଷ୍ମୀପ୍ରୀୟା ଦାସ ଓ ସ୍ୱର୍ଣ୍ଣଲତା ବୀରେନ୍ଦ୍ର। ଦଳ ସହ କୋଚ୍ ମନୋଜ କୁମାର ନିଶଙ୍କ ଓ ମ୍ୟାନେଜର ନିହାରିକା ପଣ୍ଡା ଯାତ୍ରା କରିଛନ୍ତି। ଖେଳାଳିମାନଙ୍କୁ ଓଡ଼ିଶା ରାଜ୍ୟ ହ୍ୟାଣ୍ଡବଲ ସଂଘ ସମ୍ପାଦକ ବୀରେନ୍ଦ୍ର ବେହେରା, ସଭାପତି ଗୋପୀନାଥ ସାହୁ, କୋଷାଧ୍ୟକ୍ଷ ଉପେନ୍ଦ୍ର ନାଥ ଦାସ, ଉପସଭାପତି ପ୍ରେମାନନ୍ଦ ବିହାରୀ ଓ ଯଶୋବନ୍ତ ପରମଗୁରୁ ଶୁଭେଚ୍ଛା ଜଣାଇଛନ୍ତି।



ଜାତୀୟ ସିନିୟର ମହିଳା ହ୍ୟାଣ୍ଡବଲ ପାଇଁ ମନୋନୀତ ଓଡ଼ିଶା ଦଳ।

# ମୁମ୍ବାଇକୁ ୪୨ତମ ରଣଜୀ ଟାଇଟଲ

**ମୁମ୍ବାଇ, ୧୪।୩ (ପି.ଟି.)**

ବିଦର୍ଭକୁ ଫାଇନାଲରେ ୧୬୯ ରନରେ ପରାସ୍ତ କରି ମୁମ୍ବାଇ କ୍ରିକେଟ ଦଳ ୮ ସିଜନ ପରେ ପୁଣି ରଣଜୀ ଟ୍ରଫି ହାସଲ କରିଛି। ଟୁର୍ନାମେଣ୍ଟର ୯୦ ବର୍ଷ ଇତିହାସରେ ମୁମ୍ବାଇ ଦଳ ୪୮ ଥର ଫାଇନାଲରେ ପ୍ରବେଶ କରିପାରିଛି। ଦଳର ଏହା ହେଉଛି ୪୨ତମ ରଣଜୀ ଟାଇଟଲ। ସ୍ଥାନୀୟ ଆଇକନିକ ୱାଙ୍ଖେଡେ ଷ୍ଟାଡିୟମରେ ଘରୋଇ ଦଳ ଭ୍ରମଣକାରୀ ଦଳ ବିପକ୍ଷରେ ୫୩୮ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଗୁରୁବାର ସକାଳେ ପୂର୍ବଦିନର ଅସମାପ୍ତ ଦ୍ୱିତୀୟ ଇନିଂସ ସ୍କୋର ୨୪୮/୫ରୁ ଖେଳ ଆରମ୍ଭ କରିଥିଲା ବିଦର୍ଭ। ଅଧିନାୟକ ଅକ୍ଷୟ ୱାଦକର (୧୦୨) ଓ ହର୍ଷ ଦୁବେ (୬୫) ଚମତ୍କାର ବ୍ୟାଟିଂ କରି ବିଦର୍ଭ ସ୍ଥିତିରେ ସୁଧାର ଆଣିଥିଲେ। ତେବେ ଦଳ ୩୬୮ ରନରେ ଅଲଆଉଟ ହୋଇଯାଇଥିଲା। ବିଦର୍ଭ ସେତେବେଳେ ବିଜୟ ପାଇଁ ଆହୁରି ୨୯୦ରନ ଆବଶ୍ୟକ କରୁଥିଲା। ଲଢୁଆ ବ୍ୟାଟିଂ କରିଥିବା ୱାଡକର ବର୍ଷରେ ତାଙ୍କର ପ୍ରଥମ ଶତକ ହାସଲ କରିଥିଲେ। ଚଳିତ ସିଜନରେ ତାଙ୍କ ରନ ସଂଖ୍ୟା ୬୦୦ ଅତିକ୍ରମ କରିଯାଇଥିଲା। ଅନ୍ୟପକ୍ଷରେ ଦୁବେ ପ୍ରଥମ ଶ୍ରେଣୀ କ୍ୟାରିୟରରେ ତାଙ୍କର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରିଥିଲେ। ଦୁଇ ବ୍ୟାଟର ଦୀର୍ଘ ସମୟ ଧରି କ୍ରିଜ୍‌ରେ ଜମି ରହିଥିଲେ। ସେମାନେ କ୍ରିଜ୍‌ରେ ୧୯୪ ମିନିଟ ଅବସ୍ଥାନ କରି ୨୫୫ ବଲ୍‌ର ସାମ୍ନା କରିଥିଲେ। ଅନ୍ତିମ ଦିବସ ଖେଳର ଦ୍ୱିତୀୟ ସେସନ ଖେଳ ଆରମ୍ଭର କିଛି ସମୟ ପରେ ତନୁଶ କୋଟିଆନ୍ (୪/୯୫) ୱାଦକରଙ୍କୁ ଲେଗ୍ ବିଫୋର କରି ଏହି ଯୋଡ଼ିକୁ ଭାଙ୍ଗି ଦେଇଥିଲେ। ଭ୍ରମଣକାରୀ ଦଳ ଦୁଇ ଥର ଟାଇଟଲ ଜିତିସାରିବା ପରେ ତୃତୀୟ ଥର ଫାଇନାଲରେ ପରାଜିତ ହୋଇଛି। ପରେ ତୁଷାର ଦେଶପାଣ୍ଡେଙ୍କ ଶର୍ଟ ବଲ୍‌ରେ ଦୁବେ (୧୨୮ ବଲ୍‌ରୁ ୬୫ରନ, ୫ ଚୌକା ଓ ୨ ଛକା) ଓ ଆଦିତ୍ୟ ସରାୱତେ ଶିକାର ହୋଇଥିଲେ। ପିଠିରେ ଯନ୍ତ୍ରଣା ଯୋଗୁ ସରାୱତେ ମ୍ୟାଚର ଅଧିକାଂଶ ସମୟ ଅନୁପସ୍ଥିତ ଥିଲେ। ଅନ୍ୟପକ୍ଷରେ କୋଟିଆନଙ୍କ ଚତୁର୍ଥ ଶିକାର ହୋଇଥିଲେ ଯଶ ଠାକୁର (୬)। ମ୍ୟାଚର ଶେଷ ଉଇକେଟ ଅକ୍ତିଆର କରିଥିଲେ ଧାୱଲ କୁଲକର୍ଣ୍ଣୀ। ସେ ଉମେଶ ଯାଦବ (୬)ଙ୍କୁ ବୋଲ୍ଡ କରିଦେଇଥିଲେ। କୁଲକର୍ଣ୍ଣୀଙ୍କର ଏହା ଥିଲା ଅନ୍ତିମ ମ୍ୟାଚ। ଏଥିସହିତ କ୍ରିକେଟର ସମସ୍ତ ଫର୍ମାଟରୁ ସେ ତାଙ୍କର ଅବସର ନେଇଛନ୍ତି।

### ଅତିରିକ୍ତ ୫କୋଟି ଟଙ୍କା

ମୁମ୍ବାଇ କ୍ରିକେଟ ଆସୋସିଏଶନ (ଏମ୍‌ସିଏ) ଏହାର ପୁରସ୍କାର ରାଶିକୁ ଦ୍ୱିଗୁଣିତ କରିଛି। ଫଳରେ ୪୨ ଥର ରଣଜୀ ଟ୍ରଫି ଟାଇଟଲ ହାସଲ କରିଥିବା ମୁମ୍ବାଇ ଦଳ ଅତିରିକ୍ତ ୫ କୋଟି ଟଙ୍କା ପୁରସ୍କାର ପାଇବ। ଏମ୍‌ସିଏ ସଭାପତି ଆମୋଲ କାଲେ ଏବଂ ଆପେକ୍ସ କାଉନ୍‌ସିଲ ରଣଜୀ ଟ୍ରଫି ପୁରସ୍କାରକୁ ଦ୍ୱିଗୁଣିତ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ତେଣୁ ବିଜୟୀ ମୁମ୍ବାଇ ରଣଜୀ ଟ୍ରଫି ଦଳକୁ ଅତିରିକ୍ତ ୫ କୋଟି ଟଙ୍କା ମିଳିବ ବୋଲି ଏମ୍‌ସିଏ ସମ୍ପାଦକ ଅଜିଙ୍କ୍ୟ ନାଏକ ପ୍ରକାଶ କରିଛନ୍ତି। ଏମ୍‌ସିଏ ପାଇଁ ଏହା ହେଉଛି ଏକ ମହାନ୍ ବର୍ଷ। କାରଣ ଆସୋସିଏଶନ ୭ ଟାଇଟଲ ହାସଲ କରିଥିବା ବେଳେ ସମସ୍ତ ବୟସ ବର୍ଗ ବିସିସିଆଇ ଟୁର୍ନାମେଣ୍ଟରେ ଆମେ ନକ୍‌ଆଉଟ ପର୍ଯ୍ୟାୟକୁ ଉନ୍ନୀତ ହୋଇପାରିଛୁ ବୋଲି ସେ କହିଛନ୍ତି।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ: ୨୨୪ ଓ ୪୧୮। ବିଦର୍ଭ: ୧୦୫ ଓ ୧୩୪.୪ ଓଭରରେ ୩୬୮(ଅଥର୍ବ ଟାଇଡେ-୩୨, ଅମନ ମୋଖାଡେ-୩୨, କରୁଣ ନୟାର-୭୪, ଅକ୍ଷୟ ୱାଦକର-୧୦୨, ହର୍ଷ ଦୁବେ-୬୫; ତନୁଷ କୋଟିଆନ-୪/୯୫, ମୁଶିର ଖାନ୍-୨/୪୮, ତୁଷାର ଦେଶପାଣ୍ଡେ-୨/୫୩)।



ରଣଜୀ ଟ୍ରଫି ବିଜୟ ପରେ ଉଲ୍ଲସିତ ମୁମ୍ବାଇ ଦଳ।

# ଭିଜି ଟ୍ରଫି: ନର୍ଥକୁ ହରାଇଲା ଇଷ୍ଟ ଜୋନ୍

**ଭୁବନେଶ୍ୱର, ୧୪।୩**
(ତପନ ସ୍ୱାଇଁ)

ଆସାମରେ ଚାଲିଥିବା ବିସିସିଆଇ ଭିଜି ଟ୍ରଫି କ୍ରିକେଟ ଟୁର୍ନାମେଣ୍ଟର ଗୁରୁବାର ଅନୁଷ୍ଠିତ ଲିଗ୍ ମ୍ୟାଚରେ ଇଷ୍ଟ ଜୋନ୍ ୧ ଉଇକେଟରେ ଗତଥରର ଚାମ୍ପିୟନ ନର୍ଥ ଜୋନ୍‌କୁ ପରାସ୍ତ କରିଛି। ଟସ୍ ଜିତି ବ୍ୟାଟିଂ କରିଥିବା ନର୍ଥ ଜୋନ୍ ୪୩.୫ ଓଭରରେ ୧୮୩ ରନକରି ଅଲ୍‌ଆଉଟ ହୋଇଥିଲା। ଇଷ୍ଟ ଜୋନ୍ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା କିଟ୍ ବିଶ୍ୱବିଦ୍ୟାଳୟର ଶିବାଶିଷ ସାହୁ ୪ଟି ଓ ପାର୍ଥ ସାରଥି ନାୟକ ୨ଟି ଉଇକେଟ ନେଇଥିଲେ। ୧୮୪ ରନ ବିଜୟ ଲକ୍ଷ୍ୟକୁ ଇଷ୍ଟ ଜୋନ୍ ୪୭.୨ ଓଭରରେ ୯ ଉଇକେଟ ହରାଇ ହାସଲ କରି ନେଇଥିଲା। ଗୁଆହାଟୀ ବିଶ୍ୱବିଦ୍ୟାଳୟର ଗୌରବ ସାଇକିଆ ସର୍ବାଧିକ ୫୨ ରନ କରିଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟର ସୁଜାଲ ସିଂ ୩୭ ଓ ଶ୍ରେଷ୍ଠ ସିଂ ୩୬ ରନ କରିଥିଲେ।

# ପଦାର୍ପଣ କଲେ ରତପର୍ଣ୍ଣା-ଶ୍ୱେତପର୍ଣ୍ଣା

**ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ**

**ଭୁବନେଶ୍ୱର, ୧୪।୩**
(ତପନ ସ୍ୱାଇଁ)

ଓଡ଼ିଶା କ୍ରୀଡ଼ା ଇତିହାସରେ ଏକ ନୂଆ ଫର୍ଦ୍ଦ ଯୋଡ଼ିଛନ୍ତି ପଣ୍ଡା ଭଗିନୀ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା। ପ୍ରଥମ ମହିଳା ଓଡ଼ିଆ ଯୋଡ଼ିଭାବେ ଦୁହେଁ ସମ୍ମାନଜନକ ଅଲ୍ ଇଂଲଣ୍ଡ ଓପନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ କରିଛନ୍ତି। କଟକର ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ବିଶ୍ୱ ର୍‍ୟାଙ୍କିଙ୍ଗ୍‌ର ୫୧ତମ ସ୍ଥାନରେ ଥିବାରୁ ପ୍ରତିଯୋଗିତାର ମହିଳା ଡବଲ୍ସରେ ଖେଳିବା ସୁଯୋଗ ପାଇଥିଲେ। ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଏହି ଓଡ଼ିଶା ଯୋଡ଼ି କିନ୍ତୁ ପ୍ରଥମ ରାଉଣ୍ଡରେ ବିଶ୍ୱ ମାନ୍ୟତାର ୧୩ ନମ୍ବରରେ ଥିବା ଜାପାନର ରିନ୍ ଇୱାନଗା ଓ କିଏ ନାକାନିଶିଙ୍କଠାରୁ ୯-୨୧, ୯-୨୧ରେ ହାରି ଯାଇଛନ୍ତି। ପ୍ରକାଶଯୋଗ୍ୟ ଯେ, ସନତ ମିଶ୍ର ପ୍ରଥମ ତଥା ଏକମାତ୍ର ଓଡ଼ିଆ ଭାବେ ୧୯୮୦ରେ ଅଲ୍ ଇଂଲଣ୍ଡ ଓପନ ଖେଳି ଇତିହାସ ସୃଷ୍ଟି କରିଥିଲେ। ଏହାର ୪୪ ବର୍ଷ ବ୍ୟବଧାନରେ ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ଅଲ୍ ଇଂଲଣ୍ଡ ଓପନରେ ପଦାର୍ପଣ କରିଥିଲେ। ରତପର୍ଣ୍ଣାଙ୍କ ଅଭିଜ୍ଞତା ଓ ଶ୍ୱେତପର୍ଣ୍ଣାଙ୍କ ପ୍ରତିଭାର ସମ୍ମିଶ୍ରଣରେ ଦୁଇ ଭଉଣୀ ଅନ୍ତର୍ଜାତୀୟ ସ୍ତରରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ରତପର୍ଣ୍ଣା ବିଡବ୍ଲ୍ୟୁଏଫ୍ ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ/ସିରିଜରେ ୭ ଟାଇଟଲ ଜିତି ସାରିଥିବାବେଳେ ୭ ଥର ରନରଅପ୍ ହୋଇଛନ୍ତି। ଶ୍ୱେତପର୍ଣ୍ଣାଙ୍କୁ ସାଥିକରି ସେ ୪ ଥର ଟାଇଟଲ ଜିତିଛନ୍ତି ଓ ୨ ଥର ରନରଅପ୍ ହୋଇଛନ୍ତି। ଚଳିତ ବର୍ଷ ଅନୁଷ୍ଠିତ ଶ୍ରୀଲଙ୍କା ଇଣ୍ଟରନ୍ୟାଶନାଲରେ ଦୁଇ ଭଉଣୀ ରନରଅପ୍ ହୋଇଥିଲେ।



ରତପର୍ଣ୍ଣା ଓ ଶ୍ୱେତପର୍ଣ୍ଣା ପଣ୍ଡା।

# ଭାରତୀୟ ବକ୍ସିଂ ହାଇପରଫର୍ମାନ୍ସ ଡାଇରେକ୍ଟରଙ୍କ ଇସ୍ତଫା

**ନୂଆଦିଲ୍ଲୀ, ୧୪।୩ (ପି.ଟି.):** ପ୍ୟାରିସ ଗେମ୍ସ ଆଉ ୪ମାସ ବାକି ଥିବାବେଳେ ଭାରତୀୟ ବକ୍ସିଂର ହାଇପରଫର୍ମାନ୍ସ ଡାଇରେକ୍ଟର ବର୍ନାଡ ଡ୍ୟୁନ୍ ତାଙ୍କ ପଦବୀରୁ ଇସ୍ତଫା ଦେଇଛନ୍ତି। ନିକଟରେ ଅଲିମ୍ପିକ କ୍ୱାଲିଫାୟର୍ସ ଇଭେଣ୍ଟଗୁଡ଼ିକରେ ନୈରାଶ୍ୟଜନକ ପ୍ରଦର୍ଶନ ଯୋଗୁ ସେ ଏହି ନିଷ୍ପତ୍ତି ନେଇଥିବା କୁହାଯାଉଛି। ବିଦେଶୀ କୋଚ୍ ଦିମିତ୍ରୀ ଦିମିତ୍ରୁଙ୍କୁ ଖୁବ୍‌ଶୀଘ୍ର ବିଦା କରାଯାଇପାରେ ବୋଲି ଅନୁମାନ କରାଯାଉଛି। ଫଳରେ କୋଚିଂ ସଙ୍କଟ ଦେଖାଦେଇପାରେ। ଡ୍ୟୁନ୍ ହେଉଛନ୍ତି ଜଣେ ପୂର୍ବତନ ଇରିଶ ପ୍ରଫେସନାଲ ବକ୍ସର। ୨୦୨୨ ଅକ୍ଟୋବରରେ ସେ ହାଇପରଫର୍ମାନ୍ସ ଡାଇରେକ୍ଟର ଭାବେ ନିଯୁକ୍ତି ପାଇଥିଲେ। ସେ ଇଟାଲୀରୁ ତାଙ୍କ ଇସ୍ତଫାପତ୍ର ପଠାଇ ଦେଇଛନ୍ତି, ଯେଉଁଠାରେ ସେ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସ ପାଇଁ ଭାରତୀୟ ଦଳ ସହ ଥିଲେ। ଏସିଆନ ଗେମ୍ସ ଏବଂ ପ୍ରଥମ ୱାର୍ଲ୍ଡ ଅଲିମ୍ପିକ ବକ୍ସିଂ କ୍ୱାଲିଫାୟର୍ସରେ ଜଣେ ହେଲେ ଭାରତୀୟ ପୁରୁଷ ବକ୍ସର ଅଲିମ୍ପିକ୍ସ ପାଇଁ ସ୍ଥାନ ପକ୍କା କରିପାରି ନାହାନ୍ତି। ପରିସ୍ଥିତିର ଅନୁଧ୍ୟାନ କରିବା ପାଇଁ ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ(ବିଏଫ୍‌ଆଇ) ଶୁକ୍ରବାର ଏକ କାର୍ଯ୍ୟନିର୍ବାହୀ ବୈଠକ ଡକାଇଛି। ଏଥିରେ ଦିମିତ୍ରିଙ୍କ ଭବିଷ୍ୟତ ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ବିଏଫ୍‌ଆଇ ସେକ୍ରେଟାରୀ ଜେନେରାଲ ହେମନ୍ତ କାଲିତା ପ୍ରକାଶ କରିଛନ୍ତି।



ନିର୍ମଳ କୁମାର ମିଶ୍ର

# ଆଇପିଏଲ୍-୧୭

**ଇଣ୍ଡିଆନ୍ ପ୍ରିମିୟର ଲିଗ୍‌ର ୧୭ଶ ସଂସ୍କରଣ ଚଳିତ ମାସ ୨୨ରୁ ଆରମ୍ଭ ହେବାକୁ ଯାଉଛି। ଚେନ୍ନାଇ ସୁପର କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ମଧ୍ୟରେ ହେବ ଉଦ୍‌ଘାଟନୀ ମୁକାବିଲା। ଖେଳାଳି ନିଲାମ ସମୟରେ ଫ୍ରାଞ୍ଚାଇଜ୍‌ମାନେ ନିଜ ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ନୂଆ କମ୍ବିନେଶନ ସହ ଏଥର ବିଭିନ୍ନ ଦଳ ପଡ଼ିଆକୁ ଓହ୍ଲାଇବାକୁ ଯାଉଥିବାରୁ ଆଗାମୀ ଆଇପିଏଲ୍ ଅଧିକ ରୋମାଞ୍ଚକ ହେବା ଆଶା ରହିଛି...**

ଟି୨୦ ଲିଗ୍ କ୍ରିକେଟ୍‌ର ମହାପର୍ବ ଆଇପିଏଲ-୧୭ ପାଇଁ ପ୍ରସ୍ତୁତି ଶେଷ କରିଛି ବିସିସିଆଇ। ଦେଶରେ ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି ବିସିସିଆଇ ଏହାକୁ ୨ଟି ପର୍ଯ୍ୟାୟରେ କରିବାକୁ ନିଷ୍ପତ୍ତି ନେଇଛି। ମାର୍ଚ୍ଚ ୨୨ରୁ ମେ' ୨୬ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏହି ଲିଗ୍ ପାଇଁ ଇତିମଧ୍ୟରେ ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ପ୍ରକାଶ ପାଇସାରିଛି। ୨୦୨୩ର ଚାମ୍ପିୟନ ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ଓ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଚେନ୍ନାଇଠାରେ ଅନୁଷ୍ଠିତ ହେବ। ଆସନ୍ତା ଲିଗ୍‌ରେ ଭାଗ ନେଉଥିବା ୧୦ଟି ଦଳ ପାଇଁ ଡିସେମ୍ବର ୨୩ରେ ମିନି ଅକ୍‌ଶନ ସରିଛି। ଭାରତୀୟ ଦଳ ଇଂଲଣ୍ଡ ବିପକ୍ଷରେ ୫ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୪-୧ରେ ଜିତି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ପଏଣ୍ଟ ଟେବୁଲର ଶୀର୍ଷରେ ରହିଛି। ଜାତୀୟ ଦଳରେ ସ୍ଥାନ ପାଇଥିବା ଖେଳାଳିମାନେ ଟେଷ୍ଟ ସିରିଜ ପରେ ସେମାନଙ୍କର ଫ୍ରାଞ୍ଚାଇଜ୍ ଦଳ ସହ ଯୋଗ ଦେଇଛନ୍ତି। ଗ୍ରୁପ୍ ପର୍ଯ୍ୟାୟ ଏବଂ ପ୍ଲେ ଅଫ୍ ପାଇଁ ୧୦ଟି ଦଳ ମଧ୍ୟରେ ୭୪ଟି ମ୍ୟାଚ୍ ଖେଳାଯିବ। ପ୍ରତ୍ୟେକ ଦଳ ଗ୍ରୁପ୍ ପର୍ଯ୍ୟାୟରେ ୧୪ଟି ଲେଖାଏ ମ୍ୟାଚ ଖେଳିବେ। ଏଥିପାଇଁ ୧୦ଟି ଭେନ୍ୟୁ ସ୍ଥିର କରାଯାଇଛି। ପ୍ରତ୍ୟେକ ଦଳ ୭ଟି ମ୍ୟାଚ୍ ହୋମ୍ ଭେନ୍ୟୁରେ ଓ ଅନ୍ୟ ୭ଟି ଆୱେ ଭେନ୍ୟୁରେ ଖେଳିବେ।

ଗତ ସଂସ୍କରଣରେ ଚେନ୍ନାଇ ସୁପର କିଙ୍ଗ୍ସ ଏବଂ ଗୁଜରାଟ ଟାଇଟନ୍ସ ମଧ୍ୟରେ ଫାଇନାଲ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୟୀ ହୋଇ ଚେନ୍ନାଇ ଦଳ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା। ଏଥିସହ ଦଳ ମୁମ୍ବାଇ ଇଣ୍ଡିଆନ୍ସ ସହ ସମକକ୍ଷ ହୋଇଥିଲା। ଆଗାମୀ ସଂସ୍କରଣର ଲିଗ୍ ପର୍ଯ୍ୟାୟ ବିଭିନ୍ନ ଭେନ୍ୟୁରେ ଖେଳାଯିବ। ଏଥର ଅନେକ ପରିବର୍ତ୍ତନ ଦେଖିବାକୁ ମିଳିବ। ଶୁବମନ ଗିଲ୍ ଗୁଜରାଟ ଟାଇଟନ୍ସର ଓ ଶ୍ରେୟସ ଆୟର କୋଲକାତା ନାଇଟ ରାଇଡର୍ସର ଅଧିନାୟକ ମନୋନୀତ ହୋଇଛନ୍ତି। ମୁମ୍ବାଇ ଇଣ୍ଡିଆନ୍ସର ଅଧିନାୟକ ଭାବେ ଏଥର ହାର୍ଦ୍ଦିକ୍ ପାଣ୍ଡ୍ୟାଙ୍କୁ ଦେଖିବାକୁ ମିଳିବ। ପ୍ୟାଟ୍ କୁମିନ୍ସ ସନ୍‌ରାଇଜର୍ସ ହାଇଦ୍ରାବାଦର ଅଧିନାୟକ ରହିବେ। ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଡେଭିଡ ୱାର୍ନର କିମ୍ବା ରିଷଭ ପନ୍ତ ଅଧିନାୟକତ୍ୱ କରିବାର ସମ୍ଭାବନା ଥିବାବେଳେ ଅଭିଜ୍ଞ ମହେନ୍ଦ୍ର ସିଂ ଧୋନୀଙ୍କୁ ଚେନ୍ନାଇ ଫ୍ରାଞ୍ଚାଇଜ ଅଧିନାୟକ କରିଛି। ସେହିପରି ମୟଙ୍କ ଅଗ୍ରୱାଲ ପଞ୍ଜାବ କିଙ୍ଗ୍ସର ଓ ସଞ୍ଜୁ ସାମ୍‌ସନ ରାଜସ୍ଥାନ ରୟାଲ୍ସର ନେତୃତ୍ୱ ନେବେ। ଲୋକେଶ ରାହୁଲ ଲକ୍ଷ୍ନୌ ଓ ଫାପ୍ ଡୁପ୍ଲେସି ବାଙ୍ଗାଲୋର ଦଳର ଅଧିନାୟକ ରହିବେ।

ଆଇପିଏଲ୍ ଖେଳାଳି ନିଲାମ ସମୟରେ ଏଥର ରେକର୍ଡ ସୃଷ୍ଟି ହୋଇଥିଲା। ଏଥିରେ ଅଷ୍ଟ୍ରେଲିଆ ଖେଳାଳିମାନଙ୍କ ଚାହିଦା ଦେଖିବାକୁ ମିଳିଥିଲା, ଯାହାକି ବେଶ୍ ଚର୍ଚ୍ଚାର ବିଷୟ ହୋଇଥିଲା। ଦୁବାଇଠାରେ ଅନୁଷ୍ଠିତ ଏହି ମିନି ଅକ୍ସନ୍ ପ୍ରକ୍ରିୟାରେ ମିଚେଲ ଷ୍ଟାର୍କ ଓ ପ୍ୟାଟ୍ କୁମିନ୍ସ ଯଥାକ୍ରମେ କୋଲକାତା ପାଇଁ ୨୪.୭୫ କୋଟି ଏବଂ ସନ୍‌ରାଇଜର୍ସ ହାଇଦ୍ରାବାଦ ପାଇଁ ୨୦.୫ କୋଟି ଟଙ୍କାରେ ବିକ୍ରି ହୋଇଥିଲେ। କାମେରନ ଗ୍ରୀନ୍ ୧୭.୫ କୋଟିରେ ବାଙ୍ଗାଲୋର ଦଳକୁ ଯାଇଥିଲେ। ଦଳଗୁଡ଼ିକର ସମୀକରଣ ବଦଳି ଯାଇଥିବାବେଳେ ନାମୀଦାମୀ ଖେଳାଳିମାନଙ୍କ ଉପରେ ହୋଇଥିବା ଟଙ୍କା ବର୍ଷାର ସୁଫଳ ଫ୍ରାଞ୍ଚାଇଜ୍‌ମାନେ ପାଇପାରୁଛନ୍ତି ନା ନାହିଁ ତାହା ଦେଖିବାକୁ କ୍ରିକେଟ୍‌ପ୍ରେମୀ ଅତି ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି। ସାମ୍ କୁରାନ, ନିକୋଲସ ପୁରନ, ଆନ୍ଦ୍ରେ ରସେଲ, ରସିଦ୍ ଖାନ୍, ଡାରେଲ ମିଚେଲଙ୍କ ପରି ବିଦେଶୀ ଖେଳାଳିଙ୍କ ପ୍ରଦର୍ଶନ ଉପରେ ମଧ୍ୟ ନଜର ରହିବ। ହାର୍ଦ୍ଦିକ୍ ପାଣ୍ଡ୍ୟା ନୂତନ ଭାବେ ମୁମ୍ବାଇ ଇଣ୍ଡିଆନ୍ସ ଦଳର ଦାୟିତ୍ୱ ନେଇଛନ୍ତି। ତାଙ୍କ ନେତୃତ୍ୱରେ ସବୁଠାରୁ ସଫଳ ଅଧିନାୟକ ରୋହିତ ଶର୍ମାଙ୍କ ପ୍ରଦର୍ଶନ କିପରି ରହୁଛି ତାହା ମଧ୍ୟ ଦେଖିବାର କଥା। ଭାରତୀୟ ଖେଳାଳିଙ୍କ ମଧ୍ୟରେ ଲୋକେଶ ରାହୁଲ, ରବୀନ୍ଦ୍ର ଜାଡେଜା, ରୋହିତ ଶର୍ମା, ରିଷଭ ପନ୍ତ, ଇଶାନ କିଶନ, ହାର୍ଦ୍ଦିକ ପାଣ୍ଡ୍ୟା, ବିରାଟ କୋହଲି, ସଞ୍ଜୁ ସାମ୍‌ସନଙ୍କୁ ନିଜ ଫ୍ରାଞ୍ଚାଇଜ୍‌ମାନେ ଅପରିବର୍ତ୍ତିତ ରଖିଛନ୍ତି।

୨୦୦୮ରୁ ଖେଳାଯାଇ ଆସୁଥିବା ବିଶ୍ୱର ଏହି ସମ୍ମାନ୍‌ଜନକ ତଥା ଲୋକପ୍ରିୟ ଫଟାଫଟ୍ କ୍ରିକେଟ୍ ଆଗରେ ଅନ୍ୟ ସମସ୍ତ ଦେଶ ଦ୍ୱାରା ଆୟୋଜିତ ଟି୨୦ ଲିଗ୍‌ଗୁଡିକ ଫିକା ପଡ଼ିଛି। ଦେଶରେ ସାଧାରଣ ନିର୍ବାଚନ ଯୋଗୁ ୨୦୦୯ରେ ଆଇପିଏଲ ଦକ୍ଷିଣ ଆଫ୍ରିକାରେ ଆୟୋଜନ ହୋଇଥିଲେ ମଧ୍ୟ ବେଶ୍ ସଫଳତା ହାସଲ କରିଥିଲା। ୨୦୧୪ରେ ମଧ୍ୟ ସାଧାରଣ ନିର୍ବାଚନ ଯୋଗୁ କିଛି ମ୍ୟାଚ୍ ୟୁଏଇରେ ହୋଇଥିଲା। ସେହିପରି ୨୦୨୦ ଓ ୨୦୨୧ ସଂସ୍କରଣ କୋଭିଡ୍ ପାଇଁ ୟୁଏଇରେ ଆୟୋଜନ ହୋଇଥିଲା। ମାତ୍ର ଚଳିତ ବର୍ଷ ଦେଶରେ ସାଧାରଣ ନିର୍ବାଚନ ଥିଲେ ମଧ୍ୟ ମ୍ୟାଚ୍‌ଗୁଡିକ ଭାରତରେ ଅନୁଷ୍ଠିତ ହେବ ବୋଲି ଆଇପିଏଲ ଚେୟାରମ୍ୟାନ ଅରୁଣ ସିଂ ଧୁମାଲ ପ୍ରକାଶ କରିଛନ୍ତି।

ଆଇପିଏଲ୍-୨୦୨୪ ମଧ୍ୟ ଗତ ସିଜନ୍ ପରି ହେବ। ୨୦୨୨ ପରଠାରୁ ଆଇପିଏଲ ଫର୍ମାଟ୍‌ରେ ପରିବର୍ତ୍ତନ କରାଯାଇଛି। ୧୦ଟି ଦଳକୁ ସେମାନଙ୍କର ପ୍ରଦର୍ଶନ ଆଧାରରେ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଉଛି। ଗତବର୍ଷ ଏହି ଲିଗ୍ ୬୦ ଦିନରେ ଶେଷ ହୋଇଥିବା ବେଳେ ଚଳିତ ବର୍ଷ ୬୭ ଦିନ ଧରି ଚାଲିବ। ସାଧାରଣ ନିର୍ବାଚନକୁ ଆଖିଆଗରେ ରଖି କାର୍ଯ୍ୟସୂଚୀକୁ ଏକ ସପ୍ତାହ ପାଇଁ ବୃଦ୍ଧି କରିଛି ଫିକ୍ସଚର କମିଟି। ୨୦୧୯ରେ ଦେଶରେ ନିର୍ବାଚନ ପାଇଁ ମଧ୍ୟ ଏପରି ଆଭିମୁଖ୍ୟ ଗ୍ରହଣ କରିଥିଲା ବିସିସିଆଇ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀ ଅନୁଯାୟୀ ଦୁଇ ସପ୍ତାହ ମଧ୍ୟରେ ୨୧ଟି ମ୍ୟାଚ୍ ଖେଳାଯିବ। ୧୦ଟି ଭିନ୍ନ ଭିନ୍ନ ସହରରେ ଏହି ୨୧ଟି ମ୍ୟାଚ୍ ଖେଳାଯିବ। ଦିଲ୍ଲୀ କ୍ୟାପିଟାଲ୍ସ ପ୍ରଥମ ପର୍ଯ୍ୟାୟରେ ଏହାର କେତେକ ଘରୋଇ ମ୍ୟାଚ୍ ଭାଇଜାଗ୍‌ରେ ଖେଳିବ। ଦ୍ୱିତୀୟ ପର୍ଯ୍ୟାୟ କାର୍ଯ୍ୟସୂଚୀ ପରବର୍ତ୍ତୀ ସମୟରେ ପ୍ରକାଶିତ ହେବ। ପ୍ରଥମ ପର୍ଯ୍ୟାୟ କାର୍ଯ୍ୟସୂଚୀରେ ବିସିସିଆଇ ୪ଟି ଡବଲ ହେଡର ମ୍ୟାଚ୍‌ର ଘୋଷଣା କରିଛି।

ଗତବର୍ଷର ପ୍ରଦର୍ଶନକୁ ଦେଖିଲେ ଯଦିଓ ଚେନ୍ନାଇ ସୁପର କିଙ୍ଗ୍ସ ୫ମ ଥର ପାଇଁ ଚାମ୍ପିୟନ ହୋଇଥିଲା ତେବେ ଗ୍ରୁପ୍ ପର୍ଯ୍ୟାୟରେ ଗୁଜରାଟ ଟାଇଟନ୍ସ ୧୦ ବିଜୟ ଏବଂ ୪ଟି ପରାଜୟ ସହ ସର୍ବାଧିକ ୨୦ ପଏଣ୍ଟ ପାଇ ଟେବୁଲ ଶୀର୍ଷରେ ରହିଥିଲା। ୧୪ ମ୍ୟାଚ୍‌ରୁ ସନ୍‌ରାଇଜର୍ସ ହାଇଦ୍ରାବାଦ ମାତ୍ର ୪ଟି ବିଜୟ ସହ ପଏଣ୍ଟ ଟେବୁଲର ସର୍ବନିମ୍ନ ସ୍ଥାନରେ ରହିଥିଲା। ଦିଲ୍ଲୀ, ପଞ୍ଜାବ ଏବଂ କୋଲକାତା ଦଳ ମଧ୍ୟ ଖରାପ ପ୍ରଦର୍ଶନ କରିଥିଲେ। ଶକ୍ତିଶାଳୀ ମୁମ୍ବାଇ ପ୍ରାରମ୍ଭରୁ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ପରବର୍ତ୍ତୀ ପର୍ଯ୍ୟାୟରେ ଭଲ ପ୍ରଦର୍ଶନ କରି ପ୍ଲେ-ଅଫ୍‌ରେ ପ୍ରବେଶ କରିଥିଲା। ଗୁଜରାଟ, ଚେନ୍ନାଇ, ଲକ୍ଷ୍ନୌ ଏବଂ ମୁମ୍ବାଇ ଟିମ୍ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। କ୍ୱାଲିଫାୟର-୧ରେ ଗୁଜରାଟ ବିପକ୍ଷରେ ଚେନ୍ନାଇ ୧୫ ରନ୍‌ରେ ବିଜୟୀ ହୋଇଥିବା ବେଳେ ଏଲିମିନେଟରରେ ମୁମ୍ବାଇ ଟିମ୍ ଲକ୍ଷ୍ନୌକୁ ୮୧ ରନ୍‌ର ବଡ଼ ବ୍ୟବଧାନରେ ହରାଇଥିଲା। ସେହିପରି କ୍ୱାଲିଫାୟର-୨ରେ ଗୁଜରାଟ ୬୨ ରନରେ ମୁମ୍ବାଇକୁ ପରାସ୍ତକରି ଚେନ୍ନାଇ ସହ ଫାଇନାଲ ଖେଳିଥିଲା। ଗୁଜରାଟ ଫାଇନାଲରେ ସିଏସ୍‌କେକୁ ୨୧୫ ରନ୍‌ର ଟାର୍ଗେଟ ଦେଇଥିଲା। ବର୍ଷା ବାଧାପ୍ରାପ୍ତ ମ୍ୟାଚ୍ ଶେଷରେ ଚେନ୍ନାଇ ଡିଏଲ୍‌ଏସ୍ ପଦ୍ଧତିରେ ୫ ଉଇକେଟରେ ବିଜୟୀ ହୋଇଥିଲା।

ଆଗାମୀ ସଂସ୍କରଣ ବେଶ୍ ରୋମାଞ୍ଚକ ହେବ ବୋଲି ଆଶା କରାଯାଏ। କାରଣ କୋଲକାତା, ମୁମ୍ବାଇ ଓ ହାଇଦ୍ରାବାଦ ଫ୍ରାଞ୍ଚାଇଜ୍‌ମାନେ ସେମାନଙ୍କର ଦଳକୁ ବେଶ୍ ସନ୍ତୁଳିତ କରିଛନ୍ତି। ପେସ୍ ବୋଲର ଏବଂ ଅଲ୍‌ରାଉଣ୍ଡରମାନଙ୍କ ବେଶ୍ ଚାହିଦା ରହିଥିବାର ଦେଖିବାକୁ ମିଳିଛି। ଭାରତୀୟ ଯୁବ ବ୍ୟାଟର୍ସମାନଙ୍କୁ ମଧ୍ୟ ଫ୍ରାଞ୍ଚାଇଜ୍‌ମାନେ ଭଲ ସୁଯୋଗ ଦେଇଛନ୍ତି।







4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ


DSPL-856
NABIN ODISHA MAGIC CARD
'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼'ରେ
ଛାତ୍ରଛାତ୍ରୀଙ୍କୁ ମିଳିବ ଅନଲାଇନ୍ କ୍ଲାସ, ଦକ୍ଷତା ବିକାଶ ପାଠ୍ୟକ୍ରମ, କ୍ୟାରିୟର କାଉନସେଲିଂ ଭଳି ଅନେକ ସୁବିଧା
ଆପଣଙ୍କ 'ନବୀନ ଓଡ଼ିଶା ମ୍ୟାଜିକ କାର୍ଡ଼' ପାଇଁ ପଞ୍ଜୀକରଣ କରନ୍ତୁ
www.magiccard.odisha.gov.in
ସୁଗମ ଯାତାୟାତ
ଦକ୍ଷତା ବିକାଶ
ଡିଜିଟାଲ ସଂଯୋଗୀକରଣ
ବିଶେଷ ସୁବିଧା ସୁଯୋଗ
OIPR-15001/13/0826/2324


TATA MOTORS
Connecting Aspirations
TATA
ଆନନ୍ଦର ଉତ୍ସବ
ଏହି ହୋଲିରେ ଘରକୁ ନେଇ ଆସନ୍ତୁ ଖୁସିର ଜୁଆର
ଟାଟା ମୋଟର୍ସର ସବୁଠାରୁ ସୁରକ୍ଷିତ କାର ସହିତ
INDIA'S SAFEST VEHICLE RATED by GLOBAL NCAP
INDIA'S FIRST SUV RATED by BHARAT NCAP
₹140 000 ପର୍ଯ୍ୟନ୍ତ ସୁବିଧା ଉପଭୋଗ କରନ୍ତୁ
ଦ୍ରୁତ ଡେଲିଭରି । 100% ଅନରୋଡ୍ ଫାଇନାନ୍ସ । ପୁରୁଣା ଗାଡ଼ି ଉପରେ ଉତ୍କୃଷ୍ଟ ଏକ୍ସଚେଞ୍ଜ ଅଫର* । କର୍ପୋରେଟ୍ କର୍ମଚାରୀ ମାନଙ୍କ ପାଇଁ ବିଶେଷ ସୁବିଧା । ଏହି ଅଫର 31 ମାର୍ଚ୍ଚ 2024 ପର୍ଯ୍ୟନ୍ତ ବୈଧ ।
NOW WITH 3 years | 100 000 km WARRANTY
GUGNANI AUTOCARS:
Bhubaneswar: 8879529357, Cuttack: 7045134681, Keonjhar: 8291607250, Jajpur: 8291148273, Chandikhol: 8291176433.
TRUPTI ENTERPRISES:
Bhubaneswar: 7506018747, Nayagarh: 8291149637, Patrapara: 8291678503, Patia: 8291645334, Paradip: 8291149735, Kendrapara: 8291175631, Khorda: 8879187412.
SHREEKHETRA AUTOMOBILES:
Bhubaneswar: 8291159378, Jagatsingpur: 8879229672, Parlakhemundi: 8879229831, Daspalla : 8291160652.
DION AUTOMOTIVES:
Bhubaneswar: 7506018735, Cuttack: 9167984347, Puri: 8879183329, Phulbani: 7506018735, Berhampur: 9152102460, Balugaon: 7506018735.
Terms and Conditions apply. *Benefits up to differs from model to model and is inclusive of consumer offer, exchange bonus and maximum corporate offer. All offers are valid for limited period or till stocks last. "Warranty cover for 3 years/ 1 Lakh km, whichever ends earlier. Images and Illustrations are indicative and for information purposes only. All features/specifications are not available in all variants and may vary for different variants. Specifications/features are subject to change without prior information. Colours may vary due to printing limitations. Local taxes and octroi extra.


Hero
Pleasure+ 18 XTEC
ମୋର ଲାଇସେନ୍ସ
ଯାହା ଦିଏ କିଛି ନୂଆ କରିବାର ଉତ୍ସାହ ।
ଯାହା ଦିଏ ନୂଆ ପଥ ଖୋଜିବାର ଉତ୍ସାହ ।
ଯାହା ଦିଏ ବିନ୍ଦାସ ରହିବାକୁ ଉତ୍ସାହ ।
#MyLicenseToRide
WITH A NEW SPORTY STRIPED THEME
କ୍ୟାଶ୍ ବୋନସ୍ ₹3000~~
RS/Hero/03/24
ABRAX ORANGE BLUE
DIGI-ANALOG SPEEDOMETER
PROJECTOR LED HEADLAMPS
BLUETOOTH CONNECTIVITY CALL/SMS ALERT
BETTER MILEAGE FUEL-SAVING TECH
ରେଞ୍ଜ ଏକ୍ସ-ଶୋରୁମ ପ୍ରାରମ୍ଭିକ ମୂଲ୍ୟ ₹74278/-**
TOLL FREE NO. 1800-266-0018
WORLD'S NO.1 22 YEARS IN A ROW## MOTORCYCLE & SCOOTER COMPANY
INDIA'S FIRST 5 YEAR WARRANTY* *Conditions apply
Hero MotoCorp Ltd. Regd. Office: The Grand Plaza, Plot No.2, Nelson Mandela Road, Vasant Kunj Phase - II, New Delhi - 110070, India. | CIN: L35911DL1984PLC017354 | For further information, contact your nearest Hero MotoCorp authorised outlet or visit us on www.HeroMotoCorp.com. Accessories and features shown may not be a part of standard fitment. Always wear a helmet while riding a two-wheeler. ##Highest sales for any 2 Wheeler Corporate Entity in the world for Calendar Year 2022 - Data source: DNA Consult & Advisory's report Assessment of Global Two Wheelers Market (CY22). ^^Based on offers from empaneled dealers on Wheels of Trust platform. Available at select dealerships. For more details please visit your nearest authorised Hero outlet. ~~Offers amount and combination of offers may vary for model/variant & states. **Ex-showroom price of Pleasure LX variant in Bhubaneswar. T&Cs. Terms and Conditions apply.
Exchange Powered By Wheels of Trust^^
SCAN FOR BEST RESALE VALUE
Authorised Dealers: Bhubaneswar: Rohan Hero, Ph: 9289922474, Bharat Hero, Ph: 7799766378, DD Hero, Ph: 0674-2747448 / 9439650824, Arundhati Hero, Ph: 9289923183, Cuttack: JMG Hero, Ph: 9289922178, Sunny Hero, Ph: 9289922697, Essen Hero, Ph: 9289923078, Angul: Parbati Hero, Ph: 9289922902, Balasore: Neelam Hero, Ph: 9289922519, Baripada: Aditya Hero, Ph: 7799766370, Bhadrak: Sanjib Hero, Ph: 9289922608, Chandikhol: S. K. Hero, Ph: 9289922900, Jajpur Road: Soumik Hero, Ph: 9289922611, Jaleswar: Sai Hero, Ph: 9289922844, Jatni: Vishal Hero, Ph: 9289922984, Keonjhar: Supreme Hero, Ph: 9289922182, Nayagarh: Bhagabati Hero, Ph: 9289922687, Puri: Sanjib Hero, Ph: 9289923107, Behrampur: Lakshmi Motors, Dharma Nagar, Ph: 9289923187, Lakshmi Automotives, Gajapati Nagar, Ph: 9289922184, Jeypore: Supreme Hero, Ph: 9289922183, Phulbani: Narayani Hero, Ph: 9289922991, Rayagada: Ajit Hero, Ph: 9289922819, Bargarh: Aakash Hero, Ph: 9289922181, Bhawanipatna: Arundhati Hero, Ph: 9289922837, Bolagir: Arundhati Hero, Ph: 9289923033, Jharsuguda: Vijaylaxmi Hero, Ph: 9289922595, Rourkela: Dua Hero, Ph: 9289922179, Sambalpur: Sri Shyam Hero, Ph: 9289922484, Sonepur: Jai Jawan Hero, Ph: 9289922800, Sundergarh: Robotech Hero, Ph: 9289923063, Dhenkanal: Som Hero, Ph: 9289922614, Talcher: Tarini Hero, Ph: 9289922736,
Authorized HeroSure Dealers: Bhubaneshwar: Arundhati Motobikes, Ph: 7682841658, Rourkela: Dua Motors, Ph: 6372753989.